R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୬୨
ତିଥି : ଚତୁର୍ଥୀ
୨୯ ଜୁନ୍ ୨୦୨୫, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ୍ ତରଙ୍ଗ ଟାବଲଏଡ୍ ସହ

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur

Vol. - XXIX, No. 262
29 June 2025, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

# ଶରଧାବାଲିରେ ତିନି ରଥ



ପୁରୀ, ୨୮।୬ (ସବ୍ୟୁ) : ବାଟରେ ଅଟକି ଥିବା ତିନି ରଥ ତାଳଧ୍ୱଜ, ଦର୍ପ ଦଳନ ଓ ନନ୍ଦିଘୋଷ ଶନିବାର ଅପରାହ୍ନ ୧ ଟା ସୁଦ୍ଧା ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଲାଗିଛନ୍ତି। ସକାଳେ ରଥାରୂଢ଼ ବିଗ୍ରହମାନଙ୍କର ବିଭିନ୍ନ ନୀତି କାନ୍ତି ମଙ୍ଗଳ ଆଳତି, ଅବକାଶ, ତଡ଼ପ ଲାଗି, ମଇଲମ୍, ବେଶ ଆଦି ଅନୁଷ୍ଠିତ ହୋଇ ଥିଲା। ବେଶ ଶେଷ ପରେ ସକାଳ ୯ ଟା ୩୦ ମିନିଟରେ ରଥ ଟଣା ଆରମ୍ଭ ହୋଇ ଥିଲା। ବଳଗଣ୍ଡି ଛକ ନିକଟରେ ଅଟକି ଥିବା ବଡ ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ପ୍ରଥମେ ଟଣା ହୋଇଥିଲା। ତାଳଧ୍ୱଜ ରଥ ୧୧ ଟା ୧୫ ମିନିଟରେ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଲାଗିଥିଲା।

ପରେ ମାର୍କେଟ ଛକ ନିକଟରେ ଅଟକି ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଟଣା ଆରମ୍ଭ ହୋଇ ଥିଲା। ଶେଷରେ ସିଂହଦ୍ୱାର ଠାରୁ ଅଳ୍ପ ଦୂରରେ ଅଟକି ଥିବା ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣା ଆରମ୍ଭ ହୋଇ ଥିଲା। ଭକ୍ତମାନେ ଘଣ୍ଟଆମାନଙ୍କର ଘଣ୍ଟ ଘଣ୍ଟାର ତାଳେ ରଥ ଟାଣି ଟାଣି ନେଇ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଲଗାଇ ଥିଲେ। ଆସନ୍ତା କାଲି ସଂଧ୍ୟାରେ ବିଗ୍ରହମାନେ ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପକୁ ପହଣ୍ଡି

## ଅପରାହ୍ନ ୧ଟା ସୁଦ୍ଧା ପହଞ୍ଚିଲେ ଶ୍ରୀଜୀଉ

ଅପରାହ୍ନ ୧ ଟା ୫ ମିନିଟ ସୁଦ୍ଧା ତିନି ରଥ ଟଣା ହୋଇ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଲାଗିଥିଲା। ଝିପ ଝିପ୍ ବର୍ଷାରେ ଓଦା ହୋଇ ପୋଲିସ ଓ ବିଜେ କରିବେ। ସୋମବାର ଦିନ ଆଡ଼ପ ମଣ୍ଡପ ଅଭଡ଼ା ଭୋଗ ବାହାରିବ। ଆଜିର ରଥ ଟଣା ସମୟରେ ଉପ (୯ ପୃଷ୍ଠାରେ)

## ଆଜି ଆଡପ ବିଜେ, ସୋମବାରରୁ ଅବଢ଼ା

ପୁରୀ, ୨୮।୬ (ସବ୍ୟୁ) : ଆସନ୍ତାକାଲି ଅର୍ଥାତ୍ ରବିବାର ଅପରାହ୍ନରେ ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ହେବ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ଆଡ଼ପ ମଣ୍ଡପ ବିଜେ ନୀତି । ଜନ୍ମବେଦୀକୁ ବିଜେ କରିବେ ଚତୁର୍ଦ୍ଧାମୂର୍ତ୍ତି। ସୋମବାର ସକାଳୁ ଆଡ଼ପ ମଣ୍ଡପରେ ଦର୍ଶନ ଦେବେ ଦାରୁବ୍ରହ୍ମ ଚତୁର୍ଦ୍ଧାମୂର୍ତ୍ତି। ବାହାରିବ ଆଡ଼ପ ମଣ୍ଡପ ଅବଢ଼ା। ଏଥିପାଇଁ ଆଜିଠୁ ପ୍ରସ୍ତୁତି କରାଯିବ। ଏ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରିବନ୍ଦ ପାଢ଼ୀ ସୂଚନା ।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଆହୁରି କହିଛନ୍ତି ଆଡ଼ପମଣ୍ଡପ ପହଣ୍ଡି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ରବିବାର ଆଡ଼ପ ମଣ୍ଡପ ବିଜେ ହେବ ବୋଲି ସ୍ପଷ୍ଟ କରିଛନ୍ତି । ଶୁକ୍ରବାର ସବୁ ଦେବ ନୀତି ଠିକ୍ ଥିଲା, ନିର୍ଦ୍ଧାରିତ ସମୟ ଅନୁଯାୟୀ ରଥଟଣା ଆରମ୍ଭ ହୋଇଥିଲା। ତଥାପି ଜଗନ୍ନାଥଙ୍କ ରଥ ବିଳମ୍ବ ହୋଇଥିଲା । କୌଣସି ନୀତିରେ ସମସ୍ୟା ହୋଇନାହିଁ । ଅନ୍ୟ ବର୍ଷ ଭଳି ଏ ବର୍ଷ ବି ଦୁଇ (୯ ପୃଷ୍ଠାରେ)

### ପ୍ରଧାନମନ୍ତ୍ରୀଙ୍କ ସହ ମହାକାଶଚାରୀ ଶୁଭାଂଶୁଙ୍କ ଭିଡିଓ କଲ୍

# ଭବ୍ୟ ଦିଶୁଛି ଭାରତ




ନୂଆଦିଲ୍ଲୀ, ୨୮।୬ : ମହାକାଶରୁ ଭାରତ ଭବ୍ୟ ଦେଖାଯାଉଛି। ଏହା ବହୁତ ବଡ ଦିଶୁଛି, କୌଣସି ସୀମା ଦୃଶ୍ୟମାନ ହେଉନାହିଁ ବୋଲି ଆନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ (ଆଇଏସ୍ଏସ୍)କୁ ଯାଇଥିବା ଭାରତର ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଳା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭିଡିଓ କଲରେ ଏହି ବାର୍ତ୍ତା ଦେଇଛନ୍ତି। ଆଇଏସ୍ଏସକୁ ଯାଇ ଇତିହାସ ରଚିଥିବା ପ୍ରଥମ ଭାରତୀୟ ଶୁଭାଂଶୁଙ୍କ ସହ ପ୍ରଧାନମନ୍ତ୍ରୀ ଭିଡିଓ କଲରେ କଥା ହୋଇଥିବାବେଳେ ପଚାରିଥିଲେ ଯେ ଆଜି ତୁମେ ଜନ୍ମଭୂମି ଠାରୁ ଅନେକ ଦୂରରେ ଅଛ। କିନ୍ତୁ ପ୍ରତି ଭାରତୀୟଙ୍କ ହୃଦୟର ନିକଟତର ହୋଇଛ। (୯ ପୃଷ୍ଠାରେ)

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଶିଳ୍ପପତି ଗୌତମ ଆଦାନୀ



ଭୁବନେଶ୍ୱର, ୨୮।୬ (ସବ୍ୟୁ) : ବିଶିଷ୍ଟ ଶିଳ୍ପପତି ତଥା ଆଦାନୀ ଗ୍ରୁପର ଅଧ୍ୟକ୍ଷ ଗୌତମ ଆଦାନୀ ଆଜି ରାଜ୍ୟ ଅତିଥି ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ।

ଏହି ଅବସରରେ ଉଭୟଙ୍କ ମଧ୍ୟରେ ରାଜ୍ୟର ଶିଳ୍ପ ବିକାଶ ସମ୍ପର୍କରେ ଆଲୋଚନା ହୋଇଥିଲା । ବିଶେଷକରି ଶିଳ୍ପ ଭିତ୍ତିକ ବିକାଶ, ସବୁଜ ଶକ୍ତି ବା ଗ୍ରୀନ ଓ ରିନିଓ୍ୱେବ୍ଲ (୯ ପୃଷ୍ଠାରେ)

### ରଥ ଅଘଟଣ ନେଇ ନବୀନଙ୍କ ଉଦ୍‌ବେଗ

## ଚକାଆଖି ସବୁ ଦେଖୁଛି



ଭୁବନେଶ୍ୱର, ୨୮।୬ (ସବ୍ୟୁ) : ରଥଟଣାରେ ହୋଇଥିବା ବିଭ୍ରାଟକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଉଦବେଗ ପ୍ରକାଶ କରିଛନ୍ତି। ନନ୍ଦିଘୋଷ ରଥ ସିଂହଦ୍ୱାର ସାମ୍ନାରେ ଛିଡା ହୋଇ ରହିବାକୁ ନେଇ ସରକାରଙ୍କୁ ସମାଲୋଚନା କରିଛନ୍ତି। ଚକା ଆଖି ସବୁ ଦେଖୁଛି ବୋଲି ସେ ଉଲ୍ଲେଖ କରି ନିଜ ସୋସିଆଲ ମିଡିଆରେ ଏଭଳି ଏକ ପୋଷ୍ଟ କରିଛନ୍ତି।

ନବୀନ ଉଲ୍ଲେଖ କରିଛନ୍ତି ଯେ ନନ୍ଦିଘୋଷ ରଥଟଣାରେ ଅଜଥା ବିଳମ୍ବ ଯୋଗୁ ପ୍ରଶାସନକୁ ଦୋଷାରୋପ କିମ୍ବା ଅଙ୍ଗୁଳି ନିର୍ଦ୍ଦେଶ କରିବାକୁ ଚାହୁଁନୁ। ଆମ ରାଜ୍ୟରେ ତଥା କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କର ଏହି ପବିତ୍ର ଉତ୍ସବରେ ଯେଉଁ ଅଘଟଣ ଘଟିଛି ତାହା ଗଭୀର (୯ ପୃଷ୍ଠାରେ)

## ବିରୋଧୀ କୁତ୍ସିତ ରାଜନୀତି କରୁଛନ୍ତି



ଭୁବନେଶ୍ୱର, ୨୮।୬ (ସବ୍ୟୁ) : ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ବୟାନ ଉପରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ରଖିଛନ୍ତି। ବିରୋଧୀ କୁତ୍ସିତ ରାଜନୀତି କରୁଛନ୍ତି ବୋଲି ସେ କହିଛନ୍ତି। ଜଣ୍ଡିସ ଶୋଇଥିବା ଲୋକଙ୍କୁ ମହାପ୍ରଭୁଙ୍କ ଲୀଳା ରାଜନୀତି ପରି ଲାଗୁଛି। ମନେ ରଖିବା ଉଚିତ୍ ଅତିତରେ ସେମାନେ ତ୍ରୁଟି କରି ମହାପ୍ରଭୁଙ୍କୁ ଅପମାନିତ କରିଛନ୍ତି। ମୋ ଦେଖିବାରେ ୧୯୭୭ ଠାରୁ ଆଜି ପର୍ଯ୍ୟନ୍ତ ପ୍ରଥମ ଦିନରେ ୩ ରଥ ପହଞ୍ଚି ନାହିଁ। ଅଧିକାଂଶ ରଥ ଦ୍ୱିତୀୟ ଦିନରେ (୯ ପୃଷ୍ଠାରେ)

### ଅଧା ରହିଲା ଜଗା ଦର୍ଶନ

## ୩ ଯୁବତୀଙ୍କ ଉପରେ ମାଡ଼ିଗଲା ଆମ ବସ୍




ପିପିଲି, ୨୮।୬ (ସବ୍ୟୁ) : ପୁରୀ ଜିଲା ପିପିଲି ନିକଟରେ ଶନିବାର ଅପରାହ୍ନ ପ୍ରାୟ ୪ଟାରେ ଦୁର୍ଘଟଣା ଘଟିଛି । ଭୁବନେଶ୍ୱର ପୁରୀ ଜାତୀୟ ରାଜପଥର ପିପିଲି ବାଇପାସ ଫ୍ଲାଏଓଭର ନିକଟରେ ବସ ଧକ୍କାରେ ସ୍କୁଟି ରେ ଯାଉଥିବା ତିନି ଜଣ ସହପାଠୀ ଯୁବତୀଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଅଛି।

### ୪ ଲକ୍ଷ ଲେଖାଏଁ ସହାୟତା ରାଶି ଘୋଷଣା

ଘଟଣା ସମ୍ପର୍କରେ ଜଣାଯାଏ ଭୁବନେଶ୍ୱର ଓଲଟାଉନ ବାରିକ ସାହିର ରିମଝିମ ପ୍ରିୟଦର୍ଶିନୀ ସାହୁ (୨୦)ନାମକ ଯୁବତୀ ତାଙ୍କର ଘରେ ଭଡାରେ ରହୁଥିବା ଦୁଇ ସହପାଠୀ କାଜଲ ଦାସ (୨୨)ଏବଂ ଏଲିନା ଦାସ(୨୦) ଙ୍କୁ ସାଙ୍ଗରେ ନେଇ ସ୍କୁଟି ଯୋଗେ ରଥଯାତ୍ରା ଦେଖିବା ପାଇଁ ପୁରୀ ଯାଉଥିବା ବେଳେ ଫ୍ଲାଏ ଓଭର ନିକଟରେ ବିପରୀତ ରଙ୍ଗ ସାଇଡରୁ ଆସୁଥିବା ଅନ୍ୟ ଏକ ସ୍କୁଟି ସହିତ ଧକ୍କା ହୋଇଥିଲେ । ଫଳରେ ଉକ୍ତ ତିନି ସାଙ୍ଗ ରାସ୍ତା ମଝିକୁ ଛିଟିକି ପଡ଼ିଥିଲେ । ଠିକ ସେହି ସମୟରେ ପଛରୁ ଆସୁଥିବା ଓଏସଆରଟିସିର ଏକ ବସ ତାଙ୍କ ଉପରେ ମାଡିଯିବାର ସେମାନଙ୍କର ସେହିଠାରେ ମୃତ୍ୟୁ ହୋଇଥିଲା । ତେବେ ଦୁର୍ଘଟଣା ପରେ ବସ ଏବଂ ଅନ୍ୟ ସ୍କୁଟିଟି ସେଠାରୁ ଖସି ପଳାଇ ଯାଇଥିଲା । .ଖବର ପାଇ ପିପିଲି ଏସ ଡି ପି ଓ ଦେବାଶିଷ ମିଶ୍ର, ଆଇଆଇସି ସୌମେନ୍ଦୁ ଶେଖର ତ୍ରିପାଠୀ ଦୁର୍ଘଟଣା ସ୍ଥଳରେ ପହଞ୍ଚି ନିକଟ ଦୋକାନ ରେ ଲାଗିଥିବା ସିସି କ୍ୟାମେରାରୁ ଦୁର୍ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ପାଇଥିଲେ । ପୁଲିସ ମୃତକାଙ୍କ ସବ ଜବତ କରି ପିପିଲି ହସ୍ପିଟାଲକୁ ନେଇଛନ୍ତି ଏବଂ ଏ ସମ୍ପର୍କରେ ତଦନ୍ତ ଚଳାଇଛନ୍ତି । ଶବ ବ୍ୟବଚ୍ଛେଦ ପାଇଁ ଶବ ଗୁଡ଼ିକୁ ପୁରୀ ପଠାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ । ମୃତ କାଜଲ ଏବଂ ଏଲିନା ହେଉଛନ୍ତି ଦୁଇ (୯ ପୃଷ୍ଠାରେ)

## ଏକା ସାଙ୍ଗରେ ଜଳିଲା ୩ ଭାଇଙ୍କ ଜୁଇ

ନବରଙ୍ଗପୁର, ୨୮।୬ (ସବ୍ୟୁ) : ନବରଙ୍ଗପୁର ଜିଲ୍ଲା ଝରିଗାଁ ସିରାଗୁଡ଼ା ସାହିର ୩ ସମ୍ପର୍କୀୟ ଭାଇଙ୍କ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ଏକା ସହିତ ୩ଟି ଜୁଇରେ ଜଳିଲା ୩ ଭାଇଙ୍କ ଚିତା । ଶୋକାକୁଳ ପରିବେଶରେ ସରିଲା ଶବଦାହ କାର୍ଯ୍ୟ । ସେମାନେ ହେଲେ ସାଗର ଜୈନ, ଅଙ୍କୁର ଜୈନ ଓ କ୍ରିସ୍ ଜୈନ । ପୁଫୁଗାଁ ଯାଉଥିବା ବେଳେ ଝରିଗାଁ ଡାବୁଗାଁ ମୁଖ୍ୟ ରାସ୍ତା ଡାଇନିଗୁଡ଼ା ନିକଟରେ କାର୍ ଗଛରେ ପିଟି ହେବାରୁ ସେମାନଙ୍କ ମୃତ୍ୟୁ ଘଟିଛି । ୨ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ, କ୍ରିସ୍‌ଙ୍କୁ ବିଶାଖାପାଟଣା ସ୍ଥାନାନ୍ତର ବେଳେ ସାଲୁର ଘାଟି ନିକଟରେ ମୃତ୍ୟୁ ହୋଇଯାଇଥିଲା । ଝରିଗାଁ (୯ ପୃଷ୍ଠାରେ)

# ଭିଡ଼ ପରିଚାଳନା ତ୍ରୁଟିର ଉତ୍ତରଦାୟୀ କିଏ ?



ଭୁବନେଶ୍ୱର, ୨୮।୬ (ସବ୍ୟୁ) : ମହାପ୍ରଭୁ ଶ୍ରୀଜୀଉଙ୍କ ଘୋଷଯାତ୍ରାରେ ପ୍ରବଳ ଭିଡ ଯୋଗୁ ରଥଟଣା ବିଳମ୍ବ ଏବଂ ଶ୍ରୀଜଗନ୍ନାଥଙ୍କ ରଥ ସିଂହ ଦ୍ୱାର ସମ୍ମୁଖରୁ ରାତି ୭.୪୫ରେ ମାତ୍ର କେଇପାଦ ଆଗକୁ ଯିବା ଘଟଣା ଏବେ ବେଶ୍ ଆଲୋଡନ ସୃଷ୍ଟି କରିଛି। ବିରୋଧୀ ସରକାରଙ୍କୁ ଆକ୍ଷେପ କରୁଥିବାବେଳେ ସରକାର ମଧ୍ୟ ଏହାର ସଫେଇ ରଖିବା ସହ ବିରୋଧୀଙ୍କୁ ଜବାବ ଦେବା ଏକ ସ୍ୱାଭାବିକ ପ୍ରକ୍ରିୟା। ହେଲେ ରଥଯାତ୍ରାରେ ସାମିଲ ହୋଇଥିବା ଲକ୍ଷାଧିକ ଶ୍ରଦ୍ଧାଳୁ ଯେଉଁ ଅସୁବିଧାର ସମ୍ମୁଖୀନ ହେଲେ ତାହାକୁ ମଧ୍ୟ ନଜର ଅନ୍ଦାଜ କରିହେବନାହିଁ। ଏହା ସ୍ପଷ୍ଟ ଯେ ଭିଡ ପରିଚାଳନାରେ ତ୍ରୁଟି ହୋଇଛି। ଯେଉଁଥିପାଇଁ ଏତେ ବଡ ଘଟଣା ଘଟିଗଲା। ହେଲେ ଏଥିପାଇଁ କିଏ ଉତ୍ତରଦାୟୀ ସେ ନେଇ ଏବେ ପ୍ରଶ୍ନ ଉଠୁଛି। କିଏ ଓ କେଉଁ ପରିଚାଳନା ତ୍ରୁଟି ଯୋଗୁ ଏଭଳି ଘଟିଲା ଓ ଏଥିପାଇଁ ଦାୟୀ କିଏ, କ'ଣ କାର୍ଯ୍ୟାନୁଷ୍ଠାନ ହେବ ତାହା ଉପରେ ସଭିଙ୍କ ନଜର ରହିଛି।

ତ୍ରୁଟିଶୂନ୍ୟ, ଶୂନ୍ୟ ମୃତାହତ ରଥଯାତ୍ରା ହେବ ବୋଲି ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇଥିଲେ। ଶ୍ରୀମନ୍ଦିର ପ୍ରଶାସନର ବୈଠକ ବସିଥିଲା। ମୁଖ୍ୟମନ୍ତ୍ରୀ ମଧ୍ୟ ଶେଷ ବୈଠକ ନେଇ ଚୂଡାନ୍ତ ସ୍ପର୍ଶ ଦେଇଥିଲେ। ଏହାଛଡା ସୁରୁଖୁରୁରେ ରଥଯାତ୍ରା ପରିଚାଳନା ଲାଗି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଅଧ୍ୟକ୍ଷତାରେ ଏକ ମନ୍ତ୍ରିସ୍ତରୀୟ କମିଟି ଗଠନ କରିଥିଲେ। ଏଥିରେ ୪ ମନ୍ତ୍ରୀ ଥିଲେ। ନୀତିକାନ୍ତି (୯ ପୃଷ୍ଠାରେ)

ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
T-

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଆସନ୍ତା ତା. ୩୦.୦୬.୨୦୨୫ ରିଖ ସୋମବାର ଦିନ ସକାଳ ୧୦.୩୦ ଘଟିକାରୁ ୟୁନିଟ-୨, ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣୀ କରିବେ ।

ଏହି ଅଭିଯୋଗ ଶୁଣାଣୀ ପାଇଁ ଅନଲାଇନ ପଞ୍ଜୀକରଣ ୨୭/୦୬/୨୦୨୫ ରିଖ ଠାରୁ ଆରମ୍ଭ ହୋଇ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିବା ପର୍ଯ୍ୟନ୍ତ ଖୋଲା ରହିବ । ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣୀ ପୋର୍ଟାଲ (https://janasunani.odisha.gov.in/) ଅଥବା ଜନଶୁଣାଣୀ ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ । ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ । ଉପରୋକ୍ତ ସ୍ଥାନକୁ ଆସିବା ପାଇଁ ନିମ୍ନ ପ୍ରଦର୍ଶିତ QR କୋଡକୁ ମୋବାଇଲ ଫୋନ ଦ୍ୱାରା ସ୍କାନ କରି ଗୁଗଲ ମ୍ୟାପ ସାହାଯ୍ୟରେ ଜନଶୁଣାଣୀ ସ୍ଥଳରେ ପହଞ୍ଚି ପାରିବେ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
*ସାଧାରଣ ପ୍ରଶାସନ ଓ*
*ସାଧାରଣ ଅଭିଯୋଗ ବିଭାଗ*

OIPR : 09014/11/0159/2526





## ଇଡି ସିଣ୍ଡ୍ରୋମ

ଏହଲର୍ସ- ଡାନଲୋସ୍ ବା ଇଡି ସିଣ୍ଡ୍ରୋମ ଏକ ବଂଶାନୁଗତ ରୋଗ ଯାହା ଆମର ବିଭିନ୍ନ କନେକ୍ଟିଭ୍ ଟିସୁକୁ ଆଫେକ୍ଟ କରିଥାଏ । ଏହା ପ୍ରଥମେ ଆମର ଚର୍ମ, ବିଭିନ୍ନ ଗଣ୍ଠି, ରକ୍ତବାହୀ ଆଦିକୁ ପ୍ରଭାବିତ କରିଥାଏ । ସାଧାରଣ ଲୋକମାନଙ୍କର ଉପରୋକ୍ତ ଅଙ୍ଗ ଗୁଡିକ ପ୍ରୋଟିନ୍‌ର ଏକ ମିଶ୍ରଣରୁ ପ୍ରସ୍ତୁତ ହୋଇଥାଏ, ଯାହା ଶକ୍ତି ଯୋଗାଇଥାଏ । ହେଲେ ଯେଉଁ ବ୍ୟକ୍ତିମାନେ ଏହଲର୍ସ- ଡାନଲୋସ୍ ସିଣ୍ଡ୍ରୋମରେ ପୀଡିତ ଥାଆନ୍ତି । ସେମାନଙ୍କର ଆଣ୍ଠୁ, ଗଣ୍ଠି ଅଧିକ ଫ୍ଲେକ୍ସିବୁଲ୍ ହୋଇଥାଏ । ଏଥିରେ ଅଧିକ ଲଚକପଣ ରହିଥାଏ, ଯାହା ବିଭିନ୍ନ ସମସ୍ୟା ଉପୁଜାଇଥାଏ । ଏହି ରୋଗୀଙ୍କର ଯଦି କୌଣସି ସମୟରେ ଶରୀରରେ କିଛି ଷ୍ଟିଚ୍ ପଡିବାର ଆବଶ୍ୟକତା ଥାଏ, ତେବେ ସେହି ସମୟରେ ଅନେକ ଅସୁବିଧା ହୋଇଥାଏ । କାରଣ ସ୍କିନ୍ ଏତେ ନରମ ଥାଏ କି ଏହାକୁ ଧରିବା ମଧ୍ୟ ସମ୍ଭବ ହୋଇନଥାଏ । ଏହି ସମସ୍ୟାର ବିଭିନ୍ନ ପ୍ରକାର ରହିଛି । ତେବେ ଏହାର ଲକ୍ଷଣ ଚିହ୍ନି ଏହାକୁ ପ୍ରାଥମିକ ସ୍ତରରେ ଚିକିତ୍ସା କରାଇବାର ବେଶି ଆବଶ୍ୟକତା ରହିଛି । ଏହାର ଲକ୍ଷଣ କହିଲେ ଚର୍ମ ଅଧିକମାତ୍ରାରେ ପ୍ରସାରିତ ହେବା, ଗଣ୍ଠି ଗୁଡିକରେ ଅଧିକ ଫ୍ଲେକ୍ସିବିଲିଟି ଆସିବା, ଚର୍ମ ନଷ୍ଟ ହେବାକୁ ଆରମ୍ଭ କରିଥାଏ । ତେଣୁ ଯଦି ଏଭଳି କୌଣସି ଲକ୍ଷଣ କାହାର ଦେଖୁଛନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।



## ସଂକ୍ଷେପରେ ଶ୍ରୀକ୍ଷେତ୍ର-୧

୧. ଶ୍ରୀକ୍ଷେତ୍ରର ମୋଟ କ୍ଷେତ୍ରଫଳ -୧୬.୮୪ ବର୍ଗ କି.ମି.
୨. ଶ୍ରୀକ୍ଷେତ୍ରର ଭୌଗୋଳିକ ଆୟତନ- ୧୯°୧୮'',୧୭'' ଲାଟିଟ୍ୟୁଡ୍ ? ୮୫°୫୧'', ୩୯'' ଲଙ୍ଗିଟ୍ୟୁଡ୍
୩. ଶ୍ରୀକ୍ଷେତ୍ରର ମଠ ସଂଖ୍ୟା-୫୨
୪. ଶ୍ରୀକ୍ଷେତ୍ରର ଅଠରନଳା ପୋଲର ଲମ୍ବ-୨୯୦ ଫୁଟ
୫. ଶ୍ରୀକ୍ଷେତ୍ରରେ ଥିବା ଗୁଣ୍ଡିଚା ମନ୍ଦିରରେ କେତୋଟି ଦ୍ୱାରା ଅଛି- ଦୁଇ ଗୋଟି
୬. ଶ୍ରୀକ୍ଷେତ୍ରର ନରେନ୍ଦ୍ର ପୁଷ୍କରିଣୀର ଆୟତନ-୮୩୪x୮୭୩ ଫୁଟ
୭. ଶ୍ରୀକ୍ଷେତ୍ରର ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀର ଆୟତନ- ୩୯୪x୪୮୫ ଫୁଟ
୮. ଶ୍ରୀକ୍ଷେତ୍ରରେ ଥିବା ସାହିମାନଙ୍କର ସଂଖ୍ୟା- ୭ ଗୋଟି
୯. ଶ୍ରୀକ୍ଷେତ୍ରରେ କେତୋଟି କନ୍ଦି(ଗଳି) ଦେଖାଯାଏ- ୪୨ ଗୋଟି
୧୦. ଶ୍ରୀକ୍ଷେତ୍ରରେ କେତୋଟି ପଡ଼ା ଅଛି-୫
୧୧. ଶ୍ରୀକ୍ଷେତ୍ର ଅଧିକାର ତଥା ଶ୍ରୀମନ୍ଦିର ପରିଚାଳନା ଭାର ଇଷ୍ଟଇଣ୍ଡିଆ କମ୍ପାନୀ କେବେ ହାତକୁ ନେଇଥିଲେ- ତା.୧୮.୯.୧୮୦୩ ରିଖ
୧୨. ଶ୍ରୀକ୍ଷେତ୍ରରେ ଲାଗୁଥିବା ଯାତ୍ରୀ କର କେବେ ଉଠିଯାଇଥିଲା-୧୮୪୦ ମସିହା
୧୩. ଶ୍ରୀଜଗନ୍ନାଥଙ୍କ ପଦ୍ମବେଶ ପର୍ବ କେବେଠାରୁ ପ୍ରଚଳିତ- ଦଶମ ଶତାବ୍ଦୀରୁ
୧୪. ଶ୍ରୀଜଗନ୍ନାଥଙ୍କ ସେବାପାଇଁ ରାଜା ଇନ୍ଦ୍ରଦ୍ୟୁମ୍ନ କେତେ ତେବକ ଖଞ୍ଜି ଥିଲେ-୭
୧୫. ଶ୍ରୀକ୍ଷେତ୍ରର ନରେନ୍ଦ୍ର ପୁଷ୍କରିଣୀ କେତେ ଆକାର ବିଶିଷ୍ଟ-୧୪ ଏକର ୭୫୭ ଡିସିମିଲ୍
୧୬. ଶ୍ରୀକ୍ଷେତ୍ରର ନରେନ୍ଦ୍ର ପୁଷ୍କରିଣୀର ଚତୁଃପାର୍ଶ୍ୱର ଆକାର କେତେ-ପୂର୍ବ-୭୭୯ ଫୁଟ, ପଶ୍ଚିମ-୭୧୩ ଫୁଟ, ଦକ୍ଷିଣ ଓ ଉତ୍ତର-୮୮୫ ଫୁଟ ଲେଖାଏଁ
୧୭. ଶ୍ରୀକ୍ଷେତ୍ରର ନରସିଂହ ମନ୍ଦିରର ଉଚ୍ଚତା କେତେକ- ୫୮ ଫୁଟ
୧୮. ଶ୍ରୀକ୍ଷେତ୍ରର ମା' ବିମଳାଙ୍କ ମନ୍ଦିରର ଉଚ୍ଚତା କେତେ- ୬୦ ଫୁଟ
୧୯- ଶ୍ରୀକ୍ଷେତ୍ରର ସୂର୍ଯ୍ୟ ମନ୍ଦିରର ଉଚ୍ଚତା କେତେ-୬୩ ଫୁଟ
୨୦. ଶ୍ରୀଜଗନ୍ନାଥଙ୍କ ଯାତ୍ରାର ସଂଖ୍ୟା କେତେ- ୧୩
୨୧. ଶ୍ରୀଜଗନ୍ନାଥଙ୍କ ରଥ ନନ୍ଦିଘୋଷର ଉଚ୍ଚତା କେତେ- ୩୩ ହାତ ୧୦ ଆଙ୍ଗୁଳି
୨୨. ଶ୍ରୀବଳଭଦ୍ରଙ୍କ ରଥ ତାଳଧ୍ୱଜର ଉଚ୍ଚତା କେତେ- ୩୨ ହାତ ୧୦ ଆଙ୍ଗୁଳି
୨୩. ଦେବୀ ସୁଭଦ୍ରାଙ୍କ ରଥ ଦେବଦଳନର ଉଚ୍ଚତା କେତେ- ୩୧ ହାତ
୨୪. ତାଳଧ୍ୱଜ ରଥରେ ଲାଗୁଥିବା କାଠର ସଂଖ୍ୟା କେତେ- ୭୬୩
୨୫. ନନ୍ଦିଘୋଷ ରଥରେ ଲାଗୁଥିବା କାଠର ସଂଖ୍ୟା କେତେ- ୮୩୨
୨୬. ଦେବଦଳନ ରଥରେ ଲାଗୁଥିବା କାଠର ସଂଖ୍ୟା କେତେ-୫୯୩
୨୭. ଶାସ୍ତ୍ରୀୟ ପଦ୍ଧତିରେ ରଥଗଠନ ଶୈଳୀର ଅଂଶବିଶେଷର ସଂଖ୍ୟା କେତେ- ୩୪
୨୮. ଶିଳ୍ପ ସାର ସଂଗ୍ରହ ପୋଥିମତେ ରଥ ଗଠନ କେତେ ଭାଗ ବିଶିଷ୍ଟ- ୨୭



## ଅଦୃଶ୍ୟ ଚିପ୍ସ

ଚିପ୍ସ ଖାଇବାକୁ କାହାକୁ ବା ଭଲ ନଲାଗେ । ଏହାର କ୍ରିସ୍ପନେସ୍, ରାଗ ଲୁଣ ଟେଷ୍ଟ ସମସ୍ତଙ୍କର ପ୍ରିୟ ହୋଇଥାଏ । ବର୍ତ୍ତମାନ ଏକ ଚିପ୍ସ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି । ଏହା ହେଉଛି ଏକ ଇନ୍‌ଭିଜିବୁଲ ପଟାଟୋ ଚିପ୍ସ । ଭିଡିଓରେ ଜଣେ ମହିଳା ସେଫ୍ ଏକ ନିଆରା ଉପାୟରେ ଆଳୁରୁ ଚିପ୍ସ ପ୍ରସ୍ତୁତ କରୁଛନ୍ତି । ହେଲେ ଏହା ଚିପ୍ସ ହେବା ପରେ ପୁରା ଗ୍ଲାସ୍ ଭଳି ଟ୍ରାସପାରେଣ୍ଟ ବା ଇନ୍‌ଭିଜିବୁଲ ଦେଖାଯାଉଛି । ଭିଡିଓଟି ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି, ଲୋକମାନେ ମହିଳାଙ୍କର ଏଭଳି ୟୁନିକ୍ ଚିପ୍ସ ତିଆରି ପ୍ରକ୍ରିୟାକୁ ବେଶ୍ ପସନ୍ଦ କରୁଛନ୍ତି। ମହିଳାଙ୍କର ଏହି ଇନ୍‌ଭିଜିବୁଲ ଚିପ୍ସ ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି । ଲୋକମାନେ ଏହାର ଟେଷ୍ଟ ନେଇ କମେଣ୍ଟରେ ମତ ଦେଇଛନ୍ତି । ଭିଡିଓଟି ବର୍ତ୍ତମାନ ବହୁଳଭାବେ ସେୟାର ହେବାରେ ଲାଗିଛି ।



### 'କାଣ୍ଟା ଲଗା' ଦେଇଥିଲା ପରିଚୟ

୨୦୦୨ରେ ରିଲିଜ୍ ହୋଇଥିବା ଆଲବମ୍ କାଣ୍ଟା ଲଗା ଯାହା ଦେଇଥିଲା ଶେଫାଳିକୁ ଷ୍ଟାର ଡମ୍ । କାଣ୍ଟା ଲଗା ଗର୍ଲ ନାଁରେ ସେ ପୁରା ଅଭିନୟ ଦୁନିଆରେ ପରିଚିତ ହୋଇପାରିଥିଲେ । ଏହି ଆଲ୍‌ବମ୍‌ରେ ଶେଫାଳୀଙ୍କ ନୃତ୍ୟକୁ ଦର୍ଶକ ଖୁବ ପସନ୍ଦ କରିଥିଲେ । ଏହି ଗୀତଟି ତାଙ୍କର ଏବେ ମଧ୍ୟ ଦର୍ଶକଙ୍କ ହୃଦୟରେ ଜୀବନ୍ତ ରହିଛି । ଏହି ଗୀତଟି ଏକ ପୁରୁଣା ଗୀତର ରିମିକ୍ସ ଥିଲା । ହେଲେ ଦର୍ଶକ ଶେଫାଳୀଙ୍କୁ ଏହି ଫର୍ମରେ ଗ୍ରହଣ କରିଥିଲେ । ସମସ୍ତେ ଗୀତ ସହିତ ଶେଫାଳୀଙ୍କ ଡ୍ୟାନ୍ସର ଖୁବ ପ୍ରଶଂସା କରିଥିଲେ । ଯାହା ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା ।

### ଭାଇରାଲ ହେଉଛି ପୁରୁଣା ପୋଷ୍ଟ

ଶେଫାଳୀଙ୍କ ମୃତ୍ୟୁପରେ ତାଙ୍କର ଏକ ପୁରୁଣା ସୋସିଆଲ ମିଡିଆ ପୋଷ୍ଟ ଖୁବ ଭାଇରାଲ ହେବାରେ ଲାଗିଛି । ଏଥିରେ ସେ ନିଜ ବନ୍ଧୁ ତଥା ବିବଙ୍ଗତ ଅଭିନେତା ସିଦ୍ଧାର୍ଥ ଶୁକ୍ଲାଙ୍କୁ ମିସ୍ କରୁଥିବା ଉଲ୍ଲେଖ କରିଛନ୍ତି । ତେବେ ସୂଚନା ଅନୁସାରେ ସିଦ୍ଧାର୍ଥଙ୍କର ମଧ୍ୟ କିଛି ବର୍ଷ ପୂର୍ବରୁ ହୃଦଘାତରେ ଅକସ୍ମାତ ମୃତ୍ୟୁ ହୋଇଥିଲା । ସେଫାଳୀଙ୍କର ଏହା ଖୁବ ପୁରୁଣା ପୋଷ୍ଟ ହେଲେ ମଧ୍ୟ ଦର୍ଶକ ଏହାକୁ ଯୋଡିବାରେ ଲାଗିଛନ୍ତି କାରଣ ଶେଫାଳୀଙ୍କର ମୃତ୍ୟୁ ମଧ୍ୟ ହୃଦଘାତରେ ହୋଇଛି ।




## ମନେପଡ଼ିବେ ଶେଫାଳୀ



ଏହା ବିଶ୍ୱାସ କରିବା କଷ୍ଟ । ଶେଫାଳୀଙ୍କୁ ମୃତ୍ୟୁକୁ ମୁଁ ଏବେ ବି ବିଶ୍ୱାସ କରୁନାହିଁ । ସେ ଖୁବ ଜଲଦି ଆମକୁ ଛାଡି ଚାଲିଗଲେ । ମୁଁ ମର୍ମାହତ ।

**କରିଶ୍ମା ତନା, ଅଭିନେତ୍ରୀ**



ମୁଁ ଗଭୀରଭାବେ ମର୍ମାହତ, ତା ମୃତ୍ୟୁକୁ ଗ୍ରହଣ କରି ହେଉ ନାହିଁ । ସେ ମୋର ସବୁଠାରୁ ଭଲ ସାଙ୍ଗ ଥିଲା, ଯିଏ ଆଜି ମୋତେ ଛାଡି ଚାଲି ଯାଇଛି । ଶେଫାଳୀଙ୍କୁ ସବୁବେଳେ ତାଙ୍କ ବ୍ୟବହାର ପାଇଁ ମନେ ରଖାଯିବ ।

**ମିକା ସିଂ, ସିଙ୍ଗର**



କାହା ଜୀବନ କେତେ ଦିନ ଏହା କେହି ଜାଣି ନାହାନ୍ତି । ହେଲେ ଶେଫାଳୀ ତୁମେ ଖୁବଶୀଘ୍ର ପଳେଇଲ, ସବୁବେଳେ ମନେ ପଡିବ । ଏବେ ବି ବିଶ୍ୱାସ ହେଉ ନାହିଁ ।

**ପାରସ ଛାବ୍ରା, ଅଭିନେତା**



ଶେଫାଳୀଙ୍କ ମୃତ୍ୟୁକୁ ଗ୍ରହଣ କରିବା ସହଜ ନୁହେଁ । ବିଗ୍‌ବସ, ମୋତେ ଲାଗୁଛି ସେ ଯାଗା ଅଭିଶପ୍ତ ଯାଗା । ପୂର୍ବରୁ ସିଦ୍ଧାର୍ଥ ଏବେ ଶେଫାଳୀ ।

**ହିମାଂଶୀ ଖୁରାନା, ଅଭିନେତ୍ରୀ**

### ସ୍ୱାମୀଙ୍କ ଇନ୍‌ଷ୍ଟା ପୋଷ୍ଟକୁ ନେଇ ଟ୍ରୋଲିଂ

ସେଫାଳୀଙ୍କ ମୃତ୍ୟୁ ପରେ ସୋସିଆଲ ମିଡିଆରେ ଅନେକ ପୋଷ୍ଟ ଦେଖିବାକୁ ମିଳୁଛି । ଅନେକ ପୋଷ୍ଟ ତାଙ୍କ ଶ୍ରଦ୍ଧାଞ୍ଜଳି ପାଇଁ ଲେଖାଯାଇଥିବା ଦେଖିବାକୁ ମିଳୁଛି । ତେବେ ଏହାରି ଭିତରେ ଏକ ପୋଷ୍ଟ ଭାଇରାଲ ହେଉଛି ତାହା ହେଲା ତାଙ୍କ ସ୍ୱାମୀଙ୍କର ଶେଷ ଇନ୍‌ଷ୍ଟାଗ୍ରାମ ପୋଷ୍ଟ ଯାହା ସେ ସେଫାଳୀଙ୍କ ମୃତ୍ୟୁର କିଛି ଘଣ୍ଟା ପୂର୍ବରୁ କରିଥିଲ । ଏଥିରେ ପରାଗଙ୍କୁ ଜିମ୍‌ରେ ଦେଖିବାକୁ ମିଳିଛି । ତେବେ ୟୁଜର୍ସ ପରାଗଙ୍କୁ ଟାର୍ଗେଟ କରୁଥିବା ଦେଖିବାକୁ ମିଳିଛି । ସେମାନଙ୍କ ମତରେ ସେଫାଳୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ଥିବେବେଳେ ପରାଗ ଜିମ୍‌ରେ କଣ କରୁଥିଲେ ।






## ଆରପାରିରେ ଶେଫାଳୀ

ନିବେଦଶକର ସମସ୍ତ ଲୋକଙ୍କର ପ୍ରିୟ ଅଭିନେତ୍ରୀ ସେଫାଳୀ ଜରିୱାଲାଙ୍କର ଦେହାନ୍ତ ଖବର ସମସ୍ତଙ୍କୁ ମ୍ରିୟମାଣ କରିଛି । ହଠାତ୍ ତାଙ୍କର ମୃତ୍ୟୁକୁ ତାଙ୍କ ଫ୍ୟାନ୍ ଓ ସେଲିବ୍ରିଟିମାନେ ଗ୍ରହଣ କରିପାରୁନାହାନ୍ତି । ସୂଚନା ଅନୁସାରେ ଶୁକ୍ରବାର ବିଳମ୍ବିତ ରାତିରେ ତାଙ୍କର ହୃଦଘାତରେ ପରଲୋକ ଘଟିଛି । ମାତ୍ର ୪୨ ବର୍ଷରେ ତାଙ୍କର ଏଭଳି ଆକସ୍ମିକ ମୃତ୍ୟୁକୁ କେହି ଗ୍ରହଣ କରିପାରୁ ନାହାନ୍ତି । ତାଙ୍କୁ ହୃଦଘାତ ହେବା ପରେ ତାଙ୍କ ସ୍ୱାମୀ ପରାଗ ତ୍ୟାଗୀ ତାଙ୍କୁ ଡାକ୍ତରଖାନା ନେଇଥିବା ସୂଚନା ମିଳୁଛି । ତେବେ ବର୍ତ୍ତମାନ ପର୍ଯ୍ୟନ୍ତ କାରଣକୁ ପୋଲିସ ପକ୍ଷରୁ ସ୍ପଷ୍ଟ କରାଯାଇ ନାହିଁ । ପୋଲିସର ତଦନ୍ତ ଏବେ ମଧ୍ୟ ଜାରି ରହିଛି । ତାଙ୍କୁ ମୃତ୍ୟୁରେ ଅନେକ ସେଲିବ୍ରିଟିଙ୍କ ବୟାନ ସାମନାକୁ ଆସିଛି। ସମସ୍ତେ ତାଙ୍କ ମୃତ୍ୟୁକୁ ବିଶ୍ୱାସ କରିବାକୁ ନାରାଜ। ତାଙ୍କ ସାଙ୍ଗସାଥୀ ଓ ସାଥୀକଳାକାରମାନେ ସୋସିଆଲ ମିଡିଆରେ ଦୁଃଖ ପ୍ରକାଶ କରିବାରେ ଲାଗିଛନ୍ତି । ୧୯୮୨ରେ ଜନ୍ମିତ ସେଫାଲି ଖୁବ କମ୍ ବୟସରେ ଅଭିନୟ ଦୁନିଆରେ ପାଦ ଦେବା ସହିତ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ତାଙ୍କୁ ଆଇଟମ ଗୀତ କାଣ୍ଟା ଲଗା ସହିତ ଅନେକ ରିଆଲିଟି ଶୋରେ ଦେଖିବାକୁ ମିଳିଥିଲା, ଯାହା ତାଙ୍କ କ୍ୟାରିୟରର ଗତିପଥ ବଦଳାଇଥିଲା । ତାଙ୍କୁ ୨୦୦୮ରେ ବୁଗି ଉଗି, ନଚବଲିଏ, ବିଗ୍‌ବସ୍ ଆଦିରେ ଦର୍ଶକ ଦେଖିବାକୁ ପାଇଥିଲେ । ଏହି ସମସ୍ତ ଶୋ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲା । ତାଙ୍କୁ ବଡ ପରଦାରେ ମଧ୍ୟ ଦର୍ଶକ ଦେଖିଥିଲେ ପ୍ରଥମଥର ପାଇଁ ହିନ୍ଦୀ ଫିଲ୍ମ ମୁଝସେ ସାଦି କରୋଗୀରେ ୨୦୦୪ରେ ତାଙ୍କୁ ଦେଖିବାକୁ ମିଳିଥିଲା । ଏହାପରେ ୨୦୧୧ରେ ତାଙ୍କୁ କାନାଡା ଫିଲ୍‌ରେ ଦେଖିବାକୁ ମିଳିଥିଲା । ୨୦୧୮ରେ ତାଙ୍କର ଏକ ୱେବ୍ ସିରିଜ୍ ଆସିଥିଲା ଯାହାର ନାଁ ଥିଲା ବେବି କମ୍ ନା, ଏଥିରେ ଶ୍ରେୟସ ତଲପଡେଙ୍କ ସହିତ ସ୍କ୍ରିନ ସେୟାର କରିଥିଲେ । ବ୍ୟକ୍ତିଗତ ଜୀବନରେ ମଧ୍ୟ ସେଫାଲି ଚର୍ଚ୍ଚିତ ଥିଲେ । ପ୍ରଥମେ ସେ ୨୦୦୪ରେ ମ୍ୟୁଜିସିଆନ ହରମିତ୍ ସିଂଙ୍କୁ ବିବାହ କରିଥିଲେ । ହେଲେ ଉଭୟଙ୍କର ୨୦୦୯ରେ ବିବାହ ବିଚ୍ଛେଦ ଘଟିଥିଲା । ଏହାପରେ ୨୦୧୫ରେ ସେ ଅଭିନେତା ପରାଗ ତ୍ୟାଗିଙ୍କୁ ବିବାହ କରିଥିଲେ । ତେବେ ସେଫାଲିଙ୍କୁ ହୃଦଘାତ ସମସ୍ୟା ଥିବା ତାଙ୍କ ପରିବାର ପ୍ରକାଶ କରିଛନ୍ତି, ହେଲେ ପୋଲିସ ପକ୍ଷରୁ ଏହାକୁ ସହଜରେ ଗ୍ରହଣ କରାଯାଇ ପାରୁନି, ତେଣୁ ତଦନ୍ତ ଜାରି ରହିଛି ।

# ଗୁଣ୍ଡିଚାମନ୍ଦିର ସମ୍ମୁଖରେ ତିନି ଠାକୁର












COMBAT READY CREDIBLE COHESIVE AND FUTURE READY FORCE

Safeguarding National Maritime Interests - Anytime - Anywhere - Anyhow



THE INDIAN NAVY 10+2 (B.TECH) CADET ENTRY SCHEME

PERMANENT COMMISSION COURSE COMMENCING - JAN 2026

Applications are invited from unmarried men and women candidates (fulfilling the conditions of nationality as laid down by the Govt. of India) for becoming Permanent Commissioned Officers in Executive and Technical branches under 10+2 B Tech Cadet Entry Scheme after undergoing four year B Tech course at the prestigious Indian Naval Academy, Ezhimala.

DATE OF OPENING - 30 JUN 2025 • LAST DATE FOR ONLINE APPLICATION - 14 JUL 2025

Vacancies & Age - The age eligibility & vacancies for the course are as under:-

| Branch | Vacancies | Gender | Age |
| --- | --- | --- | --- |
| Executive & Technical | 44 | {Men and Women (maximum of 06 vacancies for women)} | {Born Between 02 Jul 2006 and 01 Jan 2009 (both dates inclusive)} |

*Branch allocation viz Executive & Technical (Engineering & Electrical) will be undertaken at INA

Education Qualification - Passed Senior Secondary Examination (10+2 Pattern) or its equivalent examination from any recognised Board with at least 70% aggregate marks in Physics, Chemistry and Mathematics (PCM) and at least 50% marks in English (either in Class X or Class XII).

For eligibility criteria and details visit www.joinindiannavy.gov.in and

EMPLOYMENT NEWS DATED 21 JUN 2025



### ବରଗଡ଼ରେ ଗରିବ କଲ୍ୟାଣ ଓ ବିକାଶ ସମାବେଶ

# ଗରୀବଙ୍କ ପାଇଁ ଡବଲ କାମ କରୁଛି ଡବଲ ଇଞ୍ଜିନ ସରକାର : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାରେ ଥିବା ଗରିବ ଶ୍ରେଣୀରୁ ସମାଜର ଅନ୍ତିମ ଶ୍ରେଣୀରେ ଥିବା ଲୋକମାନଙ୍କ ଜୀବନରେ ଅଭୁତପୂର୍ବ ପରିବର୍ତ୍ତନ ଆଣିବା ଆମର ଡବଲ ଇଞ୍ଜିନ ସରକାରର ମୂଳ ଉଦ୍ଦେଶ୍ୟ ବୋଲି ଆଜି କୃଷିପ୍ରଧାନ ଅଞ୍ଚଳ ବରଗଡରେ ଆୟୋଜିତ "ଗରିବ କଲ୍ୟାଣ ଓ ବିକାଶ ସମାବେଶ"ରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଅବସରରେ ଶ୍ରୀ ପ୍ରଧାନ ପାଖାପାଖି ୨୨ କୋଟିରୁ ଅଧିକ ମୂଲ୍ୟର ୧୬ ଗୋଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସେ କହିଛନ୍ତି ଯେ ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରକୁ ୧୧ ବର୍ଷ ପୂରଣ ହୋଇଥିବା ବେଳେ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାରକୁ ୧ ବର୍ଷ ପୂରଣ ହୋଇଛି । ଏହା ଏକ ବଡ ଉପଲବ୍ଧି । ଓଡ଼ିଶାରେ ଗରିବ ଲୋକଙ୍କ ସାମୂହିକ ଓ ସାମଗ୍ରିକ ବିକାଶ କରିବା ଦିଗରେ ଡବଲ ଇଞ୍ଜିନ ସରକାରର ପ୍ରତିବଦ୍ଧତା ରହିଛି । ବିଗତ ଏକ ବର୍ଷରେ ଧାନ କିଣା, ସୁଭଦ୍ରା ଯୋଜନା, ଲକ୍ଷପତି ଦିଦି, ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା, ଶହୀଦ ମାଧୋ ସିଂ ହାତ ଖର୍ଚ୍ଚ ଭଳି ଆଦି ଅନେକ ଜନକଲ୍ୟାଣକାରୀ ଯୋଜନା ଓଡ଼ିଶାରେ କାର୍ଯ୍ୟକାରୀ



ହୋଇଛି । କେନ୍ଦ୍ର ସରକାରଙ୍କ ଧାନର ଏମଏସପି କ୍ୱିଣ୍ଟାଲ ପିଛା ୨୩୦୦ ଟଙ୍କା ଉପରେ ରାଜ୍ୟ ସରକାର ଅଧିକ ୮୦୦ ଟଙ୍କାର ଇନ୍‌ପୁଟ୍ ସହାୟତା ରାଶି ତଥା ସମୁଦାୟ ୩୧୦୦ ଟଙ୍କା ପ୍ରଦାନ କରୁଛନ୍ତି । ଏହି ସବୁ ଯୋଜନା ଦ୍ୱାରା ବରଗଡ଼ ଭଳି ଜିଲ୍ଲା ବିଶେଷ ଭାବରେ ଲାଭାନ୍ୱିତ ହୋଇଛି । ଆଜି ଶିଳାନ୍ୟାସ ହୋଇଥିବା ପ୍ରକଳ୍ପ ଗୁଡ଼ିକ ଆଗାମୀ ଦିନରେ ବରଗଡ଼କୁ ଅଗ୍ରଣୀ ଅଞ୍ଚଳ କରାଇବାରେ ବିଶେଷ ସହାୟକ ହେବ ।

ଏହାର ବିସ୍ତୃତ ସୂଚନା ଉପରେ ଆଲୋକପାତ କରି ସେ କହିଛନ୍ତି ଚଳିତ ବର୍ଷ ବରଗଡ଼ ଜିଲ୍ଲାରେ ରବି ଏବଂ ଖରିଫ ଋତୁକୁ ମିଶାଇଲେ ପ୍ରାୟ ୧୩୭ ଲକ୍ଷ କ୍ୱିଣ୍ଟାଲ ଧାନ ସରକାରଙ୍କ ପକ୍ଷରୁ କିଣାଯାଇଛି । ଡବଲ ଇଞ୍ଜିନ ସରକାର ଏଥିପାଇଁ ପାଖାପାଖି ୪୦୦୦ କୋଟିରୁ ଅଧିକ ଟଙ୍କା ଜିଲ୍ଲାର ଚାଷୀମାନଙ୍କୁ ଦେଇଛନ୍ତି । ଜିଲ୍ଲାରେ ୩ ଲକ୍ଷ ୫୬ ହଜାର ଭଉଣୀମାନଙ୍କୁ ବର୍ଷକୁ ୧୦ ହଜାର ଟଙ୍କା ଅର୍ଥାତ୍ ୩୫ କୋଟି ଟଙ୍କାର ସୁଭଦ୍ରା ସହାୟତା ଦିଆଯାଇଛି। ପିଏମ କିଷାନ ଓ ସିଏମ କିଷାନ ଯୋଜନାରେ ପ୍ରାୟ ୩୪ କୋଟି ଟଙ୍କା ଦିଆଯାଇଛି । ବରଗଡ଼ ଧନୁଯାତ୍ରାକୁ ଆହୁରି ଭବ୍ୟ କରିବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ରାଜ୍ୟ ସରକାରଙ୍କ ଅନ୍ତ୍ୟୋଦୋୟ ଯୋଜନାରେ ୧୬୦୦ ଘର ଜିଲ୍ଲା ପାଇଁ ଦିଆଯାଇଛି । ୬୦ ହଜାରରୁ ଅଧିକ ଲକ୍ଷପତି ଦିଦି, ୧୨ ଲକ୍ଷ ଆୟୁଷ୍ମାନ ଭାରତ କାର୍ଡ ଜିଲ୍ଲାକୁ ଦିଆଯାଇଛି । ଶହୀଦ ମାଧୋ ସିଂହଙ୍କ ନାଁରେ ୪,୬୧୯ ଜଣ ପିଲାଙ୍କୁ ଛାତ୍ରବୃତ୍ତି ଆକାରରେ ବାର୍ଷିକ ୧୦ ହଜାର ଟଙ୍କା ଦିଆଯାଉଛି । ଆଗାମୀ ଦିନରେ ବରଗଡ଼ରେ ଉତ୍ପାଦନ ହେଉଥିବା ଚାଉଳ ସାମଗ୍ରୀର ବଜାର ବ୍ୟବସ୍ଥାକୁ ବଢାଇବା । ପୂର୍ବୋଦୟ କଳ୍ପନାରେ ପ୍ରତିଷ୍ଠା ହେଉଥିବା ୨ଜି ଜୈବ ଇଥାନଲ ପ୍ଲାଣ୍ଟ ଦେଶର ଇଥାନଲ ଆବଶ୍ୟକତାକୁ ପୂରଣ କରିବ । ଏହା ମାଧ୍ୟମରେ କୃଷି ଆଧାରିତ ଶିଳ୍ପକୁ ତ୍ୱରାନ୍ୱିତ କରିବା ସହ ହସ୍ତତନ୍ତ ଓ ପର୍ଯ୍ୟଟନ ଭିତ୍ତିକ ଅର୍ଥନୀତି ବଢାଇବା ପାଇଁ ସମସ୍ତେ ସହଯୋଗର ଦାୟିତ୍ୱ ନେବା । ବୀର ସୁରେନ୍ଦ୍ର ସାଏଙ୍କ କର୍ମସ୍ଥାନ ଦେବ୍ରୀଗଡକୁ ଜାତୀୟ ସ୍ତରର ପର୍ଯ୍ୟଟନ ସ୍ଥଳୀ କରିବା ପାଇଁ ସାମୂହିକ ଦାୟିତ୍ୱ ନେବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି । ଏହି ଅବସରରେ ବରଗଡ଼ ଜିଲ୍ଲାର ସଫଳ କୃଷକ, ସଫଳ ସୁଭଦ୍ରା, ଲକ୍ଷପତି ଦିଦିଙ୍କୁ ସମ୍ମାନିତ କରିବା ସହ ଅନେକ ଯୋଗ୍ୟ ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ସୁବିଧା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟ ଉଚ୍ଚ ଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବରଗଡ଼ ସାଂସଦ ଓ ବରଗଡ଼ ଜିଲ୍ଲାର ବିଧାୟକମାନେ ପ୍ରମୁଖ ଉପସ୍ଥିତ ଥିଲେ ।

## ଆଜି ଠାରୁ ବିଜେପି ରାଜ୍ୟ ସଭାପତି ଓ ରାଷ୍ଟ୍ରୀୟ ପରିଷଦ ସଦସ୍ୟଙ୍କ ନିର୍ବାଚନ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର, (ସବ୍ୟୁ): କେନ୍ଦ୍ର ନିର୍ବାଚନ ଅଧିକାରୀ ଡ. ବି. ଲକ୍ଷ୍ମଣଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସଭାପତି ଓ ରାଷ୍ଟ୍ରୀୟ ପରିଷଦ ସଦସ୍ୟମାନଙ୍କ ନିର୍ବାଚନ ପ୍ରକ୍ରିୟା ଜୁନ୍ ୨୯ ତାରିଖରୁ ଆରମ୍ଭ ହେବାକୁ ଯାଉଛି । ୩ ଦିନ ଧରି ହେବାକୁ ଥିବା ଏହି ନିର୍ବାଚନ ପ୍ରକ୍ରିୟା ଜୁଲାଇ ୧ ସୁଦ୍ଧା ଶେଷ ହେବ ବୋଲି ରାଜ୍ୟ ନିର୍ବାଚନ ଅଧିକାରୀ ତଥା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କହିଛନ୍ତି। ଶ୍ରୀ ଷଡ଼ଙ୍ଗୀ କହିଛନ୍ତି ଯେ, ଏହି ନିର୍ବାଚନ ପ୍ରକ୍ରିୟାର ସୁପରିଚାଳନା ଓ ତଦାରଖ କରିବା ପାଇଁ କେନ୍ଦ୍ର ନିର୍ବାଚନ ଅଧିକାରୀଙ୍କ ତରଫରୁ ବିହାର ସାଂସଦ ଶ୍ରୀ ସଞ୍ଜୟ



ଜୟସ୍ୱାଲଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଶ୍ରୀ ଜୟସ୍ୱାଲ ଓଡ଼ିଶା ଗସ୍ତ କରିବେ ବୋଲି ସୂଚନା ପ୍ରାପ୍ତ ହୋଇଛି। ସୂଚନାଯୋଗ୍ୟ, ପ୍ରତି ୩ ବର୍ଷରେ ଥରେ ଭାରତୀୟ ଜନତା ପାର୍ଟିର ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହୁଏ। ବିଗତ ନିର୍ବାଚନ ପରି ଚଳିତ "ସାଙ୍ଗଠନିକ ନିର୍ବାଚନ ୨୦୨୪" ସ୍ଥାନୀୟ ସ୍ତରରୁ ଆରମ୍ଭ ହୋଇ ରାଷ୍ଟ୍ରୀୟ ସଭାପତିଙ୍କ ନିର୍ବାଚନରେ ଶେଷ ହେବ। ଏଥିମଧ୍ୟରେ ବିଜେପିର ସ୍ଥାନୀୟ ସମିତି, ମଣ୍ଡଳ ସମିତି, ଜିଲ୍ଲା ସମିତି ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି।

## ରଥ ଟଣା ବନ୍ଦ ହେବା ପ୍ରସଙ୍ଗକୁ ନେଇ ଛାତ୍ର କଂଗ୍ରେସର ଆନ୍ଦୋଳନ

ଭୁବନେଶ୍ୱର,(ସବ୍ୟୁ): ଜଗନ୍ନାଥ ଧାମ ପୁରୀ ଠାରେ ବିଶ୍ୱ ପ୍ରସିଦ୍ଧ ପବିତ୍ର ରଥଯାତ୍ରାରେ ପ୍ରଶାସନ ତରଫରୁ ଅବ୍ୟବସ୍ଥା ଏବଂ ଶିଳ୍ପପତି ଗୌତମ ଆଦାନୀଙ୍କ ପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ରଥ ନନ୍ଦିଘୋଷ ରଥକୁ ଜାଣିଶୁଣି ପ୍ରଶାସନ ଦ୍ୱାରା ଅଟକି ରଖାଯିବା ଘଟଣା ଅତ୍ୟନ୍ତ ଦୁଃଖ ଓ ନିନ୍ଦନୀୟ ଘଟଣା । ସରକାର ଇଙ୍ଗିତରେ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଯେପରି ନନ୍ଦିଘୋଷ ରଥକୁ ଅଟକାଇ ରଖିଲେ ତାହା ସମସ୍ତ ଜଗନ୍ନାଥ ପ୍ରେମୀ ତଥା ବିଶ୍ୱବାସୀଙ୍କୁ ମର୍ମାହିତ କରିଛି । ବିଜେପି ସରକାର ନେତା, ମନ୍ତ୍ରୀ, ବିଧାୟକ ଓ ସାଂସଦ ମାନେ ଯେପରି ପାଦରେ ଚପଲ ପିନ୍ଧି ରଥ ଦଉଡି ଟାଣିବା ଘଟଣା ଅତ୍ୟନ୍ତ ନିନ୍ଦନୀୟ ଓ ଓଡ଼ିଆ ଅସ୍ମିତାକୁ ପଦାରେ ପକାଇଛି । ଯେଉଁ ପୁଲିସ ଅଧିକାରୀମାନେ ସୁରକ୍ଷା ଦାୟିତ୍ୱରେ ଥିଲେ ସେମାନେ ବିଜେପିର ଯୁବମୋର୍ଚ୍ଚା ଓ ଏବିଭିପିର କାର୍ଯ୍ୟକର୍ତ୍ତାମାନଙ୍କ ନିର୍ଦ୍ଦେଶରେ କାମ କରୁଥିଲେ । ଏ ସବୁ ଘଟଣାକୁ ନେଇ ଶନିବାରି ରାଜ୍ୟ ଛାତ୍ର କଂଗ୍ରେସ ତରଫରୁ ଛାତ୍ର କଂଗ୍ରେସ ସଭାପତି ଉଦିତ ନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ଗୋଠତମ ଆଦାନୀଙ୍କ କୁଶ ପୁଳିକା ଦାହ କରାଯିବା ସହିତ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ତୁରନ୍ତ ମହାପ୍ରଭୁ ଜଗନ୍ନାଥ ତଥା ଜଗନ୍ନାଥ ପ୍ରେମୀଙ୍କ ପାଖରେ କ୍ଷମା ପ୍ରାର୍ଥନା କରିବା ସହିତ ଏପରି ସମ୍ବେଦନଶୀଳ ଘଟଣାରେ ତୁରନ୍ତ ତଦନ୍ତ କରାଯାଇ ଦୋଷିକୁ ଦଣ୍ଡଦିଆଯାଉ ବୋଲି ଛାତ୍ର କଂଗ୍ରେସ ସଭାପତି ଶ୍ରୀ ପ୍ରଧାନ ଦାବି କରିଛନ୍ତି । କାର୍ଯ୍ୟକ୍ରମରେ ଆଶିଷ କୁମାର ମାହୁନ୍ତ, ସୁନିଲ ସାହୁ, ତାପସ ଦେ, ସରୋଜ ବାରିକ, ସୋଠମ୍ୟରଞ୍ଜନ ବରାଳ, ସାଗର ପଟ୍ଟନାୟକ ଓ ସ୍ୱନ୍ଦନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

### ପୁଣି ଅସୁଛି ଯୋଡ଼ା ଲଘୁଚାପ

## ସପ୍ତାହେ ଯାଏଁ ରାଜ୍ୟରେ ବର୍ଷା

ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ କିଛି ଦିନ ହେଲା ବର୍ଷା ଜାରି ରହିଛି । ପୁଣି ଦୁଇଟି ଲଘୁଚାପ ଆସୁଛି । ଏହା ପଭାବରେ ଆଗାମୀ ସପ୍ତାହ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ । ରାଜ୍ୟର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି । ଆସନ୍ତାକାଲି (ରବିବାର) ଉତ୍ତର-ବଙ୍ଗୋପସାଗର ପାଶ୍ୱର୍ବର୍ତ୍ତୀ ବାଂଲାଦେଶ ଏବଂ ପଶ୍ଚିମବଙ୍ଗ ଉପକୂଳସ୍ଥ ବାୟୁମଣ୍ଡଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ସମାନ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି ।

ସେହିପରି ସୌରାଷ୍ଟ୍ର ଓ କଚ୍ଛର ଦକ୍ଷିଣ ଭାଗ ଏବଂ ପାଶ୍ୱର୍ବର୍ତ୍ତୀ ଉତ୍ତର-ପୂର୍ବ ଆରବସାଗର ଅଞ୍ଚଳରେ ବାୟୁମଣ୍ଡଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହା ପ୍ରଭାବରେ ଆଗାମୀ ୧୨ ଘଣ୍ଟା ମଧ୍ୟରେ ସମାନ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଦୁଇଟି ଲଘୁଚାପ ଆସୁଛି । ଏନେଇ ରାଜ୍ୟରେ ବର୍ଷା ଲାଗିରହିବ । ଅଧିକ ବର୍ଷା ନେଇ ବହୁ ଜିଲାକୁ ଅରେଞ୍ଜ ଏବଂ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

ରାଜ୍ୟର ବିଭିନ୍ନ ଅଞ୍ଚଳରେ କିଛିଦିନ ହେବ ବର୍ଷା ଲାଗି ରହିଛି । ଶନିବାର ମଧ୍ୟ ବିଭିନ୍ନ ଜିଲ୍ଲାରେ ବିଜୁଳି ସହ ପ୍ରବଳ ବର୍ଷା ହୋଇଛି । ଭୁବନେଶ୍ୱରରେ ପୂର୍ବାହ୍ନ ୧୦ଟାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇଥିଲା । ଶନିବାର ସକାଳ ସାଢ଼େ ୮ଟାରୁ ସନ୍ଧ୍ୟା ୫ଟା ୩୦ ସୁଦ୍ଧା ସୋନପୁରରେ ସର୍ବାଧିକ ୧୦୮ ମିମି ବର୍ଷା ହୋଇଥିବା ବେଳେ ବଲାଙ୍ଗିରରେ ୪୦ ମିମି, ଅନୁଗୁଳରେ ୨୧ ମିମି, କଟକରେ ୨୨ ମିମି, ତାଳଚେରରେ ୧୯.୮ ମିମି, ବାଲେଶ୍ୱରରେ ୧୮ ମିମି ଓ ଭୁବନେଶ୍ୱରରେ ୧୨ ମିମି ବର୍ଷା ରେକର୍ଡ କରାଯାଇଛି । ଆସନ୍ତାକାଲି(ରବିବାର) ଠାରୁ ଜୁଲାଇ ୧ ତାରିଖ ପର୍ଯ୍ୟନ୍ତ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ସୁନ୍ଦରଗଡ଼, ନୟାଗଡ଼, କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ବାକି ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ଜୁଲାଇ ୨ରୁ ୪ତାରିଖ ଯାଏଁ ସୁନ୍ଦରଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର, ମୟୂରଭଞ୍ଜ ଓ କେନ୍ଦୁଝର ଜଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ହୋଇପାରେ । ସମ୍ଭାବ୍ୟ ଲଘୁଚାପକୁ ଦୃଷ୍ଟିରେ ରଖି ପ୍ରଶାସନ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ସେହିପରି ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନଯିବା ପାଇଁ ପରାମର୍ଶ ଦିଆଯାଇଛି ।

# ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କଲେ ଗୌତମ ଆଦାନୀ ପରିବାର

ପୁରୀ, (ସବ୍ୟୁ): ଭାରତର ବିଶିଷ୍ଟ ଶିଳ୍ପପତି ଆଦାନୀ ଗ୍ରୁପ ମୁଖ୍ୟ ଗୌତମ ଆଦାନୀ କଡା ସୁରକ୍ଷା ମଧ୍ୟରେ ଶନିବାର ଦିନ ପୁରୀ ଆସି ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଣ୍ଡାୟମାନ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସପରିବାର ଦର୍ଶନ କରିଛନ୍ତି। ଗୌତମ ଆଦାନୀ, ତାଙ୍କ ଧର୍ମ ପତ୍ନୀ ଓ ପୁତ୍ର ତିନି ରଥରେ ବିରାଜିତ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରି ଆଶୀର୍ବାଦ ନେଇଛନ୍ତି। ତିନି ରଥ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଲାଗିବା ପରେ ଗୌତମ ଆଦାନୀ ଓ ସପରିବାର ତିନିରଥ ନିକଟକୁ ଯାଇ ପ୍ରତ୍ୟକ ଠାକୁରଙ୍କୁ ଦର୍ଶନ କରି ଆଶୀର୍ବାଦ ନେଇଛନ୍ତି। ଗୌତମ ଆଦାନୀ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିବା ପରେ ତାଙ୍କୁ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପ୍ରଦାନ କରିବା ସହ ଜିଲ୍ଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ତରଫରୁ ସ୍ୱାଗତ କରାଯାଇଥିଲା। ପରେ ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ସମ୍ମୁଖକୁ ଯାଇ ସପରିବାର ତିନି ରଥଙ୍କୁ ମୁଣ୍ଡିଆ ମାରିଥିଲେ।

ସେଠାରୁ ଗୌତମ ଆଦାନୀ ସିଧାସଳଖ ଗୁଣ୍ଡିଚା ମନ୍ଦିର ପଛ ପଟେ ଥିବା ସୁଷମା ଗାଡେନ୍





ଯାଇ ଥିଲେ । ସେଠାରେ ଆଦାନୀ କମ୍ପାନୀ ପକ୍ଷରୁ ଆୟୋଜିତ ହୋଇଥିବା ନିଶୁଳ୍କ ପ୍ରସାଦ ସେବା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସୁଷୁମା ଗାଡେନ୍ ପ୍ରାଙ୍ଗଣରେ ଥିବା ମହାପ୍ରଭୁଙ୍କୁ ପ୍ରଥମେ ଗୌତମ ଆଦାନୀ ଓ ତାଙ୍କ ପରିବାର ସଦସ୍ୟ ଦର୍ଶନ କରିବା ପରେ ରୋଷଶାଳାକୁ ଯାଇ ନିଜେ ଖାଦ୍ୟ ରାନ୍ଧିଥିଲେ। ପରେ ନିଜେ ରନ୍ଧା ହୋଇଥିବା ପ୍ରସାଦକୁ ଭକ୍ତ ଶ୍ରଦ୍ଧାଳୁଙ୍କୁ ବାଣ୍ଟିଥିଲେ। ଏହାପରେ ଗଣମାଧ୍ୟମରେ ପ୍ରତିକ୍ରିୟା ରଖିଥିଲେ ଗୌତମ ଆଦାନୀ। ରଥାରୂଢ ଠାକୁରଙ୍କୁ ଦର୍ଶନ କରି ବେଶ୍ ଖୁସି ପ୍ରକଟ କରିଥିବା କହିଛନ୍ତି ଗୌତମ ଆଦାନୀ । ମହାପ୍ରଭୁଙ୍କ ଆଶୀର୍ବାଦରୁ ସବୁ ପାଇଛି। ଭାରତବର୍ଷର ଉଜ୍ୱଳ ଭବିଷ୍ୟ ଓ ଓଡିଶାର ପ୍ରଗତି ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାଥନା କଲି।

ମହାକୁମ୍ଭରେ ପ୍ରଥମଥର ସେବା ପ୍ରସାଦ ଆରମ୍ଭ ହେଲା, ସେଠାରୁ ଅନୁଭୂତି ଭଲ ରହିଲା । ପୁରୀରେ ରଥଯାତ୍ରା ଆହୁରି ଆଗକୁ ଯିବାର ଅଛି। ପୁରୀ ପ୍ରଶାସନ, ରାଜ୍ୟ ସରକାର, ମୁନିସପାଲଟି ଯେଉଁଭଳି ରଥଯାତ୍ରା ଆୟୋଜନ କଲେ ସେଥିପାଇଁ ଧନ୍ୟବାଦ। ରଥଯାତ୍ରାରେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଭଲ କାମ କରିଛି। ସେପଟେ ଆଦାନୀ ପକ୍ଷରୁ ପୁରୀରେ ସମୁଦାୟ ୨୧ ଟି ଷ୍ଟଲ୍ ହୋଇଥିବା ବେଳେ ସକାଳ, ଦ୍ୱିପ୍ରହର ଓ ସଂଧ୍ୟା ସମୟରେ ଭକ୍ତଙ୍କୁ ଖାଦ୍ୟ ବିତରଣ କରାଯାଉଛି। ରଥଯାତ୍ରା ପୂର୍ବଦିନ ଠାରୁ ଆସନ୍ତା ନିଳାଦ୍ରୀବିଜେ ପର୍ଯ୍ୟନ୍ତ ଆଦାନୀ ପକ୍ଷରୁ ମାଗାଣା ବା ନିଶୁଳ୍କ ଖାଦ୍ୟ ଓ ଜୁସ୍ ବଣ୍ଟନ କରାଯାଉଥିବା ସହ ସମୁଦାୟ ୪୦ ଲକ୍ଷ ଲୋକଙ୍କୁ ଏହି ପ୍ରସାଦ ସେବା ପ୍ରଦାନ କରାଯିବ ବୋଲି ଜଣାପଡିଛି। ଆଦାନୀ ପକ୍ଷରୁ ଅନୁଷ୍ଠିତ ପ୍ରସାଦ ସେବା କାର୍ଯ୍ୟକ୍ରମରେ ୫ ହଜାରରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବି ଅଂଶଗ୍ରହଣ କରିଛନ୍ତି। ସେପଟେ ଆଦାନୀ ପକ୍ଷରୁ ଅନୁଷ୍ଠିତ ପ୍ରସାଦ ସେବାରେ ରଥଯାତ୍ରାରେ ସାମିଲ୍ ରହିଥିବା ସରକାରୀ ଅଧିକାରୀ ଓ ପୋଲିସ ଅଧିକାରୀଙ୍କୁ ମଧ୍ୟ ନିଶୁଳ୍କରେ ଖାଦ୍ୟ ବଣ୍ଟନ କରାଯାଉଛି। ଅନ୍ୟପଟେ ଦେଶୀ ପଦ୍ଧତିରେ ଚୂଲାରେ ରୋଟି, ଡାଲମା, ଭାତ, ରାଜମା, ଛୋଲେ, ପୁରୀ, ମିଠା ଇତ୍ୟାଦି ପ୍ରସ୍ତୁତ କରାଯାଉଥିବା କହିଛନ୍ତି ଇସ୍କନର ମୁଖପାତ୍ର ବଲ୍ଲୀ ମୁରାରୀ ଦାସ। ଅନ୍ୟପଟେ ରୋଷଶାଳାରେ ଭଲ ପରିବେଶରେ ଖାଦ୍ୟ ପ୍ରସ୍ତୁତ ହେଉଥିବା ବେଳେ ବିଭିନ୍ନ ରାଜ୍ୟରୁ ଯୋଗ ଦେଇଥିବା କାର୍ଯ୍ୟକର୍ତ୍ତା ମାନେ ଏଠାରେ ଅଂଶଗ୍ରହଣ କରି ଖୁସି ପ୍ରକଟ କରିଛନ୍ତି। ତେବେ ଗୌତମ ଆଦାନୀ ପୁରୀ ବେଳାଭୂମି ଯାଇ ଲାଇଫ ଗାର୍ଡଙ୍କ ସହ ଆଲୋଚନା କରିଛନ୍ତି।

- ରାଜ୍ୟ ଓ ଦେଶର ପ୍ରଗତି କାମନା କଲେ
- ଭକ୍ତଙ୍କୁ ବାଣ୍ଟିଲେ ନିଶୁଳ୍କ ପ୍ରସାଦ
- ରଥଯାତ୍ରାରେ ଚାଲିଛି ଆଦାନୀ ଗ୍ରୁପର ପ୍ରସାଦ ସେବା କାର୍ଯ୍ୟ

### ଏସଆଇଟି ବୈଠକ, ଦୁର୍ନୀତି କୌଣସି ମତେ ଗ୍ରହଣୀୟ ନୁହେଁ

## ଡ୍ରଗସ ଓ ନିଶା କାରବାରକୁ ନେଇ ଉଦବେଗ

କଟକ,(ସବ୍ୟୁ): ଓଡ଼ିଶାରେ ଏବେ ବହୁ ସଂଖ୍ୟକ ସରକାରୀ ଅଧିକାରୀମାନେ ଦୁର୍ନୀତି ଅଭିଯୋଗରେ ଧରାପଡୁଛନ୍ତି । ଏହାଦ୍ୱାରା ସେମାନେ କେବଳ ସରକାରୀ ଅର୍ଥକୁ ହଡ଼ପ କରୁନାହାନ୍ତି ଟିକସ ମଧ୍ୟ ଫାଙ୍କୁଛନ୍ତି । ଶେଷରେ ସାଧାରଣ ଲୋକଟିଏ ହିଁ ଏହାଦ୍ୱାରା କ୍ଷତିଗ୍ରସ୍ତ ହେଉଛି । ଦୁର୍ନୀତି କୌଣସି ଦୃଷ୍ଟିରୁ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି କଟକରେ କଳାଧନକୁ ନେଇ ଅନୁଷ୍ଠିତ ଏସ୍‌ଆଇଟି( ସ୍ୱତନ୍ତ୍ର ତଦନ୍ତକାରୀ ସଂସ୍ଥା) ବୈଠକରେ ଏହାର ଉପାଧକ୍ଷ ଜଷ୍ଟିସ୍ ଅରିଜିତ୍ ପଶାୟତ । ଓଡ଼ିଶାରେ ଏବେ ଡ୍ରଗସ କାରବାର ଅତ୍ୟନ୍ତ ଉଦ୍‌ବେଗଜନକ ସ୍ଥିତିରେ । ଏହାର ପ୍ରଭାବ ମଧ୍ୟ ସମାଜ ଉପରେ ବହୁ ଭାବରେ ପଡୁଛି ବୋଲି ସେ କହିଛନ୍ତି । କଟକସ୍ଥିତ ଅରିଜିତ୍ ପଶାୟତଙ୍କ ବାସ ଭବନରେ କଳାଧନକୁ ନେଇ ଗଠିତ ଏସ୍‌ଆଇଟିର ବୈଠକ ବସିଥିଲା । ଏହି ବୈଠକରେ ବିହାର ଏବଂ ଝାଡ଼ଖଣ୍ଡର ଦୁଇଜଣ ବରିଷ୍ଠ ପୁଲିସ୍ ଅଧିକାରୀ, ଓଡ଼ିଶାର ଇଡି ଅଧକାରୀ, ଇନକମ୍ ଟ୍ୟାକ୍ସ ଅଧିକାରୀ, ପୁଲିସ୍ ଅଫିସର ଆଦି ଯୋଗ ଦେଇଥିଲେ । ବୈଠକ ପରେ ଜଷ୍ଟିସ୍ ପଶାୟତ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆଲୋଚନା ହୋଇଥିବା ବିଭିନ୍ନ ପ୍ରସଙ୍ଗ ଉପରେ ସୂଚନା ଦେଇଥିଲେ। କୌଣସି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକୁ ନେଇ ବିଭିନ୍ନ ତଦନ୍ତକାରୀ ସଂସ୍ଥା ମଧ୍ୟରେ ସହଯୋଗ ରହିବ ଏବଂ ପରସ୍ପର ସଂସ୍ଥା ସେମାନଙ୍କ ମଧ୍ୟରେ ତଥ୍ୟର ଆଦାନପ୍ରଦାନ କରିବେ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

ଓଡ଼ିଶାର ଭିଜିଲାନ୍ସ ଝାମ୍ପ ମାରୁଥିବା ଅଧିକାରୀଙ୍କ ନିକଟରୁ ଜବତ ହେଉଥିବା ଟଙ୍କା ଏବଂ ବିଭିନ୍ନ ସାମଗ୍ରୀ ତଥ୍ୟ ଦେଖି ଜଷ୍ଟିସ୍ ପଶାୟତ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ଏହିଭଳି ଅଧିକାରୀଙ୍କ ସଂଖ୍ୟା ରାଜ୍ୟରେ ବଢ଼ିଯାଇଛି। ଦୁର୍ନୀତି ବଢ଼ିବା ଦ୍ୱାରା ଜଣେ ଅଧିକାରୀ କେବଳ ସରକାରଙ୍କର କ୍ଷତି ପହଞ୍ଚାଉନାହିଁ ସାଧାରଣ ଲୋକଙ୍କୁ ମଧ୍ଯ କ୍ଷତି ପହଞ୍ଚାଉଛି। ଏହାଦ୍ୱାରା ସେମାନେ ସମାଜର ପ୍ରଭୂତ କ୍ଷତି ପହଞ୍ଚାଉଛନ୍ତି ବୋଲି ଜଷ୍ଟିସ୍ ପଶାୟତ କହିଥିଲେ। ଓଡ଼ିଶାରେ ଏବେ ଯୁବକମାନେ ନିଶା କବଳରେ କିପରି ନଷ୍ଟ ହୋଇଯାଉଛନ୍ତି ତାହାକୁ ନେଇ ମଧ୍ୟ ଜଷ୍ଟିସ୍ ପଶାୟତ ଉଦ୍‌ବେଗ ପ୍ରକାଶ କରିଥିଲେ । ଜଣେ ବୃଦ୍ଧ ବୟସରେ ନିଶା ଖାଇବା ଏବଂ ଯୁବକ ବୟସରେ ନିଶା ନେବା ମଧ୍ଯରେ ବହୁତ ବଡ଼ ପାର୍ଥକ୍ୟ ରହିଛି। ଜଣେ ବୃଦ୍ଧଙ୍କର ସମୟ ଶେଷ ହୋଇ ଆସୁଥିଲାବେଳେ ଜଣେ ଯୁବକ ସମାଜର ସମ୍ବଳ। କିନ୍ତୁ ଏହି ସମ୍ବଳଟି ଯଦି ନିଶାଗ୍ରସ୍ତ ହୋଇ ଅକାଳରେ ନଷ୍ଟ ହୋଇଯାଏ ତାହାଦ୍ୱାରା କେବଳ ତାଙ୍କ ପରିବାର ବା ସମ୍ପର୍କୀୟଙ୍କର କ୍ଷତି ଘଟିବ ନାହିଁ ସମାଜକୁ ବଡ଼ କ୍ଷତି ଘଟିବ ବୋଲି ଜଷ୍ଟିସ୍ ପଶାୟତ କହିଥିଲେ। ଏସବୁକୁ କିପରି ନିୟନ୍ତ୍ରଣ କରାଯାଇ ପାରିବ ସେ ଦିଗରେ ସେ ବିଭିନ୍ନ ତଦନ୍ତକାରୀ ସଂସ୍ଥାଙ୍କ ସହ ଆଲୋଚନା କରିଥିଲେ। ଚିଟ୍‌ଫଣ୍ଡ କ୍ଷେତ୍ରରେ ଇଡିର ସଫଳତାକୁ ମଧ୍ୟ ଜଷ୍ଟିସ୍ ପଶାୟତ ସନ୍ତୋଷବ୍ୟକ୍ତ କରିଥିଲେ । ବିଭିନ୍ନ ଚିଟ୍‌ଫଣ୍ଡ ସଂସ୍ଥାଙ୍କ ନିକଟରୁ ଅର୍ଥ ଜବତ କରାଯିବା ପରେ ସମ୍ପୃକ୍ତ ସଂସ୍ଥାଙ୍କ ଜମାକାରୀଙ୍କ ମଧ୍ୟରେ ସମ୍ପୂର୍ଣ୍ଣ ଅର୍ଥ ନହେଲେ ମଧ୍ୟ କିଛି ଅର୍ଥ ଫେରାଇବାକୁ ଇଡି ପଦକ୍ଷେପ ନେଇଥିବାରୁ ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଜଷ୍ଟିସ୍ ପଶାୟତ କହିଥିଲେ।

# ରଥଯାତ୍ରାକୁ ନେଇ ବିଜେଡି, କଂଗ୍ରେସର ମିଛପ୍ରଚାର : ବିଜେପି

ଭୁବନେଶ୍ୱର, (ସବ୍ୟୁ): ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ଶାନ୍ତିପୂର୍ଣ୍ଣଭାବେ ଅନୁଷ୍ଠିତ ହୋଇଯାଇଛି। କିନ୍ତୁ ବିରୋଧୀ ବିଜେଡି ଏବଂ କଂଗ୍ରେସ ଅଭ୍ୟାସଗତ ଭାବେ ମିଛ ରାଜନୀତି କରି ସ୍ୱାର୍ଥ ହାସଲ ପାଇଁ ମନଗଢ଼ା ବିବୃତି ଦେଉଛନ୍ତି। ଏହା ଅତ୍ୟନ୍ତ ନିନ୍ଦନୀୟ। ମହାପ୍ରଭୁଙ୍କ ୩ ରଥ ଶରଧାବାଲିରେ ଲାଗିସାରିଛି। ଭକ୍ତମାନେ ଅତ୍ୟନ୍ତ ଶ୍ରଦ୍ଧାର ସହ ଦର୍ଶନ କରୁଛନ୍ତି। ଚଳିତବର୍ଷ ଅତ୍ୟନ୍ତ ଶୃଙ୍ଖଳାର ସହ ଅଘଟଣ ଶୂନ୍ୟ ରଥଯାତ୍ରା ସମାପନ ହୋଇଛି। ଅଭୁତପୂର୍ବ ଜନସମାଗମ ସତ୍ୱେ ଯେଉଁ ଭଳି ଭକ୍ତମାନେ ମହାପ୍ରଭୁଙ୍କୁ ମନଭରି ଦର୍ଶନ କରିବାର ସୁଯୋଗ ପାଇଛନ୍ତି ଏହା କେବଳ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ସମ୍ଭବ ହୋଇଛି ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅନୀଲ ବିଶ୍ୱାଳ କହିଛନ୍ତି। ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, ଗତ ବର୍ଷମାନଙ୍କରେ ବିଜୁ ଜନତା ଦଳର ସରକାର ସମୟରେ ରଥଯାତ୍ରାବେଳେ ଅନେକ ଅଘଟଣ ଘଟିଛି। ପୋଲିସର ଲାଠିମାଡ଼ଠାରୁ ନେଇ ରଥ ଉପରେ ୩ ଠାକୁର ଅଘଷା, ଅଖିଆ ରହିବା ପର୍ଯ୍ୟନ୍ତ ଭଳି ଅଘଟଣ ବିଜେଡି ସରକାର ସମୟରେ ରଥଯାତ୍ରା ପରିଚାଳନାର ଅକ୍ଷମତାକୁ ପ୍ରମାଣିତ କରିଥିଲା। ଯେଉଁଭଳି ଭାବେ ଚଳିତ ବର୍ଷ ଅତ୍ୟଧିକ ଭକ୍ତ ଆସିଥିବା ସତ୍ୱେ ରଥଯାତ୍ରା ଯେଭଳି ଶୃଙ୍ଖଳିତ ଭାବେ ପରିଚାଳନା ହେଉଛି ସେଭଳି ଆଗରୁ ବିଜେଡି ସରକାର ସମୟରେ ହୋଇପାରୁ ନ ଥିଲା। ରଥଯାତ୍ରାବେଳେ ୩ ଦିନ ଛୁଟି ପଡ଼ିଥିବାରୁ ଯେତିକି ଲୋକ ଆସିବା କଥା ତା'ଠାରୁ ବହୁ ଅଧିକ ଲୋକ





ଆସିଥିଲେ। ତଥାପି ମଧ୍ୟ ବହୁ ଭଲଭାବେ ଟ୍ରାଫିକ୍ ପରିଚାଳନା କରାଯାଇଥିଲା। ଆର୍ଟିଫିସିଆଲ ଇଂଟେଲିଜେନ୍ସି(ଏଆଇ)ର ବ୍ୟବହାର ସହ ଉନ୍ନତମାନର ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଓ ପୋଲିସ ପ୍ରଶାସନର ସହଯୋଗ ଫଳରେ ଅତି ସୁନ୍ଦର ଭାବେ ଭିଡ଼ ନିୟନ୍ତ୍ରଣ କରାଯାଇଥିଲା। ଫଳରେ କୌଣସି ଜାଗାରେ ଅପ୍ରତୀକର ପରିସ୍ଥିତି ଉପୁଜି ନଥିଲା। ଏହାହିଁ ହେଉଛି ଶ୍ରୀମନ୍ଦିର ଓ ରାଜ୍ୟ ସରକାରଙ୍କ ରଥ ପରିଚାଳନାର ସଫଳତା। ମାତ୍ର ବିଜେଡିର ମାନସିକତା ଶାଗୁଣା ଓ ଚିଲ ଭଳି। ସେମାନଙ୍କୁ କେବେ ହେଲେ ଭଲ ଜିନିଷ ଦେଖାଯାଏ ନାହିଁ। ଠିକ୍ ସେଭଳି ବିଜେଡି ଓ କଂଗ୍ରେସ ସବୁ ଭଲ ମଧ୍ୟରେ ଖରାପ ଖୋଜିବାରେ ବ୍ୟସ୍ତ। ବିଜେପି ସରକାର ଚଳିତ ରଥଯାତ୍ରା ଅଘଟଣ ଶୂନ୍ୟ ଓ ଭବ୍ୟ ଭାବେ ଆୟୋଜନ କରିଥିବାରୁ ବିଜେଡି ଓ କଂଗ୍ରେସ ଏହାକୁ ସହ୍ୟ କରିପାରୁନାହାନ୍ତି । ବିଜେଡି ଯିଏକି ଜଗନ୍ନାଥ ସଂସ୍କୃତିକୁ ନଷ୍ଟ କରିବା ପାଇଁ ବିଗତ ଶାସନ ସମୟରେ ଅପଚେଷ୍ଟା କରିଥିଲା ସେମାନେ ସେହି ମାନସିକତାରୁ ଆଜିବି ବାହାରି ପାରିନାହାନ୍ତି। ଚଳିତ ବର୍ଷର ରଥଯାତ୍ରା ସମୟରେ ଜଣେ ହେଲେ ବି ଅଣସେବାୟତ ରଥ ଉପରେ ଚଢ଼ିନାହାନ୍ତି। ବିଜେଡି ଶାସନକାଳରେ ଯେତେବେଳେ ଠାକୁରଙ୍କ ନବକଳେବର ହୋଇଥିଲା ସେସମୟରେ ମହାବିଭ୍ରାଟ ହୋଇଥିଲା। ସେତେବେଳେତ ଆଇନମନ୍ତ୍ରୀ କିଏ ଥିଲେ? ଅରୁଣ ସାହୁ ଆଇନ ମନ୍ତ୍ରୀ ଥିଲେ କି ନାହିଁ ସ୍ପଷ୍ଟ କରନ୍ତୁ। ଯେତେବେଳେ ଦଇତାପତିମାନେ ଦାରୁ ଖୋଜିବା ପାଇଁ ଯାଇଥିଲେ ସେତେବେଳେ ଶ୍ରୀ ସାହୁ ଅନନ୍ତଶୟନ ମୁଦ୍ରାରେ ମହାପ୍ରଭୁ ଜଗନ୍ନାଥଙ୍କ ସେବାୟତଙ୍କ ସହ ବସିଥିଲେକି ନାହିଁ ତାହା ସ୍ପଷ୍ଟ କରନ୍ତୁ। ବିଜେପି ସରକାରରେ ନିଜେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉପମୁଖ୍ୟମନ୍ତ୍ରୀ, ଅନ୍ୟ କ୍ୟାବିନେଟ ମନ୍ତ୍ରୀ ସଭିଏଁ ରଥଯାତ୍ରାରେ ଉପସ୍ଥିତ ରହି ସୁରୁଖୁରୁରେ ରଥଯାତ୍ରା ସମାପନ କାମକୁ ତଦାରଖ କରୁଛନ୍ତି। ଯେଉଁମାନେ ଏନେଇ ରାଜନୀତି କରୁଛନ୍ତି, ଯେଉଁମାନଙ୍କୁ ସବୁ କଥାରେ ଅଘଟଣ ଦେଖାଯାଉଛି, ସେମାନଙ୍କୁ ମହାପ୍ରଭୁ ସଦ୍‌ବୁଦ୍ଧି ଦିଅନ୍ତୁ। ସେମାନେ ତାଙ୍କ ମାନସିକତାରେ ପରିବର୍ତ୍ତନ ଆଣନ୍ତୁ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ସଂଯୋଜକ ସୁଜିତ୍ ଦାସ ଉପସ୍ଥିତ ଥିଲେ।

## ଦିନକ ପରେ ନେଇଥାନ୍ତେ ଅବସର

# ସହକାରୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ବ୍ରହ୍ମପୁର ,(ସବ୍ୟୁ): ଦିନକ ପରେ ନେଇଥାନ୍ତେ ଚାକିରିରୁ ଅବସର। ସୋମବାର ଗଞ୍ଜାମ ବ୍ଲକରେ କାର୍ଯ୍ୟରତ ସହକାରୀ ଯନ୍ତ୍ରୀ ସୁଶୀଲ କୁମାର ପଣ୍ଡା ନିଜ ଚାକିରି ଜୀବନରୁ ଅବସର ନେଇଥାନ୍ତେ। କିନ୍ତୁ ବିଧିର ବିଧାନ ଶନିବାର ବ୍ରହ୍ମପୁର ଭିଜିଲାନ୍ସ ପକ୍ଷରୁ ସହକାରୀ ଯନ୍ତ୍ରୀ ପଣ୍ଡାଙ୍କ ବିଭିନ୍ନ ବାସଗୃହ ଆଦି ସ୍ଥାନରେ ଚଢ଼ାଉ ହୋଇଥିବା ଘଟଣା ସମସ୍ତଙ୍କୁ ଚକିତ କରିଛି । ଏଥିସହ ବ୍ଲକ କାର୍ଯ୍ୟାଳୟରେ ମଧ୍ୟ ଭିଜିଲାନ୍ସର ଏକ ଟିମ ଚଢ଼ାଉ କରିଛି। ସହକାରୀ ଯନ୍ତ୍ରୀଙ୍କ ପ୍ରକୋଷ୍ଠରେ ଦୀର୍ଘ ସମୟ ଧରି ଏସଆଇ ସୌମ୍ୟ ରଞ୍ଜନ ପଣ୍ଡା, ଏ ଏସଆଇ ପ୍ରତାପ କୁମାର ଶତପଥୀ ପ୍ରମୁଖ ବିଭିନ୍ନ କାଗଜ



ପତ୍ର ଯାଞ୍ଚ କରିଥିଲେ । ସେଠାରୁ ଦୁଇ ପେକେଟ ବିସ୍କୁଟ ମିଳିଥିବା ଶୁଣିବାକୁ ମିଳିଛି।ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଏକକାଳୀନ ୭ ଟି ସ୍ଥାନରେ ଚଢ଼ାଉ ହୋଇଥିଲା । ବ୍ରହ୍ମପୁର ରାମହରି ନଗରରେ ଥିବା ସୁଶୀଲଙ୍କ ବାସଭବନ, ଆଙ୍କୁଲି ମୁକ୍ତେଶ୍ୱର ଆପାର୍ଟମେଣ୍ଟର ଦୁଇଟି ଫ୍ଲାଟ, ପୁରୀ ଚୁଡଙ୍ଗ ସାହି, କବିସୂର୍ଯ୍ୟନଗର ଗୁଡିଆଳିର ତାଙ୍କର ପୈତୃକ ଘର, ପୁରୁଷୋତ୍ତମପୁର ବେଢ ଗାଁରେ ଥିବା ତାଙ୍କର ପୈତୃକ ଘର ସହ ଗଞ୍ଜାମ ବ୍ଲକ କାର୍ଯ୍ୟାଳୟରେ ଏକକାଳୀନ ଭାବେ ୭ଟି ସ୍ଥାନରେ ଚଢ଼ାଉ କରିଛି ଭିଜିଲାନ୍ସ। ଏହି ଚଢ଼ାଉରେ ୬ ଜଣ ଡିଏସପି, ୭ ଜଣ ଇନ୍ସପେକ୍ଟର ସାମିଲ ହୋଇଛନ୍ତି । ଭିଜିଲାନ୍ସ ଚଢ଼ାଉ ସମୟରେ କିଛି ନଗଦ ଟଙ୍କା ସହ କିଛି ସୁନା ଅଳଙ୍କାର ଜବତ କରିଛି।

## କୁଲଡ଼ିହାରେ ଗଳିତ ହାତୀର ଦାନ୍ତ ଲୁଟ୍ ଘଟଣା

# ୪ ଗିରଫ, ବିଭିନ୍ନ ମାରଣାସ୍ତ୍ର ଜବତ

ନୀଳଗିରି,(ସବ୍ୟୁ) : କିଛି ଦିନ ପୂର୍ବରୁ କୁଲଡ଼ିହା ଅଭୟାରଣ୍ୟର ହୁଡ଼ିସାହି ଜଙ୍ଗଲରେ ଏକ ଦନ୍ତା ହାତୀର ଗଳିତ ମୃତ ଦେହ ବନବିଭାଗ ଠାବ କରିଥିବା ବେଳେ ଦାନ୍ତ ଲୁଟ୍ ହୋଇଥିବାର ତଦନ୍ତରୁ ଜଣାପଡିବା ପରେ କୁଲଡ଼ିହା ରେଞ୍ଜର ସୁବ୍ରତ ବେହେରା ଶିକାରୀଙ୍କୁ ଧରିବା ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରି ଗତ ୧୭ତାରିଖରେ ପୁଟୀବନ୍ଧ ଗ୍ରାମର ଦଶରଥ ସିଂ କୁ ଗିରଫ କଲା ପରେ ଦନ୍ତା ହାତୀର ଦାନ୍ତ ଲୁଟ୍ ଘଟଣା ବାବଦରେ ଅନେକ ସୁରାକ ପାଇଥିଲେ। ଆଜକୁ ତିନିଦିନ ତଳେ ମୁନା ସିଂ, ପଣ୍ଡା ସିଂ, ଲେକେ ସିଂ, ତପନ ସିଂ କୁ ସଜନାଗଡ ଅଯୋଧା ରାସ୍ତାରେ ସାଜନାଗଡ ଛକରୁ ଅନତି ଦୂରରେ ୪ଜଣକୁ ଗିରଫ କରିବା ସହ ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ବେଳେ ତାଙ୍କ ଘରୁ ୩ଟି ଦେଶୀ ବନ୍ଧୁକ, ଏକ କୁରାଢି, ତାର, ଗୋଳା ବାରୁଦ ୨ଟି କଟୁରୀ , ଝିଙ୍କ କାଠି,ବଜ୍ରକାପଡାର କାତି, ହାତୀର କଳ ଦାନ୍ତ, ହରିଣ ସିଙ୍ଘ ଜବତ କରାଯାଇଥିବାର ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଉକ୍ତ ପ୍ରସଙ୍ଗ ନେଇ ୨୭/୬/୨୫ରିଖରେ ଏକ ସାମ୍ବାଦିକ ସମ୍ମିଳନୀରେ ହାତୀ ଦାନ୍ତ ଲୁଟ୍ ଘଟଣାରେ ଅଭିଯୁକ୍ତ ମାନେ ଏକ ରାଜନେତାଙ୍କ ଫାର୍ମ ହାଉସ ରେ ଆତ୍ମଗୋପନ କରିଥିବା ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ। ଏନେଇ ଶନିବାର ଦିନ ବନବିଭାଗ ଦ୍ୱାରା ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରେଞ୍ଜର ସୁବ୍ରତ ବେହେରା ସଂପୂର୍ଣ୍ଣ ଖଣ୍ଡନ କରିବା ସହ ସଜନାଗଡ ନିକଟରୁ ୪ଜଣକୁ ଗିରଫ କରାଯାଇଛି ବୋଲି ପ୍ରକାଶ କରିଥିଲେ। ଗିରଫ ୪ଜଣକୁ କୋର୍ଟ ଚାଲାଣ କରାଯାଇଛି।

# ବଡଦାଣ୍ଡ ଅଧା ବାଟରେ ଅଟକିଲେ ଚତୁର୍ଦ୍ଧା ମୂର୍ତ୍ତି

ନୀଳଗିରି,(ସବ୍ୟୁ) : ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଘୋଷଯାତ୍ରାର ପ୍ରଥମଦିନ ଅବସରରେ ଭକ୍ତ ମାନେ ଶ୍ରୀମନ୍ଦିର ନିକଟରୁ ରଥଟାଣି ଅଧାରାସ୍ତା ତଥା ବଡଦାଣ୍ଡ ପୋଷ୍ଟ ଅଫିସ ସମ୍ମୁଖରେ ପହଞ୍ଚାଇ ଥିଲେ। ରଥ ଉପରେ ତିନିଠାକୁର ଗୋଟିଏ ରାତି ବିତାଇବା ପରେ ପୁଣି ରବିବାର ଅପରାହ୍ନରେ ରଥଟଣା କାର୍ଯ୍ୟ ଆରମ୍ଭ ହେବ। ନୀଳଗିରିର ରାଜା ଜୟନ୍ତ ମର୍ଦ୍ଦରାଜ ହରିଚନ୍ଦନ ରଥଟଣାର ପ୍ରଥମେ ଶୁଭାରମ୍ଭ କରିଥିଲେ। ଏହି ଘୋଷଯାତ୍ରାରେ ବାଲେଶ୍ୱର ଜିଲ୍ଲାପାଳ ସୁର୍ଯ୍ୟବଂଶୀ ମୟୂର ବିକାଶ ସମେତ ବାଲେଶ୍ୱର ଆରକ୍ଷୀ ଅଧିକ୍ଷକ ରାଜ ପ୍ରାସାଦ, ନୀଳଗିରିର ବିଧାୟକ ସନ୍ତୋଷ ଖଟୁଆ, ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଓ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ନୀଳଗିରି ଉପ–ଜିଲ୍ଲାପାଳ ଡ. ମଧୁସ୍ମିତା ସାମନ୍ତରାୟ, ତହସିଲଦାର ସୋନମ୍ ଦାସ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରମୋଦ ମଲିକ, ବିଡ଼ିଓ ବିକ୍ରମ କେଶରୀ ପରିଡ଼ା, ଏନଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ସୁଭେନ୍ଦୁ ଦାସ ମଙ୍ଗରାଜ, ଆଇଆଇସି ଗୋବର୍ଦ୍ଧନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରଦ୍ଧାଳୁଙ୍କ ଭିଡ ନିୟନ୍ତ୍ରଣ ଓ ଶୃଙ୍ଖଳିତ ଦର୍ଶନ ପାଇଁ ବଡ଼ଦାଣ୍ଡ ପୋଲିସ ଫୋର୍ସ ନିୟୋଜନ କରାଯାଇଥିଲା। ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ରଥର ଦିଗ ନିର୍ଦ୍ଦେଶ କରିଥିଲେ। ପ୍ରଦୀପ୍ତ ମିଶ୍ର ଧାରା ବିବରଣୀ ପ୍ରକାଶ କରିଥିଲେ । ମାତ୍ର ପୁରୀରେ ଗୋଟିଏ ଦିନ ରେ ମହାପ୍ରଭୁଙ୍କ ପହଣ୍ଡି ଓ ରଥଟଣା ହୋଇ ଗୁଣ୍ଡିଚା ମନ୍ଦିର ପହଞ୍ଚିଥିବା ବେଳେ ତୃତୀୟ ଶ୍ରୀକ୍ଷେତ୍ରରେ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିବା ପାଇଁ ତିନି ଦିନ ଧରି ରଥଯାତ୍ରା ପାଳନ କରାଯିବା ର ପରମ୍ପରା ରହିଛି।

# ମଦ ଜବତ, ଦୁଇ ଗିରଫ



ବ୍ରହ୍ମପୁର, (ସବ୍ୟୁ):ବ୍ରହ୍ମପୁରରେ ନକଲି ବିଦେଶୀ ମଦ କାରବାର ହେଉଥିବା ଅବକାରୀ ଅଧିକ୍ଷକ ପ୍ରବୀଣ କୁମାର ପ୍ରଧାନ ନିର୍ଦ୍ଦେଶରେ ଏକ ଟିମ ପ୍ରେମ ନଗର ଅଞ୍ଚଳରେ ପେଟ୍ରୋଲିଂ କରୁଥିଲା। ଅବକାରୀ ଇନ୍ସପେକ୍ଟର ଅର୍ଜୁନ ମଲିକ ଓ ତାଙ୍କ ଟିମ ନିଳକଣ୍ଠେଶ୍ୱର ମୁଖ୍ୟ ରାସ୍ତାରେ ଜଣେ ଯୁବକ ସନ୍ଦେହ ଜନକ ଭାବେ ଠିଆ ହୋଇଥିବା ବେଳେ ତାଙ୍କୁ ଅଟକାଇ ଯାଞ୍ଚ କରିଥିଲେ ।ସନ୍ତୋଷ ସାହୁ ଗାଡି ଉପରେ ରଖିଥିବା କାର୍ଟୁନ ଗୁଡିକ ଖୋଲି ଦେଖିବା ବେଳେ ସେଥିରେ ବିଦେଶୀ ମଦ ରହିଥିଲା। ରଥଯାତ୍ରା ପାଇଁ ମଦ ବିକ୍ରି ନିଷେଧ ଥିବା ବ୍ରଲେ ସେ ଏତେ ପରିମାଣର ମଦ କେଉଁଠୁ ଆଣିଲେ ତାଙ୍କୁ ପଚରା ଉଚରା କରିଥିଲେ। ଯାଞ୍ଚ ବେଳେ ଉକ୍ତ ମଦ ବୋତଲ ଗୁଡିକରେ ଅବକାରୀ ବିଭାଗର ସିଲ ନଥିଲା। ପରେ ସେଗୁଡିକ ନକଲି ମଦ ବୋଲି ଜଣାପଡିଥିଲା। ପରେ ତାଙ୍କରି ବୟାନ ଆଧାରରେ ଅନ୍ୟ ଜଣେ ଯୁବକ ଚିରଞ୍ଜିବିଙ୍କୁ ରୁକ୍ମଣୀ ସିନେମା ହଲ ନିକଟରୁ କାବୁ କରାଯାଇଥିଲା।ଉଭୟଙ୍କ ନିକଟରୁ ଦୁଇଟି ବ୍ରାଣ୍ଡର ୪୦ଲିଟର ୫୦୯ ମିଲି ଲିଟର ବିଦେଶୀ ମଦ ସହ ସେମାନେ ବ୍ୟବହାର କରୁଥିବା ବାଇକ ଜବତ ହୋଇଥିଲା। ଦୁଇଜଣ ଯୁବକଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବି. ଚିରଞ୍ଜିବି(୨୧)ଓ ସନ୍ତୋଷ ସାହୁ(୩୩)। ଜଣେ ଲୋକ ସେମାନଙ୍କୁ ଏହି ମଦ ବିକ୍ରି ପାଇଁ ଦେଇଥିଲା। ସେମାନେ ସେଠାରେ ମଦ ବିକ୍ରି କରି ୫୦୦ ଟଙ୍କା ରଖିଥିଲେ। ଯାହାକି ଜବତ ହୋଇଛି। ସେମାନେ ଉକ୍ତ ମଦ ବିଭିନ୍ନ ଫାଷ୍ଟଫୁଡ଼ ଦୋକାନରେ ବିକ୍ରି କରିଥାନ୍ତେ ବୋଲି ଅଭିଯୁକ୍ତଙ୍କୁ ଜେରା ବେଳେ ଜଣାପଡିଛି। ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଗଡ଼ିଲା ତାଳଧ୍ୱଜ, ଦର୍ପଦଳନ : ଆଜି ଟାଣିବେ ନନ୍ଦିଘୋଷ ରଥ

## ଦ୍ୱିତୀୟ ଶ୍ରୀକ୍ଷେତ୍ର ରଥଯାତ୍ରା

ବାରିପଦା, (ସବ୍ୟୁ) : ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଶ୍ରୀଶ୍ରୀ ହରିବଳଦେବ ଜୀଉଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଦୁଇଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମରେ ବାରିପଦା ବଡଦାଣ୍ଡରେ ଆଜି ପ୍ରଥମଦିନରେ ରଥ ଗଡିଥିଲା । ଶନିବାର ରଥଟଣା ପୂର୍ବରୁ ମେଘୁଆ ପାଗ ଓ ଗୁଳୁଗୁଳି ଅନୁଭୂତ ହେଉଥିବା ବେଳେ ରଥଟଣା ଆରମ୍ଭ ହେବା ପାଇଁ ପ୍ରସ୍ତୁତ ହେବା କ୍ଷଣୀ ହଠାତ୍ ପାଗ ଅନୁକୂଳ ହୋଇଯାଇଥିଲା । ଯାହାକି ଭକ୍ତମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ରଥଟାଣିବା ଲାଗି ବାରିପଦା ସହରର ତଥା ଆଖପାଖ ତଥା ଦୂରଦୂରାନ୍ତରୁ ଭକ୍ତଙ୍କ ସ୍ୱଅ ଛୁଟିଥିଲା ବଡଦାଣ୍ଡକୁ । ପ୍ରଥମେ ବଳଭଦ୍ର ମହାପ୍ରଭୁଙ୍କ ତାଳଧ୍ୱଜ ରଥକୁ ଶ୍ରୀମନ୍ଦିର ନିକଟରୁ ଟାଣି ଭକ୍ତମାନେ ମାଉସୀମା'ମନ୍ଦିର ନିକଟରେ ପହଞ୍ଚାଇଥିଲେ । ପରେ ପରେ ଦେବୀ ଶୁଭଦ୍ରାଙ୍କ ଦର୍ପଦଳନ ରଥକୁ କେବଳ ମହିଳାମାନେ ଟାଣି ପରମ୍ପରା ଅନୁସାରେ ଟାଉନଥାନା ପର୍ଯ୍ୟନ୍ତ ପହଞ୍ଚାଇଥିଲେ । ଦେବୀ ଶୁଭଦ୍ରାଙ୍କ ରଥଟଣା ସମୟରେ ବର୍ଷା ହୋଇଥିଲା । ମହିଳା ଭକ୍ତମାନେ ବର୍ଷାରେ ଭିଜି ଭିଜି ରଥଟାଣି ଥିଲେ । ଭକ୍ତମାନେ ଆନନ୍ଦ ଉଲ୍ଲାସ ଭକ୍ତିଭାବନା ସହିତ ହରିବୋଲ ଧ୍ୱନୀରେ ଆଧ୍ୟାତ୍ମିକ ପରିବେଶରେ ରଥଟାଣି ଥିଲେ । ଅପରାହ୍ନରେ ରଥପାହଚରେ ତାରାକଟା ଓ ଘୋଡାଲାଗି ନୀତି ପରେ ସାରଥୀଠାକୁରଙ୍କୁ ପ୍ରଣାମ କରି ଆଜ୍ଞାମାଳ ମାଗିଥିଲେ । ଖୋଳକୀର୍ତ୍ତନ, ହରିବୋଲ, ବାଦ୍ୟ, ଶଙ୍ଖ ଓ ହୁଳୁହୁଳିଧ୍ୱନୀରେ ତଥା ମୟୂରଭଞ୍ଜର ପାରମ୍ପାରିକ ନୃତ୍ୟରେ ଭକ୍ତମାନେ ଭାବବିହ୍ୱଳ ହୋଇ ରଥଟାଣି ଥିଲେ । ଆସନ୍ତାକାଲି ଦେବୀଶୁଭଦ୍ରାଙ୍କ ରଥକୁ ଟାଉନଥାନା



ପାଖରୁ ମହିଳାମାନେ ଟାଣି ମାଉସୀମା'ମନ୍ଦିର ନିକଟରେ ପହଞ୍ଚାଇବେ ତା'ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ଶ୍ରୀମନ୍ଦିର ନିକଟରୁ ଟଣାଯାଇ ମାଉସୀମା'ମନ୍ଦିର ନିକଟରେ ପହଞ୍ଚାଇବେ । ଆସନ୍ତାକାଳି ପରମ୍ପରା ଅନୁସାରେ ଜଗନ୍ନାଥ ରଥ ମାଉସୀମା'ମନ୍ଦିର ନିକଟରେ ପହଞ୍ଚିବା ପରେ ରଥ ଉପରୁ ଗୁଡଲଡୁ ଭକ୍ତଙ୍କ ଉପରକୁ ଫିଙ୍ଗାଯିବ । ସେହିପରି ଶୁଭଦ୍ରାଙ୍କ ରଥଟଣା ପୂର୍ବରୁ ମହିଳା ଭକ୍ତଙ୍କ ଉଦ୍ଦେଶ୍ୟରେ ପ୍ରସିଦ୍ଧ ଗୁଡଲଡୁ ଫିଙ୍ଗାଯିବ । ଏହି ଲଡୁକୁ ଆଶୀର୍ବାଦ ମନେ କରି ଭକ୍ତଙ୍କ ମଧ୍ୟରେ ଏକପ୍ରକାର ପ୍ରତିଯୋଗୀତା ଲାଗିଥାଏ । ଏଣୁ ଏଥିପାଇଁ ଭକ୍ତଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲିଖିତ ହୋଇଥାଏ । ଆଜିର ରଥଟଣାରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ର, ରାଜ୍ୟସଭା ସାଂସଦ ମମତା ମହାନ୍ତ, ବାରିପଦା ବିଧାୟକ ପ୍ରକାଶ ସୋରେନ୍, ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଡିଆଇଜି ଡଃ ସତ୍ୟଜିତ୍ ନାଏକ, ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସାଏ ଓ ଏସପି ବରୁଣ ଗୁଣ୍ଟୁପାଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ । ସନ୍ଧ୍ୟାରୁ ରାତି ପର୍ଯ୍ୟନ୍ତ ରଥାରୁଢ଼ ତିନି ଠାକୁରଙ୍କୁ ଦର୍ଶନ ପାଇଁ ବଡଦାଣ୍ଡରେ ଭକ୍ତଙ୍କ ଗହଳି ଲାଗିରହିଥିଲା । ରଥଟଣା ସମୟରେ ବିଭିନ୍ନ ସଂଗଠନ ଓ ସ୍ୱେଚ୍ଛାସେବୀ ପକ୍ଷରୁ ପାନୀୟଜଳ ବଣ୍ଟନ କରାଯାଇଥିଲା । ରଥଟଣା ସମୟରେ ରଥଉପରୁ ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ପ୍ରବଚକ ଭାଗବତ ପଣ୍ଡା ଧାରାବିବରଣୀ ପ୍ରଦାନ କରିଥିଲେ ।

# ତୁଳସୀ ନଗର ରାଧାକୃଷ୍ଣ ମନ୍ଦିର ବାର୍ଷିକ ଉତ୍ସବ



ବ୍ରହ୍ମପୁର ,(ସବ୍ୟୁ): ଶନିବାର ସ୍ଥାନୀୟ ତୁଳସୀ ନଗର ସପ୍ତମ ଲାଇନ ସ୍ଥିତ ରାଧାକୃଷ୍ଣ ମନ୍ଦିରର ଦଶମ ତମ ବାର୍ଷିକ ଉତ୍ସବ ଅର୍ବାନ ବ୍ୟାଙ୍କ ସଭାପତି ତଥା ପୂର୍ବତନ କର୍ପୋରେଟର ଆୟ ମୁରଲୀ ମୋହନଙ୍କ ନେତୃ ଓ ତୁଳସୀ ନଗର ଅଞ୍ଚଳ ବାସୀଙ୍କ ସହଯୋଗ ରେ ରାଧାକୃଷ୍ଣଙ୍କ ମନ୍ଦିର ପ୍ରତିଷ୍ଠା ହୋଇଥିଲା।ଏହି ବାର୍ଷିକ ଉତ୍ସବରେ ମନ୍ଦିର ପରିସରରେ ମଣ୍ଡଳ ପୂଜା ଓ ହୋମ ଯଜ୍ଞ କରାଯାଇଥିଲା। ତାହା ସହ ୧୦ହଜାରରୁ ଉର୍ଦ୍ଧ୍ୱ ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନ ର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଏହି ବାର୍ଷିକ ଉତ୍ସବ ଅବସରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଡ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମେୟର ସଙ୍ଗମିତ୍ରା ଦଲାଇ, ବ୍ରହ୍ମପୁର ବିଧାୟକ ପ୍ରତିନିଧି ଅଶୋକ ଶୁକ୍ଳା, ବିଜେଡି ବରିଷ୍ଠ ନେତା ଭୀମସେନ ଦଳାଇ, କର୍ପୋରେଟର ଆର ପାଓ୍ୱାନି, ଡି କରୁଣା କର, ପ୍ରଦୀପ ଶତପଥୀ, ସୁରେନ୍ଦ୍ର ମହାରଣା , ପ୍ରଶାନ୍ତ ପଟ୍ଟନାୟକ,ଟି ତିରୁପତି ପାତ୍ର, ରଞ୍ଜିତା ବେହେରା, ସୁନୀତା ପଟ୍ଟନାୟକ,ବନିତା ସାହୁ,ଟି କିଶୋର, ନୀଳକଣ୍ଠ ସାହୁ ପ୍ରମୁଖ ଉପସ୍ଥିତ ରହି ରାଧାକୃଷ୍ଣଙ୍କ ଦର୍ଶନ ଲାଭ କରିଥିଲେ। ସେହିପରି ଅର୍ବାନ ବ୍ୟାଙ୍କର ସମସ୍ତ ନିର୍ଦ୍ଦେଶକ ମାନେ ଯୋଗଦାନ କରିଥିଲେ। ରାଧାକୃଷ୍ଣ ବଣିକ ସଂଘ ଓ ଫ୍ରେଣ୍ଡସ ଫରେଭର ସଦସ୍ୟ ଶ୍ରୀକାନ୍ତ ପାଣଗ୍ରାହୀ, ମନୋଜ ସାହୁ, ତିରୁପତି ସୁବୁଦ୍ଧି, ସୁଶୀଲ ସେନାପତି,ବାବୁ ପଟ୍ଟନାୟକ, ମନୋରଞ୍ଜନ ପଟ୍ଟନାୟକ, ପଞ୍ଚାନନ ରାଉତ,ସୁବାସ ପାତ୍ର,ରମେଶ ନାୟକ, ସିମାଞ୍ଚଳ ପଣ୍ଡା, ସତ୍ୟ ପାତ୍ର, ମୁକୁନ୍ଦ ଗୌଡ଼, ମୁନା ରେଡ୍ଡୀ, ରଜେଶ୍ୱର ବେହେରା, ସିମାଞ୍ଚଳ ସାହୁ ଉପସ୍ଥିତ ରହି ପରିଚାଳନା ରେ ସହଯୋଗ କରିଥିଲେ।

## ଇମାମୀ ନଗର ରଥ ଉତ୍ସବ

# ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ରାସଲୀଳା

ବାଲେଶ୍ୱର,(ସବ୍ୟୁ) :ରେମୁଣା ବାଲଗୋପାଳପୁର ଶିଳ୍ପାଞ୍ଚଳସ୍ଥିତ ଇମାମୀ ନଗର ଶ୍ରୀଗୁଣ୍ଡିଚା ମନ୍ଦିର ମେଳାପଡ଼ିଆରେ ପ୍ରତିବର୍ଷ ଭଳି ରଥଉତ୍ସବର ପ୍ରଥମ ଦିନରେ ହଜାରହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ସାଙ୍ଗକୁ ବିଭିନ୍ନ ସାମାଜିକ, ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ରାସଲୀଳାରେ ଝୁମିଲେ ଶ୍ରଦ୍ଧାଳୁ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ମୁତାବକ ସକାଳ ସାଢ଼େ ୧୦ରୁ ୧୨ ଟାପର୍ଯ୍ୟନ୍ତ ତୁଳସୀ ଅଭିଷେକ, ଅପରାହ୍ଣ ସାଢ଼େ୩ଟାରୁ ୫ଟାପର୍ଯ୍ୟନ୍ତ ଭଜନମଣ୍ଡ ପରେ କୁନିକୁନି ପିଲାମାନଙ୍କ ଦ୍ୱାରାଚିତ୍ରାଙ୍କନ ପ୍ରଦର୍ଶନ, ୫ଟାରୁ ୬ । ପର୍ଯ୍ୟନ୍ତ ଭଜନସନ୍ଧ୍ୟା, ୬ଟାରୁସାଢ଼େ୬ ପର୍ଯ୍ୟନ୍ତ ଏକକ ନୃତ୍ୟ, ସାଢ଼େ ୬ଟୁ ସାଢ଼େ ୮ ପର୍ଯ୍ୟନ୍ତ ସୁଦୂର ଋଷିକେଶରୁ ଆସିଥିବା ପ୍ରତିଷ୍ଠିତ କଳାସଂସ୍ଥାନ ଦ୍ୱାରା ଶ୍ରୀକୃଷ୍ଣ ଚରିତ ରାସଲୀଳାବେଶ୍ ଦର୍ଶକମାନଙ୍କୁ ବିମୋହିତ କରିଥିଲା।ରାତ୍ର ୮ଟା ୪୫ ମିନିଟ୍‌ରେ ଶୟନ ଆରତୀ ଅନୁଷ୍ଠିତହୋଇଥିଲା। ପ୍ରତିବର୍ଷ ଭଳି ଚଳିତବର୍ଷ ପ୍ରଥମ ଦିନରେ ଗୁଣ୍ଡିଚା ମନ୍ଦିରରେ ଚିତ୍ତାକର୍ଷକ ସାଜସଜ୍ଜା ସାଙ୍ଗକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ଜମିଥିବା ବେଳେ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା, ସ୍ୱାସ୍ଥ୍ୟସେବା, ପାନୀୟଜଳ ଓ ପ୍ରସାଦ ସେବନର ବ୍ୟବସ୍ଥା ଜାରି ରଖାଯାଇଛି। ଅନ୍ୟପକ୍ଷରେ ଅନାଥ ଶିଶୁମାନଙ୍କୁ ପ୍ରସାଦ ସେବନର ବ୍ୟବସ୍ଥା ସାଧାରଣରେ ଭୂୟସୀ ପ୍ରଶଂସିତ ହୋଇଥିବାର ଜଣାପଡ଼ିଛି।

## ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ମାମଲା

# କନିଷ୍ଠ ଯନ୍ତ୍ରୀ ଦୋଷୀ ସାବ୍ୟସ୍ତ

ବ୍ରହ୍ମପୁର,(ସବ୍ୟୁ) : ଏକ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ମାମଲାରେ ବିଚାରଣା କରି ବ୍ରହ୍ମପୁର ସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଜ୍ଞାନେନ୍ଦ୍ର କୁମାର ବାରିକ କ୍ଷୁଦ୍ର ଜଳସେଚନ ବିଭାଗର ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ସେ ହେଲେ ଗଞ୍ଜାମ ଜିଲା ଦିଗପହଣ୍ଡି କ୍ଷୁଦ୍ର ଜଳସେଚନ ବିଭାଗର ଅବସରପ୍ରାପ୍ତ ଯନ୍ତ୍ରୀ ପ୍ରମୋଦଚନ୍ଦ୍ର ସେନାପତି(୫୯) । ତାଙ୍କୁ ୨ ବର୍ଷ ଜେଲ ଦଣ୍ଡ ହୋଇଥିବା ବେଳେ ୫୦ ହଜାର ଟଙ୍କା ଜୋରିମାନା ଦବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜୋରିମାନା ଅନାଦେୟ ଅତିରିକ୍ତ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ଜଜ ନିଜ ରାୟରେ ଉଲ୍ଲେଖ କରିଛନ୍ତି । ମାମଲାର ବିରଣୀରୁ ପ୍ରକାଶଯେ, କନିଷ୍ଠ ଯନ୍ତ୍ରୀ ପ୍ରମୋଦ ୨୦୦୮ ବେଳକୁ ଦିଗପହଣ୍ଡି କ୍ଷୁଦ୍ର ଜଳସେଚନ ବିଭାଗ ଦାୟିତ୍ୱରେ ଥିବା ବେଳେ ତାଙ୍କ ନାମରେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା । କୋର୍ଟଙ୍କ ସର୍ଚ୍ଚ ଓ୍ୱାରେଣ୍ଟ ବଳରେ ଭିଜିଲାନ୍ସ ପକ୍ଷରୁ ୨୦୦୮ ଜୁନ ୧୧ ତାରିଖରେ ତାଙ୍କ କାର୍ଯ୍ୟାଳୟ ଓ ବାସଭବନ ସମେତ ଏକାଧିକ ସ୍ଥାନରେ ଚଢଉ କରାଯାଇଥିଲା ଚଢଉ ବେଳେ ତାଙ୍କ ନିକଟରୁ ୨୫ ଲକ୍ଷ ୬୮ ହଜାର ୩୭୭ ଟଙ୍କାର ଆୟ ବର୍ହିଭୂତ ସମ୍ପତ୍ତି ଠାବ ହୋଇଥିଲା । ୧୯୮୮ରୁ ୨୦୦୮ ମସିହା ମଧ୍ୟରେ ସରକାରୀ ଚାକିରି କାଳ ଭିରେ ସେ ଉପରୋକ୍ତ ଟଙ୍କା ଠୁଳ କରିଥିବା ଭିଜିଲାନ୍ସ ଜାଣିବାକୁ ପାଇଥିଲା । ଯାହ ତାଙ୍କ ପ୍ରକୃତ ଆୟ ଠାରୁ ୧୬୨.୯୩ % ରହିଥିଲା । ସରକାରୀ ଚାକିରି ଏ ନେଇ ଭିଜିଲାନ୍ସରେ ୧୭/୨୦୦୮ରେ ଏକ ମାମଲା ରୁଜୁ ହୋଇଥିଲା । ଭିଜିଲାନ୍ସର ତତକାଳୀନ ଇନ୍ସପେକ୍ଟର ଡିଟିଆର ପଟ୍ଟନାୟକ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ । ବିଚାରଣ ବେଳେ ମୋଟ ୧୯ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଜଜ ଆଜି ଉପରୋକ୍ତ ରାୟ ଶୁଣାଇଥିଲେ । ରାୟ ପ୍ରକାଶ ବେଳେ କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୋର୍ଟରେ ହାଜର ହୋଇଥିଲେ । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା ମକଦ୍ଦମା ପରିଚଳନା କରୁଥିଲେ ।

# ହତ୍ୟାକାରୀକୁ ଆଜୀବନ ଜେଲ

ବ୍ରହ୍ମପୁର, (ସବ୍ୟୁ): ଜିଲା ଦୌରା ଜଜ ଡ. ଭାଗ୍ୟଲକ୍ଷ୍ମୀ ରଥ ଶନିବାର ଏକ ହତ୍ୟା ମାମଲାର ଶୁଣାଣି କରିଛନ୍ତି। ହତ୍ୟାକାରୀଙ୍କୁ ସେ ଆଜୀବନ କାରାଦଣ୍ଡରେ ଦଣ୍ଡିତ ପାଇଁ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ସେ ହେଲେ ହିଂଜିଳିକାଟୁ ଥାନା ଅନ୍ତର୍ଗତ ସୋମପୁର ଗ୍ରାମର ସୀମା ମହାରଣା(୩୫)। ଅଭିଯୁକ୍ତଙ୍କୁ ୩୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି ଜଜ। ୨୦୨୨ଅକ୍ଟୋବର ୯ ତାରିଖରେ ସଚିନ ମହାରଣାଙ୍କୁ ଉକ୍ତ ସୀମା ମହାରଣା ତାଙ୍କ ଘରୁ ଡାକି ନେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସଚିନ ଘରକୁ ଫେରିନଥିଲେ। ଘର ଲୋକ ସୀମା କୁ ପଚାରିବାରୁ ସେ କିଛି ଜାଣିନଥିବା କହିଥିଲେ। ଘଟଣାର ଦୁଇଦିନ ପରେ ସଦର ଥାନା ନଳିହାଡ଼ ଗ୍ରାମ ପୋଖରୀରେ ଭାସୁଥିବା ଯୁବକଙ୍କ ମୃତଦେହ ପୋଲିସ ଜବତ କରିଥିଲା। ଯୁବକଙ୍କ ପରିଚୟ ମିଳିନଥିଲା। ଖବର ପାଇ ସଚିନଙ୍କ ମା'ପରିବାର ଲୋକ ସଦର ପୋଲିସ ଉପସ୍ଥିତିରେ ମୃତଦେହ ଚିହ୍ନଟ କରିଥିଲେ। ପରେ ପୋଲିସ ସୀମା ମହାରଣାଙ୍କୁ ଥାନାକୁ ଆଣି ପଚରାଉଚରା ପରେ ସେ ସଚିନଙ୍କୁ ନଳିହାଡ଼ ଗ୍ରାମରେ ଥିବା ପୋଖରୀରେ ଠେଲି ହତ୍ୟା କରିଥିବା ସ୍ୱୀକାର କରିଥିଲେ। ପୋଲିସ ମାମଲା ନଂ ୫୬୪/୨୨ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଏସ୍ଆଇପିଓ ଶିବ ଶଙ୍କର ମହାପାତ୍ର କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। କିଛି ମାସ ପରେ ସୀମା ମହାରଣାଙ୍କୁ ଜାମିନ ମିଳିଥିଲା। ମାମଲାର ବିଚାରଣା ବେଳେ୧୯ ଜଣ ସାକ୍ଷୀଙ୍କ ବୟାନ କୁ ଆଧାର କରି ପ୍ରମାଣ ମିଳିଥିବାରୁ ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ବିଶ୍ୱଜିତ ବରାଳ ମକଦ୍ଦମା ପରିଚାଳନା କରିଥିଲେ।

# ବିଜୁ ପଟ୍ଟନାୟକ ପାର୍କ ଯୋଗ ସାଧନା କେନ୍ଦ୍ରର ବାର୍ଷିକୋତ୍ସବ



ଭୁବନେଶ୍ୱର, (ସବ୍ୟୁ) : ସ୍ଥାନୀୟ ବିଜୁ ପଟ୍ଟନାୟକ ପାର୍କ (ଫରେଷ୍ଟ ପାର୍କ) ପରିସରରେ ଭାରତୀୟ ଯୋଗ ସଂସ୍ଥାନ ନୂଆଦିଲ୍ଲୀ ପକ୍ଷରୁ ପରିଚାଳିତ ନିଃଶୁଳ୍କ ଯୋଗ ସାଧନା କେନ୍ଦ୍ରର ୧୮ତମ ବାର୍ଷିକ ଉତ୍ସବ ପବିତ୍ର ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ଘୋଷଯାତ୍ରା ଦିନ ପ୍ରାତଃ ଘ.୫.୩୦ ମି.ରେ ପାଳିତ ହୋଇଯାଇଛି । ଉତ୍ସବକୁ ଶଙ୍ଖ ଧ୍ୱନି, ଓମ୍ କାର ଧ୍ୱନି, ଗାୟତ୍ରୀ ମନ୍ତ୍ର, ହୁଳହୁଳି, କରତାଳି ଓ ଆନନ୍ଦ ଉତ୍ସବ ମଧ୍ୟରେ ମୁଖ୍ୟ ଅତିଥି ଡ.ପ୍ରଶାନ୍ତ କୁମାର ଆଚାର୍ଯ୍ୟ, ସମ୍ମାନୀୟ ଅଧ୍ୟକ୍ଷ ଶିବାନନ୍ଦ ଯୋଗ ବେଦାନ୍ତ ଏକାଡେମୀ ଭୁବନେଶ୍ୱର, ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଓଡିଶା ପ୍ରାନ୍ତ ମୁଖ୍ୟ ସୁରେଶ କୁମାର ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ । ମଞ୍ଚାସୀନ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା ପ୍ରଧାନ ଡ. ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଜିଲ୍ଲା ମନ୍ତ୍ରୀ ଗୋପାଳ କୃଷ୍ଣ ବେହେରା, ଜିଲ୍ଲା ସଙ୍ଗଠନ ମନ୍ତ୍ରୀ, ଗୋବିନ୍ଦ ଚନ୍ଦ୍ର ପାଢୀ, କ୍ଷେତ୍ର ପ୍ରଧାନ, ଶ୍ରୀମତୀ ସବିତା ପଣ୍ଡା ଓ କେନ୍ଦ୍ର ପ୍ରମୁଖ, ରେବତୀ ବଲ୍ଲଭ ସାମନ୍ତରାୟ ଉପସ୍ଥିତ ଥିଲେ । ସୁରେଶ କୁମାର ମହାପାତ୍ର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ସଂସ୍ଥା ତରଫରୁ ନିଃଶୁଳ୍କ ଯୋଗଶିକ୍ଷା ପ୍ରଦାନ କରାଯାଇଥାଏ ଏବଂ ତତ୍‌ସହିତ ସଂସ୍ଥା ସମାଜ ସେବା ଓ ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରିଥାଏ । ଉପସ୍ଥିତ ସାଧକ ଓ ସାଧିକା ତଥା ଯୋଗପ୍ରେମୀ ଭାଇ ଓ ଭଉଣୀମାନଙ୍କୁ ବିଜୁ ପଟ୍ଟନାୟକ କେନ୍ଦ୍ରର ବରିଷ୍ଠ ସାଧକ ଓ ସାଧିକା କ୍ରିଷ୍ଣା ଅଗ୍ରଓ୍ୱାଲା ଜୀ, ସସ୍ମିତା ଜୀ, ପ୍ରଣତୀ ଜୀ, ମଞ୍ଜୁ ଜୀ ଓ ପ୍ରବୀର ଜୀ ପ୍ରମୁଖ ସୁକ୍ଷ୍ମ କ୍ରିୟା, ଧ୍ୟାନ,ଆସନ ଓ ପ୍ରାଣାୟାମ ଇତ୍ୟାଦି ଅଭ୍ୟାସ କରାଇଥିଲେ । ମୁଖ୍ୟ ଅତିଥି ଡ.ପ୍ରଶାନ୍ତ କୁମାର ଆଚାର୍ଯ୍ୟ ତାଙ୍କର ବକ୍ତବ୍ୟରେ ନିୟମିତ ଯୋଗାଭ୍ୟାସର ଉପକାରିତା ବିଷୟରେ ବିଷଦ ଭାବେ ବ୍ୟାଖ୍ୟା କରିଥିଲେ । କେନ୍ଦ୍ର ପ୍ରମୁଖ ରେବତୀ ବଲ୍ଲଭ ସାମନ୍ତରାୟ କେନ୍ଦ୍ରର ବାର୍ଷିକ ବିବରଣୀ ପାଠ କରିଥିଲେ । ଜିଲ୍ଲା ସାଂଗଠନ ମନ୍ତ୍ରୀ ଗୋବିନ୍ଦ ଜୀ ଓ କ୍ଷେତ୍ର ପ୍ରଧାନ ସବିତା ଜୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଓ ବରିଷ୍ଠ ସାଧକ ଗୌରାଙ୍ଗ ଜୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସାଧକ ସାଧିକା ପ୍ରଶାନ୍ତ ଜୀ, କୁମୁଦ ଜୀ, ସସ୍ମିତା ଜୀ ଓ ଇନ୍ଦ୍ରମଣୀ ଜୀ, ପ୍ରତିମା ଜୀ ପ୍ରମୁଖ ଉପସ୍ଥିତ ୨୫୦ରୁ ଉର୍ଦ୍ଧ୍ୱ ସାଧକସାଧିକା ତଥା ଯୋଗପ୍ରେମୀ ଭଉଣୀ ଓ ଭାଇମାନଙ୍କୁ ପ୍ରସାଦ ବଣ୍ଟନ କରିଥିଲେ । ଗୌରାଙ୍ଗ ଜୀ, ପ୍ରଣତି ଜୀ ଓ ସୁମତୀ ଜୀ ପ୍ରମୁଖ ଜଗନ୍ନାଥ ଭଜନ ପରିବେଷଣ କରିଥିଲେ । ତତ୍‌ପରେ କ୍ଷେତ୍ର ପ୍ରଧାନ ଶ୍ରୀମତୀ ସବିତା ଜୀ ସାମୁହିକ ଶାନ୍ତି ପାଠ କରିଥିଲେ । ଶେଷରେ ସାଧିକା ବାସନ୍ତୀ ଜୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ହେଉନି ରାସ୍ତା ମରାମତି, ବାରମ୍ବାର ଘଟୁଛି ଦୁର୍ଘଟଣା

ବୁଗୁଡ଼ା ,(ସବ୍ୟୁ) :ବୁଗୁଡ଼ା ସହରର ଅରବିନ୍ଦ ନଗର ମୁଖ୍ୟ ରାସ୍ତା ଏବେ ମରଣଯନ୍ତା ପାଲଟିଛି ।ବାରମ୍ବାର ଅଭିଯୋଗ ସତ୍ତ୍ୱେ ମରାମତି ହେଉ ନଥିବାରୁ ଦୈନିକ ଛୋଟ ବଡ଼ ଦୁର୍ଘଟଣା ମାନ ଘଟୁଛି । ପୂର୍ବରୁ ଏହି ରାସ୍ତାରେ ପଡ଼ିଥିବା ପେଭେର ଭାରି ଯାନ ଯୋଗୁଁ ପେଭେର ଉଠି ଖାଲ ଖମା ହୋଇଯାଇଛି । ବର୍ଷା ପାଣି ଜମି ରହିବା ଫଳରେ ଖାଲ ଦେଖା ଯାଉ ନଥିବାରୁ ଯାନବାହାନ ଧରି ସେହି ରାସ୍ତାରେ ଯିବାବେଳେ ଗାଡ ଯୋଗୁଁ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ଅରବିନ୍ଦ ନଗରରେ ଅନେକ କୋଚିଂ ସେଣ୍ଟର ରହିଥିବାରୁ ସେହି ରାସ୍ତା ଦେଇ ସ୍କୁଲ ଓ କଲେଜର ଶହ ଶହ ଛାତ୍ରଛାତ୍ରୀ ଦୈନିକ ଦୁଇ ବେଳା ଯିବାଆସିବା କରିବା ସମୟରେ ସେହି ଗାଡ ଜାଗାରେ ହିଁ ସମସ୍ୟାରେ ପଡୁଛନ୍ତି । ଦୀର୍ଘ ଦିନ ହେଲା ସେହି ରାସ୍ତାରେ ଏଭଳି ଗାଡ ସୃଷ୍ଟି ହୋଇଥିଲେ ହେଁ ତାହା ସ୍ଥାନୀୟ ଏନଏସି ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଥିବାରୁ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି । ବିଶେଷ କରି ବର୍ଷା ହେଉଥିବା ସମୟରେ ସେହି ଗାଡଟି ଜଳପୂର୍ଣ୍ଣ ରହୁଥିବାରୁ ପଦଚାରୀଙ୍କ ପାଇଁ ସମସ୍ୟା ସାଙ୍ଗକୁ ଯାନବାହାନ



ଚାଳକଙ୍କ ପାଇଁ ବିପଦଜ୍ଜନକ ପରିସ୍ଥିତି ସୃଷ୍ଟି କରୁଛି । ଅନେକ ସମୟରେ ବିଭିନ୍ନ ଯାନବାହାନ ସେଠାରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ତେଣୁ , ଅରବିନ୍ଦ ନଗର ରାସ୍ତାରେ ରହିଥିବା ସେହି ବିପଦ ଆହ୍ୱାନକାରୀ ଗାଡ଼କୁ ମରାମତି କରିବା ଦିଗରେ ଯଥାଶୀଘ୍ର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଏନଏସି କର୍ତ୍ତୃପକ୍ଷଙ୍କ ନିକଟରେ ଜନସାଧାରଣଙ୍କ ପକ୍ଷରୁ ଦୃଢ ଦାବି ହେଉଛି । ଏ ନେଇ ଏନ ଏ ସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପଚାରିବାରେ ଏହି ରାସ୍ତାରେ ଭାରି ଯାନ ନ ନେବା ପାଇଁ ଅନୁରୋଧ କରାଯାଉଥିଲେ ହେଁ କିଛି ବ୍ୟବସାୟୀ ଏହାକୁ ମାନୁ ନଥିବା କହି ତୁରନ୍ତ ଏହି ରାସ୍ତାର ମରାମତି କରାଯିବ ବୋଲି ପ୍ରତିଶୃତି ଦେଇଛନ୍ତି ।

## ମଦୁଆ ଚାଳକ ଗିରଫ ଟ୍ରଲର ଜବତ

ଠାକୁରଗଡ ,(ସବ୍ୟୁ):ହଣ୍ଡପା ପୋଲିସ ଶୁକ୍ରବାର ଦିନ ହଣ୍ଡପା ଅଞ୍ଚଳ ରେ ଗାଡି ମଟର ଯାଞ୍ଚ କରିଛି । ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଗାଡ଼ି ଅଟକାଇ ଯାଞ୍ଚ କରାଯାଇଥିଲା । ଏଥିରେ କାଗଜପତ୍ର ସହ ଅନ୍ୟାନ୍ୟ ଯାଞ୍ଚ କରାଯାଇଥିଲା । ଏହି ସମୟରେ ମଦ୍ୟପାନ କରି ଟ୍ରଲର ଚଲାଉଥିବା ଅଭିଯୋଗରେ ଉତ୍ତରପ୍ରଦେଶ ଅଞ୍ଚଳର ବାବୁଲି ଚୌଧୁରୀଙ୍କୁ ଗିରଫ କରାଯାଇଛି । ଏଥିସହ ସେ ଚଲାଉଥିବା ଟ୍ରଲର (ସିଜି ୧୩ ଏଡବ୍ଲୁ ୩୩୫୧ ) କୁ ଜବତ କରାଯାଇଛି । ପୋଲିସ କହିଛି ଯେ ସେ ମଦ୍ୟପାନ କରି ବେପାରୁଆ ଭାବରେ ଗାଡି ଚଲାଉଥିବା ବେଳେ ପୋଲିସ ତାଙ୍କୁ ଯାଞ୍ଚ କରି ଗିରଫ କରିଛି ।

## ଯୁବକଙ୍କୁ ପଥରରେ ଆକ୍ରମଣ

ଠାକୁରଗଡ ,(ସବ୍ୟୁ): ହଣ୍ଡପା ଥାନା ମାଙ୍କଡଚୁଆ ଗ୍ରାମର ଶତ୍ରୁଘ୍ନ ର୍ମିଧା ଙ୍କୁ ସେହି ଗ୍ରାମର ଅରୁଣ ର୍ମିଧା ଏକ ପଥରରେ ଆକ୍ରମଣ କରିଥିବା ଶତ୍ରୁଘ୍ନ ର୍ମିଧା ଶୁକ୍ରବାର ଦିନ ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତି କରି ପୋଲିସ ନମ୍ବର ୨୩୦/୨୫ ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି ଯେ ଶତ୍ରୁଘ୍ନ ତାଙ୍କ ଗାଈ ନେଇ ଏକ ପଡିଆରେ ଚାରାଉଥିଲେ । ଏହି ସମୟରେ ଅରୁଣଙ୍କ ଗାଈ ମଧ୍ୟ ଉକ୍ତ ପଡିଆରେ ଚରୁଥିବା ବେଳେ ଶତ୍ରୁଘ୍ନଙ୍କ ଗାଈ ଗୁଡିକ ମିଶି ଯାଇଥିଲା । ଫଳରେ ଏଥିରେ ଅରୁଣ ଉତକ୍ଷିପ୍ତ ହୋଇ ଏକ ବାଡିରେ ମାଡ଼ ମାରିବା ପରେ ଏକ ପଥରେରେ ମୁଣ୍ଡକୁ ଆକ୍ରମଣ କରିଥିବା ଅଭିଯୋଗ ପତ୍ର ରେ ଉଲେଖ କରାଯାଇଛି ।

## ଘରେ ରଶିରେ ବାନ୍ଧି ଯୁବକଙ୍କୁ ମାଡ଼

ଠାକୁରଗଡ,(ସବ୍ୟୁ): ହଣ୍ଡପା ଥାନା କଟରଙ୍ଗା ଗ୍ରାମରେ ଶୁକ୍ରବାର ଦିନ ବାଗେଡିଆ ଗ୍ରାମର ଭାଗିରଥି ନାୟକଙ୍କୁ ରଶରେ ଆମ୍ଭମୁଣ୍ଡା ଗ୍ରାମର ବାସୁ ନାୟକ , ତାଙ୍କ ପତ୍ନୀ ବାରି ନାୟକ ମିଶି ବାନ୍ଧି ମାଡ଼ ମାରିବା ସହ ହତ୍ୟା କରିବା ପାଇଁ ଯୋଜନା କରାଯାଇଥିବା ଭାଗିରଥି ଙ୍କ ପତ୍ନୀ ସୁକାନ୍ତି ନାୟକ ହଣ୍ଡପା ଥାନାରେ ଶୁକ୍ରବାର ଦିନ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗକୁ ଭିତକରି ପୋଲିସ ନମ୍ବର ୨୨୮/୨୫ ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି ଯେ ଭାଗିରଥି ତାଙ୍କ ବାଇକ ଯୋଗେ ଅଙ୍ଗପଡା ଏକ ଝିଅ ଦେଖିବାକୁ ଯାଇ ଘରକୁ ଆମ୍ଭମୁଣ୍ଡା ଦେଇ ଆସୁଥିବାବେଳେ ତାଙ୍କୁ ଉଭୟ ସ୍ୱାମୀ ସ୍ତ୍ରୀ ଅଟକାଇ ମାଡ଼ ମାରିଥିଲେ । ପରେ ଏକ ରଶି ରେ ବାନ୍ଧି ତାଙ୍କୁ ମାଡ଼ ମାରିବା ସହ ହତ୍ୟା କରିବା ପାଇଁ ଉଦ୍ୟମ କରିଥିବା ସେ ଅଭିଯୋଗପତ୍ର ରେ ଉଲେଖ କରିଛନ୍ତି ।

### ହାଇୱା ପଛରେ ଧକ୍କା ଦେଲା ନାଇଟ କୋଚ ବସ

## ମାଆ,ଝିଅ ଓ ଜଣେ ଶିଶୁ ଗୁରୁତର

ଢେଙ୍କାନାଳ,(ସବ୍ୟୁ): ଢେଙ୍କାନାଳ ଜିଲ୍ଲା ସଦରଥାନା ଝାରଗାଡିଆ ଫାଣ୍ଡି ଅନ୍ତର୍ଗତ ୫୫ ନମ୍ବର ଜାତୀୟ ରାଜପଥର ସିମିନଇ ବାଇପାସ ରାସ୍ତାରେ ମର୍ମନ୍ତୁଦ ଦୁର୍ଘଟଣା ଘଟି ଅଳ୍ପକେ ୧୦ରୁ ଅଧିକ ଯାତ୍ରୀ ରକ୍ଷା ପାଇଯାଇଛନ୍ତି ।

ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ପଞ୍ଚୁପଟି ଠାରୁ ଝାରଗାଡିଆ ପର୍ଯ୍ୟନ୍ତ ୫୫ ନମ୍ବର




ଜାତୀୟ ରାଜପଥରେ ସାଢେ ତିନି କିଲୋମିଟର ବାଇପାସ ରାସ୍ତା ନିର୍ମାଣ ହୋଇଛି। ଏହି ରାସ୍ତାରେ ଗାଡି ଗୁଡିକ ଅତି ଦ୍ରୁତ ଗତିରେ ଯାତାୟତ କରୁଛି। ଶୁକ୍ରବାର ବିଳମ୍ବିତ ରାତିରେ ହିରାକୁଦରୁ ଏକ ଯାତ୍ରାବାସୀ ନାଇଟ କୋଚ ବସ ଡାଫୋଡିଲସ ନାମକ ଶୁଭମ ବସ ନଂ ଓଡି୧୫ସି୩୧୫୫ ସେଠାରୁ ରାତି ୯ଟା ୪୫ରେ ବାହାରି ଭୁବନେଶ୍ୱର ଯାଉଥିଲା। ବସଟି ଦ୍ରୁତ ଗତିରେ ବାଇପାସ ଦେଇ ଯାଉଥିବା ବେଳେ ଗଦାଶିଳା ନିକଟସ୍ଥ ୫୫ ନମ୍ବର ଜାତୀୟ ରାଜପଥ ବାଇପାସ ରାସ୍ତାରେ ଏକ ବଡ ହାଇୱା ଟ୍ରକ ନଂ ଓଡି୦୪ଆର୫୭୮୯ ଛିଡା ହୋଇଥିବା ବେଳେ ବସଟି ପଛ ପାଖରୁ ଦ୍ରୁତ ଗତିରେ ଧକ୍କା ଦେଇଥିଲା। ଫଳରେ ବସର ସମ୍ମୁଖ ଭାଗ ଏକପ୍ରକା ଟ୍ରକର ପଛରେ ପଶିଯାଇଥିଲା। ଟ୍ରକର ପଛପାଖରେ ପିଟି ହେବାରୁ ବସରେ ଥିବା ମା,ଝିଅ ଓ ଅନ୍ୟ ଜଣେ ଶିଶୁ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକ ଏବଂ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯାତ୍ରୀମାନଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ।ବସ ଚାଳକର ଆଖି ଲାଗିଯିବାରୁ ବସ ଦୁର୍ଘଟଣା ଘଟିଛି ବୋଲି ଯାତ୍ରୀ ପ୍ରକାଶ କରିଛନ୍ତି। ବସର ସମସ୍ତ ଷ୍ଟାଫ ବସ ଛାଡି ଫେରାର ହୋଇଯାଇଛନ୍ତି। ପୋଲିସ ବସ ଓ ଟ୍ରକକୁ ଜବତ କରି ଯାତ୍ରୀମାନଙ୍କୁ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଏହି ଦୁର୍ଘଟଣାରେ ହିରାକୁଦରୁ ଭୁବନେଶ୍ୱର ଯାଉଥିବା ଲକ୍ଷ୍ମୀ ଆଚାର୍ଯ୍ୟଙ୍କ ଝିଅ ପୂଜା ଆଚାର୍ଯ୍ୟ , କେନ୍ଦ୍ରାପଡାର ବିଜୟକୁମାର ବେହେରାଙ୍କ ପତ୍ନୀ ପ୍ରତିମା ବେହେରାଓ ପୁଅ ଅଭିଜିତ ଏବଂ କଟକ ଝାରପଦାର ବିଶ୍ୱରଞ୍ଜନ ବେହେରା ଆହତହୋଇଥିବାର ଜଣାପଡିଛି।ବସରେ ଯାତ୍ରା କରୁଥିବା ଅନ୍ୟ ଯାତ୍ରୀମାନେ ସାମାନ୍ୟ ଆହତ ହୋଇଥିବାର ଜଣାପଡିଛି। ଦୁର୍ଘଟଣା ପରେ ବସର କର୍ମଚାରୀ ମାନେ ଫେରାର ହେବାକୁ ନେଇ ଯାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ବାଇପାସ ରାସ୍ତାରେ ଅତି ଦ୍ରୁତ ଗତିରେ ଗାଡି ଗୁଡିକ ଯାତ୍ରା କରୁଥିବାରୁ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନୀ ହେଉଛି।

## ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଯୋଗଦାନ

କରଞ୍ଜିଆ (ସବ୍ୟୁ) : ମୟୁରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକରେ ବହୁ ଦିନ ଧରି ଖାଲି ପଡ଼ିଥିବା ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ପଦବୀରେ ବୁଧବାର ଦିନ ସନ୍ତୋଷ କୁମାର ମିଶ୍ର ଯୋଗ ଦେଇଛନ୍ତି । ୨୪ ତାରିଖରେ ଠାକୁରମୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ରିଲିଭ ଅର୍ଡର ପାଇବା ପରେ ଠାକୁରମୁଣ୍ଡା ଶିକ୍ଷକ ସଂଘ ପକ୍ଷରୁ ସସମ୍ମାନେ ନିଜ ବାସଭବନ କରଞ୍ଜିଆକୁ ଆଣି ଛାଡ଼ିବା ସମୟରେ ଶିଶୁ ମନ୍ଦିର ଛକରେ କରଞ୍ଜିଆ ଶିକ୍ଷକ ସଂଘ ପକ୍ଷରୁ ତାଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ।

## ସମଲରେ ଘୋଷଯାତ୍ରା,ବିଧାୟକଙ୍କ ଯୋଗଦାନ



ଗୋଡ଼ିବନ୍ଧ,(ସବ୍ୟୁ): କଣିହାଁ ବ୍ଲକ ସମଲ ଗ୍ରାମରେ ଧୁମଧାମରେ ଘୋଷ ଯାତ୍ରା ସମ୍ପନ୍ନ ହୋଇଛି । ରୀତିନୀତି ଅନୁଯାୟୀ ନିଘଣ୍ଟ ଅନୁସାରେ ଛେରା ପହଁରା କରି ମହାପ୍ରଭୁଙ୍କୁ ରଥାରୂଢ଼ କରାଯାଇଥିଲା । ପହଣ୍ଡି ବିଜେ ସାରି ଅପରାହ୍ନ ୪ଟା ରେ ହଜାର ହଜାର ସଂଖ୍ୟାର ଶ୍ରଦ୍ଧାଳୁଙ୍କ ଦ୍ୱାରା ରଥଟଣା ଆରମ୍ଭ ହୋଇଥିଲା । ଘଣ୍ଟ ନାଦରେ ସମଲ ଗ୍ରାମର ବଡ଼ଦାଣ୍ଡ ଉତ୍ସବ ମୁଖରିତ ହୋଇ ଉଠିଲା । ସନ୍ଧ୍ୟା ୬ଟାରେ ତିନି ଠାକୁର ପ୍ରଭୁ ଜଗନ୍ନାଥ, ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ମାଉସୀ ମା' ମନ୍ଦିରରେ ପହଞ୍ଚିଥିଲେ । ମାଉସୀ ମା ପୂଜକ ବିଦ୍ୟାଧର ସାହୁ ପ୍ରଭୁଙ୍କ ମନ୍ଦିର ଭିତରକୁ ପାଛୋଟି ନେଇଥିଲେ । ମାଉସୀ ମା' ଙ୍କ ମନ୍ଦିରରେ ପ୍ରତ୍ୟେକ ଦିନ ନିଶୁଳ୍କ ଅନ୍ନପ୍ରସାଦ ସହ ଭଜନ କୀର୍ତ୍ତନ ସମୋରୋହ ଅନୁଷ୍ଠିତ ହେବ ବୋଲି ମନ୍ଦିରର ଅଧ୍ୟକ୍ଷ ବିଦ୍ୟାଧର ସାହୁ ପ୍ରକାଶ କରିଛନ୍ତି । ପ୍ରତ୍ୟେକ ଦିନ ଭକ୍ତ ଆସି ପ୍ରଭୁଙ୍କ ଦର୍ଶନ କରି ଅନ୍ନପ୍ରସାଦ ଗ୍ରହଣ କରିବାକୁ ଅଧକ୍ଷ ଶ୍ରୀ ସାହୁ ଭକ୍ତଙ୍କୁ ନିବେଦନ କରିଛନ୍ତି । ରଥର ଡାହାଣ ପାର୍ଶ୍ୱରେ ମହିଳା ଓ ବାମପାର୍ଶ୍ୱରେ ପୁରୁଷ ଭକ୍ତ ଯୋଗଦେଇ ଶୃଙ୍ଖଳିତ ଭାବେ ରଥ ଟାଣଥିଲେ । ଆଖପାଖ ଅଞ୍ଚଳର ହଜାର ହଜାର ଭକ୍ତ ଯୋଗ ଦେଇଥିଲେ । ପାଳଲହଡା ବିଧାନସଭା କ୍ଷେତ୍ରର ବିଧାୟକ ଅଶୋକ କୁମାର ମହାନ୍ତି, କଣିହାଁ ବ୍ଲକ ଅଧ୍ୟକ୍ଷ ରାମ କୃଷ୍ଣ ପ୍ରଧାନ ଯୋଗ ଦେଇ ଶ୍ରଦ୍ଧାଳୁଙ୍କ ସହିତ ରଥ ଟାଣିଥିଲେ । ରଥ ନିର୍ମାତାମହାରଣା କ୍ରିଷ୍ଣା ନନ୍ଦ,ଗ୍ରାମ୍ୟ ସଭାପତି ତୋଷମଣି ସାହୁ,ସମ୍ପାଦକ ଲିଙ୍ଗରାଜ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଜୟନ୍ତ ସାହୁ,ଗୋପାଳ ସାହୁ,ଯୋଗେନ୍ଦ୍ର ସାହୁ,ପ୍ରମୋଦ ପ୍ରଧାନ,ଗୋପବନ୍ଧୁ ସାହୁ ସମେତ ସମଲ, ଟିପୋ, ବିଲିଣ୍ଡା, ବିକିସର, ସ୍ୱେଚ୍ଛାସେବୀ, ଡ୍ରାଇଭର ସଙ୍ଘ, ମନ୍ଦିର କମିଟି ସହଯୋଗ କରିଥିଲେ । ସମଲ ପୋଲିସ ଶାନ୍ତି ଶୃଙ୍ଖଳା ଶହ ରଥ ଟଣାରେ ସହଯୋଗ କରିଥିଲେ ।

## କର୍ମବେଦୀରୁ ଜନ୍ମବେଦୀରେ ପହଞ୍ଚିଲେ କଳାସାଆନ୍ତେ

ତାଳଚେର,(ସବ୍ୟୁ): ଚର୍ତୁଦ୍ଧା ମୂରତୀ ଗତକାଲି ରାତ୍ରିରେ ରଥ ଉପରେ ପୂଜା ପାଇ ସାରିବା ପରେ ଭକ୍ତ ଚତୁର୍ଦ୍ଧାମୂରତୀଙ୍କୁ ଦର୍ଶନ କରିଥିଲେ । ଗତକାଲି ବଡ଼ଦାଣ୍ଡ ଚଳଚଂଚଳ ହୋଇଥିବା ସହିତ ଘଂଟଘଂଟା, ହୁଳହୁଳି ନାଦରେ ଚର୍ତୁଦ୍ଦିଗ ପ୍ରକମ୍ପିତ ହେବା ସହିତ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ଓ ସେଠାରେ ଏକ ଭଜନସମାରୋହ ଅନୁଷ୍ଠିତ ହୋଇଥିଲା । ଆଜି ପୂରୋହିତ ବିଧି ଅନୁସାରେ ରଥ ଉପରେ ପୂଜାପାଠ ସାରିବା ପରେ ଅପରାହ୍ନ ସମୟରେ ଚତୁର୍ଦ୍ଧା ମୂରତୀଙ୍କୁ ରଥତଳକୁ ଅଣାଯାଇ ରାଣୀମନ୍ଦିର ନିକଟରୁ ବଡ଼ବଜାର ଦେଇ ଧାଡ଼ି ପହଣ୍ଡିରେ ସେବାୟତମାନଙ୍କ ଦ୍ୱାରା ଗୁଣ୍ଡିଚା ମନ୍ଦିରକୁ ଅଣାଯାଇଥିଲା । ସେବାୟତମାନଙ୍କ ଦ୍ୱାରା ତିନିଦିଅଙ୍କୁ ଗୁଣ୍ଡିଚା ମନ୍ଦିରର ଆଡ଼ପ ମଣ୍ଡପରେ ବସାଇ ବେଶ କରାଯାଇ ଆଳତୀ ଓ ଭୋଗ ଲଗାଯାଇଥିଲା ଏବଂ ଭକ୍ତମାନଙ୍କୁ ଦର୍ଶନ କରିବା ନିମନ୍ତେ ମନ୍ଦିର ଭିତରକୁ ଛଡ଼ା ଯାଇଥିଲା । ସେଠାରେ ଭକ୍ତମାନେ ଚତୁର୍ଦ୍ଧା ମୂରତୀଙ୍କୁ ଦର୍ଶନ କରିବା ସହିତ ପ୍ରସାଦ ବଂଟନ କରାଯାଇଥିଲା । ସନ୍ଧ୍ୟା ସମୟରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ମାନଙ୍କ ଦ୍ୱାରା ଭଜନସମାରୋହ ଅନୁଷ୍ଠିତ ହୋଇଥିଲା । ଏହି ଭଜନ ସମାରୋହ ୯ଦିନ ବ୍ୟାପି ଅନୁଷ୍ଠିତ ହେବ ।

## ଶୋଚନୀୟ ରାସ୍ତାକୁ ମରାମତି କଲେ ଗ୍ରାମବାସୀ



ଠାକୁରଗଡ ,(ସବ୍ୟୁ):ଗ୍ରାମାଞ୍ଚଳକୁ ସଂଯୋଗୀକରଣ କରିବା ପାଇଁ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ନୂତନ ରାସ୍ତା ନିର୍ମାଣ କରୁଛନ୍ତି । ଏ ନେଇ କୋଟି କୋଟି ଟଙ୍କା ଅଟକଳ କରାଯାଉଛି । ହେଲେ ଏବେ ବି ଅନେକ ମାଟି ରାସ୍ତା ର ଉନ୍ନତି କରାଯାଉନାହିଁ । ଜଙ୍ଗଲ ଅଧୁସିତ ଅଞ୍ଚଳକୁ ସଂଯୋଗୀ କରଣ କରାଯାଉଥିବା ମାଟି ରାସ୍ତା ଗୁଡିକକୁ ମରାମତି କିମ୍ବା ପକ୍କା ରେ ପରିଣତ କରାଯାଉନଥିବା ଯୋଗୁଁ ଲୋକେ ଅସୁବିଧାର ର ସମ୍ମୁଖୀନ ହେଉଛନ୍ତି । ଯାହାକି ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ମଇମୁରା ପଞ୍ଚାୟତର ଠାକୁରଗଡ – କନ୍ତପଡା ପୂର୍ତ୍ତ ବିଭାଗ ରାସ୍ତାରୁ କୁତୁଲିସିଙ୍ଗା ଗ୍ରାମରୁ ଧୋଡାଖୋଳ ଗ୍ରାମକୁ ଯାଇଥିବା ୨ କିମି ମାଟି ରାସ୍ତା ଏକ ଜ୍ୱଳନ୍ତା ଉଦାହରଣ । ଏହି ରାସ୍ତା ଅତି କଦର୍ଜ ହୋଇଥିବା ବେଳେ ଉକ୍ତ ରାସ୍ତାକୁ ମରାମତି କରାଯାଉନଥିବା ଯୋଗୁଁ ଶନିବାର ଦିନ ଗ୍ରାମବାସୀମାନେ ମରାମତି କରିଛନ୍ତି । ଗ୍ରାମ ସଭାପତି ସଞ୍ଜୟ କୁମାର ପ୍ରଧାନଙ୍କ ନେତୃତ୍ୱରେ ଭାଗିରଥି ବେହେରା , ଗୋପାଳ ସେଠୀ , ରାଜା ପ୍ରଧାନ , ସତ୍ୟ ପ୍ରଧାନ , ସୋମନାଥ ବେହେରା , ହଗୁରୁ ନାୟକ , ସୁଦାମ ପ୍ରଧାନ , ରାଜ କିଶୋର ନାୟକ , ନରୋତ୍ତମ ବେହେରାଙ୍କ ସମେତ ଅଞ୍ଚଳବାସୀ ଏକଜୁଟ ହୋଇ ରାସ୍ତା ମରାମତି କରିଥିଲେ । ଅଞ୍ଚଳବାସୀ କହିଥିଲେ ଯେ ଜଙ୍ଗଲ ଅଧୁସିତ ଅଞ୍ଚଳ ରେ ଏହି ଗ୍ରାମ ଥିବାବେଳେ ଏହି ଗ୍ରାମର ମୁଖ୍ୟ ରାସ୍ତାକୁ ଉନ୍ନତକରଣ କରାଯାଉନାହିଁ । ବିଶେଷ କରି ଏହି ରାସ୍ତା ମାଟି ହୋଇଥିବା ବେଳେ ଏହି ରାସ୍ତା ଉପରେ ଧୋଡାଖୋଳ ,କଳିଚିକଟା , ଗୋପପୁର ଗ୍ରାମବାସୀ ଯାତାୟତ ପାଇଁ ନିର୍ଭର ଶୀଳ । ଏହି ୨ କିମି ରାସ୍ତା ଅତି କଦର୍ଜ ହୋଇ ପଡ଼ିଥିଲେ ମଧ୍ୟ ଏହାକୁ ମରାମତି କରାଯାଉ ନାହିଁ । ବିଶେଷ କରି ୨୦୦୭ ମସିହାରେ ମନରେଗା ଜରିଆରେ ୩ ଲକ୍ଷ ଟଙ୍କାରେ ଏହି ରାସ୍ତା ମାଟି ରାସ୍ତା ନିର୍ମାଣ ହୋଇଥିଲା । ଏବେ ତାହା ପୁରା ଶୋଚନୀୟ ହୋଇପଡିଛି । ଏହି ରାସ୍ତାର ଅନେକ ସ୍ଥାନରେ ଖାଲ ସୃଷ୍ଟି ହୋଇଥିବା ବେଳେ ଏହାକୁ ବ୍ଲକ ପ୍ରଶାସନ ମରାମତି କରୁନାହିଁ । ବିଶେଷ କରି ଅନେକ ସ୍ଥାନରେ ଖାଲ ହୋଇ ପଡିଥିବା ଯୋଗୁଁ ଲୋକେ ଯିବା ଆସିବାରେ ଅସୁବିଧା ସମ୍ମୁଖୀନ ହେଉଛନ୍ତି । ବର୍ଷା ସମୟରେ ଉକ୍ତ ଖାଲରେ ପାଣି ଜମୁଥିବା ଯୋଗୁଁ ଅନେକ ସମୟରେ ଏହି ରାସ୍ତା ଦେଇଯାଉଥିବା ଲୋକେ ପଡି ଆହାତ ହେଉଛନ୍ତି । ବାରମ୍ବାର ଉକ୍ତ ରାସ୍ତାକୁ କଂକ୍ରିଟ କିମ୍ବା ପିଚରେ ପରିଣତ କରିବା ପାଇଁ ଦାବି କରି ଆସୁଥିଲେ ମଧ୍ୟ କେହି ଦୃଷ୍ଟି ଦେଉନାହାନ୍ତି । ଫଳରେ ଶନିବାର ଦିନ ଗ୍ରାମବାସୀ ରାସ୍ତା ମରାମତି କରିଛନ୍ତି । ତୁରନ୍ତ ଉକ୍ତ ରାସ୍ତାକୁ ପିଚୁ କିମ୍ବା କଂକ୍ରିଟକରଣ କରିବା ପାଇଁ ଗ୍ରାମବାସୀ ମାନେ ଦାବି କରିଛନ୍ତି । ଏ ନେଇ ଆଠମଲ୍ଲିକ ବିଡିଓ ଟିଟସ ମହାନନ୍ଦିଆ କୁହନ୍ତି ଉକ୍ତ ରାସ୍ତାକୁ ପ୍ରଶାସନ ପକ୍ଷରୁ ତର୍ଜମା କରାଯାଇ କଂକ୍ରିଟ କରାଯିବା ପାଇଁ ପଦକ୍ଷେପ ନିଆଯିବ ।

### ଟ୍ରାଫିକ ଜାମ ଓ ବର୍ଷା ସାଜିଲା ବାଧକ

## ୬ ମିନଟ୍ ବିଳମ୍ବ, ପରୀକ୍ଷାର୍ଥୀ ଦେଇ ପାରଲେନି ପରୀକ୍ଷା

ତାଳଚେର,(ସବ୍ୟୁ): ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ଅରାହାଟରେ ରହିଥିବା ଆଖଣ୍ଡମଣି ଆଇଟିଆଇରେ ଆଜି ନିଟ୍ ପରୀକ୍ଷା ହେବାକୁ ସ୍ଥିରିକୃତ ହୋଇଥିଲା । ସେହି ଅନୁଯାୟୀ ଆଜି ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ରକୁ ଯିବା ସମୟରେ ଟ୍ରାଫିକଯାମ ଓ ବର୍ଷା ଯୋଗୁଁ ୬ମିନଟ୍ ବିଳମ୍ବରେ ଅର୍ଥାତ୍ ୮.୩୬ ମନିଟରେ ଗେଟ ମୁହଁରେ ପହଞ୍ଚିଥିଲେ । ସେଠାରେ ରହିଥିବା ଆଇଟିଆଇ କର୍ତ୍ତୃପକ୍ଷ ପରୀକ୍ଷାର୍ଥୀମାନଙ୍କୁ ଭିତରକୁ ଯିବାକୁ ବାରଣ କରିଥିଲେ । ଏହାପରେ ପରୀକ୍ଷାର୍ଥୀମାନେ ଅସନ୍ତୋଷ ବ୍ୟକ୍ତ କରିବା ସହିତୁ ପରୀକ୍ଷା ଦେବାକୁ କାକୁତି ମିନତୀ ହୋଇଥିଲେ । ମାତ୍ର କର୍ତ୍ତୃପକ୍ଷ ତିଳେମାତ୍ର ସହଯୋଗ ନକରିନଥିବାରୁ ପରୀକ୍ଷାର୍ଥୀମାନେ କ୍ଷୋଭ ପ୍ରକାଶ କରିବା ସହିତ ପ୍ରଶାସନକୁ ଦାୟୀକରି ପରୀକ୍ଷା ନଦେଇ ମନଦୁଃଖରେ ଫେରି ଆସିଥିଲେ । ତେଣୁ ଉଚ୍ଚାଧିକାରୀ ଏହାର ପୁଙ୍ଖାନୁପୁଙ୍ଖାନୁ ତଦନ୍ତ କରି ପିଲାଙ୍କ ଜୀବନପ୍ରତି ଖେଳଖେଳୁଥିବା ସମ୍ପୃକ୍ତ ଅଧିକାରୀ ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ନିଟ୍ ପରୀକ୍ଷା ବଞ୍ଚିତ ହୋଇଥିବା ଛାତ୍ରଛାତ୍ରୀମାନେ ଦାବି କରିଛନ୍ତି ।

## ଅଧାରେ ଅଟକିଥିବା ରଥ ମାଉସୀ ମା ମନ୍ଦିରରେ ପହଞ୍ଚିଲା

ଢେଙ୍କାନାଳ,(ସବ୍ୟୁ): ଢେଙ୍କାନାଳ ପ୍ରସିଦ୍ଧ ରଥଯାତ୍ରା ଆଜି ଅଧାରୁ ଟଣା ହେବା ପରେ ବାଜିଚୌକ ସ୍ଥିତ ଦୁଇ ରଥ ମାଉସୀ ମାଆ ମନ୍ଦିରରେ ପହଞ୍ଚିଛି। ଭକ୍ତମାନେ ବର୍ଷାରେ ଭିଜି ଭିଜି ଅଧାରେ ଅଟକିଥିବା ରଥକୁ ଉତ୍ସାହର ସହିତ ଟାଣି ଟାଣି ନେଇଥିଲେ । ଶ୍ରୀ ଶ୍ରୀ ବଳରାମ ମନ୍ଦିର ପରିସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ସକାଳ ନୀତି ପାଳନ ପରେ ମହାପ୍ରଭୁଙ୍କର ମଙ୍ଗଳାର୍ପଣ ଓ ସେବା ପୂଜା ହୋଇଥିଲା। ଗତ କାଲି ଦିନ ୩ଟା ୩୯ ମିନିଟରେ ପ୍ରଥମେ ବଡ ରଥ ଏବଂ ପରେ ସାନରଥ ଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ସାନ ରଥକୁ ମହିଳା ମାନେ ଟାଣି ଟାଣି ନେଇଥିଲେ। ସନ୍ଧ୍ୟା ପୂର୍ବରୁ ଦୁଇ ରଥ ମାଉସୀ ମାଆ ମନ୍ଦିରୀ ନିକଟରେପହଞ୍ଚି ପାରିନଥିଲା। ବଡ ରଥ ମହାବୀର ବଜାର ଏବଂ ସାନ ରଥ ଜବାହର ଚୌକ ଠାରେ ଅଟକି ରହିଥିଲା। ଆଜି ପୁଣି ଥରେ ସେହି ରଥକୁ ଭକ୍ତମାନେ ଆନନ୍ଦ ଉଲ୍ଲାସର ସହିତ ପୁଣି ଥରେ ଟାଣି ଟାଣି ନେଇଥିଲେ।

## ଶୈଳଶ୍ରୀକ୍ଷେତ୍ରରେ ଘୋଷଯାତ୍ରା. ୫୦ ହଜାର ଭକ୍ତଙ୍କ ସମାଗମ



ଅନୁଗୋଳ (ସବ୍ୟୁ) ଅନୁଗୋଳର ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରର ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଘୋଷଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି । ଘଣ୍ଟ, ମହୁରୀ ଶବ୍ଦରେ ଫାଟି ପଡୁଥିଲା ପରିବେଶ ଜୟ ଜଗନ୍ନାଥ ଧ୍ୱନିରେ କଂପୁଥିଲା ବଡ଼ଦାଣ୍ଡି । ଆଉ ଭକ୍ତଙ୍କ ଭାବ ରଜ୍ଜୁରେ ଚତୁର୍ଦ୍ଧାମୂର୍ତ୍ତି ଟାଣି ଟାଣି ଯାଉଥିଲେ ଗୁଣ୍ଡିଚାମନ୍ଦିରକୁ । ଶୈଳଶ୍ରୀକ୍ଷେତ୍ରରେ ଅନୁକୂଳ ପାଗ ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା ବେଳେ ସନ୍ଧ୍ୟା ୮ଟା ସୁଦ୍ଧା ୩ ରଥ ଗୁଣ୍ଡିଚା ଚକଡ଼ାରେ ପହଞ୍ଚିଛନ୍ତି ।

ସକାଳ ମନ୍ଦିରରେ ଠାକୁରଙ୍କ ବିଭିନ୍ନ ନୀତି ଶେଷ ହେବା ପରେ ୯ଟା ଆରମ୍ଭ ହୋଇଥିଲା ପହଣ୍ଡି । ୩ ଠାକୁର ଧାଡ଼ି ପହଣ୍ଡିରେ ଆସି ରଥାରୂଢ଼ ହୋଇଥିଲେ । ଠାକୁରଙ୍କ ପହଣ୍ଡି ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଗହଳି ହୋଇଥିଲା । ନିର୍ଦ୍ଧାରିତ ସମୟ ଭିତରେ ୩ ଠାକୁରଙ୍କ ପହଣ୍ଡି ଶେଷ ହେବା ପରେ ରଥ ଉପରେ ଅନ୍ୟାନ୍ୟ ନୀତିବଢ଼ିଥିଲା । ମଧ୍ୟାହ୍ନ ଗୋଟାଏ ବେଳକୁ ଅନୁଗୁଳ ଏସ୍ପି ରାହୁଲ ଜୈନ ରଥରେ ଛେରା ପହଁରା କରିଥିଲା ବେଳେ ମନ୍ଦିର ପରିଚାଳନା କମିଟି ସଂପାଦକ ହେମନ୍ତ ଦାସ, ଉପସଭାପତି ଭବାନୀ ପ୍ରସାଦ ମିଶ୍ର, ପରମାନନ୍ଦ ମିଶ୍ର, ଆନନ୍ଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ପରେ ଚାରମାଳ ଫିଟାଯିବା ସହ ଘୋଡ଼ା ବନ୍ଧା ହୋଇଥିଲାସକାଳ ଅପରାହ୍ନ ୩ଟା ବେଳକୁ ଆରମ୍ଭ ହୋଇଥିଲା ରଥଟଣା । ପ୍ରଥମେ ବଳଠାକୁରଙ୍କ ରଥ ଘୋର ଘର୍ଘର ନାଦ କରି ଆଗକୁ ଗଡ଼ିଥିଲା । କିଛି ସମୟ ପରେ ଦେବୀ ସୁଭଦ୍ରାଙ୍କ ରଥଟଣା ଆରମ୍ଭ ହୋଇଥିଲା । କେବଳ ମହିଳାମାନେ ଦେବୀଙ୍କ ରଥକୁ ଟାଣି ନେଇଥିଲେ । ହେଲେ ବିଳମ୍ବରେ ଗଡ଼ିଥିଲା ଜଗନ୍ନାଥଙ୍କ ନନ୍ଦିଘୋଷ ରଥ । ପ୍ରାୟ ୪ଟା ବେଳକୁ ରଥଟଣା ଆରମ୍ଭହେଲା ବେଳକୁ ଶୈଳଶ୍ରୀକ୍ଷେତ୍ର ଭକ୍ତଙ୍କ ଭିଡ଼ରେ ଉଚ୍ଛୁଳି ଉଠିଥିଲା । ଏଥିପାଇଁ ନନ୍ଦିଘୋଷ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚିଲା ବେଳକୁ ରାତି ସାଢ଼େ ୭ଟା ବାଜି ଯାଇଥିଲା । ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରଥ ଉପରୁ ୩ ଠାକୁର ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି । ଶନିବାର ସନ୍ଧ୍ୟାରେ ୩ ଠାକୁରଙ୍କୁ ପହଣ୍ଡି କରାଯାଇ ଜନ୍ମବେଦୀଙ୍କୁ ନିଆଯାଇଥିଲା ।ଭଲ ପାଗ ଥିବାରୁ ପ୍ରାୟ ୫୦ ହଜାର ଭକ୍ତଙ୍କ ସମାଗମ ହୋଇଥିଲା । ରଥଯାତ୍ରା ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସେବାକାର୍ଯ୍ୟ କରିବା ସହିତ ଶ୍ରଦ୍ଧାଳୁ ମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା ।

## ହିନ୍ଦୋଳ ସଦର ମହକୁମାରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

ହିନ୍ଦୋଳ ,(ସବ୍ୟୁ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡପାଇଁ ମଞ୍ଜୁରୀ ହୋଇଥିବା କେନ୍ଦ୍ରୀୟବିଦ୍ୟାଳୟ ଅନ୍ୟତ୍ର ନିର୍ମାଣ ଷଡଯନ୍ତ୍ରକୁ ବିରୋଧ କରି ସଦରମହକୁମାରେ ଦେଖାଦେଇଛି ବିବାଦ । ଗତ ନିର୍ବାଚନରେ ସଦରମହକୁମାରେ କେନ୍ଦ୍ରୀୟବିଦ୍ୟାଳୟ ପ୍ରତିଷ୍ଠା ଲୋଭଦେଖାଇ ବିଜେପି ନିର୍ବାଚନ ଜିତିଥିଲା ଏବଂ କେନ୍ଦ୍ରୀୟବିଦ୍ୟାଳୟ ସଦରମହକୁମାରେ ମଞ୍ଜୁରୀ ମଧ୍ୟ ହୋଇଥିଲା । ସଦରମହକୁମାରେ ପର୍ଯ୍ୟାପ୍ତ ସ୍ଥାନ ଥିବାସହ ସମସ୍ତ ସରକାରୀ କାର୍ଯ୍ୟାଳୟ, ସ୍କୁଲ,କଲେଜ, ମେଡିକାଲ, ରହିଛି ଏବଂ ଏହା ଗମନାଗମନ ଓ ସୁରକ୍ଷାଦୃଷ୍ଟିରୁ ଉପଯୁକ୍ତସ୍ଥାନ ମଧ୍ୟ ଏବଂ କେନ୍ଦ୍ରୀୟବିଦ୍ୟାଳୟର ସମସ୍ତ ମାନ ପୂରଣ କରୁଅଛି । ମାତ୍ର ୫ଟି ସ୍ଥାନ ନିରୂପଣ ହୋଇଥିଲେ ହେଁ ନିର୍ଦ୍ଧିଷ୍ଟବ୍ୟକ୍ତିଙ୍କ ଚାପରେ ତରବରିଆ ଭାବରେ ଗତସପ୍ତାହରେ ଏକ ନିର୍ଦ୍ଧିଷ୍ଟ ସ୍ଥାନ ଓ ବିଦ୍ୟାଳୟକୁ କେନ୍ଦ୍ରୀୟଯାଞ୍ଚ ଟିମକୁ ନେଇ ସ୍ଥାନ ଫାଇନାଲ କରି ୧୫ଲକ୍ଷଟଙ୍କା ଅନୁଦାନ ମଧ୍ୟ କରିଦିଆଗଲା । ଏହି ସୂଚନା ପାଇବାପରେ ଉପଖଣ୍ଡ ସଦରରେ ଜନଅସନ୍ତୋଷ ଦେଖାଦେଇଛି ଏବଂ ଖୋଦ ଶାସକ ବିଜେପି ଦଳରେ ବିରୋଧ କରାଯିବା ସହ ଏହି ବିରୋଧକୁ ସମର୍ଥନ କରାଯାଇ ଦଳମତ ନିର୍ବିଶେଷରେ ସମସ୍ତେ ସଦରମହକୁମାରେ କେନ୍ଦ୍ରୀୟବିଦ୍ୟାଳୟ ପ୍ରତିଷ୍ଠା ଦାବିକରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ,ସାଂସଦ ରୁଦ୍ରନାରାୟଣ ପାଣି ଓ ବିଧାୟିକା ସୀମାରାଣୀ ନାୟକଙ୍କୁ ଦାବିପତ୍ର ଦେଇ ନିଭରପ୍ରତିଶୃତି ପାଇ ଧନ୍ୟବାଦ ଜଣାଇଛନ୍ତି । ଏହି ପରିପେକ୍ଷୀରେ ସଦରମହକୁମା ବାସି ଢେଙ୍କାନାଳ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି ଏବଂ ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ଅଜୟ ଦାଙ୍କ ସମର୍ଥନ ସହ ହିନ୍ଦୋଳର ବିଜେପି ନଗରସଭାପତି କୁବେର ବେହେରା,କାଉନସିଲର ଦୀପକ ରଞ୍ଜନ ବିଶ୍ୱାଳ,ଦୀପ୍ତମୟୀ ବେହେରା,ଶରତ ଭୂତିଆ,ଆଇନଜୀବୀ ସଞ୍ଜୟ ପଟ୍ଟନାୟକ, ବିଜେପିନେତା ସନ୍ତୋଷ ବେହେରା,ତରୁଣ ସାମଲ, ସୁଜିତ ବେହେରା,ସୁମନ ଦାସ, ଅବନୀ ବେହେରା, ରମେଶ ମିଶ୍ର, ଗୌତମ ସାହୁ, ଅମୁଲ୍ୟ ପ୍ରଧାନ, ଜୁଲୁ ପାଳ, କ୍ଷୀରୋଦ ବେହେରା,ଗୋବିନ୍ଦ ନାଏକ, ମୁନା ନାଏକ,ସାମ୍ବାଦିକ ଗୌତମ ମୁଦୁଲି, ପ୍ରଦ୍ୟୁମ୍ନ ବେହେରା ପ୍ରମୁଖ ଶତାଧିକ ବ୍ୟକ୍ତି ଦାବିପତ୍ର ପ୍ରଦାନ କରିଛନ୍ତି ।

## କଳମଛୁଇଁରେ ରଥଯାତ୍ରା

ସାଉଥବଲଣ୍ଡା,(ସବ୍ୟୁ): ତାଳଚେର ବ୍ଲକ୍ ଅନ୍ତର୍ଗତ ଜନବହୁଳ କଳମଛୁଇଁ ଗ୍ରାମରେ ପବିତ୍ର ରଥଯାତ୍ରା ସମାରୋହରେ ପାଳିତ ହୋଇଯାଇଛି । ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜକ ରମେଶ ଚନ୍ଦ୍ର ମହାପାତ୍ର ମହାପ୍ରଭୁ ଶ୍ରୀ ଜଗନ୍ନାଥ,ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ପୂଜାର୍ଚ୍ଚନା କରିଥିଲେ । ଏହାପରେ ଦଇତାପତି ପ୍ରଭାତ ମହାପାତ୍ର, ବଳରାମ ରଥ ଓ ଅକ୍ଷୟ ମହାପାତ୍ର ପ୍ରମୁଖ ତିନି ଠାକୁରଙ୍କୁ ଏକ ସୁସଜ୍ଜିତ ରଥରେ ପହଣ୍ଡିବିଜେ କରାଇଥିଲେ । ବରିଷ୍ଠ ଶିକ୍ଷାବିତ୍ ଜଗନ୍‌ମୋହନ ଗଡନାୟକ ରଥରେ ଛେରାପହଁରା କାର୍ଯ୍ୟ କରିଥିଲେ । ଅପରାହ୍ନ ୪.୪୫ମିନିଟ୍‌ରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ପ୍ରଥମେ ମହିଳା ଶ୍ରଦ୍ଧାଳୁମାନେ ରଥ ଟାଣିଥିଲେ । ଝିପାଳ ଗ୍ରାମର ଘବାଦ୍ୟ, ଚନ୍ଦ୍ରବିଲ ଗ୍ରାମର ଲଉଡ଼ୀ ଖେଳ ସହ ଭକ୍ତମାନଙ୍କର ହରିବୋଲ, ହୁଳୁହୁଳି ଶବ୍ଦରେ ସମଗ୍ର ଅଂଚଳ ପ୍ରକମ୍ପିତ ହୋଇ ଉଠିଥିଲା । ସନ୍ଧ୍ୟା ସୁଦ୍ଧା ରଥ ମାଉସୀମା ମନ୍ଦିରରେ ସୁରୁଖୁରୁରେ ପହଞ୍ଚିଯାଇଥିଲା । ଆଇନ୍ ଶୃଙ୍ଖଳା ରକ୍ଷା କରିବା ପାଇଁ ସ୍ଥାନୀୟ ପୋଲିସ୍ ଉପସ୍ଥିତ ଥିଲେ । କଳମଛୁଇଁ ରଥଯାତ୍ରା କମିଟିର ସମସ୍ତ ସଦସ୍ୟମାନଙ୍କ ସହ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ୧୪୯ ନମ୍ବର ଏନଏଚ୍ ବାଙ୍କଧରା ଛକ ଅବସ୍ଥା ଶୋଚନୀୟ

ତାଳଚେର,(ସବ୍ୟୁ) : ତାଳଚେର ୧୪୯ନମ୍ବର ଜାତୀୟ ରାଜପଥ ତାଳବେଡ଼ା ଠାରୁ ଆରମ୍ଭ କରି ବହ୍ଲର ଠାରୁ ବଅଁରପାଳ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇଥିବା ବେଳେ ଅଳ୍ପ ବର୍ଷା ଯୋଗୁଁ ବାଙ୍କଧରା ଛକ ରାସ୍ତା ଉପରେ ଆଣ୍ଠୁଏ ଆଣ୍ଠୁଏ ପାଣି ଜମି ରହୁଛି । ଫଳରେ ଭାରୀଯାନ ଗୁଡ଼ିକ ଉକ୍ତ ସ୍ଥାନରେ ଫସି ରହିଥିବାରୁ ଆଜକୁ ତିନିଦିନ ହେବ ଟ୍ରାଫିକ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଷୁଡ଼ି ପଡ଼ିଥିବା ଅଭିଯୋଗ ହୋଇଛି । ଏହି ରାଜପଥରେ ହଜାର ହଜାର ସଂଖ୍ୟକ ଭାରୀଯାନ ଚଳାଚଳ ଯୋଗୁଁ ରାସ୍ତାରେ ସବୁ ବେଳେ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଥିଲେ ହେଁ ସ୍ଥାନୀୟ ନେତା ଓ ଏନଏଚଆଇ ବିଭାଗ କିପରି ଓ କାହିଁକି ନିରବଦ୍ରଷ୍ଟା ସାଜିଛନ୍ତି ଏହାକୁ ନେଇ ବିଭିନ୍ନ କଳ୍ପନାଜଳ୍ପନା ବୃଦ୍ଧି ପାଇଛି । ଏହି ରାଜପଥ ପାଇଁ ଦୁଇ ଦୁଇ ଥର ଟେଣ୍ଡର ପ୍ରକ୍ରିୟା ସରକାରଙ୍କ ପକ୍ଷରୁ ହୋଇଯାଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ଜମି ଅଧିଗ୍ରହଣ ହେଉନଥିବାରୁ ରାସ୍ତାଟି ୪ଥାକିଆ ହୋଇ ପାରୁନାହିଁ । ଏହି ୪ଥାକିଆ ରାସ୍ତା ନିର୍ମାଣର ଆହେତୁକ ବିଳମ୍ବ ହେଉଥିବାରୁ ଗତକାଲି ଜନବିକାଶ କଲ୍ୟାଣ ସଂଘ ପକ୍ଷରୁ ଏନେଇ ପାଲଲହଡ଼ା ଠାରେ ଚିଫ ଇଞ୍ଜିନିଅରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ରାଜପଥ ଅବସ୍ଥାକୁ ନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରସାରଣ ହେବା ପରେ ମଧ୍ୟ ନୂତନ ରାସ୍ତା ନିର୍ମାଣ ହୋଇ ପାରୁନଥିବା ତାଳଚେରବାସୀଙ୍କ ପାଇଁ ଅଭିଶପ୍ତ ପାଲଟି ଯାଇଛି । ଏଠାରୁ ରାଜ୍ୟ ଓ କେନ୍ଦ୍ର ସରକାର ଦୈନିକ କୋଟି କୋଟି ଟଙ୍କା ରାଜସ୍ୱ ନେଉଥିଲେ ମଧ୍ୟ ଏହି ଜାତୀୟ ରାଜପଥ ସମେତ ଲୋକଙ୍କର ମୌଳିକ ଅଧିକାରୀ ପ୍ରତି ସରକାର ଧ୍ୟାନ ଦେଉନଥିବାରୁ ଏହାକୁ ନେଇ ଅଂଚଳବାସୀମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ତେଣୁ ତୁରନ୍ତ ଏନଏଚଆଇ ବିଭାଗ ଏହି ରାଜପଥକୁ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ବେଙ୍ଗାଲୁରୁରେ କାମ କରିବାକୁ ଯାଇ ଓଡ଼ିଆ ଯୁବକର ମୃତ୍ୟୁ





କେନ୍ଦୁଝର, (ସବ୍ୟୁ): କେନ୍ଦୁଝର ଜିଲ୍ଲା ସାହାରାପଡ଼ା ବ୍ଲକର ଉଦୟପୁର ପଞ୍ଚାୟତ ଅନ୍ତର୍ଗତ ମଧୁପିପା ଗ୍ରାମର ଜଣେ ଯୁବକ ନରେନ୍ଦ୍ର ନାଏକଙ୍କ ପୁଅ ଦୀପକ ନାଏକ(୨୨), ବେଙ୍ଗାଲୁରୁ ଯାଇ ସାଥୀ ମାନଙ୍କ ସହ ମିଶି କାମ କରୁଥିଲା ବେଳେ ଗ୍ୟାସ ସିଲିଣ୍ଡର ଫାଟି ଯିବାରୁ ସେ ଗୁରୁତର ହୋଇଥିଲା । ଗୁରୁତର ଭାବେ ସେଠାରେ ତାକୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତିକରି ୨୫ ଦିନ ଚିକିତ୍ସିତ କରିବାପରେ ମଧ୍ୟ ମୃତ୍ୟୁ ହୋଇଯାଇଥିଲା । ଗରିବ ପରିବାର ପାଖେ ମୃତ ପୁଅର ଶବ ଆଣିବାକୁ ପଇସା ନଥିଲା । ଏହି କଥା ଶୁଣି କେହି ଶ୍ରମ ବିଭାଗଙ୍କୁ ଖବର ଦେବାରୁ ସରକାରୀ ସହଯୋଗରେ ଏହି ଯୁବକଙ୍କ ଶବ ସୁଦୂର ବେଙ୍ଗାଲୁରୁ ସହରରୁ ଆସି ଗ୍ରାମରେ ପହଞ୍ଚିଥିଲା । ସେଠାରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଥିଲା ଲୋକମାନେ ଆଲୋଚନା କରୁଥିଲେ କି ଆମର ଏଠାରେ କାମ କରିବାକୁ ମିଳୁଥିଲେ ଆଜି ଗାଁ ପୁଅ ଏମିତି ମରି କାଠ ବାକ୍ସରେ ଲଦା ହୋଇ ବାହାର ରାଜ୍ୟରୁ ଫେରି ନ ଆଆନ୍ତା । ତେଣୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲ୍ଲାରୁ ଦାଦନ ସମସ୍ୟା ସମାଧାନ ଲାଗି ଯୁବକ ଯୁବତୀଙ୍କ କର୍ମ ସଂସ୍ଥାନ ଯୋଗାଇ ଦେବାକୁ ସେମାନେ ନିବେଦନ କରିଛନ୍ତି ।

# ବିଶ୍ୱର ଉଚ୍ଚତମ ନନ୍ଦିଘୋଷକୁ ଟାଣିଲେ ହଜାର ହଜାର ଭକ୍ତ

କେନ୍ଦୁଝର,(ସ୍ୱପ୍ର/ସବ୍ୟୁ): ଉଚ୍ଚତା ୭୨ ଫୁଟ ଓ ପ୍ରସ୍ଥ ୪୫ ଫୁଟ ବିଶ୍ୱର ବୃହତ୍ତମ ରଥ କେନ୍ଦୁଝରଗଡ଼ର ନନ୍ଦିଘୋଷ ରଥକୁ ଟାଣିଛନ୍ତି ହଜାର ହଜାର ଭକ୍ତ। କେନ୍ଦୁଝରଗଡ଼ର ଶ୍ରୀ ବଳଦେବ ଜୀଉଙ୍କ ଘୋଷ ଯାତ୍ରାକୁ ଜିଲ୍ଲା ସାରାରୁ ଭକ୍ତ ସହ ପାଖାପାଖ ଜିଲ୍ଲା ତଥା ପଡୋଶୀ ଝାଡ଼ଖଣ୍ଡ ରାଜ୍ୟରୁ ଅନେକ ଲୋକ ଆସି କେନ୍ଦୁଝର ବଡ଼ଦାଣ୍ଡରେ ସମାବେଶ ହୁଅନ୍ତି । ଚଳିତ ବର୍ଷ ଆଷାଢ଼ ଶୁକ୍ଳ ପକ୍ଷ ଦ୍ୱିତୀୟାରେ ଶ୍ରୀ ବଳଦେବ ପ୍ରଭୁଙ୍କ ଶ୍ରୀ ଗୁଣ୍ଡିଚା ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳୁ ଏଥିଲାଗି ସ୍ୱତନ୍ତ୍ର ନୀତିକାନ୍ତି ଅଧରେ ହୋଇଥିଲା । ଘୋଷ ଯାତ୍ରାରେ ରଥାରୂଢ଼ ହେବାକୁ ଦିଅଁମାନଙ୍କୁ ପ୍ରସ୍ତୁତ କରାଯାଇଥିଲା । ଧୂପ ଦୀପ ପୂଜା ପରେ ଠାକୁର ମାନଙ୍କୁ ସୁନ୍ଦର ଭାବରେ ସଜ୍ଜିତ କରାଯାଇଥିଲା। ଦିଅଁମାନଙ୍କୁ ଖେଚୁଡ଼ି ଭୋଗ ଅର୍ପଣ କରାଯାଇଥିଲା। ଏହାପରେ ପହଣ୍ଡିଆ ସେବାୟତ ମାନେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଧାଡି ପହଣ୍ଡିରେ ଆଣି ରଥାରୂଢ଼ କରାଇ ଥିଲେ । କେନ୍ଦୁଝର ରାଜା ସାହେବ ଧନଞ୍ଜୟ ଭଞ୍ଜଦେଓ ଅପରାହ୍ନରେ ଆସି ସୁବର୍ଣ୍ଣ ଝାଡ଼ୁରେ ଛେରା ପହଁରା ନୀତି ସଂପନ୍ନ କରିଥିଲେ । ରାଜ ପୁରୋହିତ ସହଯୋଗ କରିଥିଲେ । ଏହିପରି ସମସ୍ତ ନୀତି ସଂପୂର୍ଣ୍ଣ ହେବାପରେ ୫ଟା ୩୦ ବେଳକୁ ରଥ ଟଣା ଆରମ୍ଭ ହୋଇଥିଲା । ବଡ଼ଦାଣ୍ଡରେ ପାଗ ଠିକ ଥିଲା ସାମାନ୍ୟ ବର୍ଷା ହେଲେ ମଧ୍ୟ ଅପରାହ୍ନ ବେଳକୁ ବିଶ୍ୱର ସର୍ବ ବୃହତ ନନ୍ଦିଘୋଷ ରଥର ଟଣା ଆରମ୍ଭ ହୋଇଥିଲା। ଆଦିମ ଜନଜାତି ସେବକ ଭୂୟାଁ ଜନଜାତି ଲୋକେ ଯୋଗାଇ ଦେଇଥିବା ଶିଆଳି ଲତା ଦଉଡ଼ିରେ ରଥକୁ ଭକ୍ତମାନେ ଭିଡ଼ି ନେଇଥିଲେ। ନନ୍ଦିଘୋଷ ରଥର ନାଦ କରି ସଗର୍ବେ କେନ୍ଦୁଝର ବଡ଼ଦାଣ୍ଡରେ ଗଡ଼ି ଗଡ଼ି ଚାଲିଥିଲା। ଏପଟେ ବଡ଼ଦାଣ୍ଡରେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ବିଭିନ୍ନ ସ୍ଥାନରେ ବାରିକେଡ଼ ଲଗାଇ ଭକ୍ତଙ୍କ ସୁବିଧା କରାଯାଇଥିଲା। ସେହିପରି ପାର୍କିଂ ବ୍ୟବସ୍ଥା ସହ ବ୍ୟାଟେରୀ



ଅଟୋ ଯୋଗେ ବରିଷ୍ଠ ନାଗରିକ ଭିନ୍ନକ୍ଷମ ଲୋକଙ୍କୁ ବଡଦାଣ୍ଡକୁ ଯାଇ ଦିଅଁ ଦର୍ଶନ ଲାଗି ସୁଯୋଗ ଦିଆଯାଇଥିଲା। ବରିଷ୍ଠ ସାରସ୍ୱତ ସାଧକ ନିରଞ୍ଜନ ବାରିକ ଖୁବ ସୁନ୍ଦର ତଥ୍ୟର ଅବତାରଣା କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ରାୟ ନିଜେ ଉପସ୍ଥିତ ରହି ସମସ୍ତ କଥା ବୁଝିଥିଲେ। ଜିଲ୍ଲାପାଳ ବିଶାଳ ସିଂହ, ଏସପି ନିତିନ କୁଶଲକର, ଡିଏଫଓ ଧନରାଜ ଏଚଡି ବ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ ତଦାରଖ କରିଥିଲେ। ସଦର ଉପଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ ଉମାକାନ୍ତ ଦେହେରୀ ମନ୍ଦିର ଗାଡ଼ିନାଡ଼ି ଉପରେ ନଜର ରଖି ସବୁ ସମ୍ପାଦିତ କରିଥିଲେ। ବଡ଼ଦାଣ୍ଡରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭକ୍ତମାନଙ୍କୁ ଖାଦ୍ୟ ପାନୀୟ ପଞ୍ଚର କରାଯାଇଥିଲା। କେନ୍ଦୁଝରଗଡ଼ ନାଗରପାଳିକା, ପୂର୍ତ୍ତ ବିଭାଗ, ପୂର୍ତ୍ତ ଓ ଜଳ ଯୋଗାଣ ବିଭାଗ ଅନେକ ସୁବିଧା କରିଥିଲେ। ଶେଷରେ ସନ୍ଧ୍ୟାରେ ରଥ ଯାଇ ଗୁଣ୍ଡିଚା ମନ୍ଦିରରେ ପହଂଚି ଥିଲା। ସନ୍ଧ୍ୟ ପରେ ହଜାର ହଜାର ଭକ୍ତ ଶ୍ରଦ୍ଧାଳୁ ଆସି ରଥରେ ଦିଅଁ ମାନଙ୍କୁ ଦର୍ଶନ କରିଥିଲେ। ।

# ଆସନ୍ତା ୬ରେ ମହରମ : ଭଦ୍ରକ ମୁସଲିମ ଜମାତର ବୈଠକ

ଭଦ୍ରକ,(ସବ୍ୟୁ): ଭଦ୍ରକ ପୁରୁଣାବଜାର ସ୍ଥିତ ମଦିନା ମସଜିଦରେ ସନ୍ଧ୍ୟା ସାଢ଼େ ୬ଟାରେ ପବିତ୍ର ମହରମ ପର୍ବ ପାଳନ ଲାଗି ଭଦ୍ରକ ମୁସଲିମ ଜମାତର ବୈଠକ ଜମାତର ଉପ-ସଭାପତି ମହମ୍ମଦ ଜଲାଲୁଦ୍ଦିନ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମହରମପର୍ବ ପାଳନ ଲାଗି ମହରମ ଅସ୍ଥାୟୀ କମିଟି ଗଠନ କରାଯାଇଛି। ଏହି ଅସ୍ଥାୟୀ କମିଟିରେ ସଭାପତି ଭାବେ ଆଇନଜୀବୀ ଜମିଲ ଅଖତର ଖାନ,୩ଗୋଟି ଉପସଭାପତି ଭାବେ ଇଂ.ରେଜାଏ ରସୁଲ,ପରିଷଦ ସାହିଦ ଖାନ,ପୂର୍ବତନ ପରିଷଦ ଅଫସର ଅଲି ଖାନ,ସାଧାରଣ ସମ୍ପାଦକ ଭାବେ ଅଖତର ଅଲି ଖାନ,୫ଜଣ ସହସଂପାଦକ ଭାବେ ପରିଷଦ ସୈୟଦ ନାଜର ଅଲି,ସେଠ ଅଲି ଖାନ,ହାଜି ଅବୁ ହୋସେନ ଖାନ,ହାଜି ଅବଦୁସ ସଲାମ,ସେକ ରଫିକ ,କୋଷାଧକ୍ଷ ଭାବେ ଶେଖ ଇମତିୟାଜ ଏବଂ ୬୧ଟି ଗାଁର କାଫେଲା ସରଦାରମାନେ ଏହି କମିଟିର ସଭ୍ୟ ଭାବେ ନିୟୋଜିତ ହୋଇଛନ୍ତି। ୨୬ତାରିଖ ସନ୍ଧ୍ୟାରେ ଚନ୍ଦ୍ରଦର୍ଶନର ପ୍ରମାଣ ପାଇଲା ପରେ ୨୭ତାରିଖ ଶୁକ୍ରବାର ଚନ୍ଦ୍ରର ପ୍ରଥମ ଦିନ ତଥା ଇସଲାମିକ (ହିଜିରୀ) କ୍ୟାଲେଣ୍ଡର ଅନୁସାରେ ମହରମ ପର୍ବ ବର୍ଷର ପ୍ରଥମ ମାସ ଓ ମହରମ ୧ତାରିଖରୁ ୧୦ଦିନ ଯାଏଁ ମହରମ ପର୍ବ ପାଳିତ ହୁଏ ଏବଂ ଶେଷ ୧୦ଦିନଟି (ରବିବାର) ତଥା ଜୁଲାଇ ୬ତାରିଖକୁ ୟମେ-ଆସୁରା ରୂପେ ପାଳନ କରାଯିବ। ଏହି ଦିନରେ ଶେଷ ନବୀ ପ୍ରଫେଟ ମହମ୍ମଦଙ୍କ ନାତି ହଜରତ ଇମାମ ହୋସେନଭଲାକ ସହର ସ୍ଥିତ କରବଲା ମଇଦାନରେ ଶତ୍ରୁ ଆଗରେ ନିଜକୁ ସମର୍ପଣ ନକରି ଇସଲାମ ଧର୍ମ ପାଇଁ ନିଜ ପ୍ରାଣ ବଳିଦାନ ଦେଇ ଶହୀଦ ହୋଇଥିଲେ। ଏହି ଦିନକୁ ହୋସେନ ପର୍ବ ୧୪୪୭ ହିଜରୀ ବର୍ଷ ରୂପେ ପାଳନ ହେବ ଓ ପ୍ରତ୍ୟେକ ପର୍ବ ଭାଇଚାରା ସହିତ ପାଳନ ହୁଏ ଏବଂ ଏହି ପର୍ବରେ ସମସ୍ତ ବସ୍ତିରୁ କାଫେଲା ବାହାରି ସହର ପରିକ୍ରମା କରି ମଦିନା ମଇଦାନରେ ଓ ନଂଗା ମହଲ୍ଲା ମସଜିଦ ସାମ୍ନାରେ ପହଁଚିବେ । ପହଂଚିବା ସ୍ଥାନରେ ଧର୍ମସଭାର ଆୟୋଜନ ହେବ ବୋଲି ସିଦ୍ଧାନ୍ତ ହୋଇଛି। ଏହି ସଭାରେ ମୁସଲିମ ଜମାତର ସାଧାରଣ ସମ୍ପାଦକ ହାଜି ଏନାମ ମହମ୍ମଦ,ସମ୍ପାଦକ ହାଜି ଅବଦୁଲ ମୁକିତ ଖାନ,ଏସଏମ ଫାରୁକ,ହାଜି କାସିମ ଖାନ,ମିର୍ଜା ଏକ୍ରାମ ବେଗ,ମାଷ୍ଟର ମୁସ୍ତାକ ଗୌହର, ଆଇନଜିବି ତାହେର ମହମ୍ମଦ,ଇଂ.ମୁଖତାର ଅହେମଦ ରସିଦ, ମିଡ଼ିଆ ସେଲ ଶେଖ ଅନଓ୍ୱର (ବାବୁ),ଶେଖ ନସିମ ଅଖତର କାଦରୀ ଓ ସମସ୍ତ ବସ୍ତିର ସରଦାର ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଦୀଘାରେ ଚପଲ ପିନ୍ଧି ରଥ ଟାଣିଲେ ମମତା



ଭୋଗରାଇ (ସବ୍ୟୁ): ଦୀଘାରେ ଅପରାହ୍ନ ୨ ଟାରେ ପ୍ରଥମଥର ଲାଗି ଶ୍ରୀଜଗନ୍ନାଥ ମନ୍ଦିରରୁ ବଡଭାଇ ବଳଭଦ୍ର, ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କ ୨୪ ରୁ ୨୮ ଫୁଟ ଉଚ୍ଚର ରଥକୁ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ମାଉସୀମା ମନ୍ଦିରକୁ ବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସହିତ ୫ ମନ୍ତ୍ରୀ, ପ୍ରଶାସନ ଓ ଇସ୍କନ ଭକ୍ତମାନେ ରଥ ଟାଣିଥିଲେ ।ରଥଯାତ୍ରା ନିର୍ବିଘ୍ନରେ ଶେଷ ନିମନ୍ତେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ୩ ଦିନ ଦୀଘାରେ ଡେରାପକାଇଥିବାବେଳେ ତାଙ୍କ ନିଜସ୍ୱପାଣ୍ଠିରେ ୫ ଲକ୍ଷ ୧ ଟଙ୍କା ଅନୁଦାନରେ ନିର୍ମିତ ସୁନା ଅଳଙ୍କାରରେ ଖଚିତ । ରଥ ସମ୍ମୁଖରେ ଛେରାପହରା କରି ପ୍ରଭୁଙ୍କୁ ଆରାଧନା କରିଥିଲେ ।୩ ରଥରେ ଇସ୍କନ ର ସଦସ୍ୟମାନେ ପରିଚାଳନା କରିଥିବାବେଳେ ଦୀଘା ଶ୍ରୀଜଗନ୍ନାଥ ମନ୍ଦିର ଟ୍ରଷ୍ଟ ବୋର୍ଡ଼ର ମୁଖ୍ୟ ରାଧାରମଣ ଦାସ ସହିତ ବହୁ ଇସ୍କନ ବିଦେଶିନୀ ସାମିଲ ଥିଲେ ।ବଙ୍ଗ ମୁଖ୍ୟମନ୍ତ୍ରୀ ଚପଲ ମାଡି ରଥଟାଣିବା, ସାଧାରଣ ଲୋକଙ୍କୁ ରଥ ଟାଣିବାନେଇ ସୁଯୋଗ ନଦେବା ଭଳି ଚର୍ଚ୍ଚା ପରିସରକୁ ଆସିଥିଲା । ଓଡିଶା ଓ ପଶ୍ଚିମବଙ୍ଗର ଲକ୍ଷାଧିକ ଶ୍ରଦ୍ଧାଳୁ ଶ୍ରୀଜଗନ୍ନାଥ ମନ୍ଦିରଠାରୁ ମାଉସୀମା ଅଧ କିମି ରାସ୍ତାର ଉଭୟ ପାର୍ଶ୍ୱରେ ବେରିକେ ବାହାରେ ରହି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ ।

# ଶଶୁର ଘରେ ଜ୍ୱାଇଁଙ୍କୁ ହତ୍ୟା ଘଟଣା : ଦୁଇ କୋର୍ଟ ଚାଲାଣ

ସୋର,(ସବ୍ୟୁ): ଶଶୁର ଘରେ ଜ୍ୱାଇଁଙ୍କୁ ହତ୍ୟା ଘଟଣାରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ସୋର ବ୍ଲକ ଗୋପିନାଥପୁର ପଞ୍ଚାୟତ ରଘୁନାଥପୁର ଗ୍ରାମର ଶ୍ୟାମସୁନ୍ଦର ମଳିକଙ୍କର ମୃତ୍ୟୁ ହୋଇଥିବା ବେଳେ ଖବର ପାଇ ତାଙ୍କ ଜ୍ୱାଇଁ ଭଦ୍ରକ ଜିଲ୍ଲା ସାବରଙ୍ଗ ଥାନା ଚକପୁର ଗ୍ରାମର ଭାଗବତ ମଳିକ(୪୩) ତାଙ୍କ ଘରକୁ ଆସିଥିଲେ। ସେଠାରେ କୌଣସି କଥାରୁ ଶ୍ୟାମସୁନ୍ଦରଙ୍କ ପୁତୁରା ରାଜା ସହ ଭାଗବତଙ୍କର ଝଗଡା ହୋଇଥିଲା। ପରେ ରାଜା ଓ ତାଙ୍କର କିଛି ସହଯୋଗୀ ଭାଗବତଙ୍କୁ ପ୍ରାଣାନ୍ତକ ଆକ୍ରମଣ କରିଥିଲେ। କୌଶଳ ବଶତଃ ଭାଗବତ ସେମାନଙ୍କ କବଳରୁ ଖସି ଆସି ସୋର ଏକ ମନ୍ଦିର ବୋରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାତି ସାରା ପଡି ରହିଥିଲେ। ପର ଦିନ ସକାଳେ ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୋର ନେଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ଭାଗବତଙ୍କ ପରିବାର ପକ୍ଷରୁ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ୪୯୩/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିବା ସହିତ ଗତ କାଲି ରାତିରେ ବିଶ୍ୱନାଥ ମଳିକ ଓ ତାଙ୍କ ସ୍ତ୍ରୀ କଦମ୍ବିନୀ ମଳିକଙ୍କୁ ଗିରଫ କରି ଶନିବାର ଅପରାହ୍ନରେ କୋର୍ଟ ଚାଲାଣ କରିଛି।

# ମାଉସୀମା ଘରକୁ ବାହୁଡ଼ିଲେ ୩ ଶହରୁ ଉର୍ଦ୍ଧ୍ୱ ରଥ

ଭୋଗରାଇ, ,(ସବ୍ୟୁ): ଚିରାଚରିତ ଧର୍ମୀୟ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଭୋଗରାଇର ବିଭିନ୍ନ ସ୍ଥାନରେ ମହାପ୍ରଭୁଙ୍କ ଘୋଷଯାତ୍ରା ସମାପନ ହୋଇଛି । ପ୍ରତିକୂଳ ପାଗସତ୍ତ୍ୱେ ରସିଦପୁର କୃପାକ୍ଷେତ୍ର,ଚନ୍ଦନେଶ୍ୱର, ଶଙ୍ଖାରୀ, ଶ୍ରଦ୍ଧାପୁର,କୀର୍ତ୍ତନିଆ, ଆଉସା,ନିମାତପୁର, କଖ ନୁଆଗାଁ, ଜଳସୋହରିଆ, ଚୌକି, ହରିପୁର, ଦେଉଳା, ଥାନାଛକ, ଭୋଗରାଇ ହାଟ, ଦହମୁଣ୍ଡା, ବାଉଁଶଡିହା, ମହାଗବ, ବେଣୁଦା ସହ ନିଶିନୀପୁର, କମର୍ଦ୍ଧା ୩ ଶହ ବର୍ଷର ରଥଯାତ୍ରା ଭିନ୍ନ ଆକର୍ଷଣ ସୃଷ୍ଟି କରିଥିଲା। ଉତ୍କଳୀୟ ପରମ୍ପରାନୁଯାୟୀ ବଡଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କୁ ରୀତିକାନ୍ତିନୁଯାୟୀ ପୂଜାର୍ଚ୍ଚନା,ଆରାଧନା କରାଯାଇ ରଥାରୁଢ଼ କରାଯାଇଥିଲା ।ଜୟ ଜଗନ୍ନାଥ ଧ୍ୱନିରେ ଭକ୍ତମାନେ ରଥକୁ ଟାଣି ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ମାଉସୀମା ମନ୍ଦିରକୁ ନେଇଥିଲେ ।ଘୋଷ ଯାତ୍ରା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିବାବେଳେ ବିଭିନ୍ନ ସ୍ଥାନରେ ଡିଜେର ଗୁରୁଗର୍ଜନ ଶବ୍ଦ ଭକ୍ତଙ୍କୁ ବିରକ୍ତିକର କରିଥିଲା ।

# ସମନ୍ୱିତ ଇସ୍ପାତ କାରଖାନା ଲାଗି ଶିଳାନ୍ୟାସ ୬୩୦ ପ୍ରତ୍ୟକ୍ଷ ଓ ୧୨୫୦ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ

କେନ୍ଦୁଝର,(ସ୍ୱପ୍ର/ସବ୍ୟୁ): କେନ୍ଦୁଝର ଜିଲ୍ଲାର ସଦର ନିର୍ବାଚନମଣ୍ଡଳୀ ଅର୍ନ୍ତଗତ ସଲାରପେଣ୍ଠ ଭଳି ଏକ ଗ୍ରାମାଞ୍ଚଳରେ ଶିଳ୍ପ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ବିକାଶ ପାଇଁ ତଥା ସ୍ଥାନୀୟ ଗ୍ରାମାଞ୍ଚଳ ଲୋକଙ୍କ ଅର୍ଥିକ ଅଭିବୃଦ୍ଧିକୁ ନଜରରେ ରଖି ଏହାର ଆଗାମୀ ସମନ୍ୱିତ ଇସ୍ପାତ କାରଖାନା ଲାଗି ଶୁକ୍ରବାର ଦିନ ଶିଳାନ୍ୟାସ କରାଯାଇଛି। ଆଞ୍ଚଳିକ ଅର୍ଥନୀତିକୁ ବୃଦ୍ଧି କରିବା ପାଇଁ ଆଶା କରାଯାଉଥିବା ଏହି ନୂତନ କାରଖାନା ପ୍ରାୟ ୬୩୦ ପ୍ରତ୍ୟକ୍ଷ ଏବଂ ୧୨୫୦ ରୁ ଅଧିକ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ୭୫୦ କୋଟି ଟଙ୍କା ନିବେଶ ସହିତ, ଏହି ପ୍ରକଳ୍ପ ଭାରତରେ ଲୁହା ପଥରର ସଦୁପଯୋଗ କରି, ସ୍ପଞ୍ଜ ଆଇରନ,ପେଲେଟ ଆଇରନ ଓର୍ , କାରଖାନାର ତାପଜ ଶକ୍ତି ର ସୁବିନିଯୋଗ କରି ବଦ୍ୟୁତ୍ ଉତ୍ପାଦନ ଓ ସମୟ ସହିତ ତାଳ ଦେଇ ଆଗକୁ ଆବଶ୍ୟକ ପଡିଲେ ଅନ୍ୟାନ୍ୟ ଚାହିଦା ପୂରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବାକୁ ପ୍ରସ୍ତୁତ ହେଉଛି।କେନ୍ଦୁଝର ଜିଲ୍ଲାର ସାଲାରାପେଣ୍ଠ ଠାରେ ଅବସ୍ଥିତ, ଏହି କାରଖାନା ୨୦୨୫ ଶେଷ ସୁଦ୍ଧା ନିର୍ମାଣ କାର୍ଯ୍ୟ ଆରମ୍ଭ କରିବ ବୋଲି ଆଶା କରାଯାଉଛି ।ଏକ କମ୍ପାନୀର ଯାତ୍ରାରେ ଆଜିଠାରୁ ଏକ ନୂତନ ଅଧ୍ୟାୟର ଆରମ୍ଭ ହେଲା ଓ ଯାହା ଭବିଷ୍ୟତ ପାଇଁ ଆଶା ଏବଂ ପ୍ରତିଶ୍ରୁତି ଦିଆଯାଇଛି ତାହାକୁ ଶତପ୍ରତିଶତ ପାଳନ କରାଯିବ ବୋଲି କହିଛନ୍ତି କାରଖାନାର ମାଲିକ ସରୋଜ କୁମାର ସାହୁ । କମ୍ପାନୀର ମୁଖ୍ୟ ନିର୍ବାହୀ ଅଧିକାର ଇଂ.ଦେବବ୍ରତ ସ୍ୱାଇଁ କହିଛନ୍ତି ରଥଯାତ୍ରା ଏପରି ଏକ ଉତ୍ସବ ଯାହା ପ୍ରତ୍ୟେକ ଓଡ଼ିଆ ଙ୍କୁ ଏକତା ଏବଂ ଭକ୍ତିର ଭାବନାରେ ଏକାଠି କରିଥାଏ, ତେଣୁ ଆଜିର ଏହି ଭୂମିପୂଜା ଆମ ପ୍ରସ୍ତାବିତ କାରଖାନା ଆଞ୍ଚଳିକ ଜନସାଧାରଣ ଓ ବିକାଶମୁଖୀ ଶିଳ୍ପାୟନ ପାଇଁ ଏକ ମାଇଲଖୁଣ୍ଟ ଭାବେ ଉଭାହେବାକୁ ଯାଉଛି।

# ନିଶା ନିବାରଣ ଦିବସ ପାଳିତ

ବାଲେଶ୍ୱର.(ସବ୍ୟୁ): ଗୁରୁବାର ପୂର୍ବାହ୍ନ ୧୦ଟାରେ ଆନ୍ତର୍ଜାତିକ ନିଶା ନିବାରଣ ଦିବସ ପାଳନ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି। ଉକ୍ତ କାଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାର ସମ୍ମାନୀୟ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକଙ୍କ ପୌରୋହିତ୍ୟ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ରାଉତ,ଅବକାରୀ ଅଧିକ୍ଷକ ମନୋଜ କୁମାର ସେଠୀ ଯୋଗ ଦେଇଥିଲେ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ପ୍ରତିଭା ବେହେରା ମଞ୍ଚପରିଚାଳନା କରିଥିଲେ।ଏଥିରେ ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ଅବକାରୀ ଅଧିକ୍ଷକ ମନୋଜ କୁମାର ସେଠୀ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ (ଜିଲ୍ଲା ପରିଷଦ) ସଞ୍ଜୟ କୁମାର ରାଉତ , ଅତିରିକ୍ତ ଜିଲ୍ଲାପାଳ ( ସାଧାରଣ) ସୁଧାକର ନାୟକ ଓ ଅନ୍ୟତମ ସମ୍ମାନିତ ଅତିଥି ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ ଯୋଗଦେଇ ନିଶା ମୁକ୍ତ ସମାଜ ପାଇଁ ଆହ୍ୱାନ ଦେଇଥିଲେ ।ପରିଶେଷରେ ଏହି ଆନ୍ତର୍ଜାତିକ ଦିବସ ପାଳନ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ସମେତ ସମସ୍ତ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ।।

# ରଥଯାତ୍ରାରେ ଅଘଟଣ : ଡିଜେ ଗାଡି ଓଲଟି ବାଳକ ମୃତ

ଧାମନଗର,(ସବ୍ୟୁ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ଟାଣୁଥିବାବେଳେ ଡିଜେ ଗାଡି ଓଲଟି ଏକ ନାବାଳକର ମୃତ୍ୟୁ ଘଟିଛି। ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ପଞ୍ଚାୟତ ଅନହରପୁର ଗ୍ରାମରେ ଏହି ଦୁଃଖଦ ଘଟଣାଟି ଘଟିଛି। ଖବର ନେବାରୁ ଜଣାଯାଇଛି ଯେ ଶୁକ୍ରବାର ରଥଯାତ୍ରା ଦିନ ସନ୍ଧ୍ୟା ପରେ ଅନହରପୁର ଗ୍ରାମରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଟଣା ଆରମ୍ଭ ହୋଇଥିଲା। ରଥ ଶୋଭାଯାତ୍ରା ଅନହରପୁର କେନାଲ ବନ୍ଧରେ ଯାଉଥିବାବେଳେ ରାତି ପ୍ରାୟ ୧୦ଟାରେ ଡିଜେ ଗାଡିଟି ଭାରସାମଞ୍ଜ ହରାଇ କେନାଲ ଭିତରକୁ ଓଲଟି ପଡିଥିଲା। ଡିଜେର ବଡ ବଡ ବକ୍ସ ତଳେ ସେହି ଗ୍ରାମର ନିଷ୍ପାପ ବାଳକ ସୌମ୍ୟରଞ୍ଜନ ରାଉତ (୧୪)ଙ୍କ ସମେତ ୫ଜଣ ଚାପି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ତୁରନ୍ତ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ଡାକ୍ତର ସୌମ୍ୟରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଆହତ ମାନଙ୍କୁ ଚିକିତ୍ସା କରି ଛଡାଯାଇଥିଲା। ଖବରପାଇ ଘଟଣା ସ୍ଥଳରେ ଧାମନଗର ପୋଲିସ ଓ ଅଗ୍ନିଶମ ବାହିନୀ ପହଂଚି ଥିଲେ। ପୋଲିସ ଡିଜେ ଗାଡିକୁ ଜବତ କରି ପ୍ରଥମେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବାବେଳେ ପରେ ମୃତ ନାବାଳକ ସୌମ୍ୟରଞ୍ଜନର ମା'ଙ୍କ ଏତଲା କ୍ରମେ ଥାନା କେଶ ନଂ ୨୪୧/୨୫ରେ ମାମଲା ରୁଜୁ କରିଛନ୍ତି। ଡିଜେ ମାଲିକ ଫେରାର ଥିବା ଜଣାଯାଇଛି। ଘଟଣାଟି ଉକ୍ତ ଅଂଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

# ଭିନ୍ନକ୍ଷମଙ୍କୁ ଆକ୍ରମଣ କରି ଗିରଫ

ଅସୁରାଳି,(ସବ୍ୟୁ): ଧାମନଗର ବ୍ଲକ ନଦୀଗାଁର ଜଣେ ଭିନ୍ନକ୍ଷମଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଧୂଷୁରୀ ପୁଲିସ ଗଗନ ଚନ୍ଦ୍ର ଦାସ(୪୫) ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ନଦୀଗାଁର ଭିନ୍ନକ୍ଷମ ଯୁବକ ମିଳନ ଦାସ(୪୦)ଙ୍କର ଜାଗାବାଡ଼ିକୁ କେନ୍ଦ୍ରକରି ସମ୍ପର୍କୀୟ ଗଗନ ଦାସଙ୍କ ସହିତ ବିବାଦ ଲାଗି ରହିଛି। ଏହାକୁ ନେଇ ଗଗନ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗ କରିଥିଲେ ମିଳନ। ଧୂଷୁରୀ ଥାନା ପୁଲିସ ଏହି ଅଭିଯୋଗ ଆଧାରରେ କେସ ନଂ-୩୦୩/୨୫ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଗଗନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

# ନିଶା ନିବାରଣ ନିମିତ୍ତ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ,(ସବ୍ୟୁ) : ଭଦ୍ରକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଗେଲପୁର, ନଳାଙ୍ଗଠାରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଶିକ୍ଷୟିତ୍ରୀ, ପାରାଲିଗାଲ ସେଚ୍ଛାସେବୀ ତଥା ବିଦ୍ୟାଳୟର ସମସ୍ତ କର୍ମୀମାନଙ୍କୁ ନେଇ ନିଶା ନିବାରଣ ନିମିତ୍ତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ପୁଣ୍ୟଶ୍ଲୋକ ରଥ, ସଚିବ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକ ଏହି ସଚେତନତା କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଏକ ଶୋଭାଯାତ୍ରା କରାଯାଇଥିଲା ଏବଂ ତତ୍‌ପରେ ପିଲାମାନଙ୍କୁ ନେଇ ଏକ ସୁନ୍ଦର ଭିଡ଼ିଓଟିଏ ଯାହାକି ନିଶା ନିବାରଣ ନିମିତ୍ତ ପ୍ରସ୍ତୁତ କରାଯାଇଥିଲା। ସେହି ଭିଡ଼ିଓ ଦେଖାଯାଇଥିଲା ଏବଂ ତତ୍ ସହିତ ଏକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ସେମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଡଃ ତାପସ କୁମାର ମହାନ୍ତି, ନ୍ୟାୟ ରକ୍ଷକ, ଭଦ୍ରକ, ଦୀପକ କୁମାର ସାହୁ ଏବଂ ଗିରିଜା ଶଙ୍କର ଦାସ, ପ୍ୟାନେଲ ଓକିଲ ତଥା କମିଟିର ସଦସ୍ୟ, ଏବଂ ପି.ଏଲ୍.ଭି. ଅର୍ଣ୍ଣପୂର୍ଣ୍ଣା ସାହୁ, ସସ୍ମିତା ବାରିକ, ମଧୁସ୍ମିତା ମଳିକ, ସଂଗୀତା ମିଶ୍ର ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମକର୍ତ୍ତା ଏବଂ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନଶିକ୍ଷକ ତୈଲୋକ୍ୟନାଥ ନାୟକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅତିଥିମାନନେ ନିଶା ଦ୍ରବ୍ୟକୁ ତଥା ନିଶା ବ୍ୟବହାର କରୁଥିବା ବ୍ୟକ୍ତିମାନଙ୍କୁ କିପରି ସମାଜ ଦେଖେ ଏବଂ ସେମାନେ ସମାଜର କିପରି ଅହିତ ସାଧନ କରିଥାନ୍ତି ଏସବୁ ସମ୍ବନ୍ଧରେ ପିଲାମାନଙ୍କୁ ବୁଝାଇଥିଲେ।

# ପଥର ବୋଝେଇ ଡ଼ମ୍ଫର ଜବତ : ଚାଳକ ଫେରାର

ସୋର,(ସବ୍ୟୁ) :ଶୁକ୍ରବାର ରାତିରେ ପ୍ରବଳ ବର୍ଷା ସତ୍ତ୍ୱେ ସୋର ତହସିଲଦାର ଦୈତାରୀ ମଲ୍ଲିକ ସୋର ପୁଲିସ ସହାୟତାରେ ସୋର ବାଗୁଡି ରାସ୍ତାର ଆଙ୍ଗୁଳା ଛକ ନିକଟରେ ଅଚାନକ ଚାଢ଼ଉ କରିଥିଲେ। ଏହି ସମୟରେ ବାଗୁଡିରୁ ପଥର ବୋଝେଇ କରି ଆସୁଥିବା ଓଆର ୧୬ ଡି ୩୬୭୯ ନମ୍ବର ବିଶିଷ୍ଟ ଏକ ଡମ୍ଫରକୁ ଜବତ କରିଥିବା ବେଳେ ଏହାର ଚାଳକ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା ।ଶ୍ରୀ ମଲ୍ଲିକ ଖଣି ବିଭାଗକୁ ଖବର ଦେଇଥିଲେ ମଧ୍ୟ ଖଣି ବିଭାଗ ତରଫରୁ କୌଣସି ଅଧିକାରୀ ଘଟଣାସ୍ଥଳରେ ନ ପହଂଚିବାରୁ ଗାଡିଟିକୁ ଜବତ କରି ସୋର ଥାନାରେ ଜିମା ଦେଇଛନ୍ତି ।ଖଣି ବିଭାଗ ପକ୍ଷରୁ ବାଗୁଡ଼ିରେ କ୍ୟାମ୍ପ ବସାଯାଇଥିଲେ ମଧ୍ୟ ଉକ୍ତ କ୍ୟାମ୍ପ ଦେଇ କିପରି ପଥର ଚୋରା ଚାଲାଣ ହେଉଛି ତାକୁ ନେଇ ଖଣି ବିଭାଗର କାର୍ଯ୍ୟ କଳାପ ଉପରେ ସାଧାରଣରେ ପ୍ରଶ୍ନବାଚି ସୃଷ୍ଟି ହୋଇଛି । ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହିତ ପଥର ଚୋରି ରୋକିବାକୁ ସାଧାରଣରେ ଦାବି ହୋଇଛି।

# ସହଦେବଖୁଣ୍ଟାରେ ରଥଯାତ୍ରା

ବାଲେଶ୍ୱର,(ସବ୍ୟୁ): ଶ୍ରୀଶ୍ରୀ ଜଗନ୍ନାଥଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ସମାପ୍ତ ହୋଇଛି। ସହଦେବଖୁଣ୍ଟା ଗୋଶାଳାସ୍ଥିତ ଜଗନ୍ନାଥ ମନ୍ଦିର ପରିସରରୁ ରଥରେ ଶ୍ରୀଶ୍ରୀ ଜଗନ୍ନାଥ, ବଡ଼ଭାଇ ଶ୍ରୀଶ୍ରୀ ବଳଭଦ୍ର ଓ ଭଉଣୀ ସୁଭଦ୍ରାଦେବୀଙ୍କ ସହ ସୁଦର୍ଶନଙ୍କ ପହଣ୍ଡି ବିଜେ ପରେ ଅପରାହ୍ନରେ ରଥଟଣା ଆରମ୍ଭ ହୋଇଥିଲା। ଶହଶହ ଶ୍ରଦ୍ଧାଳୁ ରଥକୁ ଟାଣିଟାଣି ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ବ୍ୟାସକବିନଗରସ୍ଥିତ ଶ୍ରୀଶ୍ରୀ ବିଶ୍ୱେଶ୍ୱର ମନ୍ଦିର ପରିସରରେ ନିର୍ମିତ ମାଉସୀମା' ମନ୍ଦିରରେ ସନ୍ଧ୍ୟାରେ ପହଞ୍ଚାଇଥିଲେ। ସନ୍ଧ୍ୟା ଆଳତୀର ଅପୂର୍ବ ଦୃଶ୍ୟ ଭକ୍ତମାନେ ଦର୍ଶନ କରି ଆତ୍ମତୃପ୍ତି ଲାଭ କରିଥିଲେ। ମହାପ୍ରଭୁଙ୍କର ଏହି ନବଦିନ ଯାତ୍ରା ଅବସରରେ ପ୍ରତ୍ୟହ ବିଧି ଅନୁସାରେ ପୂଜାର୍ଚ୍ଚନା ଓ ସନ୍ଧ୍ୟାରେ ଭଜନ କୀର୍ତ୍ତନ ପ୍ରଭୃତି ଆଧାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ଶ୍ରୀ ଦଧିବାମନଜିଉଙ୍କ ରଥଯାତ୍ରାରେ ୨୫ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ



ଆନନ୍ଦପୁର,(ସବ୍ୟୁ): ଆନନ୍ଦପୁରର ଆରାଧ୍ୟ ଦେବତା ଶ୍ରୀ ଦଧିବାମନଜିଉଙ୍କ ରଥଯାତ୍ରା ବିପୁଳ ଉତ୍ସାହର ସହିତ ଅନୁଷ୍ଠିତ ହୋଇଛି । ପୂର୍ବାହ୍ନ ସାଢ଼େ ୯ଟାରେ ମଙ୍ଗଳାର୍ପଣ ପରେ ତିନି ଠାକୁରଙ୍କୁ ପହଣ୍ଡି କରାଯାଇଥିଲା। ତିନି ଠାକୁରଙ୍କ ରଥ ଉପରକୁ ବିଜେ କରିବା ପରେ ରାଜ ପ୍ରତିନିଧି ସୁଦର୍ଶନ ମିଶ୍ର ୧୧ଟାରେ ହେରା ପହଁରା କରିଥିଲେ। ଅପରାହ୍ନ ୪ଟା୫୫ରେ ରଥଟଣା ଆରମ୍ଭ ହୋଇଥିଲା। ପାଣିପାଗ ଠିକ ଥିବା ଯୋଗୁ ହଜାର ହଜାର ଶ୍ରଦ୍ଧାଳୁମାନଙ୍କ ଭିଡଜମିଥିଲା ଏବଂ ରଥ ଟାଣିବାକୁ ଆଗେଇ ଆସିଥିଲେ। ସଂଧ୍ୟା ୬ଟାରେ ରଥ ଆସି ଗୁଣ୍ଡିଚା ମନ୍ଦିର ପାଖେ ଆସି ପହଞ୍ଚିଯାଇଥିଲେ । ରଥଯାତ୍ରାରେ ୨୫ ହଜାରରୁ ଉର୍ଦ୍ଧ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଲାଗିରହିଥିଲା । ଏବଂ ଏସ ଡିପିଓ ପ୍ରଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଶାନ୍ତି ଶୃଙ୍ଖଳାର ରକ୍ଷା ପାଇଁ ବହୁ ବହୁ ସଂଖ୍ୟାରେ ପୁଲିସ ମୁତୟନ ହୋଇଥିଲେ।

# ହଳଦିଆପୋଷି ଗଣଧର୍ଷଣ ପୀଡ଼ିତାଙ୍କୁ ଭେଟିଲେ କଂଗ୍ରସ କର୍ମକର୍ତ୍ତା

କରଞ୍ଜିଆ,(ସବ୍ୟୁ): ଗତ ତିନିଦିନ ତଳେ କୁଇତା ଢ଼ାବା ନିକଟରେ ଜଣେ ଯୁବତୀକୁ କରାଯାଇଥିବା ଗଣଧର୍ଷଣ ଘଟଣାରେ ଶନିବାର ଦିନ ଓଡିଶା ଜାତୀୟ କଂଗ୍ରେସର ନାରୀ ନ୍ୟାୟ ବାହିନୀର ତୁଙ୍ଗ କର୍ମକର୍ତାଗଣ ପୀଡ଼ିତାଙ୍କୁ ଭେଟିଛନ୍ତି। ପୀଡ଼ିତ ଜଣକ ଅତି ଗରୀବ ଶ୍ରେଣୀ ଝିଅ ଓ ମାନସିକ ସ୍ତରରେ ଆହତ ହୋଇଥିବାରୁ ତାକୁ ତୁରନ୍ତଙ୍କ କ୍ଷତିପୂରଣ ସହିତ ସରକାରୀସ୍ତରରେ ଥଇଥାନ କରିବାକୁ ଦାବି କରିଛନ୍ତି ।ଓଡିଶା କଂଗ୍ରେସର ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ନାରୀ ନ୍ୟାୟ ବାହିନୀ ର ସଭାନେତ୍ରୀ ଡା. ଗାୟତ୍ରୀ ବିଶ୍ୱାଳଙ୍କ ନେତୃତ୍ୱରେ ମନୀଷା ଦାସ, ମଞ୍ଜୁଶ୍ରୀ ରାଉତରାୟ, ପିଙ୍କି ମହାପାତ୍ର, ଆରତୀ ଦେଓ, ଜ୍ୟୋସ୍ନମୟୀ ବେହେରା ପୀଡ଼ିତେ ରହୁଥିବା ମାମୁ ଘର ହଳଦିଆପୋଷି ଗ୍ରାମକୁ ଯାଇ ଭେଟି ଥିଲେ ।। ଉକ୍ତ ମାମଲାଟି ଫାଷ୍ଟ ଟ୍ରାକ କୋର୍ଟ ରେ ବିଚାର କରାଯାଉ ଓ ପୀ ତୁରନ୍ତ ସରକାରୀ ଚାକିରୀରେ ଥଇଥାନ କରାଯିବାସହିତ କ୍ଷତିପୂରଣ ଦିଆଯାଉ ବୋଲି ସାମ୍ବାଦିକଙ୍କ ଠାରେ ଦାବି କରିଛନ୍ତି ନାରୀ ନ୍ୟାୟ ବାହିନୀର ସମସ୍ତ ସଦସ୍ୟା । ଶନିବାର ଦିନ ମଧ୍ୟ ଜିଲ୍ଲା ଏସ. ପି. ଙ୍କୁ ଭେଟିବା ପାଇଁ ଏଠାରୁ ଯାତ୍ରା କରିଛନ୍ତି କଂଗ୍ରେସ ଜିଲ୍ଲା ସଭାପତି ଭୁବନ ସାହୁ, ଯୁବ ସଭାପତି ସେକ ଜାକିର, ଲକ୍ଷ୍ମୀଧର ସିଂ, ଧରଣୀ ମହାନ୍ତ କର୍ମକର୍ତାମାନେ ଉକ୍ତ ମହିଳା ସଂଗଠନ ସହିତ ପୀଡ଼ିତାକୁ ଭେଟି ନ୍ୟାୟ ଦାବି କରିଛନ୍ତି।

# ବିସିଇଟିରେ ରଥଯାତ୍ରା



ବାଲେଶ୍ୱର, (ସବ୍ୟୁ) :ସେରଗଡ଼ସ୍ଥିତ ବାଲେଶ୍ୱର କଲେଜ ଅଫ୍ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି (ବିସିଇଟି) ଠାରେ ରଥଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ପୁରୋହିତଙ୍କଦ୍ୱାରା ପୂଜାଅର୍ଚ୍ଚନା କରାଯାଇ ମହାପ୍ରଭୁ ଜଗନ୍ନାଥଙ୍କର ସମସ୍ତ ନିତିକାନ୍ତି ଅନୁଷ୍ଠିତ ହୋଇଥିଲା। ପରେ ମହାପ୍ରଭୁ ଜଗନ୍ନାଥଙ୍କୁ ପହଣ୍ଡିବିଜେ କରାଯାଇ ରଥାରୁଢ଼ କରାଯାଇଥିଲା। ବିସିଇଟିର ପ୍ରତିଷ୍ଠାତା ତଥା ପରିଚାଳନା ପରିଷଦର ସଭାପତି ଡ. ମନ୍ମଥ କୁମାର ବିଶ୍ୱାଳ ଛେରା ପହଁରା କରିଥିଲେ। ଡ. ବିଶ୍ୱାଳଙ୍କ ସହଧର୍ମିଣୀ ତଥା ପରିଚାଳନା ପରିଷଦର ସଂପାଦିକା ସୁବ୍ରତା ବିଶ୍ୱାଳ, ଅନୁଷ୍ଠାନର ଉପସଭାପତି ଅଭିଷେକ ବିଶ୍ୱାଳ ଓ ସହ ଉପସଭାପତି ଶ୍ରୀମତୀ ରାଜଶ୍ରୀ ସ୍ୱାଇଁ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରିଥିଲେ। ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ଶହଶହ ଭକ୍ତ ସମବେତ ହୋଇ ରଥଟଣା କାର୍ଯ୍ୟକୁ ଶାନ୍ତିଶୃଙ୍ଖଳା ସହିତ ସମାପନ କରିଥିଲେ। ହୁଳହୁଳି, ଶଙ୍ଖ ଓ ଜୟଜଗନ୍ନାଥ ଧ୍ୱନିରେ ଚାରିଆଡ଼େ ପ୍ରକମ୍ପିତ ହୋଇଉଠିଥିଲା। ଶ୍ରୀଜୀଉଙ୍କ ରଥ କଲେଜ ପରିସରରୁ ବାହାରି ସେରଗଡ଼ ଫାଣ୍ଡି ନିକଟସ୍ଥ ମାଉସୀମା ମନ୍ଦିର ପର୍ଯ୍ୟନ୍ତ ଟଣାଯାଇଥିଲା।। ଭକ୍ତମାନେ ସେମାନଙ୍କ ମନସ୍କାମନା ପୂର୍ଣ୍ଣ କରିବାପାଇଁ ଯୋଡ଼ହସ୍ତରେ ଶ୍ରୀଜୀଉଙ୍କୁ ଆକୁଳ ନିବେଦନ କରିଥିଲେ। ପରିଶେଷରେ ଭକ୍ତମାନେ ପ୍ରସାଦ ସେବନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଡ. ରତିକାନ୍ତ ସାହୁ ଓ ଅଧ୍ୟକ୍ଷ ଡ. ଶିବେନ୍ଦ୍ର କୁମାର ଘଡ଼ାଇ, ଉପାଧ୍ୟକ୍ଷ ଶ୍ରୀଯୁକ୍ତ ଜେଯାତିରଞ୍ଜନ ରାଉତ, ଡିନ୍ ଏକାଡେମି ଶ୍ରୀଯୁକ୍ତ ସରୋଜ କୁମାର ପାତ୍ର, ଆଇ.କ୍ୟୁ.ଏସି.ର ମୁଖ୍ୟ ଡ. ଧିରେନ୍ଦ୍ର କୁମାର ଜେନା ସମସ୍ତ ବିଭାଗୀୟ ମୁଖ୍ୟ, ଅଧ୍ୟାପକ, ଅଧ୍ୟାପିକା, ପ୍ରଶାସନିକ କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ। ସେରଗଡ଼ସ୍ଥିତ ହରିହାଟ କମିଟିର ସମସ୍ତ ସଦସ୍ୟ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ତଦାରଖ କରୁଥିଲେ। ଖନ୍ତାପଡ଼ା ଥାନା ଅଧିନସ୍ଥ ସେରଗଡ଼ ପୋଲିସ ବିଟ୍‌ର କର୍ମଚାରୀମାନଙ୍କର ସହଯୋଗ କ୍ରମେ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। ଡ. ବିଶ୍ୱାଳ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସମସ୍ତ ଶ୍ରଦ୍ଧାଳୁ ଭକ୍ତ, ଜନସାଧାରଣ ଏବଂ ଗ୍ରାମବାସୀଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

# ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ନିଶା ନିରୋଧ ଦିବସ ପାଳନ



ବାଲେଶ୍ୱର,(ସବ୍ୟୁ): ଫକୀରମୋହନ (ଏଫଏମ) ବିଶ୍ୱବିଦ୍ୟାଳୟରେ ମାଦକଦ୍ରବ୍ୟର ପ୍ରଚଳନ ଓ ଅବୈଧ ମାଦକ ସେବନକୁ ବିରୋଧ କରି ଆନ୍ତର୍ଜାତିକ ନିଶା ନିରୋଧ ଦିବସ' ପାଳିତ ହୋଇଯାଇଛି। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପରିସରକୁ ସୁସ୍ଥ, ସୁରକ୍ଷିତ ଓ ନିଶାମୁକ୍ତ ଶିକ୍ଷା ପାଇଁ ଉପଯୁକ୍ତ ବାତାବରଣ ଗଠନର ଉଦ୍ଦେଶ୍ୟ ନେଇ ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ବାଲେଶ୍ୱର ସ୍ଥିତ ସଂଗଠନ ମିଳିତ ନିଶା ନିବାରଣ ଅଭିଯାନ( ମନା ) ର ମିଳିତ ସହଯୋଗରେ ଏକ ସ୍ୱତନ୍ତ୍ର କାଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା, ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କୁ ମାଦକ ସେବନର ଦୁଷ୍ପରିଣାମ ବିଷୟରେ ସଚେତନ କରିବା ଓ ଏହା ବିରୁଦ୍ଧରେ ଏକତ୍ରିତ ହୋଇ ସମାଜ ମଙ୍ଗଳ କାର୍ଯ୍ୟକଳାପ କରିବା। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମନା ସଂଗଠନର ପ୍ରେସିଡେଣ୍ଟ ପ୍ରଭାକର ସାହୁ, ଜେନେରାଲ ସେକ୍ରେଟେରୀ ମମତା ମହାପାତ୍ର, ବରିଷ୍ଠ ଉପଦେଷ୍ଟା ସୁବ୍ରତ କର ଓ ଡ଼କ୍ଟର କେଶବ ଚରଣ ପଣ୍ଡା ପ୍ରମୁଖ ଯୋଗଦେଇ ନିଜର ଉତ୍ସାହବର୍ଦ୍ଧକ ଉଦବୋଧନ ରଖି ମାଦକଦ୍ରବ୍ୟ ସେବନର ମନୋବୈଜ୍ଞାନିକ ଓ ଶାରୀରିକ ପ୍ରଭାବ ବିଷୟରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀଙ୍କୁ ଏହି କୁଅଭ୍ୟାସ ଠାରୁ ବିରତ ରହି ପାଖ ପରିବେଶକୁ ସୁସ୍ଥ କରିବା ପାଇଁ ହସ୍ତକ୍ଷେପର ଆବଶ୍ୟକତା ଉପରେ ଜୋର ଦେଇଥିଲେ।ଏଥିସହ ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସୂର୍ଯ୍ୟେନ୍ଦୁ କୁମାର ଦେ ଓ କୁଳସଚିବ କୁକୁମୀନା ଦାସ ଉପସ୍ଥିତ ହୋଇ ଯୁବବର୍ଗଙ୍କୁ ନିଶାମୁକ୍ତ ରହିବା ସହ ଏହାର ବିରୋଧ କରିବାକୁ ଉପଦେଶ ଦେଇଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ପ୍ରକାର ଜନସଚେତନତା ଅଭିଯାନକୁ ସାରା ଶିକ୍ଷାବର୍ଷ ଅବଧିରେ ଜାରି ରଖିବାର ପ୍ରସ୍ତାବ ମଧ୍ୟ ରଖାଯାଇଥିଲା, ଯାହାରେ ମାନସିକ ସ୍ୱାସ୍ଥ୍ୟ ଉପରେ କାର୍ଯ୍ୟଶୈଳୀ, ପରାମର୍ଶ କେନ୍ଦ୍ର ଓ ଉପଦେଶମୂଳକ କାର୍ଯ୍ୟକ୍ରମ ଆଦିକୁ ଅନ୍ତର୍ଭୁକ୍ତ କରାଯିବା।କାର୍ଯ୍ୟକ୍ରମ କୁ ବିଶ୍ୱବିଦ୍ୟାଳୟର ଏନଏସଏସ ପ୍ରୋଗ୍ରାମ ଅଫିସର ଡ଼କ୍ଟର ପ୍ରତିମା ପ୍ରଧାନ ସଂଚାଳନ କରିଥିଲେ, ଓ ଏନଏସଏସର ପ୍ରୋଗ୍ରାମ ଅଫିସର ଡ଼କ୍ଟର ଅଭୟ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ରଥ ପ୍ରତିଷ୍ଠା ଓ ଚତୁର୍ଦ୍ଧା ବିଗ୍ରହଙ୍କ ତିନିରଥ

## ଡକ୍ଟର ତପନ କୁମାର ପାଳ

ରଥଯାତ୍ରା ଦିନ ମହାପ୍ରଭୁଙ୍କର ପ୍ରଥମ ନୀତି ହେଉଛି ରଥ ପ୍ରତିଷ୍ଠା । ପ୍ରଥମେ ସ୍ନାନ ମଣ୍ଡପ ପାଖରେ ଥିବା ରଥ ପ୍ରତିଷ୍ଠା ମଣ୍ଡପରେ ତିନିରଥର ପ୍ରତୀକଭାବେ କାଠରେ ତିଆରି ହୋଇଥିବା ତିନି ଦେବତାଙ୍କୁ ପୂଜାର୍ଚ୍ଚନା କରାଯାଏ । ବଳଭଦ୍ରଙ୍କ ରଥର ପ୍ରତୀକ ଭାବେ ନୃସିଂହ, ଜଗନ୍ନାଥଙ୍କ ରଥର ପ୍ରତୀକ ଭାବେ ହନୁମାନ ଓ ମାତା ସୁଭଦ୍ରାଙ୍କ ପ୍ରତୀକ ଭାବେ ଭୁବନେଶ୍ୱରୀଙ୍କୁ ହିଁ ରଥ ମଣ୍ଡପରେ ପୂଜାର୍ଚ୍ଚନା କରାଯାଏ । ଏହି ସମୟରେ ଶ୍ରୀମନ୍ଦିର ପୁରୋହିତ, ରାଜାଙ୍କ ପ୍ରତିନିଧି ସ୍ୱରୂପ ରାଜଗୁରୁ ଓ ଶାସନୀ ବ୍ରାହ୍ମଣଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା ହୋଇଥାଏ । ବନଜାଗ ପଦ୍ଧତିରେ ଏଠାରେ ପୂଜାର୍ଚ୍ଚନା ହୋଇ ନୃସିଂହଙ୍କୁ ଆହୁତି ଦିଆଯାଏ । ତାପରେ ଘଣ୍ଟି ଛତ୍ରୀ କାହାଣୀ ପଟୁଆରରେ ରଥକୁ ଆସନ୍ତି । ସଂସ୍କାର ଜଳକୁ ରଥରେ ସିଞ୍ଚନ କରି ପୂଜା କରନ୍ତି । ମଙ୍ଗଳାର୍ପଣ କରି ପୁଷ୍ପାଞ୍ଜଳି ଦେଇ ରାଜା ଛେରାପହଁରା ନୀତି ପାଇଁ ଅପେକ୍ଷା କରି ରହିଥାନ୍ତି । ସେପଟେ ରଥ ପ୍ରତିଷ୍ଠା ହୋଇ ରଥ ଉପରେ ମହାପ୍ରଭୁ ବିଜେ କରି ବେଶ ହେଲାପରେ ରାଜାଙ୍କ ପାଖକୁ ଖବର ଆସେ । ମନ୍ଦିରରୁ ବଜନ୍ତ୍ରି କାହାଳିଆମାନେ ପଟୁଆରରେ ଯାଇ ରାଜାଙ୍କୁ ଛେରାପହଁରା ପାଇଁ ନିମନ୍ତ୍ରଣ କରିଥାନ୍ତି । ଛେରାପହଁରା ସେବା ନିମନ୍ତେ ରାଜାଙ୍କ ପାଇଁ ନଅରର ଦର୍ଜୀ ସ୍ୱତନ୍ତ୍ର ଭାବେ ଏକ ପ୍ରକାରର ଧଳା ପୋଷାକ କରିଥାନ୍ତି । ସେହି ପୋଷାକ ପିନ୍ଧି ରାଜା ବେଶ ହେଲାପରେ ଛେରାପହଁରା ନୀତି ପାଇଁ ତାନ୍‌ଜାନରେ ବାହାରନ୍ତି । ରଥ ଉପରେ ରାଜାଙ୍କ ସହ ରାଜଗୁରୁ, ବେହେରା କରଣ, ନଅରର ଜ୍ୟୋତିଷ ଓ ପୁଷ୍ପାଳକ ଉପସ୍ଥିତ ରହିଥାନ୍ତି । ରଥରେ ଚନ୍ଦନ ପାଣିର ଛିଟା (ଛେରା) ଓ ପୁଷ୍ପାଳକ ଫୁଲ ସହିତ ଶିଖିଲା ଗୁଣ୍ଡ ଚନ୍ଦନ ପକାଇଥାନ୍ତି । ରାଜା ଏହାକୁ ଛେରାପହଁରା କରିଥାନ୍ତି । ପ୍ରତି ରଥରେ ତିନିଘେରା ଲେଖାଏଁ ଛେରାପହଁରା କରି ନୀତି ସମାପନ କରିଥାନ୍ତି । ଶେଷରେ ମହାପ୍ରଭୁଙ୍କ ଆଶିଷ ଭିକ୍ଷା କରି ରାଜା ନଅର ଅଭିମୁଖେ ବାହାରନ୍ତି । ତେବେ ଛେରା ପହଁରା



ସରିଲେ ରଥ ଉପରେ ରାଜାଙ୍କୁ ଏକ ପ୍ରସାଦମାଳ ଓ ଶ୍ରୀକପଡ଼ା (ଅଙ୍ଗଲାଗି ବସ୍ତ୍ର) ଦିଆଯାଏ । ସେହିପରି ଆଉ ଏକ ପ୍ରସାଦମାଳ ଓ ଶ୍ରୀକପଡ଼ା ରାଣୀଙ୍କ ପାଇଁ ମଧ୍ୟ ଦିଆଯାଏ ।

ଏହି ତିନି ମୂର୍ତ୍ତୀଙ୍କୁ ରଥର ଚୂଡ଼ା ଦେଶରେ କୋଠ ସୁଆଁସିଆ ସେବକମାନେ ସ୍ଥାପନ କରିଥାନ୍ତି । ଏହିପରି ରଥ ପ୍ରତିଷ୍ଠା ହେବା ପରେ ହିଁ ମହାପ୍ରଭୁଙ୍କର ପହଣ୍ଡି କାର୍ଯ୍ୟକ୍ରମ ହୋଇଥାଏ ।

ପଞ୍ଚଦେବତାଙ୍କୁ ପୂଜା–ରାଣୀଙ୍କ ପାଇଁ ଆସେ ପ୍ରସାଦ ମାଳା : ଛେରାପହଁରା ନୀତି କରିବା ପାଇଁ ମହାରାଜା ଗଜପତି ରଥଯାତ୍ରା ଦିନ ସକାଳୁ ଉପବାସରେ ରହିଥାନ୍ତି । ସେଦିନ ପ୍ରଥମେ ରାଜଗୁରୁ ରାଜାଙ୍କୁ ପଇତାଲାଗି କରାନ୍ତି । ଏହାପରେ ରାଜା ପଞ୍ଚଦେବତାଙ୍କୁ ପୂଜାର୍ଚ୍ଚନା କରିଥାନ୍ତି । ରାଜନଅରରେ ଥିବା କନକଦୁର୍ଗା ମନ୍ଦିରରେ ରାଜଗୁରୁଙ୍କ ଉପସ୍ଥିତିରେ ରାଜା ଏହି

ଶ୍ରୀପୁରୁଷୋତ୍ତମ କ୍ଷେତ୍ର ପରମବ୍ରହ୍ମ ପରମାତ୍ମା ଶ୍ରୀଜଗନ୍ନାଥଙ୍କ ନିତ୍ୟ ଲୀଳାସ୍ଥଳ । ଶ୍ରୀମନ୍ଦିରରେ ବିରାଜମାନ କରି ମହାପ୍ରଭୁ ଭକ୍ତଙ୍କ ସହିତ ବିଭିନ୍ନ ପର୍ବପର୍ବାଣି ଓ ଉତ୍ସବରେ ଲୀଳାଖେଳା କରିଥାନ୍ତି । ମାନବଲୀଳା କରୁଥିବା ଦାରୁବିଗ୍ରହ ଏହି ସମୟରେ ଭିନ୍ନ ଭିନ୍ନ ବେଶରେ ସଜେଇ ହୋଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ରତ୍ନ ସିଂହାସନ ଛାଡ଼ି ବର୍ଷକୁ ଥରେ ପ୍ରଭୁ ସୁଦର୍ଶନ, ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହ ବଡ଼ଦାଣ୍ଡକୁ ଓହ୍ଲାଇ ଆସନ୍ତି । ତିନିରଥରେ ବସି ଚତୁର୍ଦ୍ଧା ବିଗ୍ରହ ଲକ୍ଷ ଲକ୍ଷ ଭକ୍ତଙ୍କୁ ଦର୍ଶନ ଦିଅନ୍ତି ।



ସାଧାରଣତଃ ରଥ ତିନୋଟିର ଭିନ୍ନ ଭିନ୍ନ ନାମ ରହିଛି । ଶ୍ରୀବଳଭଦ୍ରଙ୍କ ରଥର ନାମ ତାଳଧ୍ୱଜ, ଲଙ୍ଗଳ ଧ୍ୱଜ ବା ହଳଧ୍ୱଜ । ସେହିପରି ଶ୍ରୀଜଗନ୍ନାଥଙ୍କ ରଥର ନାମ ନନ୍ଦିଘୋଷ, ଚକ୍ରଧ୍ୱଜ ବା ଗରୁଡ଼ ଧ୍ୱଜ । ଦେବୀ ସୁଭଦ୍ରାଙ୍କ ରଥର ନାମ ଦର୍ପଦଳନ, ପଦ୍ମଧ୍ୱଜ ବା କମଳଧ୍ୱଜ । ତାଳଧ୍ୱଜ ରଥରେ ବ୍ୟବହୃତ କାଠର ସଂଖ୍ୟା ୭୩୧ ଖଣ୍ଡ । ନନ୍ଦିଘୋଷ ୭୪୨ ଏବଂ ଦର୍ପଦଳନ ରଥରେ ବ୍ୟବହୃତ କାଠର ସଂଖ୍ୟା ୭୧୧ ଖଣ୍ଡ । ତାଳଧ୍ୱଜ ରଥର ଉଚ୍ଚତା ୪୫ ଫୁଟ, ନନ୍ଦିଘୋଷ ୪୫ ଫୁଟ ୬ଇଞ୍ଚ ଏବଂ ଦର୍ପଦଳନ ରଥର ଉଚ୍ଚତା ୪୪ଫୁଟ ଇଞ୍ଚ । ତାଳଧ୍ୱଜ ରଥର ଚକ ସଂଖ୍ୟା ୧୪, ନନ୍ଦିଘୋଷ ୧୬ ଓ ଦର୍ପଦଳନର ଚକ ସଂଖ୍ୟା ୧୨ । ତାଳଧ୍ୱଜ ରଥର ଅଧୀଶ୍ୱର ଦେବତା ଶ୍ରୀବଳଭଦ୍ର, ଚଳନ୍ତି ପ୍ରତିମା ରାମ ଓ କୃଷ୍ଣ । ନନ୍ଦିଘୋଷ ରଥର ଅଧିଶ୍ୱର ଦେବତା ଶ୍ରୀଜଗନ୍ନାଥ ଓ ଚଳନ୍ତି ପ୍ରତିମା ମଦନମୋହନ । ଦର୍ପଦଳନ ରଥର ଅଧୀଶ୍ୱର ଦେବତା ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ । ତାଳଧ୍ୱଜ ରଥ ସାରଥିଙ୍କ ନାମ ମାତଳୀ, ନନ୍ଦିଘୋଷ ରଥ ସାରଥିଙ୍କ ନାମ ଦାରୁକ ଓ ଦର୍ପଦଳନ ରଥ ସାରଥିର ନାମ ଅର୍ଜ୍ଜୁନ ।

ତାଳଧ୍ୱଜ ରଥ ଦଉଡିର ନାମ ବାସୁକୀ, ନନ୍ଦିଘୋଷର ଶଙ୍ଖଚୁଡ଼ ନାମ୍ନୀ ନାଗୁଣୀ ଓ ଦେବୀ ସୁଭଦ୍ରାଙ୍କ ରଥ ଦଉଡିର ନାମ ସ୍ୱର୍ଣ୍ଣଚୁଡ଼ା ନାମକ ନାଗ । ବଡ଼ ଠାକୁରଙ୍କ ରଥର ଅଶ୍ୱଗୁଡ଼ିକ ହେଲେ ଶଙ୍ଖ, ସୁଚିତ୍ର, ଅଙ୍ଗଦ ଓ ମେଘନାଦ । ନନ୍ଦିଘୋଷର ଶଙ୍ଖ, ବଳାହକ, ଶ୍ୱେତ ଓ ହରିଦ୍ୱାଶ । ଦର୍ପଦଳନ ରଥ ଅଶ୍ୱଗୁଡ଼ିକ ହେଲେ ଗୋଚିକା, ମୋଚିକା, ଜିତା ଓ ଅପରାଜିତା । ତାଳଧ୍ୱଜ ରଥର ଦୁଇ ଶୁଆଙ୍କ ନାମ ଶ୍ରଦ୍ଧା ଓ ବିଶ୍ୱାସ, ନନ୍ଦିଘୋଷର ଜୀବ ଓ ପରମ ଏବଂ ଦର୍ପଦଳନ ରଥର ଦୁଇ ଶୁଆ ହେଲେ ସୁପର୍ଣ୍ଣ ଓ ଦ୍ୱାସୁପର୍ଣ୍ଣ । ତାଳଧ୍ୱଜ ରଥ ଋଷିପଟାରେ ଥିବା ଋଷିମାନଙ୍କ ନାମ ଅଙ୍ଗିରା, ପୌଲସ୍ତ୍ୟ, ପୁଲହ, ଅଗସ୍ତି, କୃଷ୍ଣ, ମୁଦ୍‌ଗଲ, ଆତ୍ରେୟ ଓ କାଶ୍ୟପ । ନନ୍ଦିଘୋଷ ରଥର ନାରଦ, ଦେବଳ, ବ୍ୟାସ, ଶୁକଦେବ, ପରାଶର, ବଶିଷ୍ଠ, ବିଶ୍ୱାମିତ୍ର ଓ ରୁଦ୍ର । ସେହିଭଳି ଦର୍ପଦଳନ ରଥ ଋଷିପଟାରେ ଥିବା ଋଷିମାନେ ହେଲେ ଭୃଗୁ, ସୁପ୍ରଭ, ବଜ୍ର, ଶୃଙ୍ଗୀ, ଧ୍ରୁବ, ଉଲ୍ଲୁକ ଓ ପ୍ରବର୍ତ୍ତକ ଋଷି ମଣ୍ଡଳ । ତାଳଧ୍ୱଜ ରଥର ଆବରଣ ଲୋହିତ ଓ ନୀଳ, ନନ୍ଦିଘୋଷ ରଥର ପୀତ ଓ ଲୋହିତ । ଦର୍ପଦଳନ ରଥର ଆବରଣ କୃଷ୍ଣ ଓ ଲୋହିତ ବର୍ଣ୍ଣ । ବଡ଼ଠାକୁରଙ୍କ ରଥର ନେତର ନାମ ଉନ୍ନନୀ, ମହାପ୍ରଭୁଙ୍କ ରଥ ନେତର ନାମ ତ୍ରୈଲୋକ୍ୟ ମୋହିନୀ ଓ ଦେବୀ ସୁଭଦ୍ରାଙ୍କ ରଥ ନେତର ନାମ ନାଦାମ୍ବିକା ।

ମନେ ରଖିବା ଉଚିତ ଯେ ଜୀବନ ଯାତ୍ରା ପଥରେ ସମସ୍ତ ପ୍ରକାରର ବିଳାସ–ବାସନା, ନୃତ–ଗୀତ, ଆମୋଦ–ପ୍ରମୋଦ ଏସବୁ ହେଉଛି ରଥଯାତ୍ରାର ଶୋଭାଯାତ୍ରା ଭଳି । ଜୀବନ ହେଉଛି ଏକ ରଥଯାତ୍ରା । ଏହି କଥା ମନରେ ରଖି ମନୁଷ୍ୟ ନିଜର ସମସ୍ତ କର୍ମର ବିଚାର କରିବା ଉଚିତ । ଜୀବନର ପ୍ରତିଟି କ୍ଷଣ, ମୁହୂର୍ତ୍ତ ଏବଂ କାଳର ପ୍ରତି ପାଦରେ ଭଗବାନଙ୍କ ନାମ ସ୍ମରଣ ପୂର୍ବକ ପରୋପକାର ଓ ସତ୍‌କର୍ମ ପାଇଁ ଏହି ଦେହର ରଥକୁ ସାରଥୀ ପରି ଆଧ୍ୟାତ୍ମିକ ମାର୍ଗରେ ପରିଚାଳନା କରିବା ହିଁ ଜୀବନର ମାନବୀୟ ମୂଲ୍ୟବୋଧ । କେବଳ ଧନୀ ବା ବିତ୍ତଶାଳୀ ନୁହଁନ୍ତି ଜଣେ ନିର୍ଦ୍ଧନଟି ବି ନିଜ ମୁଖରେ ସନ୍ତୋଷପୂର୍ଣ୍ଣକ ହୃଦୟ ଆନନ୍ଦକୁ ପରିପୂର୍ଣ୍ଣ କରୁଥିବା ମିଷ୍ଟ ବାଣୀ ଦ୍ୱାରା ଜଣକୁ ସନ୍ତୋଷ ପ୍ରଦାନ କରିପାରିବ । ପାଣି ମୁନ୍ଦାଏ ହେଉ ବା ଅସହାୟ ମୁହୂର୍ତ୍ତରେ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ କରୁଣାର ହାତ ବଢ଼ାଇବା ଦ୍ୱାରା ଜଣେ ଜୀବନ ରଥର ଶ୍ରେଷ୍ଠ ସାରଥୀ ଭାବେ ନିଜ ଜୀବନକୁ ଦିବ୍ୟପଥରେ ଅଗ୍ରଗାମୀ କରିପାରିବ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପତିତପାବନ ଯାତ୍ରାରେ ଏହି ଚିନ୍ତନ ସମସ୍ତଙ୍କୁ ମାର୍ଗ ଦେଖାଉ । ଜୀବନରେ ପ୍ରତ୍ୟେକ ମୁହୂର୍ତ୍ତ ହେଉଛି ଭଗବାନଙ୍କର ଅମୂଲ୍ୟ ଦାନ । ତେଣୁ ଏହାର ସଦ୍‌ବ୍ୟବହାର କରାଯିବା ଆବଶ୍ୟକ ।

**ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ,**
**ଦେଉଳ ସାହି, ତୁଳସୀପୁର, କଟକ,**
**ମୋ–୯୯୩୭୬୫୮୩୬୨**

# ଜ୍ଞାନମଣ୍ଡଳର ପ୍ରଣେତା ବିନୋଦ କାନୁନ୍‌ଗୋ

## ହିମାଂଶୁ ଶେଖର ଆଚାର୍ଯ୍ୟ

ଜନ୍ମ ମୃତ୍ୟୁର ବ୍ୟବଧାନ ହେଉଛି ଜୀବନ । ଏହା ବର୍ଷ, ମାସ, ଦିନ ଦଣ୍ଡରେ ସୀମିତ ନୁହେଁ । କର୍ମ ହିଁ ମଣିଷକୁ କାଳଜୟୀ କରିଥାଏ । ସେହିଭଳି ଜଣେ କାଳଜୟୀ ମଣିଷ ହେଉଛନ୍ତି ‘ଜ୍ଞାନମଣ୍ଡଳ’ର ପ୍ରଣେତା ବିନୋଦ କାନୁନ୍‌ଗୋ । ୧୯୧୨ ମସିହା ଜୁନ ୬ ତାରିଖରେ କଟକ ଜିଲ୍ଲାର କିଶନନଗର ଥାନାର ମଲୀପୁର ଗ୍ରାମରେ ପିତା କେଶବ ଚନ୍ଦ୍ର କାନୁନଗୋ ଓ ମାତା ପୀର ଦେବୀଙ୍କ କୋଳମଣ୍ଡନ କରିଥିଲେ ବିନୋଦ । ଓଡ଼ିଆ ଓ ସଂସ୍କୃତ ସାହିତ୍ୟର ପଣ୍ଡିତ ଓ ଗବେଷକ ପ୍ରଫେସର ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଏକମାତ୍ର ଭଣଜା ସେ । ପ୍ରଥମେ ଗାଁ ଅବଧାନଙ୍କ ନିକଟରେ ପାଠପଢିବା ପରେ ମାମୁଁଙ୍କ ଗାଁ (ପାଟକୁରା) କେନ୍ଦ୍ରାପଡାକୁ ଚାଲିଯାଇଥିଲେ । ପରେ ୧୯୨୭ରେ ସେ ରାଣୀହାଟ ମାଇନର ସ୍କୁଲରୁ ବୃତ୍ତି ପାଇ ରେଭେନ୍ସା କଲଜିଏଟ୍ ସ୍କୁଲରେ ପାଠପଢା ଆରମ୍ଭ କଲେ । କିନ୍ତୁ ତାଙ୍କର ପାଠପଢା ବିଶେଷ ଆଗେଇ ପାରିନଥିଲା । କିନ୍ତୁ ବିଧିର ବିଧାନ ଥିଲା ବିଚିତ୍ର ।

କୁହାଯାଏ କଠିନ ପରିଶ୍ରମ କେବେ ବୃଥାଯାଏ ନାହିଁ । ନିରବଚ୍ଛିନ୍ନ ସାଧନା ସଫଳତା ଦେଇଥାଏ । ଏହାକୁ ଅକ୍ଷରେ ଅକ୍ଷରେ ନିଜ ଜୀବନରେ ପ୍ରତିଫଳିତ କରିଥିଲେ ବିନୋଦ କାନୁନଗୋ । ଏକଦା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ୧୯୧୮ ମସିହାରେ ସତ୍ୟବାଦୀରେ ଅଭିମାନ ଓ କ୍ଷୋଭର ସହ ଲେଖିଥିଲେ– ‘ଓଡ଼ିଶାର ଧନୀ ସଙ୍ଗେ ବିଦ୍ୟାର ଯୋଗ ନାହିଁ । ପୁଣି ଧନୀ ଓ ଜ୍ଞାନୀମାନଙ୍କର ସହଯୋଗିତା ନାହିଁ । ନିକଟ ଭବିଷ୍ୟତରେ ଇନ୍‌ସାକ୍ଲୋପିଡିଆ ଭଳିଆ ଗୋଟିଏ କାର୍ଯ୍ୟ ସ୍ୱପ୍ନରେ ସୁଦ୍ଧା ଓଡିଆ ଭାଷାରେ ଆଶା କରାଯାଇପାରେ କି? ଏହି ଆହ୍ୱାନ ଗ୍ରହଣ କରିଥିଲେ ବିନୋଦ କାନୁନଉଗୋ ।

ସେ କହିଥିଲେ ‘ମୁଁ ନିଜେ ଜଣେ ଡ୍ରପଆଉଟ ବା ଦଶମ ଶ୍ରେଣୀ ଆରମ୍ଭରୁ ପାଠ ଛାଡିବା ଲୋକ । ଯେଉଁ ଦିନ ସ୍କୁଲ ଛାଡି ଗାନ୍ଧୀ ଆନ୍ଦୋଳନରେ ଯୋଗଦେଲି, ସେଦିନ ମୁଁ ଶପଥ ନେଇଥିଲି ଯେ, ସ୍କୁଲ ଛାଡିବି ସିନା, ପାଠ ଛାଡିବି ନାହିଁ ।’ ଗୋଟିଏ ଜାତି ପାଇଁ ସିଏ ଯେଉଁ ଅପୂର୍ବ କାର୍ଯ୍ୟ ସମ୍ପାଦନ କରିଛନ୍ତି ଏବଂ ଓଡ଼ିଶାକୁ ଜ୍ଞାନଯୁଗ ଆଡକୁ ଅଗ୍ରସର କରାଇଛନ୍ତି, ତା’ର ପଟାନ୍ତର ନାହିଁ । କୁହାଯାଏ ଯେ, ତ୍ରୟୋଦଶ ଶତାବ୍ଦୀରେ ମଧ୍ୟଯୁଗର ପ୍ରଖ୍ୟାତ ଇଂରେଜ ବୈଜ୍ଞାନିକ ରୋଜର ବେକନ୍ ବିଶ୍ୱର ସର୍ବପ୍ରଥମ ଜ୍ଞାନକୋଷର ରଚନା କରିଥିଲେ । କିନ୍ତୁ ତାହା ଲୋକଲୋଚନକୁ ଆସିବା ଆଗରୁ କୁଆଡେ ଅନ୍ତର୍ହିତ ହୋଇଗଲା । ଏହାର ପ୍ରାୟ ପାଞ୍ଚ ଶହ ବର୍ଷପରେ ଏନସାଇକ୍ଲୋପିଡିଆ ବ୍ରିଟାନିକାର ଆବିର୍ଭାବ ହେଲା । ତେଣୁ ‘ଜ୍ଞାନକୋଷ’ ପ୍ରଣୟନ କରିବା କେତେ ଦୁଃସାଧ୍ୟ ଏଥିରୁ ସ୍ପଷ୍ଟ ଅନୁମେୟ ।

କୌଣସି କାର୍ଯ୍ୟ ଆରମ୍ଭ କରି ଶେଷ କରିବା ପାଇଁ ଆବଶ୍ୟକ ପ୍ରତିଶ୍ରୁତିବଦ୍ଧତା । ତାହାକୁ ପାଥେୟକରି ବିନୋଦ କାନୁନଗୋ ତାଙ୍କ ଲକ୍ଷ୍ୟ ପଥରେ ଆଗେଇ ଚାଲିଲେ । ସେ କହୁଥିଲେ ମୁଁ ମନୁଷ୍ୟ । ଅନ୍ୟପ୍ରାଣୀମାନଙ୍କ ତୁଳନାରେ ମୋର ଗୋଟିଏ ଉନ୍ନତ ମସ୍ତିଷ୍କ ଅଛି । ତେଣୁ ଜଗତର ଯେ କୌଣସି କଥା ଜାଣିବା ପାଇଁ ଆଗ୍ରହ ହେବା ଦରକାର । ମୁଁ ସହଜରେ ଜାଣିବି ଓ ଜାଣିବାର ସୁଯୋଗ ପାଇବି । ମୁଁ ମଣିଷ ହେଇଥିବାରୁ ଜ୍ଞାନ ହାସଲ କରିବାଟା ମୋର ଜନ୍ମଗତ ଅଧିକାର । ସେହି ଅଧିକାରରୁ ମୋତେ ବଞ୍ଚିତ କରିପାରିବେ ନାହିଁ ।

ଗୋଟିଏ ଅଭିଧାନରୁ ଗୋଟିଏ ଭାଷାର ପ୍ରତ୍ୟେକ ଶବ୍ଦର ଅର୍ଥ ମିଳିଗଲା ଭଳି ଗୋଟିଏ ପୁସ୍ତକରୁ ମାନବ ଜ୍ଞାନର ପ୍ରତ୍ୟେକ ବିଭାଗର ସଂକ୍ଷିପ୍ତ ପରିଚୟ ମିଳୁଥିବା ପୁସ୍ତକଟିର ଆବଶ୍ୟକତା ଅନୁଭବ କରାଗଲା... ଆମେ ଓଡ଼ିଆ । ଆମର ଗୋଟିଏ ଉନ୍ନତ ଭାଷା ଅଛି । ଦୁନିଆର ଚାରିଆଡେ ଏହିଭଳି ପୁସ୍ତକ ପ୍ରକାଶ ପାଉଥିଲାବେଳେ ଆମେ କଣ ସେଭଳି କରିପାରିବା ନାହିଁ ?

ଏହି ପ୍ରଶ୍ନ ଯେତେବେଳେ ମୋ ମନରେ ଉଠିଛି, ମୁଁ ବ୍ୟଥିତ ହୋଇପଡିଛି । ଶେଷରେ ସ୍ୱପ୍ନର ଦିନ ସାକାର ହେଲା, ଯେତେବେଳେ ୧୯୬୦ ମସିହାରେ ଜ୍ଞାନ ମଣ୍ଡଳର ପ୍ରଥମଭାଗ ପ୍ରକାଶ ପାଇଲା । ବିନୋଦ କାନୁନଗୋଙ୍କ ଏନସାକ୍ଲୋପିଡିଆକୁ ତିନି ଶ୍ରେଣୀରେ ବିଭକ୍ତ କରାଯାଇଛି। ଯଥା– (୧) ବିଶେଷଜ୍ଞଙ୍କ ପାଇଁ ରିଫେରେନସ ଏନସାଇକ୍ଲୋପିଡିଆ, (୨) କିଶୋର କିଶୋରୀଙ୍କ ପାଇଁ ଚିତ୍ରବହୁଳ ଓ ସରଳଭାଷାରେ ଲିଖିତ ଚିଲ୍‌ଡ୍ରେନ୍ସ ଏନସାଇକ୍ଲୋପିଡିଆ (୩) ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଜନପ୍ରିୟ, ସୁଖପାଠ୍ୟ ସହଜବୋଧ ପପୁଲାର ଏନସାକ୍ଲୋପିଡିଆ । ସେ ତାଙ୍କ ଜ୍ଞାନମଣ୍ଡଳକୁ ପପୁଲାଇ ଏନସାକ୍ଲୋପିଡିଆ ଶ୍ରେଣୀଭୁକ୍ତ କରିଛନ୍ତି । କିନ୍ତୁ ସେଥିରେ ଯେତେ ସଂଖ୍ୟକ ଚିତ୍ର ରହିଛି ଏବଂ ବିଷୟବସ୍ତୁର ବର୍ଣ୍ଣନା ହୋଇଛି, ତାହା ଅଳ୍ପ ପାଠପଢିଥିବା ଆଗ୍ରହୀ ପିଲାମାନେ ମଧ୍ୟ ସହଜରେ ଧରି ପାରିବେ ।

ସୂଚନାଯୋଗ୍ୟ ଯେ, ବିନୋଦ କାନୁନଗୋ ଜଣେ ଉଚ୍ଚମାନର ଶିଶୁ ସାହିତ୍ୟକ ଥିଲେ । ତାଙ୍କର ସୃଜନଶୀଳତାର ଚଉହଦୀ ବେଶ୍ ପରିବ୍ୟାପ୍ତ ଥିଲା। ଶିଶୁ, କିଶୋରମାନଙ୍କ ପାଇଁ ସେ ଶତାଧିକ ପୁସ୍ତକ ଲେଖିଛନ୍ତି । ତନ୍ମଧ୍ୟରେ ଋଣ ପରିଷୋଧ, ଛାତିକି ପଥର କରି, ବିଜ୍ଞାନ ପୁସ୍ତକ, ପବନ ଇତ୍ୟାଦି ଅନ୍ୟତମ । ଛାତିକୁ ପଥର କରି ପୁସ୍ତକ ପାଇଁ ୧୯୮୦ ମସିହାରେ ସେ ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କାର ଓ ଋଣ ପରିଶୋଧ ପାଇଁ ୧୯୮୪ରେ ମଧ୍ୟ ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ । ଏହି ପୁସ୍ତକମାନଙ୍କରେ ସେ ନିଜର ପିଲାଦିନର ସ୍ମୃତିକୁ ଯେପରି ଉପସ୍ଥାପନା କରିଛନ୍ତି, ତାହା ଯେକୌଣସି ପାଠକଙ୍କୁ ମୁଗ୍ଧ କରିବ । ସ୍ୱାଧୀନତା ପୂର୍ବରୁ ୧୯୩୦ ଏପ୍ରିଲ ୧୦ ତାରିଖରେ ଗାନ୍ଧିଜୀଙ୍କ ଡାକରାରେ ନବମରୁ ଦଶମ ଶ୍ରେଣୀକୁ ଯିବା ଆଗରୁ ପାଠ ଛାଡି ଦେଇ ସେ ଲବଣ ସତ୍ୟାଗ୍ରହରେ ଯୋଗଦେଲେ ଓ ନଭେମ୍ବର ୧୫ରେ ଜେଲ ଯାଇଥିଲେ । ୧୯୩୧ ପାଟଣା କ୍ୟାମ୍ପ ଜେଲରୁ ଖଲାସ ହେବା ପରେ ପୁଣି ୧୯୩୨ରେ କାରାରୁଦ୍ଧ ହେଲେ । ୧୯୩୩ରେ ବ୍ୟକ୍ତିଗତ ସତ୍ୟାଗ୍ରହରେ ମଧ୍ୟ ଯୋଗ ଦେଇଥିଲେ ।

୧୯୩୪ ସେ ଗାନ୍ଧିଜୀଙ୍କ ଛୁଆଁ ଅଛୁଆଁ ଭେଦଭାବ ବିରୋଧରେ ପଦଯାତ୍ରାରେ ଭାଗ ନେଇ ସମାଜର ବିଶେଷ ସମ୍ବାଦଦାତା ଭାବରେ ବିସ୍ତୃତ ବିବରଣୀ ପଠାଉଥିଲେ । ତାଙ୍କ ସୃଷ୍ଟିରେ ପ୍ରତିଷ୍ଠିତ ବିନୋଦ କାନୁନଗୋ ଓଡିଆ ଭାଷା ଉତ୍କର୍ଷ କେନ୍ଦ୍ର ତୃଣମୂଳ ସ୍ତରରେ ଓଡ଼ିଆ ଭାଷାର ବୃଦ୍ଧି ଓ ବିକାଶର ବାର୍ତ୍ତାକୁ ନେଇ ପହଞ୍ଚାଇବାରେ ଆଜି ଚେଷ୍ଟିତ ।

ଖାଲି ସେତିକି ନୁହେଁ ୧୯୫୪ ମସିହା ଜାନୁଆରୀ ପହିଲା ଦିନ ମାତ୍ର ଗୋଟିଏ ଟଙ୍କା ଧରି ଗାଁ ରୁ କଟକ ଚାଲି ଆସିଲେ ଓ ସେହିଦିନ ହିଁ ଜ୍ଞାନମଣ୍ଡଳ ପ୍ରଣୟନ ଲାଗି ଦୀର୍ଘ ତପସ୍ୟା ଓ ସାଧନା ଆରମ୍ଭ କଲେ । ଏଥି ସହିତ ୧୯୫୫ରେ ଉତ୍କଳ ଦର୍ପଣ ଓ ଶିଶୁ ସାହିତ୍ୟର ବିକାଶ ପାଇଁ ସମବାୟ ସଂସ୍ଥା ଗଠନ କଲେ । ଓଡ଼ିଆ ଭାଷାରେ ବିଜ୍ଞାନର ଯେ କୌଣସି ଜଟିଳ ତତ୍ତ୍ୱକୁ ଯେ ସରଳ ଓ ସାବଲୀଳ ଢଙ୍ଗରେ ପ୍ରକାଶ କରାଯାଇପାରେ, ଏହା ସେ ପ୍ରମାଣ କରିଥିଲେ । ସର୍ବୋପରି ୧୯୭୨–୭୩ ମସିହାରେ ସ୍ୱାଧୀନତା ସଂଗ୍ରାମର ଇତିହାସ ‘ମୁଠାଏ ଲୁଣ ଗୋଟାଏ ସାମ୍ରାଜ୍ୟ’ ପ୍ରସ୍ତୁତି ପାଇଁ ସାରା ଓଡିଶା ଭ୍ରମଣ କରି ମୁକ୍ତି ସଂଗ୍ରାମୀଙ୍କ ବିବରଣୀ ଓ ଫଟୋ ସଂଗ୍ରହ କରିଥିଲେ ।


ଏହି ପ୍ରତିଭାଧର ମଣିଷଙ୍କ ଦେହାବସାନ ହେଲା ୧୯୯୦ ମସିହା ଜୁନ ୨୨ ତାରିଖରେ । ତାଙ୍କ ବିୟୋଗରେ ଏକ ଯୁଗର ଅବସାନ ହେଲା । ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ଭାଷାରେ– ‘ମଣିଷ ଜୀବନ ନୁହଁଇ କେବଳ ବର୍ଷ ମାସ ଦିନ ଦଣ୍ଡ, କର୍ମେ ଜିଏଁ ନର କର୍ମ ଏକା ତାର ଜୀବନର ମାନ ଦଣ୍ଡ’। ବାସ୍ତବରେ ଏହି ଉକ୍ତିଟି ବିନୋଦ କାନୁନଗୋଙ୍କ ପାଇଁ ବେଶ ପ୍ରଣିଧାନ ଯୋଗ୍ୟ । ସାହିତ୍ୟ ସାଧନା ଠାରୁ ଆରମ୍ଭ କରି ସ୍ୱାଧୀନତାର କଣ୍ଟକୀତ ପଥ ଶିଶୁ ସାହିତ୍ୟ ଠାରୁ ଆରମ୍ଭ କରି ଜ୍ଞାନ କୋଷପରି ବୃହତ ଗ୍ରନ୍ଥ ରଚନା ପର୍ଯ୍ୟନ୍ତ ସବୁଠି ତାଙ୍କ କାଳଜୟୀ ସ୍ମୃତିର ସ୍ୱାକ୍ଷର । ସେଥିପାଇଁ ମୃତ୍ୟୁର ୩୨ ବର୍ଷ ପରେ ବି ସେ ଆମ ନିକଟରେ ଚିରଜ୍ଜ୍ୱଲ୍ୟମାନ, ଚିରଭାସ୍ୱର । ବିସ୍ମୃତିର ପାଣିକନା ତାକୁ ପୋଛି ଦେଇ ପାରିବ ନାହିଁ । ବିନୋଦ କାନୁନଗୋଙ୍କ ଜ୍ଞାନମଣ୍ଡଳ ଯେ ପର୍ଯ୍ୟନ୍ତ ରହିଛି ସେ ପର୍ଯ୍ୟନ୍ତ ଏହି ଜ୍ଞାନ ତପସ୍ୱୀ ଆମ ନିକଟରେ ଚିରସ୍ମରଣୀୟ ହେଇ ରହିଛନ୍ତି ଓ ରହିଥିବେ ।

**ସଭାପତି ସାରସ୍ୱତ ପରିଷଦ,**
**ଜଗତସିଂହପୁର,ମୋ – ୯୩୩୭୨୨୧୯୨୪**

*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)*
samayaeditorial2021@gmail.com

# କବିତା

## ମୋକ୍ଷ



### ମାନସ ରଂଜନ ମହାପାତ୍ର

କେଉଁ ଶଙ୍ଖନାଭି ମଣ୍ଡଳରେ
ସଞ୍ଜ ହେଇଯିବ ମାହାର୍ଜେ !
ତୁମେ ଓ ମୁଁ ଦେଖା ହେଇପାରୁନଥିବା
ହେଲେ ଛୁଉଁଥିବା ଏକକୁ ଆରେକ
ପରସ୍ପର
କେଉଁ ଅଦୃଶ୍ୟ ଗୋଲାର୍ଦ୍ଧରେ
କେବେ ?
ତୁମ ମୋ ଶେଷ ଦେଖାର
ହେଲାଣି ଅନେକ ଯୁଗ
ଯାତ୍ରା ଆରମ୍ଭ ବେଳେ ଆମେ
ଥିଲେ ଗୋଟେ ବିନ୍ଦୁର
ବେଦ ,ବେଦାନ୍ତ, ସ୍ମୃତି
ସତ୍ୟ, ଦ୍ୱାପର, କଳି ଓ କଳ୍କୀ ପାରିହେଇ
ଆମେ ପୁଣି ଏକ ବିନ୍ଦୁରେ
ତଥାକଥିତ ବିଜୟ ସ୍ତମ୍ଭ ତଳେ
ଏକାକୀ
ଆମର ଅନନ୍ତ ଯାତ୍ରା
ଶ୍ୱେତଗଙ୍ଗାରୁ ମଣିକର୍ଣ୍ଣିକା ଘାଟ ଦେଇ
ମାର୍କଣ୍ଡରୁ ଇନ୍ଦ୍ରଦ୍ୟୁମ୍ନ ଓ ମହୋଦଧି
ତଥାପି କାହିଁକି ସରେନାହିଁ ଏ ଯାତ୍ରା,
ଅଥଚ
ସରି ଯାଉଥାଏ ଜୀବନ !
ଓ ଆମେ ପାଲଟି ଯାଉଁ
ଅସୁମାରୀ ଭୋକ ଭରା ଏକ
ମହାଯୌନତାର ଉପତ୍ୟକା
ଅସମାପ୍ତ
ଦିନ ଥିଲା ଛିଣ୍ଡା ହାୱାଇ ଚପଲଟେ ପିନ୍ଧି
ଧଳା ମାର୍କିନ୍ କନାର ଟ୍ରାଉଜର
ପଞ୍ଜାବୀରେ
ମୁଁ ଖେଦି ଯାଉଥିଲି ତୁମ ଶ୍ରୀକ୍ଷେତ୍ରର
ଏମୁଣ୍ଡୁ ସେମୁଣ୍ଡ
ସାରାଦିନ ଚାଲିଚାଲି, ଅବା ମୋର
ପୁରୁଣା ସାଇକେଲରେ
ଏବେ ଯାନ୍ତ୍ରିକ ବାହନ ବିନା
ମୁଁ ଆଗେଇ ପାରେନି ଚାଖଣ୍ଡେ
ଏବେ ବିଶାଳ ହେଇଗଲାଣି
ତୁମ ଶଙ୍ଖନାଭି ମଣ୍ଡଳ ସିନା
ସଂକୀର୍ଣ୍ଣ ହେଇଗଲାଣି ସବୁ ମନ
ସମସ୍ତେ ଖୋଲି ବସିଲେଣି
ନିଜ ନିଜର ଦୋକାନ
ତୁମ ବଡଦାଣ୍ଡରେ ଏବେ ମୁଁ ଆଉ
ବୁଲିପାରୁନି
ଆଗଭଳି ଖୋଲା ପବନରେ
ଏତେ ଅପରିଚିତ ହେଇଗଲାଣି
ଏ ଜନପଦ
ସଞ୍ଜ ହେଇଗଲାଣି ମାହାର୍ଜେ
ଆଲୁଅର ରୋଷଣୀରେ ଆମେ ଠିଆ
ଅନ୍ଧାରରେ
ଯା’ଠୁ ଭଲ, ଚାଲ ଯିବା
ପୁଣିଥରେ ସଂଗାତ ବସିବା
କେଉଁ ଅଦୃଶ୍ୟ ଗୋଲାର୍ଦ୍ଧରେ
ଏକକୁ ଆରେକ କୁଣ୍ଢେଇ ହେଇ
ଠିଆ ହେବା ।

**ମୋ–୯୮୯୧୯୪୬୧୭୮**

## କପଟୀ ପଟି ଦିଅଁ



### ଦିଲ୍ଲୀପ ଶତପଥୀ

ହଟିଆ ଠାକୁର ହଟ କରିଦେଲା
ସିନାନ ବେଦୀ କୁ ଯିବ,
ସୁବର୍ଣ୍ଣ କୂଅରୁ ଶହେ ଆଠ ଗରା
ମସ୍ତକରେ ନାଗି ହେବ ।
ହଟିଆ ଠାକୁର ହାତୀ ବେଶ ହେବ
ସିନାନ ବେଦୀରେ ବସି,
ଭଗତେ ଦେଖିଲେ ଭକ୍ତିରେ ଝୁଲିଲେ
ଅନ୍ତରେ ହୋଇଲେ ଖୁସି ।
ଛିଞ୍ଚା ଗାଧୁଆରୁ ପୋଖରୀ ପହଁରା
ଖରାଟା ଅତିଷ୍ଠ କଲା,
ଶହେ ଆଠ ଗରା ମୁଣ୍ଡରେ ଅଜାଡି
ଜ୍ୱରକୁ ନିମତା ଦେଲା ।
ଅଣସର ଘରେ ପଥି ସେବା ହେଲା
ନ ହୋଇଲା ଦରଶନ,
ଭକତ ଭିଡ଼ରେ ଅଲାରନାଥ ଯେ
ଶିରୀ କ୍ଷେତ୍ର ଜନ ଶୂନ୍ୟ ।
ସେବକ ସୁଆର ଚିତ୍ରକର ପୁଏ
ରଚିଦେଲେ ପଟି ଦିଅଁ,
ଅନନ୍ତ ବାସୁଦେବ ଭୁବନେଶ୍ୱରୀ ମା’
ରୂପ ନେଲେ ଦାରୁ ଦିଅଁ ।
ହଟିଆ ଠାକୁର ପଟିରେ ବିରାଜେ
ନବ ଯଉବନ ଯାଏଁ,
ମହାପ୍ରଭୁ ଗଲେ ରତ୍ନ ସିଂହାସନେ
ପଟି କାଢି ପୂଜା ପାଏ ।
ଚତୁର୍ଦ୍ଧା ମୂରତି ଦିଶେ ମନୋହର
ଥିଲେ ରତ୍ନ ସିଂହାସନେ,
ଅଥବା ରଥରେ ଅବା ଆଡପରେ
ପୁଣ୍ୟ ମିଳେ ଦରଶନେ ।
ଚଳନ୍ତି ପ୍ରତିମା ପଟି ଦିଅଁ ପୂଜା
ପ୍ରଭୁଙ୍କର ଲୀଳା ଖେଳା,
କେତେବେଳେ ସିଏ ସୁନା ଛାଇ ହୁଏ
କେତେବେଳେ ସେ ମୁକୁଳା ।

**ପୋଷ୍ଟ ମାଷ୍ଟର, ଏ ଜି ପୋଷ୍ଟ ଅଫିସ**
**ଭୁବନେଶ୍ୱର, ୭୫୧୦୦୧**
**ମୋ–୯୪୩୭୧୭୫୭୬୪**

## ରଥରେ ବାମନ

### ଶୁଭେନ୍ଦୁ କୁମାର ମହାପାତ୍ର

ଗୋଟି ପହଣ୍ଡିରେ ଚତୁର୍ଦ୍ଧା ମୂରତି
ଝୁଲି ଝୁଲି ଆସିଥାନ୍ତି
ବଡ଼ଦାଣ୍ଡେ ସଜ ତିନି ରଥପରେ
ବିରାଜିତ ହୋଇଥାନ୍ତି ।
ବଳିଆ ଆସନ୍ତି ତାଳଧ୍ୱଜେ ବସି
ସୁଭଦ୍ରା ଦେବଦଳନେ
ପଛେ ନନ୍ଦିଘୋଷେ କାଳିଆ ଆସନ୍ତି
ଆଡେଇ ଜଗତ ଜନେ ।
ଜନମବେଦୀର ମାୟାରେ ଆସନ୍ତି
ଗୁଣ୍ଡିଚା ମନ୍ଦିରେ ଚାଲି
ନଅ ଦିନ କାଳ ମାଉସୀ ମା’ ଘରେ
ରହିବେ ପତ୍ନୀଙ୍କୁ ଭୁଲି ।
ହେରା ପଞ୍ଚମୀରେ ଲକ୍ଷ୍ମୀ ଠାକୁରାଣୀ
କୋପେ ରଥ ଭାଙ୍ଗିଥାନ୍ତି
ଠାକୁରେ ବାଟରେ ପୋଡ଼ପିଠା ଖାଇ
ମନ୍ଦିରେ ଫେରିଥାଆନ୍ତି ।
ବରଷକେ ଥରେ ଘୋଷଯାତ୍ରା କରି
ଭକତ ସଙ୍ଗେ ମିଶନ୍ତି
ବିଶ୍ୱର କଲ୍ୟାଣ ପାଇଁ ମହାପ୍ରଭୁ
ମାନବ ଲୀଳା କରନ୍ତି ।
ରଥରେ ବାମନ ଦେଖିଲେ ଭକତ
କୋଟି ପାପ ହୁଏ କ୍ଷୟ
ବଡ଼ଦାଣ୍ଡେ ରଥ ଦଉଡିକୁ ଟାଣି
କରନ୍ତି ପ୍ରଭୁଙ୍କୁ ଲୟ ।


**ଚାଉଳିଆ,ମଙ୍ଗଳପୁର , ଯାଜପୁର**
**ମୋ– ୯୪୩୮୦୬୪୯୦୮**

## ହୃଦୟ ରଥରେ ବସ ମହାବାହୁ

### ନିରଞ୍ଜନ ସାହୁ

ହୃଦୟ ରଥରେ ବସ ମହାବାହୁ
ମନ ବଡ଼ଦାଣ୍ଡେ ଗଡ଼ିବ
ଭକତି ଅନ୍ତରେ ଭଜନ କରିବି
ତୁଣ୍ଡେ ହରିବୋଲ ପଡ଼ିବ ।
ଏହି ଶରୀରରେ ଆହେ ପରମାତ୍ମା
ଆତ୍ମା ଭାବେ ତୁମେ ରହିଛ
ବିବେକ ଭାବରେ ବିଚାର ଶକ୍ତିରେ
ଭାବନାରେ ଆସି କହି ।
ଚିତ୍ତ ସ୍ଥିର କରି ସ୍ମରଣ କରୁଛି
ତୁମ ପ୍ରେମେ ଭକ୍ତ ଜଡ଼ିବ ।
ଶ୍ରଦ୍ଧାର ଶରଧା ବାଲିରେ ଠାକୁରେ
ରଥ ଯିବ ଗଡିଗଡ଼ିକି
ବିଶ୍ୱାସ ରଖିଛି ଯିବନାହିଁ ତୁମେ
ହୃଦୟ ରଥକୁ ଛାଡିକି
ଆଶା ଭରସାର କପିକେତନ ଯେ
ଫରଫର ହୋଇ ଉଡ଼ିବ ।
ଭାବ ଦଉଡିରେ ରଥ ମୁଁ ଟାଣିବି
ବନ୍ଧନ ଅତୁଟ ରହିବ
ସ୍ନେହ ସରାଗର ପୋଡ଼ପିଠା ଖାଇ
ଆଦରେ ଦି ’ପଦ କହିବ
ଭଲପାଇବାର ଗୁଣ୍ଡିଚା ମନ୍ଦିରୁ
କଦାପି ମୋତେ ନ ତଡିବ ।

**ନିହଲ ପ୍ରସାଦ , ଗଁଦିଆ ପାଟଣା**
**ଢେଙ୍କାନାଳ –୭୫୯୦୧୬**
**ମୋ– ୯୯୩୮୭୪୧୫୮୩**



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଶରଧାବାଲିରେ...

ମୁଖ୍ୟ ମନ୍ତ୍ରୀ, ପ୍ରଭାତୀ ପରିଡ଼ା, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଅଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ, ପୋଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ, ଅତିରିକ୍ତ ପୋଲିସ ଡ଼ିଜି ସଞ୍ଜୟ କୁମାର, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢୀ, ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସପି ବିନୀତ କୁମାର ଅଗ୍ରୱାଲ ଙ୍କ ସମେତ ବହୁ ବରିଷ୍ଠ ପ୍ରଶାସନିକ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଆଜି ଆଡପ...

ଦିନ ରଥଟଣା ହୋଇଛି । କିଛି ସମସ୍ୟା ନାହିଁ । ସବୁ ଶୃଙ୍ଖଳିତ ଭାବେ ହୋଇଛି । ସବୁ ସେବାୟତଙ୍କ ସହ ସହ ଉତ୍ତମ ସମନ୍ୱୟ, ରହିଛି, ସବୁ କିଛି ଠିକ ଠାକ୍ ଚାଲିଛି। ଆଗାକୁ ସବୁ ନୀତିକାନ୍ତି ଠିକ୍ ଚାଲିବ। ସେପଟେ ତିନିଠାକୁର ବଡଦେଉଳରେ ନଥିବାବେଳେ ଆରମ୍ଭ ହୋଇଛି ଶ୍ରୀମନ୍ଦିର ଗର୍ଭଗୃହ କାମ ଆରମ୍ଭ ହେଉଛି । ଏହି ଅବଧି ମଧ୍ୟରେ ରତ୍ନଭଣ୍ଡାର ମରାମତି କାମ ବି ଚାଲିବ।

## ଭବ୍ୟ...

ଆପଣଙ୍କ ନାମ ବି ଶୁଭ ଏବଂ ଆପଣଙ୍କ ଯାତ୍ରାର ଶୁଭାରମ୍ଭ ହୋଇଛି।

ପ୍ରଧାନମନ୍ତ୍ରୀଙ୍କୁ ଉତ୍ତର ଦେଇ ଶୁଭାଂଶୁ କହିଥିଲେ ଯେ ଏହା କେବଳ ମୋର ଏକୁଟିଆ ଯାତ୍ରା ନୁହେଁ, ଏହା ଦେଶବାସୀଙ୍କର। ସ୍ୱପ୍ନ ଭଳି ମୋ ପାଖରେ ନୂଆ ନୂଆ ଅଭିଜ୍ଞତା ଆସୁଛି। କିଛି ସମୟ ପୂର୍ବରୁ ମୁଁ ଝରକାବାଟେ ବାହାରକୁ ଦେଖୁଥିଲି। ଆମେ ପବନରେ ଉଡିଲା ଭଳି ଦେଖାଯାଉଛି। କକ୍ଷରୁ ମୁଁ ଗୋଟିଏ ଦିନରେ ୧୬ ଥର ସୂର୍ଯ୍ୟାସ୍ତ ଓ ସୂର୍ଯ୍ୟାସ୍ତ ଦେଖିଛି। ଆମ ଦେଶଟି ବହୁତ ବଡ ଦିଶୁଛି। ଆମେ ବର୍ଷେ ଯାଏ ପ୍ରଶିକ୍ଷଣ ନେଉଥିଲୁ। ଏଠାକୁ ଆସିବା ପରେ ସବୁକିଛି ପରିବର୍ତ୍ତନ ହୋଇଛି। ଛୋଟ ଛୋଟ ଜିନିଷ ମଧ୍ୟରେ ଅନେକ ପାର୍ଥକ୍ୟ ଦେଖାଯାଉଛି, କାରଣ ଏଠାରେ ମାଧ୍ୟାକର୍ଷଣ ଶକ୍ତି ନାହିଁ। ଏଠାରେ ଶୋଇବା ବଡ ଆହ୍ୱାନ ହୋଇଛି। ଏହି ପରିବେଷ ସହ ସ୍ୱାଭାବିକ ହେବାପାଇଁ କିଛି ସମୟ ଲାଗିବ। ଯେତେବେଳେ ଆମେ ମହାକାଶରୁ ଭାରତକୁ ଦେଖୁଛୁ ଭାରତ ଭବ୍ୟ ଓ ବହୁତ ବଡ ଦିଶୁଛି। କୌଣସି ରାଜ୍ୟ ଦିଶୁନାହିଁ, କି କୌଣସି ସୀମା ଦିଶୁନାହିଁ। ଆମେ ସମସ୍ତେ ମାନବିକତାର ଏକ ଅଂଶ। ସମଗ୍ର ପୃଥିବୀ ଆମ ଘର। ସମସ୍ତେ ଏହା ବୁଝିବା ଦରକାର। ଶୁକ୍ଲାଙ୍କ ସହ ଅନ୍ୟ ୩ ମହାକାଶଚାରୀ ମଧ୍ୟ ଏହି ମିଶନ ଆକ୍ସିୟମ୍-୪ରେ ମହାକାଶ ଯାଇଛନ୍ତି। ଭାରତୀୟ ମହାକାଶଚାରୀ ଭାବେ ପ୍ରଥମେ ରାକେଶ ଶର୍ମା ମହାକାଶକୁ ଯାଇଥିଲେ ଓ ଏହାର ୪୧ ବର୍ଷ ପରେ ଶୁଭାଂଶୁ ଯାଇ ଐତିହାସିକ ମାଇଲଖୁଣ୍ଟ ସୃଷ୍ଟି କରିଛନ୍ତି। ଶୁଭାଂଶୁ କହିଛନ୍ତି ଯେ ଏହା ହେଉଛି ଭାରତର ମହାକାଶ ଯାତ୍ରାର ଏକ ପର୍ଯ୍ୟାୟ। ମୁଁ ଆପଣଙ୍କ ସହ କଥା ହେଉଛି। ଏହି ଯାତ୍ରା ବେଶ୍ ଉତ୍ସାହଜନକ। ମୁଁ ସାଙ୍ଗରେ ତ୍ରିରଙ୍ଗା ଆଣିଛି ଏବଂ ଏଠାରେ ୧୪ ଦିନ ରହିବି ବୋଲି ପ୍ରଧାନମନ୍ତ୍ରୀଙ୍କୁ କହିଥିଲେ।

## ଚକା ଆଖି...

ଚିନ୍ତା ଓ ଦୁଃଖ ପ୍ରକାଶ ନକରି ରହି ହେଉନାହିଁ। ଗତବର୍ଷ ଆଡପ ମଣ୍ଡପ ବିଜେ ସମୟରେ ମହାପ୍ରଭୁ ବଳଭଦ୍ର ପଡିଯିବା ଘଟଣାକୁ କେହି ଭୁଲିନାହାନ୍ତି। ଏବର୍ଷ ସମସ୍ତେ ଦେଖିଲେ ନନ୍ଦିଘୋଷ ରଥ ସିଂହଦ୍ୱାର ସାମ୍ନାରେ ୭.୪୫ ପର୍ଯ୍ୟନ୍ତ ଅଟକି ରହିଲା। ଏହାପରେ କିଛି ମିଟର ଟଣାଗଲା। ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଏହି ଅନନ୍ୟ ଉତ୍ସବ ଦେଖିବାକୁ ଆସିଥିବା ଲକ୍ଷ ଲକ୍ଷ ଭକ୍ତଙ୍କୁ ଏହା ସମ୍ପୂର୍ଣ୍ଣ ନିରାସ ଓ ହତାସ କରିଛି। ଭିଡ ନିୟନ୍ତ୍ରଣରେ ଅପାରଗତା ଯୋଗୁ ଶହ ଶହ ଭକ୍ତ ଆହତ ହୋଇଛନ୍ତି। ଆମେ କେବଳ ଏତିକି ପ୍ରାର୍ଥନା କରିପାରିବା ଏହି ବିଭ୍ରାଟ ତଥା ବିଶୃଙ୍ଖଳା ପାଇଁ ଦାୟୀ ସମସ୍ତଙ୍କୁ ମହାପ୍ରଭୁ ଜଗନ୍ନାଥ କ୍ଷମା କରନ୍ତୁ। ଏହି ଘଟଣା ସରକାରରେ ଥିବା ସମସ୍ତଙ୍କ ମନରେ ଗଭୀର ଚିନ୍ତନ ଆଣୁ ଓ ଚକା ଆଖି ସବୁ ଦେଖୁଛି ବୋଲି ସେ ଉଲ୍ଲେଖ କରିଛନ୍ତି।

## ବିରୋଧୀ...

ଶରଧା ବାଲିରେ ପହଞ୍ଚନ୍ତି। ଯେଉଁମାନେ ରାଜନୀତି କରୁଛନ୍ତି ଆଜି ନହେଲେ କାଲି ଭୋଗିବେ। ଅପରାହ୍ନ ୪ଟା ସୁଦ୍ଧା ରଥଟଣା ଆରମ୍ଭ ହୋଇଥିଲା। ବଳଭଦ୍ରଙ୍କ ରଥ ମୋଡ ନେବାକୁ ସମୟ ଲାଗିଥିଲା। ଅନୁକୂଳ ପାଗ ଯୋଗୁ ଦେଢ଼ଗୁଣା ଅଧିକ ଲୋକଙ୍କ ସମାଗମ ହୋଇଥିଲା। ଅଧିକ ଲୋକ ହେବାରୁ ବିଧି ରକ୍ଷା ପାଇଁ ନନ୍ଦିଘୋଷ ଟଣାଯାଇଥିଲା।

## ୩ ଯୁବତୀଙ୍କ...

ଭଉଣୀ । ସେମାନଙ୍କ ଘର କେନ୍ଦ୍ରାପଡା ଜିଲ୍ଲା ରାଜକନିକା ଅଂଚଳରେ ବୋଲି ଜାଣିବାକୁ ମିଳିଛି । ରିମଝିମ ଏବଂ ଏଲିନା ସଂଗୀତ ମହାବିଦ୍ୟାଳୟର ଅଧ୍ୟୟନ କରନ୍ତି । ଖବର ଲେଖା ହେବା ପର୍ଯ୍ୟନ୍ତ ଦୁର୍ଘଟଣା ଘଟାଇଥିବା ବସ ଏବଂ ଖସି ଯାଇଥିବା ସ୍କୁଟି ଜବତ ହୋଇ ପାରି ନାହିଁ. ଖୁବ ଶୀଘ୍ର ଧରାହେବ ବୋଲି ଆଇ ଆଇ ସି ସୌମେନ୍ଦୁ ଶେଖର ତ୍ରିପାଠୀ ପ୍ରକାଶ କରିଛନ୍ତି । ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ଗଭିର ଦୁଃଖ ପ୍ରକାଶ କରିବା ସହ ମୃତକ ପରିବାରକୁ ୪ଲକ୍ଷ ଲେଖାଏ ସହାୟତା ରାଶି ଘାଷଣ କରିଛନ୍ତି ।

## ଏକା ସାଙ୍ଗରେ...

ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ଏକା ସାଙ୍ଗରେ ଜଳିଥିଲା ୩ଟି ଜୁଇ । ଯାହାକି ସ୍ଥାନୀୟ ଅଞ୍ଚଳରେ ହୃଦୟ ବିଦାରକ ପରିବେଶ ସୃଷ୍ଟି କରିଥିଲା ।

## ଭିଡ଼...

ଭାର ଆଇନ୍ ମନ୍ତ୍ରୀଙ୍କ କାନ୍ଧରେ ରହିଥିଲା ବୋଲି କୁହାଯାଉଛି। ନୀତିକାନ୍ତି ଠିକ୍ ସମୟରେ ହୋଇଛି ବୋଲି ଆଇନ୍ ମନ୍ତ୍ରୀ କହିସାରିଛନ୍ତି। ତେବେ ମନ୍ତ୍ରିସ୍ତରୀୟ କମିଟି କ'ଣ ପଦକ୍ଷେପ ପୂର୍ବରୁ ନେଇଥିଲା ଓ କ'ଣ ପ୍ରସ୍ତୁତି ଚଳାଇଥିଲା ତାହା ଏବେବି ସମସ୍ତଙ୍କ ଅଗୋଚରରେ। ତେବେ ପ୍ରଶ୍ନ ଉଠୁଛି ଏତେ ସଂଖ୍ୟକ ଲୋକ ଆସିଲେ ବୋଲି ଯାହା କୁହାଯାଉଛି ତାହାର ସୂଚନା କିଭଳି ପ୍ରଶାସନ ଆଗୁଆ ପାଇଲା ନାହିଁ। ଏଆଇ ଦ୍ୱାରା ଭିଡ ଉପରେ ନଜର ରଖାଯାଇଛି ବୋଲି ପୋଲିସ ବାରମ୍ବାର କହି ଆସୁଥିଲା। ରଥଯାତ୍ରାକୁ ପ୍ରାୟ ୧୦ ଲକ୍ଷ ଲୋକ ଆସିବା ଏକ ସ୍ୱାଭାବିକ ଘଟଣା। ହେଲେ ଏ ବର୍ଷ ଦେଢ଼ଗୁଣ ଅଧିକ ଲୋକ ହେଲେ ବୋଲି ଯାହା କୁହାଯାଉଛି ତାହାର ହିସାବ କିଭଳି ହେଲା ତାହା ବି ଜଣାପଡୁନାହିଁ। ବରିଷ୍ଠ ନେତା ବିଜୟ ମହାପାତ୍ର ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଯେ ୫ ହଜାର ଦଳୀୟ କର୍ମୀଙ୍କୁ କର୍ଡନ ପାସ୍ ଦିଆଯାଇଥିବାବେଳେ ୫ ହଜାର କର୍ମୀଙ୍କୁ ପହଣ୍ଡି ପାସ୍ ଦିଆଯାଇଥିଲା। କର୍ଡନ ଭିତରେ ୫ ହଜାର ଲୋକ ଥିବାବେଳେ ମନ୍ଦିର ଭିତରେ ୫ ହଜାର ଥିଲେ। ଏତେ ସଂଖ୍ୟକ ପାସ୍ କାହା ଅନୁମତିରେ ପ୍ରଦାନ କରାଗଲା ତାହାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ଯଦି ବିଜୟଙ୍କ ଅଭିଯୋଗ ସତ ହୁଏ ତେବେ ଏହା ମଧ୍ୟ ତଦନ୍ତ ସାପେକ୍ଷ। ଯେଉଁ ତ୍ରୁଟି ପାଇଁ ବର୍ଷ ବର୍ଷର ପରମ୍ପରା ଭଙ୍ଗ ହେଲା ତାହାକୁ ଅନୁଧ୍ୟାନ କରାଯିବା ଉଚିତ୍। ଯାହା ହେଉଛି ସବୁ ମହାପ୍ରଭୁଙ୍କ ଇଚ୍ଛାରେ ବୋଲି କହି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ନିଜ ମୁଣ୍ଡରୁ ଦାୟିତ୍ୱ ଖସାଇବାକୁ ଚେଷ୍ଟା କରିଛନ୍ତି। ଯଦି ସବୁକିଛି ଜଗନ୍ନାଥଙ୍କ ଇଚ୍ଛାରେ ହେଉଛି ତେବେ ଏତେ ସଂଖ୍ୟକ କର୍ମଚାରୀ କାହିଁକି ନିୟୋଜିତ ହେଉଛନ୍ତି ବୋଲି ମଧ୍ୟ ପ୍ରଶ୍ନ ଉଠିଲାଣି। ୪୦୦ ରୁ ୫୦୦ ଲୋକ ଦଳାଚକଟାରେ ଆହତ ହୋଇଥିବା କୁହାଯାଉଥିବାବେଳେ କିଛି ଲୋକଙ୍କର ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ଆସୁଛି। ତେବେ ମୃତ୍ୟୁକୁ ପ୍ରଶାସନ ତରଫରୁ ଅସ୍ୱୀକାର କରାଯାଇଛି। ଅବଶ୍ୟ ଏ ପର୍ଯ୍ୟନ୍ତ ମୃତ୍ୟୁକୁ ନେଇ କୌଣସି ଠୋସ୍ ପ୍ରମାଣ ମିଳିପାରିନାହିଁ।

ଦେଖଣାହାରିଙ୍କ କହିବାନୁଯାୟୀ କର୍ଡନ ମଧ୍ୟରେ ଭିଡ ପରିଚାଳନା କାଠିକର ପାଠ ହୋଇପଡିଥିଲା। ଭିଭିଆଇପିଙ୍କ ଦର୍ଶନ ଓ ଆତିଥ୍ୟରେ ପୋଲିସ ବ୍ୟସ୍ତ ଥିଲେ। ଯେଉଁ ପରିସ୍ଥିତିରେ ରଥକୁ କର୍ଡନ କରାଯାଇ ଲୋକମାନଙ୍କୁ ବାହାରେ ରଖାଯାଏ ସେ ବ୍ୟବସ୍ଥାରେ ତ୍ରୁଟି ଥିଲା। ପ୍ରତି ରଥର ସୁରକ୍ଷା ଦାୟିତ୍ୱରେ ଡିଏସପି ପାହ୍ୟାର ଜଣେ କମାଣ୍ଡାଣ୍ଟ ରହିବା କଥା। ସେମାନେ ରଥଟଣା ପୂର୍ବରୁ ରଥକୁ କର୍ଡନ କରି ତା' ଭିତରେ ରହିଥିବା ଲୋକମାନଙ୍କୁ ବାହାରକୁ ନିଅନ୍ତି। ମାତ୍ର ଏଥର ସେଭଳି କିଛି ପରିଲକ୍ଷିତ ହୋଇନଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀ କହୁଛନ୍ତି। ମନ୍ଦିର ପ୍ରଶାସନ ମଧ୍ୟ ରଥ ପାଖରୁ ହଟିବା ପାଇଁ ବାରମ୍ବାର ମାଇକ ଯୋଗେ ସୂଚନା ଦେଇଥିଲେ। ହେଲେ ପାସ୍ ପାଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଅଧିକାଂଶ କ୍ଷମତାସୀନ ଦଳର ହୋଇଥିବାରୁ ସେମାନେ ଏହି ଆଦେଶକୁ କର୍ଣ୍ଣପାତ କରିନଥିଲେ। ସ୍ଥିତି ସେତିକି ସରିନଥିଲା। ଶ୍ରୀଗୁଣ୍ଡିଚା ଦିନ ରାତିରେ ମଧ୍ୟ ଅଧିକାଂଶ ଭକ୍ତ ଯାଇ ଶରଧାବାଲି ଓ ବଡଦାଣ୍ଡରେ ଥିବା ରଥାରୁଢ଼ଙ୍କୁ ଦର୍ଶନ କରିଥାନ୍ତି। ମାତ୍ର ରାତିରେ ଯାଉଥିବା ଶ୍ରଦ୍ଧାଳୁମାନଙ୍କ ଯିବାରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହୋଇଛି। ରାସ୍ତା ଦେଖାଇବା ଆଳରେ ପୋଲିସ ଅବରୋଧ କରି ଘଣ୍ଟା ଘଣ୍ଟା ଧରି ଭିଡ ସୃଷ୍ଟି କରିଥିଲା। ଦୁଇ କିମି ପର୍ଯ୍ୟନ୍ତ ଗାଡି ଧାଡିରେ ରହୁଥିଲା। ସ୍ଥିତି ଏଭଳି ହେଉଥିଲା ଯେ ଚନ୍ଦନପୁରରୁ ପୁରୀ ପହଞ୍ଚିବାକୁ ପ୍ରାୟ ୨.୫ ଘଣ୍ଟା ଉପରେ ଲାଗୁଥିଲା। ତେବେ ବଡଦାଣ୍ଡକୁ କିଭଳି ଯିବେ ସେ ନେଇ କୌଣସି ସ୍ୱଷ୍ଟ ମାର୍ଗ ପୋଲିସ ଦେଖାଉନଥିଲା। ତେବେ ଭିଡ ପରିଚାଳନାରେ ଏଭଳି ତ୍ରୁଟି ଯାଞ୍ଚ ହେବା ନିଶ୍ଚୟ ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି।

## ମୁଖ୍ୟମନ୍ତ୍ରୀଙ୍କୁ...

ଏନର୍ଜିର ଉତ୍ପାଦନ ଏବଂ କୋଲ ଗ୍ୟାସିଫିକେସନ୍ ପ୍ଲାଣ୍ଟ ସ୍ଥାପନ ଉପରେ ଆଲୋଚନା ହୋଇଥିଲା । ସୂଚନାଯୋଗ୍ୟ ଯେ, ଉତ୍କର୍ଷ ଓଡ଼ିଶା – ମେକ୍ ଇନ୍ ଓଡ଼ିଶା କନକ୍ଲେଭ ପରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ରାଜ୍ୟ ସରକାର ରାଜ୍ୟରେ ଶିଳ୍ପ ବିକାଶର ଗତିକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି । ନିକଟରେ ଗୋପାଳପୁର ବନ୍ଦରର ବିକାଶ ପାଇଁ ରାଜ୍ୟ ସରକାର ଏକ କନସେସନ୍ ଏଗ୍ରିମେଣ୍ଟ କରିଛନ୍ତି । ଏଥିରେ ଆଦାନୀ ଗ୍ରୁପ ପକ୍ଷରୁ ୧୬,୫୫୪ କୋଟି ଟଙ୍କା ବିନିଯୋଗ କରାଯାଉଛି ଏବଂ ଏହାଦ୍ୱାରା ଗୋପାଳପୁର ବନ୍ଦରର ପଣ୍ୟ ପରିବହନ କ୍ଷମତା ୫୦ ମିଲିଅନ ମେଟ୍ରିକ୍ ଟନକୁ ବୃଦ୍ଧି ପାଇବ । ୫୦୦୦ ନିଯୁକ୍ତି ସମ୍ଭାବନା ମଧ୍ୟ ସୃଷ୍ଟି ହେବ । ଏହି ଆଲୋଚନା ସମୟରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ ।

# ଅଗ୍ନିକାଣ୍ଡରେ ଜଳିଗଲା ୮ ବଖରା

ଡ଼େଲାଙ୍ଗ, (ସବ୍ୟୁ): ଶନିବାର ରାତି ପ୍ରାୟ ସାଢ଼େ ୯ଟା ବେଳେ ପୁରୀଜିଲ୍ଲା ଡ଼େଲାଙ୍ଗ ବ୍ଲକ ଚାଇଁପୁର ପଞ୍ଚାୟତ ଅନ୍ତର୍ଗତ ଷଡାଙ୍ଗୋଇ ପଶ୍ଚିମ ବାଡ଼ ଗ୍ରାମରେ ଅଗ୍ନିକାଣ୍ଡ ଘଟି ଉଲ୍ଲାସ ମହାପାତ୍ର, ନାରାୟଣ ମହାପାତ୍ର ୍ରଙ୍କ ପୁରୁଣା ଚାଳ ଘର ୮ ବଖରା ଜଳିଯାଇଛି । ଫଳରେ ଘରେ ଥିବା ଲକ୍ଷାଧିକ ଟଙ୍କାର ସମ୍ପତି ପୋଡ଼ି ପାଉଁଶ ହୋଇଯାଇଛି । ତେବେ ନିଆଁ ଲାଗିବାର କାରଣ ଜଣାପଡ଼ି ନ ଥିବା ବେଳେ ଗୋରୁମାନଙ୍କୁ ଗ୍ରାମବାସୀମାନେ ଫିଟାଇ ଦେବାରୁ କେହି ମୃତହତ ହୋଇ ନଥବା କୁହାଯାଇଛି ।

### ପୁରୀ ରଥଯାତ୍ରା ବିଘଟନ

# ୧୦ ଦିନ ମଧ୍ୟରେ ଆଇନଗତ ତଦନ୍ତ ହେଉ : କଂଗ୍ରେସ



ଭୁବନେଶ୍ୱର,(ସବ୍ୟୁ): ୫୩ ବର୍ଷ ପରେ ସଂଯୋଗ ଜୁଟିଥିଲା । ଏକା ଦିନରେ ଶୁକ୍ରବାର ନବ ଯୌବନ ଦର୍ଶନ, ନେତ୍ର ଉତ୍ସବ ଓ ଶ୍ରୀ ଗୁଣ୍ଡିଚା ଯାତ୍ରା ପଡ଼ିଥିଲା । ପ୍ରଶାସନ ପକ୍ଷରୁ ସବୁ ସ୍ୱାଭାବିକ ହେବ ବୋଲି କୁହାଯାଇଥିଲା । କିନ୍ତୁ ଅଭାବନୀୟ ଅଘଟଣ ଓ ବିଘଟଣ ସମସ୍ତଙ୍କୁ ଗଭୀର ମର୍ମାହିତ କରିଛି । ଅନେକ ବର୍ଷ ଗୋଟିଏ ଦିନରେ ରଥଟଣା ଓ ଗୁଣ୍ଡିଚା ମନ୍ଦିର ପହଣ୍ଡି ଗୋଟିଏ ଦିନରେ ସରିଛି । ହେଲେ ଚଳିତ ବର୍ଷ ତାଳଧ୍ୱଜ ଓ ଦର୍ପଦଳନ ପହଞ୍ଚିତ ପାରିଲେନି ।ନନ୍ଦିଘୋଷ ବିଧି ରକ୍ଷା ପାଇଁ ନା କୁ ମାତ୍ର ଗଡ଼ିଲା । ଗୋଥିତମ ଆଦାନୀ ଓଡ଼ିଶା ଆସି ପୁରୀ ଯିବେ, ରଥ ଟାଣିବେ ଓ ପ୍ରସାଦ ସେବନ କରିବେ ରଥଯାତ୍ରା ପୂର୍ବଦିନ ଗଣମାଧ୍ୟମରେ ସମ୍ବାଦ ପ୍ରସାରଣ ହୋଇଥିଲା । କିନ୍ତୁ ଗୌତମ ଆଦାନୀ ରଥଯାତ୍ରା ଦିନ ପୁରୀ ଯାଇପାରିଲେ ନାହିଁ । ତାଙ୍କ ପାଇଁ ରଥଟଣାକୁ ପରଦିନକୁ ଘୁଞ୍ଚାଯାଇଥିଲା ବୋଲି କି ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ପ୍ରଶ୍ନ କରିଛନ୍ତି । ରଥଯାତ୍ରା ଦିନର ମହାବିଭ୍ରାଟ ପ୍ରସଙ୍ଗରେ ଶ୍ରୀ ହରିଚନ୍ଦନ କହିଛନ୍ତି, ଶ୍ରୀ ମନ୍ଦିର ମୁଖ୍ୟ ପ୍ରଶାସକ ଜଣେ ଦକ୍ଷ ଅଭିଜ୍ଞ ସରକାରୀ ଅଧିକାରୀ ହୋଇଥିଲେ ମଧ୍ୟ ତାଙ୍କର ଉକ୍ତି ଆମ ସସସ୍ତଙ୍କୁ ବିବ୍ରତ ଓ ବ୍ୟଥିତ କରିଛି । ବୋଧହୁଏ କିଛି ଭକ୍ତ ଆସିପାରି ନାହାନ୍ତି । ସେଥିପାଇଁ ନନ୍ଦିଘୋଷ ଗଡ଼ିଲା ନାହିଁ । ନନ୍ଦିଘୋଷ ଟଣା ପରଦିନ ସକାଳକୁ ଘୁଞ୍ଚିଗଲା । କାହାଆଡ଼କୁ ଏ ଇଙ୍ଗିତ? । ଗୋଥିତମ ଆଦାନୀ ଆଡ଼କୁ ନୁହେଁ ତ ବୋଲି ସେ ପୁଣି ପ୍ରଶ୍ନ କରିଛନ୍ତି । କିଛି ଅଘଟଣ-ବିଘଟଣ ହୋଇନାହିଁ ବୋଲି କହି ଆଇନମନ୍ତ୍ରୀ ଘଟଣାକୁ ଫାଙ୍କିଦେଇଛନ୍ତି । ପହଣ୍ଡି ଠାରୁ ଛେରା ପହରା ମଧ୍ୟରେ କ'ଣ ପାଇଁ ଦୁଇଘା ବ୍ୟବଧାନ ରହିଲା । ପୂର୍ବରୁ ଶ୍ରୀମନ୍ଦିର ପରିଚାଳନା ସମିତି ଗଠନ ନେଇ ଗଜପତି ମହାରାଜ ଏବଂ ଆଇନ ମନ୍ତ୍ରୀଙ୍କ ମଧ୍ୟରେ ଅମେଳ ଓ ମତଭେଦ ଥିଲା । ଏବେ ରାଜାଙ୍କର ଓ ମନ୍ତ୍ରୀଙ୍କର ଛେରା ପହରା ଉଚ୍ଛୂର ହେବା ଘଟଣା ଭିନ୍ନଆଡ଼କୁ ସୂଚାଉଛି । ରଥଯାତ୍ରାରେ ଦଳାଚକଟାରେ ୭୫୦ ଆହତ ହୋଇଛନ୍ତି । ଶ୍ରଦ୍ଧାଳଙ୍କୁ ମୃତ୍ୟୁ ହୋଇଥିବା ଘଟଣା ଅଭିଯୋଗ ହେଉଛି । ସରକାର ଏ ସମ୍ପର୍କରେ ପାଟି ଖୋଲୁ ନାହାନ୍ତି । ଗତବର୍ଷ ୪ ଜଣଙ୍କର ମୃତ୍ୟୁ ହୋଇଥିଲା ଓ ୫୦ ରୁ ଅଧିକ ଆହତ ହୋଇଥିଲେ । ଏଥର ଦଳା ଚକଟାରେ ନୁହେଁ, ପୋଲିସ ମାଡ଼ରେ ବହୁ ପତ୍ରକାର ଆହତ ହୋଇଛନ୍ତି । ମହିଳା ସାମ୍ବାଦିକା ଗୁରୁତର ଭାବେ ଆହତ ହୋଇଛନ୍ତି । ଇଏ କି ପ୍ରକାର ପରିଚାଳନା । ଆଇଏସ୍ଆଇ ଲିଙ୍କ ଥିବା ଜ୍ୟୋତି ମାଲହୋତ୍ରାଙ୍କ ମହିଳା ବାନ୍ଧବୀ ପ୍ରିୟଙ୍କା ମଧ୍ୟ କର୍ଡନ ପରିସର ମଧ୍ୟରେ ବୁଲିବାର ଦେଖାଯାଇଥିଲା । ୫୦୦୦ ରୁ ଅଧିକ ପାସ ବଣ୍ଟାଯାଇଥିଲା । ସରକାରୀ ପ୍ରଶାସନ, ମନ୍ଦିର ପରିଚାଳନା ସମିତି ଓ ସେବାୟତ ମାନଙ୍କ ମଧ୍ୟରେ ସମନ୍ୱୟ ନାହିଁ । ନା କୁ ମାତ୍ର ସମନ୍ୱୟ କମିଟି ବସିଲା । ଗତକାଲି ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଉଚ୍ଚନ୍ୟାୟାଳୟର ମୁଖ୍ୟ ବିଚାରପତି ରଥଖଳା କଡ଼ରେ ଉପସ୍ଥିତ ଥିଲେ । କେନ୍ଦ୍ରମନ୍ତ୍ରୀ ଓ ରାଜ୍ୟମନ୍ତ୍ରୀ ମାନଙ୍କ ସହ ପ୍ରାୟ ସବୁ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ । ହେଲେ ସରକାରଟା ଯେମିତି ସ୍ଥିର ଓ ଅଚଳ ହୋଇପଡ଼ିଥିଲା । କିମ୍ କର୍ତ୍ତବ୍ୟ ବିମୁଢ଼ ଅବସ୍ଥା । ଶ୍ରୀ ହରିଚନ୍ଦନ କେଉଁ କାରଣ ବା ଗୂଢ଼ କାରଣରୁ ଏହି ମହା ବିଭ୍ରାଟ ଘଟିଲା ବୋଲି ପଚାରିଛନ୍ତି । ନିଳାଦ୍ରୀ ବିଜେ ପରେ ୧୦ ଦିନ ମଧ୍ୟରେ କାର୍ଯ୍ୟରତ ପୁରୀ ଜିଲ୍ଲା ଦୌରାଜଜ୍ଙ୍କ ଦ୍ୱାରା ଘଟଣାର ନ୍ୟାୟିକ ତଦନ୍ତ କରାଯାଉ ଏବଂ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ପିସିସି ପକ୍ଷରୁ ସେ ଦାବି କରିଛନ୍ତି । ଏଥି ସହିତ ମହାପ୍ରଭୁଙ୍କ ପାଖରେ ମହାଦୋଷ ମାର୍ଜନା ପାଇଁ ଆମେ ସମସ୍ତେ କ୍ଷମା ପ୍ରାର୍ଥନା କରୁଛୁ ବୋଲି କହିଛନ୍ତି । ସେହିପରି ପିସିସି ପୂର୍ବତନ ମୁଖପାତ୍ର ରଜନୀ ମହାନ୍ତି କହିଛନ୍ତି, ରଥଯାତ୍ରାରେ ହଜାର, ହଜାର କର୍ଡନ ପାସ କାହାକୁ ଓ କାହିଁକି ଦିଆଗଲା? କାହିଁକି ବଡ଼ ଠାକୁରଙ୍କ ରଥ ଇଞ୍ଚେ ବି ଘୁଞ୍ଚିଲା ନାହିଁ । ରଥଯାତ୍ରା ବିଭ୍ରାଟ ଘଟଣାକୁ ନେଇ ପିସିସି ସଭାପତି ଭକ୍ତ ଚରଣ ଦାସ ଦୃଢ଼ ନିନ୍ଦା କରିବା ସହ ଏହି ଭୁଲ ପାଇଁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଏବଂ ଗଜପତି ପ୍ରଭୁଙ୍କ ପାଖରେ କ୍ଷମା ମାଗନ୍ତୁ ବୋଲି ତାଙ୍କ ପ୍ରତିକ୍ରିୟାରେ କହିଥିଲେ ।

# କୋଟିଆରେ ଗଡ଼ିଲା ରଥ

### ସାମିଲ ହେଲେ ଉପମୁଖ୍ୟମନ୍ତ୍ରୀଙ୍କ ସହ ୫ ମନ୍ତ୍ରୀ

କୋରାପୁଟ (ସବ୍ୟୁ): କୋଟିଆରେ ରଥଯାତ୍ରା ପାଳିତ ହୋଇଯାଇଛି । ଶାସକ ଓ ବିରୋଧୀ ଏକ ହୋଇ ରଥ ଟାଣିଥିଲେ । ରଥଯାତ୍ରା ଅବସରରେ କୋରାପୁଟ ସୀମାନ୍ତ ଚର୍ଚ୍ଚିତ ଉପାନ୍ତ କୋଟିଆରେ ରାଜନୈତିକ ମତଭେଦକୁ ଭୁଲି ଉଭୟ ଶାସକ ଓ ବିରୋଧୀ ମିଳିମିଶି ମହାବାହୁଙ୍କ ରଥ ଟାଣିନେବା ସହ ଭକ୍ତିଭାବରେ ବିଭୋର ହୋଇଛନ୍ତି। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ସମେତ ରାଜ୍ୟ ମନ୍ତ୍ରୀ ମଣ୍ଡଳର ୫ଜଣ ମନ୍ତ୍ରୀ କୋଟିଆରେ ପହଞ୍ଚି ରଥଯାତ୍ରାରେ ସାମିଲ ହୋଇ ଛେରାପହଁରା କରିବା ସହ ରଥ ଟାଣିଥିଲେ । କେବଳ ସରକାରଙ୍କ ମନ୍ତ୍ରୀ ନୁହଁନ୍ତି କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡ଼ାମ, ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି ମଧ୍ୟ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଦେଖିବାକୁ ମିଳଥିଲା । ପାରମ୍ପରିକ ନୃତ୍ୟ, ଗୀତ ମାଧ୍ୟମରେ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ କୋଟିଆ ଅଞ୍ଚଳବାସୀ ।ରଥ ଯାତ୍ରାରେ ସାମିଲ ହୋଇ ମନ୍ତ୍ରୀମାନେ ରଥ ଟାଣିବା କିଛି ନୂଆ କଥା ନୁହେଁ । କିନ୍ତୁ ବିବାଦୀୟ କୋଟିଆ ଅଞ୍ଚଳରେ ଏକା ସାଙ୍ଗରେ ରାଜ୍ୟ ସରକାରଙ୍କ ୫ଜଣ ମନ୍ତ୍ରୀଙ୍କ ସହ ବିରୋଧୀ ଦଳଙ୍କ ଏକତା ପଡ଼ୋଶୀ ରାଜ୍ୟକୁ ଦୃଢତାର ବାର୍ତ୍ତା ଦେଇଛି । ଅନେକ ସମୟରେ ଆନ୍ଧ୍ର ସରକାର ଏହି ଅଞ୍ଚଳକୁ ନିଜ ଦଖଲକୁ ନେବାକୁ ଚକ୍ରାନ୍ତ କରିଆସୁଛନ୍ତି । ଯାହାକୁ ସଫଳ ହେବାକୁ ଦିଆଯିବ ନାହିଁ, ଦଳମତ ନିର୍ବିଶେଷରେ କୋଟିଆ ପାଇଁ ସମସ୍ତେ ଏକ ହୋଇ ଲଢ଼ିବୁ ବୋଲି ନେତା, ମନ୍ତ୍ରୀ ମାନେ ଏକସ୍ୱରରେ କହିଛନ୍ତି । ଯାହାକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି । ଓଡ଼ିଶାର ଅଭିନ୍ନ ଅଙ୍ଗ ତଥା ବନ ପାହାଡ଼ ଘେରା କୋଟିଆ ଅଞ୍ଚଳର ବିକାଶ ପାଇଁ ରୋଡ଼ମ୍ୟାପ ପ୍ରସ୍ତୁତ ହେଉଥିବା ବେଳେ ଖୁବଶୀଘ୍ର ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି

## ସାଂସଦଙ୍କ ସହାୟତାରେ ଦୁବାଇରୁ ଫେରିଲା ଗଜେନ୍ଦ୍ରଙ୍କ ଶବ

ଟାଙ୍ଗୀ,(ସବ୍ୟୁ)ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ଅଧିନସ୍ଥ କୁଞ୍ଜୁରୀ ପଞ୍ଚାୟତ ଦିକ୍ଷିତପଡାର ଜଣେ ଶ୍ରମିକ ଗଜେନ୍ଦ୍ର ବେହେରା ସୁଦୁର ଦୁବାଇ ରେ କୌଣସି କାରଣରୁ ମୃତ୍ୟୁବରଣ କରିଥିଲେ ତେବେ ଭୂବନେଶ୍ୱର ସାଂସଦ ଓ ଖୋର୍ଦ୍ଧା ବିଧାୟକଙ୍କ ପ୍ରଚେଷ୍ଟା ରେ ତାଙ୍କ ମରଶରୀର(ଶବ)କୁ ଶନିବାର ଦିନି ନିଜ ଗ୍ରାମକୁ ଅଣାଯାଇଥିବାରୁ ଏଭଳି ସାଧୁ ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଥିବା ଜଣାପଡିଛି। ସୂଚନାଯୋଗ୍ୟ ଦିକ୍ଷିତପଡାର ଗୋକୁଳ ବେହେରାଙ୍କ ଏକମାତ୍ର ପୁତ୍ର ଗଜେନ୍ଦ୍ର ଗତ ୯ ଡିସେମ୍ବର ୨୦୨୩ ରୁ ଦୁବାଇ ରେ ଏକ କମ୍ପାନୀରେ ଷ୍ଟିଲ ଫିଷ୍ଟର ଶ୍ରମିକ ଭାବେ କାର୍ଯ୍ୟ କରି ଆସୁଥିଲେ ।ତେବେ ଗତ ୨୩ ତାରିଖରେ ତାଙ୍କର କୌଣସି କାରଣରୁ ମୃତ୍ୟୁ ଘଟିଥିବା ସଂପର୍କରେ ମୃତ ଗଜେନ୍ଦ୍ର ଙ୍କ କିଛି ସହକର୍ମୀ ତାଙ୍କ ପରିବାର କୁ ଏହି ଦୁଃଖଦ ଖବର ଦେଇଥିଲେ । ତେବେ ସୁଦୁର ଦୁବାଇରୁ ମୃତ ଶରୀର ଆଣି ନିଜ ଗ୍ରାମରେ ଅନ୍ତେଷ୍ଟେକ୍ରିୟା କରିବା ପାଇଁ ତାଙ୍କ ବାପା ଗୋକୁଳ ଭୂବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀଙ୍କୁ ଲିଖିତ ଅନୁରୋଧ କରିଥିଲେ । ସାଂସଦ ଶ୍ରୀ ମତି ଷଡଙ୍ଗୀ ଭାରତ ବୈଦେଶିକ ବ୍ୟାପାରମନ୍ତ୍ରୀ ଙ୍କୁ ଅନୁରୋଧ କ୍ରମେ ଶନିବାର ଦିନ ଗଜେନ୍ଦ୍ର ଙ୍କ ମରଶରୀକୁ ବିମାନ ଯୋଗେ ଭୂବନେଶ୍ୱର ରେ ପହଞ୍ଚିବା ପରେ ପରିବାର ଲୋକେ ମରଶରୀରକୁ ଆଣି ରିପୋର୍ଟ ଲେଖା ହେବା ବେଳକୁ ଶ୍ମଶାନରେ ଅନ୍ତ୍ୟଷ୍ଟିକ୍ରିୟା କରାଯାଇଥିବା ଜଣାପଡିଛି। ତେବେ ସାଂସଦ ଶ୍ରୀ ମତୀ ଷଡଙ୍ଗୀ ଓ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବଙ୍କୁ ସାଂସଦ ପ୍ରତିନିଧି ଚିନ୍ମୟ ପୃଷ୍ଟି,ସୁଶାନ୍ତ ସାମନ୍ତରାୟ,ପ୍ରଦିପ ମହାରଥୀ,ସଂଗ୍ରାମ ବିଶ୍ୱାଳ ,ପରିବାର ସଦସ୍ୟ,ଗ୍ରାମବାସୀ ଏହି ସାଧୁ ଉଦ୍ୟମକୁ କୃତଜ୍ଞତା ଜଣାଇଛନ୍ତି ।

## ବନ୍ତୀଲୋରେ ରଥଯାତ୍ରା ନେଇ ନିଆରା ପରମ୍ପରା

ଅସ୍ତରଙ୍ଗ,(ସବ୍ୟୁ) :ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ବନ୍ତୀଲୋର ଜଗନ୍ନାଥ ମନ୍ଦିର କମିଟି ଓ ସ୍ଥାନୀୟ ଗ୍ରାମ୍ୟ କମିଟି ଆନୁକୂଲ୍ୟରେ ଶନିବାର ଦିନ ମହାସମାରୋହରେ ରଥଯାତ୍ରା ସମାପନ ହୋଇଛି । ପୁରୀ ଘୋଷଯାତ୍ରାରେ ମହାପ୍ରଭୁ ରଥ ଉପରେ ପହଣ୍ଡି ବିଜେ କରିବା ପରଦିନ ଏଠାରେ ରଥ ଟଣା ହେବା ପୁର୍ବ ପୁରୁଷରୁ ଏକ ନିଆରା ପରମ୍ପରା ରହିଆସିଛି ।ଅନାଦି କାଳରୁ ବନ୍ତୀଲୋ ରଥଯାତ୍ରା ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଅସ୍ତରଙ୍ଗ ଅଞ୍ଚଳର ଏହା ସବୁଠୁ ବଡ ରଥ ବୋଲି କୁହାଯାଉଛି । ।ଅପରାହ୍ନ ୩ଟାରେ ରଥ ଟଣା ପାଇଁ ଆନୁସଙ୍ଗିକ କାର୍ଯ୍ୟ ଆରମ୍ଭ ହୋଇ ୫ଟା ସୁଧା ରଥ ପଡିଆରେ ଠାକୁର ପହଞ୍ଚିଥିଲେ ।ରଥ ଉପରେ ତିନି ଠାକୁରଙ୍କୁ ଦର୍ଶନ କରିବା ଓ ଭୋଗରାଗ କରିବାକୁ ଭକ୍ତମାନେ ଭିଡ ଜମାଇଥିଲେ । ସନ୍ଧ୍ୟାରୁ ଠାକୁରଙ୍କ ଦର୍ଶନ ପାଇଁ ସ୍ଥାନୀୟ ଲୋକେ ଆହୁରି ଭିଡ ଜମାଇବା ଓ ରଥ ପଡିଆରେ ପଡିଥିବା ଦୋକାନରୁ ବିଭିନ୍ନ ଜିନିଷ ପତ୍ର କିଣିବା ଦେଖିବାକୁ ମିଳିଛି ।ଆସନ୍ତା କାଲି ରବିବାର ସକାଳୁ ନୀତିକାନ୍ତି ପରେ ତିନି ଠାକୁର ମାଉସୀ ମା' ମନ୍ଦିରକୁ ବିଜେ କରିବେ ବୋଲି ସ୍ଥାନୀୟ କମିଟି ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ପରିଡ଼ା ଓ ସମ୍ପାଦକ କେଦାର ରାଉତ ସୂଚନା ଦେଇଛନ୍ତି ।ରଥଯାତ୍ରା ସୂଚାରୂପେ ସମ୍ପାଦନା ହେବା ସମେତ ଭକ୍ତମାନେ ଆନନ୍ଦର ସହ ଦର୍ଶନ କରିଛନ୍ତି ।ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ଅସ୍ତରଙ୍ଗ ଥାନା ପକ୍ଷରୁ ବ୍ୟବସ୍ଥା ହେବା ସମେତ ସମସ୍ତ କାର୍ଯ୍ୟରେ ସ୍ଥାନୀୟ ଲୋକେ ସହଯୋଗ କରିଥିଲେ ।


**OFFICE OF THE PRINCIPAL**
**INDIRA MEMORIAL DEGREE COLLEGE**
**CHANDIPUT (GAJAPATI)**
**NAAC ACCREDITED**

Website : www.imcollegechandiput.org.in — College Code : 10049302
Email ID : imdegreecollegechandiput@gmail.com — Ph. : (06816) 291001
Email ID : principal@imcollegechandiput.org.in

Letter No. 295/IMDC/2025 — Date : 21.06.2025

**QUOTATION CALL NOTICE**

Sealed tenders are invited from Reputed Firms/ Authorised Dealers/agencies for Supply, installation and commissioning of "Laboratory Equipment's" & "Other Items." The detailed list is to be collected from the college office during working hours. Quotations should reach in this office of the undersigned within seven days from the publication of this notice via Speed Post / Regd. Post only. The authority reserves the right to reject/cancel the Tenders in whole or in part without assigning any reason thereof. The details can be found in college website **www.imcollegechandiput.org.in**

Thanking You
Yours faithfully
Sd/- Principal
I.M Degree College
Chandiput (Gajapati)



**OFFICE OF THE PRINCIPAL**
**LARAMBHA COLLEGE, LARAMBHA**
**BRAJA BIHAR (ESTD. 1964)**
**NAAC ACREDITED B++ GRADE**
**P.O. LARAMBHA, DIST. BARGARH, ODISHA-768102**
(e-mail : larambhacollege.larambha@gmail.com)
Web : www.larambhacollege.ac.in

Letter No. 423/LCL — Date : 20.06.2025

**QUOTATION CALL NOTICE**

Sealed tenders are invited from Reputed Firms/ Authorised Dealers/Agencies for Supply, installation and commissioning of "Laboratory Equipment's" & "Other Items." The detailed list is to be collected from the college office during working hours. Quotations should reach in this office of the undersigned within seven days from the publication of this notice via Speed Post / Regd. Post only. The authority reserves the right to reject/cancel the Tenders in whole or in part without assigning any reason thereof.

Thanking You
Yours faithfully
Sd/- Principal
Larambha College
Larambha



**GOVERNMENT OF ODISHA**
**Office of the Superintending Engineer, Kanupur Head Works Division,**
AT/PO-Basudevpur, Dist.-Keonjhar, PIN-758047
**e-PROCUREMENT NOTICE**
**Bid Identification No. SE, KHWD & BD - 01/2025-26**
A-335
Email-eekhwdbpur1990@gmail.com

| Sl. No | Name of work | Approx. value of work (Rs. in Lakh) | E.M.D./ Bid Security in Rs. (To be remitted online) | Cost of Bid document in Rs. (To be remitted online) | Period of Comple-tion | Class of Contra-ctor | Name & address of the Division under which the work will be executed |
|---|---|---|---|---|---|---|---|
| 1 | 2 | 2 | 4 | 5 | 6 | 7 | 8 |
| 01 | "Writing Nomenclature in English letter (KANUPUR DAM) and Odia letter (କାନ୍ପୁର ବନ୍ଧ) on Earth Dam from RD 00m to 3460m of Kanupur Irrigation Project". | 99.66 | 99700.00 | 10,000/- | 06 (Six) Calendar months | "B" | Kanupur Head Works Division, At/PO-Basudevpur, Dist.- Keonjhar |

| Procurement Officer | Bid Identification No. | Availability of tender online for bidding | | Date & time of opening of of tender (Technical Bid) | Last Date of seeking clarification | Place of opening |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Kanupur Head Works, Division, Basudevpur Dist.- Keonjhar | SE, KHWD & BD-01/ 2025-26 | 01.07.25 From 10.00 Hours | 15.07.25 Up to 17.00 Hours | 16.07.25 at 11.00 Hours | 15.07.25 Up to 11.00 Hours | O/o the Superintending Engineer, Kanupur Head Works Division, Basudevpur, Dist- Keonjhar |

OIPR : 32258/11/0001/2526
Sd/- Superintending Engineer
Kanupur Head Works Division, Basudevpur



**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, Odisha dated. 04.06.2025. I Abdul Khursid Alam, S/o Shaikh Latif resident of Plot No. 33/C Near BDA Nicco Park, Bhubaneswar, Dist-Khurda, Odisha, Pin-751012 have changed my Son's Name from S.K. Abdullah to Shaikh Abdullah. Henceforth he will be known as Shaikh Abdullah for all purposes.

**AFFIDAVIT**

I, Smt. Sujata Kumari Khuntia, aged about 61 years, W/o-Avaya Kumar Dhal, Permanent resident of at Flat No.: B-204, Shuvam Renu Residency, Patia Station Road, Kalarahanga, Bhubaneswar, Odisha-751024 with Aadhar No.: 288837305503, My Original Name **Sujata Khuntia,** Aadhar Card name Sujata Kumari Khuntia, Both Sujata Khuntia and Sujata Kumari Khuntia are same and one person.

**AFFIDAVIT**

By virtue of an affidavit sworn in the Court of Executive Magistrate, Bhubaneswar vide CF No.: 92, dtd.26.06.2025. I, **Ranjita Nayak,** aged about 49 years, D/o- Bhisma Charan Nayak, W/o- Gyan Ranjan Jena, resident of at Plot No.: GA-248, Saileshree Vihar, Near DAV Public School, Campus-2, Chandrasekharpur, Bhubaneswar, Dist.: Khordha, Odisha, PIN-751021, declare that I have changed my name from **Ranjita Nayak** to **Gita Rani Jena,** hence forth, I shall be known as **Gita Rani Jena** for all future purposes.

**ଡକ୍ୟୁମେଣ୍ଟ ହଜିଛି**

ମୁଁ, ଶ୍ରୀ ଧନେଶ୍ୱର ଜେନା, ବୟସ ୪୦ ବର୍ଷ, ପିତା: ଉମେଶ ଚନ୍ଦ୍ର ଜେନା, ସା.: ବଉଳାପାଳ, ଥାନା: ତିହିଡି, ଜିଲ୍ଲା: ଭଦ୍ରକ । ମୁଁ ପିତାମ୍ବର ଦାସଙ୍କ ଠାରୁ କ୍ରୟ କରିଥିବା ଜମି ଯାହାର ମୌଜା: ଭାଟପଡା, ଖାତା ନଂ.: ୧୭୩୩/ ୨୬୨, ପ୍ଲଟ ନଂ.: ୨୦୬୫, କ୍ଷେତ୍ର: ଏକର୦.୦୪ଡିସିମିଲି ଜମି କିଣିବା ସମୟରେ ମୁଁ ମୋର ବିକ୍ରେତା ପିତାମ୍ବର ଦାସଙ୍କ ଠାରୁ ୦୫.୦୬.୨୦୨୫ରେ ମୂଳ ପଞ୍ଜିକୃତ ଡିଡ୍ ନଂ.: ୧୦୩୦୧୧୦୦୬୦୫, ତାରିଖ: ୧୬.୦୫.୨୦୧୧ ଓରିଜିନାଲ ଲିଙ୍କ୍ ପାଇଥିଲି । ମୁଁ ବାଲେଶ୍ୱର ଫାଇନାନ୍ସ ଅଫିସରଙ୍କ ପାଖକୁ ଯାଇଥିଲି କିନ୍ତୁ ଦୁର୍ଭାଗ୍ୟବଶତଃ ବାଲେଶ୍ୱର ଷ୍ଟେସନ୍ ଛକରୁ ଡକ୍ୟୁମେଣ୍ଟ ଜେରକ୍ସ ପାଇଁ କଚେରୀ କ୍ୟାମ୍ପସକୁ ଯିବା ସମୟରେ ମୂଳ ଅରିଜିନାଲ ଡକ୍ୟୁମେଣ୍ଟ କେଉଁଠି ହଜିଯାଇଛି ଏବଂ ବହୁତ ଖୋଜାଖୋଜି ପରେ ମଧ୍ୟ ମୁଁ ଡକ୍ୟୁମେଣ୍ଟ ପାଇଲି ନାହିଁ । ମୁଁ ସହଦେବଖୁଣ୍ଟା ପୋଲିସ ଷ୍ଟେସନ, ବାଲେଶ୍ୱର ତା।୨୩.୦୬.୨୦୨୫ରିଖ ପୂର୍ବାହ୍ନ ୧୦.୩୫ସମୟରେ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିଛି । ଯଦି କୌଣସି ବ୍ୟକ୍ତି ଉପରୋକ୍ତ ହଜିଯାଇଥିବା ଡକ୍ୟୁମେଣ୍ଟ (କାଗଜପତ୍ର)କୁ ପାଆନ୍ତି ତେବେ ଦୟାକରି ମୋବାଇଲ ନଂ.: ୭୯୭୮୧୭୯୧୬୮ରେ ଯୋଗାଯୋଗ କରନ୍ତୁ ।

ସ୍ୱା/- ସୁବୋଧ କାନ୍ତ ପାଣିଗ୍ରାହୀ

**ଡକ୍ୟୁମେଣ୍ଟ ହଜିଛି**

ମୁଁ, ହିତେଶ କୁମାର ଅଗ୍ରୱାଲ, ପିତା: ଶଙ୍କରଲାଲ ଅଗ୍ରୱାଲ, ବୟସ୨୬ ବର୍ଷ, ସାପୋ.: ବୋର୍ଡା, ଥାନା: କେସିଂ, ଜିଲ୍ଲା: କଳାହାଣ୍ଡି, ଓଡ଼ିଶା-୭୬୬୦୩୨ଙ୍କ ନାମରେ ଥିବା ଜମି ଯାହାର ଏମ୍.ଏସ୍. ଖାତା ନଂ.: ୫୨୪/୯୧୬, ପ୍ଲଟ ନଂ.: ୨୮୬୧/୨୯୫୫, ସମୁଦାୟ କ୍ଷେତ୍ର: ଏକର୦.୦୬ଡିସିମିଲି, ହାତୁ ସାହୁଙ୍କ ଠାରୁ ଆରଏସ୍ଡି ନଂ.: ୧୦୮୮୨୨୦୩୯୦୫୪ ଏବଂ ଆରଏସ୍ଡି ବିକ୍ରି ନଂ.: ୧୦୮୮୧୭୦୩୫୪୩, ୩୫୬୨/୨୦୦୯, ୨୫୨୭/୨୦୦୫ ମାଧ୍ୟମରେ କିଣିଥିଲି । ଯାହା ମୋ ଦଖଲରେ ଥିଲା । ଉକ୍ତ ଜମିର ମୂଳ ଡିଡ୍ ଆରଏସ୍ଡି ୧୦୮୮୧୭୦୩୫୪୩, ୩୫୬୨/୨୦୦୯, ୨୫୨୭/୨୦୦୫ ତାରିଖ: ୧୫.୦୬.୨୦୨୫ରିଖ ପୂର୍ବାହ୍ନ ୧୦ଘଟିକା ସମୟରେ ଭବାନୀପାଟଣା ବସଷ୍ଟାଣ୍ଡରୁ ଯିବା ରାସ୍ତାରେ କୌଣସି ସ୍ଥାନରେ ହଜିଯାଇଛି ଏବଂ ବହୁତ ଖୋଜାଖୋଜି ପରେ ମଧ୍ୟ ତାହା ମିଳିପାରିଲା ନାହିଁ ଏବଂ ଏହା ପୁନରୁଦ୍ଧାର ହୋଇପାରିଲା ନାହିଁ । ମୁଁ ଏହି ଶପଥପତ୍ରକୁ ଟିସେ ସମ୍ମୁଖରେ ଦାଖଲ କରିବା ଏବଂ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ଦାଖଲ କରିବା ପାଇଁ ଏକ ଏଫଆଇଆର ଦାଖଲ କରିବା ଉଦ୍ଦେଶ୍ୟରେ ଶପଥ କରୁଛି । ଯେକୌଣସି ପକ୍ଷକୁ ଏହି ନୋଟିସ୍ ପ୍ରକାଶନର ୧୫ଦିନ ମଧ୍ୟରେ ନିମ୍ନସ୍ୱାକ୍ଷରିତ ଭାବରେ ତାଙ୍କର ଦାବି ଦାଖଲ କରିବାକୁ ପଡିବ । ଏପରି ନହେଲେ ଏହା ଧରି ନିଆଯିବ ଯେ ଉକ୍ତ ଡକ୍ୟୁମେଣ୍ଟ ଗୁଡ଼ିକ ସହିତ ଜଡିତ ସମ୍ପତ୍ତି ଭାରମୁକ୍ତ ଏବଂ ଅବେଦନକାରୀ ଏବଂ ଉକ୍ତ ଭାବରେ ଜମାଟି ବିରୁଦ୍ଧରେ ଏହି ନୋଟିସ୍ ପ୍ରକାଶନର ୧୫ଦିନ ବିତିବା ପରେ ଏହା ସମ୍ପର୍କରେ ଯେକୌଣସି ଦାବି ଗ୍ରହଣ କରାଯିବ ନାହିଁ । ଯଦି କୌଣସି ବ୍ୟକ୍ତି ଉପରୋକ୍ତ ହଜିଯାଇଥିବା ଡକ୍ୟୁମେଣ୍ଟ (କାଗଜପତ୍ର)କୁ ପାଆନ୍ତି ତେବେ ଦୟାକରି ମୋବାଇଲ ନଂ.: ୯୪୩୭୩୭୨୩୪୩ରେ ଯୋଗାଯୋଗ କରନ୍ତୁ ।

ସ୍ୱା/- ବିକାଶ ଚନ୍ଦ୍ର ପ୍ରଧାନ

# ବାଙ୍ଗାଲୋରରେ ପବିତ୍ର ରଥଯାତ୍ରା



ଭୁବନେଶ୍ୱର,(ସବ୍ୟୁ) : ବାଙ୍ଗାଲୋର ଠାରେ ପବିତ୍ର ରଥଯାତ୍ରା ମହାଆଡମ୍ବର ଓ ଉତ୍ସାହ ଉଦ୍ଦୀପନା ମଧ୍ୟରେ ପାଳିତ ହୋଇଯାଇଛି । ଆଗ୍ରା, ଏଚ୍ଏସ୍ଆର ଲେଆଉଟ୍ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ହୋଇଥିବା ଏହି ପବିତ୍ର କାର୍ଯ୍ୟକ୍ରମରେ ପ୍ରାୟ ୩୦ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେଇ ପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ମା ଶୁଭଦ୍ରାଙ୍କ ଆଶିର୍ବାଦ ନେବା ସହ ରଥ ଟାଣିଥିଲେ । ପ୍ରଥମେ ଠାକୁରମାନଙ୍କର ପହଣ୍ଡି ବିଜେ ରିତୀନୀତି ଅନୁସାରେ ଅନୁଷ୍ଠିତ ହୋଇଥିଲା । ପ୍ରଖ୍ୟାତ ଶିକ୍ଷାବିତ୍ ଓ ମନ୍ଦିରର ଟ୍ରଷ୍ଟି ପ୍ରଫେସର ସିତିକଣ୍ଠ ଷଡଙ୍ଗୀ ଛେରା ପହଁରା କାର୍ଯ୍ୟ ସମାପନ କରିଥିଲେ । ମନ୍ଦିରର ଅନ୍ୟ ସମସ୍ତ ଟ୍ରଷ୍ଟି ଏହି ଘୋଷଯାତ୍ରା କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଏହି ପବିତ୍ର କାର୍ଯ୍ୟକ୍ରମକୁ ସମସ୍ତ ସରକାରୀ ବିଭାଗ ପକ୍ଷରୁ ସହଯୋଗ ପ୍ରଦାନ ସହିତ ସୁରକ୍ଷା, ଭିଡ଼ ନିୟନ୍ତ୍ରଣ, ସ୍ୱଚ୍ଛତା ଆଦି କାର୍ଯ୍ୟରେ ସହଯୋଗ କରାଯାଇଥିଲା ।

# ସ୍କୁଲ ବନ୍ଦ କରି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ସେଁଲ୍ ଖୋଲିବା ଦୁର୍ଭାଗ୍ୟଜନକ : ୟାସିର

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱରସ୍ଥିତ ୟୁନିଟ୍-୨ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ସେଲ୍‌ରେ ପରିଣତ କରିବା ଦୁର୍ଭାଗ୍ୟଜନକ ବୋଲି ଭୁବନେଶ୍ୱର କଂଗ୍ରେସ ଲୋକସଭା ସାଂସଦ ସାହିଦ୍ୟାସିର ନୱାଜ ଅଭିଯୋଗ କରିଛନ୍ତି । ପୂର୍ବ ସରକାର ଓଡ଼ିଶାରେ ଘରୋଇ ଶିକ୍ଷାନୁଷ୍ଠାନକୁ ପ୍ରୋତ୍ସାହନ ଦେବା ପାଇଁ ବହୁ ସରକାରୀ ସ୍କୁଲ ସବୁଦିନ ପାଇଁ ବନ୍ଦ କରିଥିଲେ । ସେହିପରି ଭୁବନେଶ୍ୱର ଛାତି ଉପରେ ଓଡ଼ିଶାର ଏବେର ମୁଖ୍ୟମନ୍ତ୍ରୀ ମୋହନ ମାଝୀୟୁନିଟ୍-୨ ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ସବୁଦିନ ପାଇଁ ବନ୍ଦ କରି ସେଠାରେ ଜନଶୁଣାଣି ସେଲ୍ ଖୋଲିଛନ୍ତି । ସରକାର ଅନ୍ୟ କେଉଁଠାରେ ଜନଶୁଣାଣି ସେଲ୍ ଖୋଲିପାରିଥାନ୍ତେ । ଯଦି ଏହି ସ୍କୁଲରେ ଉପସ୍ଥାନ କମିଯାଉଛି ତେବେ କେନ୍ଦ୍ରର ଶିକ୍ଷାମନ୍ତ୍ରୀଙ୍କ ଦୃଷ୍ଟିକୁ ଆଣି ଏଠାରେ କେନ୍ଦ୍ରୀୟ ବିଦ୍ୟାଳୟ ମଧ୍ୟ ଖୋଲିପାରିଥାନ୍ତେ । କିନ୍ତୁ ସରକାର ତାହା ଚିନ୍ତା କଲେ ନାହିଁ । ଏହି ସ୍କୁଲରୁ ବହୁ ଛାତ୍ର ଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ଡାକ୍ତର, ଇଞ୍ଜିନିୟର, ବୈଜ୍ଞାନିକ, ହୋଇ ପ୍ରତିଷ୍ଠା ଲାଭ କରିଛନ୍ତି । ମାତ୍ର ମୁଖ୍ୟମନ୍ତ୍ରୀ ଏଭଳି ଏକ ଐତିହାସିକ ସ୍କୁଲକୁ ବନ୍ଦ କରିଦେଲେ । ଏଭଳି ନିଷ୍ପତ୍ତି ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରୁଛି ବୋଲି ସୟଦ ୟାସିର ନୱାଜ ଅଭିଯୋଗ କରିଛନ୍ତି ।

# ଲବଣଗିରି ରଥଯାତ୍ରା : ଛେରାପହଁରା କଲେ ତିରୁପତି ପାଣିଗ୍ରାହୀ



ଭୁବନେଶ୍ୱର (ସବ୍ୟୁ): ଖୋର୍ଦ୍ଧା ସୁନ୍ଦରପଦା ନିକଟବର୍ତ୍ତୀ ଲବଣଗିରି ଠାରେ ନବନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିରରୁ ମହାପ୍ରଭୁଙ୍କ ଘୋଷଯାତ୍ରା ଲବଣଗିରି ପାଞ୍ଚଗାଁ ପର୍ଯ୍ୟନ୍ତ ସହସ୍ରାଧିକ ଭକ୍ତଙ୍କ ହରିବୋଲ ହୁଳହୁଳି ସହ ମହାସମାରୋହରେ ଅନୁଷ୍ଠିତ ହୋଇଛି । ଅଞ୍ଚଳ ବାସିନ୍ଦାଙ୍କ ଅନୁରୋଧ ଓ ଆମନ୍ତ୍ରଣରେ ହାଇଟେକ ମେଡିକାଲ କଲେଜର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ଼କ୍ଟର ତିରୁପତି ପାଣିଗ୍ରାହୀ ମହାପ୍ରଭୁଙ୍କ ରାଜକୀୟ ଛେରାପହଁରା ସେବା କରିଥିବା ବେଳେ ଏହି ଉତ୍ସବରେ ରାଜନେତା ମନ୍ମଥ ରାଉତରାୟ, ଲୁଲୁ ବଡଜେନା , ଲିଟୁ ପଟ୍ଟନାୟକ ଚଇନା ଭାଇ ଯୋଗ ଦେଇଥିଲେ । ଲବଣଗିରି ଠାରେ ତିରୁପତି ପାଣିଗ୍ରାହୀଙ୍କ ସହଯୋଗରେ ଶ୍ରୀଜଗନ୍ନାଥ ମନ୍ଦିର , ଶ୍ରୀବିମଳା ମନ୍ଦିର , ଶ୍ରୀ ଲକ୍ଷ୍ମୀ ମନ୍ଦିର, ଶ୍ରୀହନୁମାନ ମନ୍ଦିର ନୂତନ ଭାବେ ପ୍ରତିଷ୍ଠିତ ହୋଇଛି ପ୍ରଥମଥର ପାଇଁ ତିନୋଟିରଥ ପ୍ରସ୍ତୁତ ହୋଇ ପାଞ୍ଚଗାଁ ସ୍ଥିତ ମାଉସୀ ମାଆ ମନ୍ଦିରଙ୍କୁ ଚତୁର୍ଦ୍ଧା ମୂର୍ତ୍ତୀ ନବଦିନାତ୍ମକ ଯାତ୍ରା କରିଛନ୍ତି ।

# କୁନି ପ୍ରତିଭା ସାଇ ସମ୍ବିତ ପଟ୍ଟନାୟକଙ୍କ କଳାକୃତୀ

ଖୋର୍ଦ୍ଧା, (ସବ୍ୟୁ): ଲୋକେଶ୍ୱରପୁର ରେ ରହୁଥିବା ଚତୁର୍ଥ ଶ୍ରେଣୀ ର ଛାତ୍ର ସାଇ ସମ୍ବିତ ସମ୍ବିତ ପଟ୍ଟନାୟକ କୁନି ନନ୍ଦିଘୋଷ ରଥ ନିର୍ମାଣ କରି ଚର୍ଚ୍ଚା ରେ। ଦୀର୍ଘ ପନ୍ଦର ଦିନ ଧରି ପରିଶ୍ରମ କରି ନିଜସ୍ୱ ଉଦ୍ୟମ ରେ କାଗଜ ଓ କାର୍ଡ ବୋର୍ଡ ରେ ନିର୍ମାଣ କରିଛନ୍ତି ଏହି କୁନି ରଥ। ପିଲାବେଳୁ ଈଶ୍ୱର ଙ୍କ ଉପରେ ବିଶେଷକରି ଜଗତର ନାଥ ମହାପ୍ରଭୁ ଜଗନ୍ନାଥ ଙ୍କ ଉପରେ ଅଗାଢ ବିଶ୍ୱାସ ରଖିଥିବା ସାଇ ସମ୍ବିତ ପଟ୍ଟନାୟକ ରଥଯାତ୍ରା ପୂର୍ବରୁ କୁନି ରଥ ନିର୍ମାଣ କରିବା ପାଇଁ ଘରେ ଥିବା ଅଦରକାରୀ କାଗଜ ଏବଂ କାର୍ଡବୋର୍ଡ କୁ ନେଇ ଏହି ରଥ ନିର୍ମାଣ କରିଛନ୍ତି ଏବଂ ସେହି ରଥରେ ବଳଭଦ୍ର, ସୁଭଦ୍ରା ଓ ମହାପ୍ରଭୁ



ଜଗନ୍ନାଥ ଙ୍କୁ ରଥାରୂଢ କରି ନିଜେ ପୂଜା କରି ସାରିବା ପରେ ଦାଣ୍ଡ ରେ ଟାଣି, ଟାଣି ନେବା ସମୟରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହେବା ସହ ବହୁ ସଂଖ୍ୟା ରେ ଜନସାଧାରଣ ଏହାକୁ ଦେଖି ପ୍ରଶଂସା କରିଥିଲେ। ଜଣେ ମେଧାବୀ ଛାତ୍ର ଭାବରେ ମଧ୍ୟ ସେ ବିଦ୍ୟାଳୟ ରେ ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ସାଙ୍ଗ ସାଥି ମାନଙ୍କର ବେଶ ପ୍ରିୟପାତ୍ର ହୋଇପାରିଛନ୍ତି। ପିଲାଟି ଦିନରୁ ନିଜସ୍ୱ ଜ୍ଞାନ କୌଶଳ ରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ କରିବା ରେ ରୁଚି ରଖିଥିବା ସାଇ ସମ୍ବିତ ଭବିଷ୍ୟତ ରେ ଜଣେ ଇଂଜିନିୟର ହେବେ ବୋଲି କହିଛନ୍ତି। ଏହି କୁନି ରଥ ନିର୍ମାଣ କରିବା ରେ ତାଙ୍କୁ ଘରେ ତାଙ୍କ ବଡ଼ ମା ସ୍ମିତା ପଟ୍ଟନାୟକ, ମା ସୌଦାମିନୀ ପଟ୍ଟନାୟକ ଏବଂ ଭଉଣୀ ସୌମ୍ୟା ସୋମଲିକା ପଟ୍ଟନାୟକ ସାହାଯ୍ୟ କରିଛନ୍ତି।

# ଶିଶୁ ଭବନ ଉନ୍ନୟନ କାର୍ଯ୍ୟରେ ବ୍ୟାପକ ହରିଲୁଟ: ଯୁବ କଂଗ୍ରେସ

ଭୁବନେଶ୍ୱର, (ସବ୍ୟୁ): କଟକସ୍ଥିତ ଶିଶୁ ଭବନ ସରକାରୀ ଡାକ୍ତରଖାନା ଯାହାକି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ପୋଷ୍ଟ ଗ୍ରାଜୁଏଟ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ପେଡିଆଟ୍ରିକ୍ସ ଏବଂ ଯାହାକି ଶିଶୁମାନଙ୍କ ପାଇଁ ଓଡ଼ିଶାର ସବୁଠାରୁ ବଡ଼ ଡାକ୍ତରଖାନା । ଏହି ଡାକ୍ତରଖାନାର ଉନ୍ନତିକରଣରେ ବହୁ ଅର୍ଥ ହରିଲୁଟ୍ ହୋଇଛି ବୋଲି ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସୁଦିପ ସାମଲ ଅଭିଯୋଗ କରିଛନ୍ତି । ସାଧାରଣ ବର୍ଷାରେ ଶିଶୁ ଭବନ ଭିତରେ କାନ୍ଥ ଭୁଷୁଡିବା ଏବଂ ଛାତରୁ ପାଣି ଗଳିବା ଘଟଣା ହୋଇଥିବା ବ୍ୟାପକ ଦୁର୍ନୀତିକୁ ପ୍ରମାଣିତ କରୁଛି । ଗତ ଜୁନ୍ ୨୫ ତାରିଖରେ ସାଧାରଣ ବର୍ଷାରେ ଶିଶୁ ଭବନ କାନ୍ଥ ଭୁଷୁଡି ପଡ଼ିଥିଲା । ଏହି ନିର୍ମାଣର ଉଦ୍‌ଘାଟନ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେପି ନଡ୍ଡାଙ୍କ ଦ୍ୱାରା ଗତ ଅପ୍ରେଲ ୧୧ ତାରିଖ ଉଦ୍‌ଘାଟିତ ହୋଇଥିଲା । ଉଦ୍‌ଘାଟନ ହେବାର ୨ ମାସ ଭିତରେ ନୂଆ ନିର୍ମାଣର ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ଏହା ଓଡ଼ିଶାବାସୀଙ୍କ ପାଇଁ ଏକ ବିଶ୍ୱାସଘାତକତା । ଛୋଟ ଛୋଟ ପିଲାମାନଙ୍କ ପାଇଁ ଏହି ଗୃହ ସବୁ ଉଦ୍ଦିଷ୍ଟ ଥିବାବେଳେ ଏବେ ଏହାର ନିର୍ମାଣ ନିମ୍ନମାନର ହୋଇଥିବାରୁ ସେଠାରେ ଶିଶୁମାନଙ୍କ ଚିକିତ୍ସା ବିପଦଜନକ ହୋଇପଡ଼ିଛି । ଏହି ଦୁର୍ନୀତିର ଚେର ନିଶ୍ଚିତ ଭାବରେ ଲମ୍ବା ତେଣୁ ଏହି କାର୍ଯ୍ୟ ନିର୍ବାହ ଦାୟିତ୍ୱରେ ଥିବା ଓଡ଼ିଶା ସରକାରଙ୍କର ନିର୍ମାଣ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ସହ କାର୍ଯ୍ୟନିର୍ବାହୀ ଯନ୍ତ୍ର, କ୍ରାକଫର, ସାଇଟିରେ ଥିବା ଇଞ୍ଜିନିୟର, ପ୍ରୋଜେକଫ ମ୍ୟାନେଜର ଏବଂ ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟ ବିଭାଗର ପଦାଧିକାରୀ ବିରୁଦ୍ଧରେ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଯୁବ କଂଗ୍ରେସ ତରଫରୁ ଦାବି କରାଯାଇଛି । ୨୦୧୬ ମସିହାରେ ଏହି ପ୍ରୋଜେକଫର ଶୁଭ ଦିଆଯାଇଥିଲା ଏବଂ ଏଥିରେ ୧୧୭ କୋଟି ଟଙ୍କା ଖର୍ଚ୍ଚ ହେବାର ବ୍ୟବସ୍ଥା ହୋଇଥିଲା । ଏହି ପ୍ରୋଜେକଫ ୨୦୨୦ ମେ ମାସ ସୁଦ୍ଧା ସମାପ୍ତ ହେବ ବୋଲି ସ୍ଥିର ହୋଇଥିବାବେଳେ ତତ୍‌କାଳୀନ ସରକାରୀ ଉଦାସିନତାରୁ ସମୟ ଗଡ଼ିଗଡ଼ି ତାହା ଏବେ ନିକଟରେ ଲୋକାର୍ପିତ ହେଲା । ଏହାର ଖର୍ଚ୍ଚ ୧୧୭ କୋଟି ଟଙ୍କା ବଢ଼ି ୧୩୦ କୋଟି ଟଙ୍କା ପର୍ଯ୍ୟନ୍ତ ଗଲା । ଏ ରାଜ୍ୟର କୁନି କୁନି ପିଲାମାନେ ଯେଉଁଠାରେ ସରକାରୀ ଚିକିତ୍ସା ପାଇବେ ତାହାର ଅବସ୍ଥା ବିପଦଗ୍ରସ୍ତ ହୋଇପଡ଼ିଛି । ଏହା ରାଜ୍ୟର ଚିକିତ୍ସା ବ୍ୟବସ୍ଥାର ଦୂରାବସ୍ଥାକୁ ପ୍ରମାଣିତ କରିଛି । ଏଣୁ ସରକାର ତୁରନ୍ତ ଏହି ଦୁର୍ନୀତିର ପର୍ଦ୍ଦାଫାଶ କରିବା ସହ ଏଥିରେ ସଂପୃକ୍ତ ଅଧିକାରୀ ଏବଂ ବ୍ୟକ୍ତିମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଯୁବ କଂଗ୍ରେସ ଦାବି କରୁଛି ।

### ମା ସନ୍ତୋଷୀ ଟ୍ରାନ୍ସପୋର୍ଟରୁ କୋଟିଏ ଟଙ୍କାର ଜାଲିଆତି ଘଟଣା

# ଇଓଡବ୍ଲ୍ୟୁ ତଦନ୍ତ ନିର୍ଦ୍ଦେଶ ଦେଲେ ହାଇକୋର୍ଟ

କଟକ,(ସବ୍ୟୁ): ଗୋଟେ ଟ୍ରାନ୍ସପୋର୍ଟ ସଂସ୍ଥାରେ ଆକାଉଟାନ୍ଟ ଭାବେ କାର୍ଯ୍ୟ କରୁଥିବା ଜଣେ ବ୍ୟକ୍ତି ଏକ କୋଟିରୁ ଅଧିକ ଟଙ୍କା ଜାଲିଆତି କରି ଠକି ନେଇଥିବା ଘଟଣାରେ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) କୁ ତଦନ୍ତ ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହି ଜାଲିଆତି ଘଟଣାର ଉପଯୁକ୍ତ ତଦନ୍ତ ହୋଇନଥିବାରୁ ଇଓଡବ୍ଲ୍ୟୁ ତଦନ୍ତ କରିବା ଉଚିତ୍ ବୋଲି ହାଇକୋର୍ଟ ମତ ଦେଇଛନ୍ତି । ତେବେ ତଦନ୍ତ କିପରି ଢ଼ଙ୍ଗରେ କରାଯିବ ବା କେଉଁ ଆଧାରରେ କରାଯିବ ତାହା ଇଓଡବ୍ଲ୍ୟୁର ପରିସର ବୋଲି ହାଇକୋର୍ଟ ଆଦେଶରେ ଉଲ୍ଲେଖ କରିଛନ୍ତି । କୃପାସିନ୍ଧୁ ଗାହାଣଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସାବିତ୍ରୀ ରଥ ଏହି ନିର୍ଦ୍ଦେଶ ଦେଇଛନ୍ତି ।

ମାମଲାରୁ ଜଣାଯାଇଛି ଯେ, ଆବେଦନକାରୀଙ୍କର ମା' ସନ୍ତୋଷୀ ଟ୍ରାନ୍ସପୋର୍ଟର ନାମରେ ଏକ ସଂସ୍ଥା ଥିଲା । ଯେଉଁଥିରେ ଅଖିଳ ପ୍ରସାଦ ମିଶ୍ର ୨୦୧୮ ମସିହାରୁ ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ କରି ଆସୁଥିଲେ । ସେ ଅଫିସ୍ ନାମରେ ଆସୁଥିବା ଚେକ୍ ଗ୍ରହଣ କରୁଥିଲେ। ବ୍ୟାଙ୍କରୁ ଟଙ୍କା ମଧ୍ୟ ଉଠାଉଥିଲେ। ଏଥିପାଇଁ ଅଫିସ୍‌ର ସେ ପାସ୍ ୱାର୍ଡ଼ ,ଓଟିପି ଆଦି ମଧ୍ୟ ବ୍ୟବହାର କରୁଥିଲେ। ଏସବୁର ସୁଯୋଗ ନେଇ ସେ ଅଫିସରୁ ପ୍ରାୟ ୧କୋଟି ଟଙ୍କା ହଡ଼ପ କରି ନେଇଥିଲେ। ଏକଥା ଜଣାପଡ଼ିବା ପରେ ଆବେଦନକାରୀଙ୍କ ଘରେ ରହି ଆସୁଥିବା ଅଶୁଳ ପ୍ରସାଦଙ୍କ ପରିବାର ସେଠାରୁ ବାହାରି ଆସିଥିଲେ। ସେମାନେ ଏହି ପଇସା ହଡ଼ପ କରିଥିବା କଥା ମଧ୍ୟ ସ୍ୱୀକାର କରିବା ସହ ପଇସା ଫେରାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ପରେ ଆଉ ଅର୍ଥ ଫେରସ୍ତ ନକରି ଆବେଦନକାରୀଙ୍କୁ ଧମକଚମକ ଦେଇଥିଲେ।

ଏନେଇ ଆବେଦନକାରୀ ତାଳଚେର ଥାନରେ ଏତଲା ଦେଇଥିଲେ । କିନ୍ତୁ ପୁଲିସ୍‌ର ତଦନ୍ତକୁ ନେଇ ଆବେଦନକାରୀ ସନ୍ତୁଷ୍ଟ ନହେବା ଫଳରେ ତାଳଚେର ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ମାମଲା ରୁଜୁ କରିଥିଲେ। ତାଳଚେର ଏସ୍‌ଡିଜେଏମ୍ ଅଦାଲତ ପୁଲିସ୍‌କୁ ତୁରିତ ଏବଂ ନିରପେକ୍ଷ ତଦନ୍ତ ଲାଗି ନିର୍ଦ୍ଦେଶ ଦେଇଥିଲେ। ଏସ୍‌ଡିଜେଏମ୍ ଅଦାଲତଙ୍କ ନିର୍ଦ୍ଦେଶ ସତ୍ତ୍ୱେ ତଦନ୍ତ ସନ୍ତୋଷଜନକ ନହେବାରୁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଏହି ଘଟଣାର ଇଓଡବ୍ଲ୍ୟୁ ତଦନ୍ତ ଲାଗି ପ୍ରାର୍ଥନା କରିଥିଲେ । କିନ୍ତୁ ମାତ୍ର କୋଟିଏ ଟଙ୍କାର ଜାଲିଆତି ହୋଇଥିବାରୁ ଏହି ଘଟଣାର ତଦନ୍ତ ଇଓଡବ୍ଲ୍ୟୁକୁ ଦିଆଯାଇ ପାରିବ ନାହିଁ ବୋଲି ପ୍ରତିପକ୍ଷଙ୍କ ପକ୍ଷରୁ ଯୁକ୍ତି ବଢ଼ାଯାଇଥିଲା । କେବଳ ବଡ଼ବଡ଼ ଆର୍ଥିକ କାରବାର ଘଟଣାରେ ଇଓଡବ୍ଲ୍ୟୁ ତଦନ୍ତ କରିବ ବୋଲି କୁହାଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ଇଓଡବ୍ଲ୍ୟୁ କେଉଁଭଳି ଘଟଣାରେ ତଦନ୍ତ କରିପାରିବ ତାହା ଉପରେ ଥିବା ନିର୍ଦ୍ଦେଶାବଳୀ ସଂକ୍ରାନ୍ତରେ ଅଦାଲତଙ୍କୁ ଅବଗତ କରାଯାଇଥିଲା। ଏହି ଜବାବ ପରେ ହାଇକୋର୍ଟ ଇଓଡବ୍ଲ୍ୟୁକୁ ତଦନ୍ତ ଲାଗି ନିର୍ଦ୍ଦେଶ ଦେଇଛନ୍ତି

# ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଏଟିଏମ୍ ଉଦ୍‌ଘାଟିତ



ଭୁବନେଶ୍ୱର (ସବ୍ୟୁ): ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଆଇଆଇଏମ୍ ସମ୍ବଲପୁର କ୍ୟାମ୍ପସ ନିକଟରେ ଚବିଶି ଘଣ୍ଟିଆ ସେବା ଯୋଗାଉଥିବା ଏକ ନୂତନ ଏଟିଏମ୍ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କର ସମ୍ବଲପୁର ଅଞ୍ଚଳର ଆଞ୍ଚଳିକ ମୁଖ୍ୟ ଦିବ୍ୟେନ୍ଦୁ କୁମାରଙ୍କ ସମେତ ମୁଖ୍ୟ ପ୍ରବନ୍ଧକ ନିଧି ଶର୍ମା, ମୁଖ୍ୟ ପ୍ରବନ୍ଧକ ସବ୍ୟସାଚୀ ମିଶ୍ର ଏବଂ ମୁଖ୍ୟ ପ୍ରବନ୍ଧକ ବିକାଶ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଏଟିଏମ୍‌ଟି ଆଇଆଇଏମ୍ ସମ୍ବଲପୁରର ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ । ଏହା ଆଇଆଇଏମ୍ ପରିବାରକୁ ୨୪ ଘଣ୍ଟିଆ ସୁବିଧାଜନକ ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନ କରିବ । ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମ୍ବଲପୁର ତରଫରୁ ଏହା ଏକ ଗୌରବମୟ ପଦକ୍ଷେପ । ଏଥିରେ ଶିଶିର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଜରୁରୀକାଳୀନ ପରିସ୍ଥିତିର ୫୦ ବର୍ଷ ପୂରଣ

ଭୁବନେଶ୍ୱର, (ସବ୍ୟୁ) : ଜରୁରୀକାଳୀନ ପରିସ୍ଥିତିର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଲୋକତନ୍ତ୍ର ସେନାନୀ ସଂଘ ପକ୍ଷରୁ "କଳା ଦିବସ" କାର୍ଯ୍ୟକ୍ରମ ୟୁନିଟ୍-୯ ହାଉସିଂ ବୋର୍ଡ ଛକ ସ୍ଥିତ ସ୍ଥାନୀୟ ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ୧୯୭୫ ମସିହା ଜୁନ୍ ମାସର ପଚିଶ ତାରିଖ ରାତ୍ରୀକୁ ଭାରତ ବର୍ଷରେ କାଳରାତ୍ରୀ ବୋଲି କୁହାଯାଏ। ଏହି ଦିବସର ମଧ୍ୟ ରାତ୍ରୀ ସମୟରେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧୀ ଦେଶରେ ଜରୁରୀକାଳ ବା ଏମରଜେନ୍ସି ଘୋଷଣା କରିଥିଲେ ଏବଂ ଏହା ସହିତ ଦେଶର ରାଜନୈତିକ ଆକାଶରେ କଳାବାଦଲ ଘୋଟି ଯାଇଥିଲା। ଦେଶର ସାଧାରଣ ନାଗରିକ ମାନଙ୍କର ସମସ୍ତ ମୌଳିକ ଅଧିକାର ବାଜ୍ୟାପ୍ତ କରି ଦିଆଗଲା। ପରବର୍ତ୍ତୀ ସମୟରେ ଜୟ ପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ଜନ ଆନ୍ଦୋଳନ ତ୍ରୀବ୍ର ରୂପ ନେଇଥିଲା। ଜରୁରୀକାଳ ପରିସ୍ଥିତି ଆଇନର ପ୍ରତ୍ୟକ୍ଷ ଭାବେ ବିରୋଧ



କରି କିଛି ସତ୍ୟାଗ୍ରହୀ ରାଜରାସ୍ତାକୁ ଓହ୍ଲାଇ ଆସିଲେ। ଦେଶସାରା ସତ୍ୟାଗ୍ରହ କରାଯାଇ ଡିଆଇଆର ଆଇନ ବଳରେ ଲକ୍ଷାଧିକ ବ୍ୟକ୍ତି ଜେଲଯାତ୍ରା କରିଥିଲେ। ୧୯୭୭ ମସିହା ମାର୍ଚ୍ଚ ମାସ ୨୧ ତାରିଖରେ ଜରୁରୀ ପରିସ୍ଥିତିକୁ ହଟାଇ ଦିଆଗଲା। ନୂତନ ସରକାର ପ୍ରତିଷ୍ଠା ହେବା ଫଳରେ ଦେଶରୁ ଅନ୍ଧାରୀ ଶାସନର ପତନ ହୋଇଥିଲା ଏବଂ ଗଣତନ୍ତ୍ର ଶାସନ ବ୍ୟବସ୍ଥା ପୁନଃ ସ୍ଥାପିତ ହୋଇଥିଲା। ଇତି ମଧ୍ୟରେ ୫୦ ବର୍ଷ ଅତିକ୍ରାନ୍ତ ହୋଇଯାଇଛି। ଭାରତର ରାଜନୀତିରେ ଅନେକ ପ୍ରଧାନମନ୍ତ୍ରୀ ଆସିଛନ୍ତି ଏବଂ ଯାଇଛନ୍ତି। କିନ୍ତୁ ଦେଶର ଇତିହାସରେ ଜରୁରୀକାଳ ସମୟର ଏହି ୧୯ ମାସର କାଳଖଣ୍ଡ ଏକ କଳଙ୍କମୟ ସମୟ ଭାବେ ସବୁଦିନ ପାଇଁ ରହିଥିବ କାର୍ଯ୍ୟକ୍ରମରେ ବିଧାନସଭାର ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ଅମର ଶତପଥି ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ପୂଜ୍ୟପୂଜା ସଂସଦର ରାଜ୍ୟ ସଭାପତି କୃଷ୍ଣଚନ୍ଦ୍ର ଜଗଦେବ ତାଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତ ଭୂଷଣ ଠାକୁର, ଯଜ୍ଞେଶ୍ୱର ବାବୁ, ସଂଘ ସଭାପତି ବିମ୍ବାଧର କୁଅଁର, କୋଷାଧ୍ୟକ୍ଷ ଭୁବନାନନ୍ଦ ତ୍ରିପାଠୀ କଳା ଦିବସ ବିଷୟରେ ତାଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଶ୍ରୀଧର ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ରାଜବନ୍ଦୀ ଏବଂ ସେମାନଙ୍କର ପରିବାର ବର୍ଗ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ଦିଲୀପ ବିଶୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଦଳୀୟ ନେତାଙ୍କୁ ଅତ୍ୟଧିକ କର୍ଡନ ପାସ୍ ରଥ ଟଣାରେ ବାଧକ ହେଲା : ବିଜେଡି

ଭୁବନେଶ୍ୱର,(ସବ୍ୟୁ): ଚଳିତ ବର୍ଷ ତ୍ରୁଟିଶୂନ୍ୟ ଓ ସ୍ମରଣୀୟ ରଥଯାତ୍ରା ହେବ ଏବଂ ଏକ ଦିବ୍ୟ ଅନୁଭୂତି ନେଇ ଭକ୍ତମାନେ ଫେରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ, କିନ୍ତୁ ଅବ୍ୟବସ୍ଥିତ ଓ ମହାବିଭ୍ରାଟରେ ରଥଯାତ୍ରା ସମ୍ପନ୍ନ ହେଲା ବୋଲି ବିଜେଡି କହିଛି। ଶଙ୍ଖଭବନରେ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି (ମୁଖ୍ୟାଳୟ) ତଥା ପୂର୍ବତନ ଆଇନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି ଯେ, ଯଥା ସମୟରେ ସେବାୟତଙ୍କ ଦ୍ୱାରା ପହଣ୍ଡି ସମ୍ପନ୍ନ ହୋଇଥିଲେ ମଧ୍ୟ, ସରକାରଙ୍କ ଅପାରଗତା ଲାଗି ଶରଧାବାଲିରେ ୩ ରଥ ପହଞ୍ଚିବା ତ ଦୂରର କଥା ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ସିଂହଦ୍ୱାରରୁ ଘୁଞ୍ଚି ପାରିଲା ନାହିଁ। ପର୍ଯ୍ୟାପ୍ତ ସୁରକ୍ଷା କର୍ମୀ ଉପସ୍ଥିତ ଥିଲେ ମଧ୍ୟ ପ୍ରଥମଥର ପାଇଁ ଅତ୍ୟଧିକ ସଂଖ୍ୟାରେ କର୍ଡନ ପାସ୍ ବଣ୍ଟନ, ରଥଟଣାରେ ବିଭ୍ରାଟ ସୃଷ୍ଟିକଲା। ରଥ ନିକଟରେ ବହୁସଂଖ୍ୟାରେ ଦଳୀୟନେତାଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ଭିଡ଼ ନିୟନ୍ତ୍ରଣରେ ସରକାରଙ୍କ ପାରଦର୍ଶିତା ଅଭାବରୁ ଶହଶହ ସଂଖ୍ୟାରେ ଭକ୍ତ ଆହତ ହୋଇଛନ୍ତି ଓ କିଛିଭକ୍ତ ମଧ୍ୟ



ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି। ପ୍ରଶାସନ ତୁରନ୍ତ ସ୍ପଷ୍ଟ କରନ୍ତୁ ରଥଯାତ୍ରାରେ କେତେସଂଖ୍ୟକ ଭକ୍ତ ମୃତାହତ ହୋଇଛନ୍ତି।

ଶ୍ରୀ ଜେନା ଆହୁରି କହିଥିଲେ ଯେ, ବିଡ଼ମ୍ବନାର ବିଷୟଏହିଘଟଣା ପରେ ଉଭୟ ଆଇନ ମନ୍ତ୍ରୀ ଓ ଶ୍ରୀମନ୍ଦିର ପ୍ରଶାସକ କହିଛନ୍ତି "ଏହା ପ୍ରଭୁଙ୍କଇଚ୍ଛା"ରୁ ହୋଇଛି । ଯାହାକେ ବେଘଟି ନଥିଲା, ସେଭଳି ବିଭ୍ରାଟ ଚଳିତ ବର୍ଷ ରଥଯାତ୍ରାରେ ଘଟିଲା । ମହାପ୍ରଭୁ ଅଣସରଘରେ ଥିବା ସମୟରେ ୩ ଠାକୁରଙ୍କ ପାଇଁ ଲାଗିହେବା ମୋଦକ ଚୋରିହେଲା ଓ ମାରାମୋଦକ ମହାପ୍ରଭୁଙ୍କୁ ଅର୍ପଣ କରାଗଲା ବୋଲି ସେବାୟତଙ୍କ ଅଭିଯୋଗକୁ ଆଇନ ମନ୍ତ୍ରୀ ଓ ପ୍ରଶାସନ ଅସ୍ୱୀକାର କଲେ । ଗତବର୍ଷ ରଥଯାତ୍ରା ପହଣ୍ଡି ସମୟରେ ବଡ଼ଠାକୁର ରଥରୁ ପଡିଯିବାର ତଦନ୍ତ ରିପୋର୍ଟ ଆଜି ଯାଏଁ ସାର୍ବଜନୀନ ହେଲା ନାହିଁ । ଗତବର୍ଷର ଅଘଟଣରୁ ଶିକ୍ଷାଲାଭ କରି ସରକାର ଯଦି ସତର୍କ ହୋଇଥାନ୍ତେ, ତାହେଲେ ଚଳିତବର୍ଷ ଏଭଳି ବିଭ୍ରାଟ ହୋଇନଥାନ୍ତା । ଏହି ବିଭ୍ରାଟର ନୈତିକ ଦାୟିତ୍ୱନେଇ ମୁଖ୍ୟମନ୍ତ୍ରୀ ଓ ଆଇନ ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ।

# ମେଟାଲ୍ ବଜାରରେ ୪୦ ହଜାର କୋଟି ଟଙ୍କାର ବିକ୍ରୟ ମୂଲ୍ୟ ହାସଲ କରିଛି ବେଦାନ୍ତ

ଭୁବନେଶ୍ୱର, (ସବ୍ୟୁ): ଜାତୀୟ ଏମଏସଏମଇ ଦିବସରେ, ଭାରତର ଅଗ୍ରଣୀ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ଟ୍ରାଞ୍ଜିସନ୍ ଧାତୁ, ଶକ୍ତି ଏବଂ ପ୍ରଯୁକ୍ତିବିଦ୍ୟା ସମନ୍ୱୟକାରୀ ବେଦାନ୍ତ ଲିମିଟେଡ୍ (ଏନଏସଇ:ଭିଇଡିଏଲ) ଘୋଷଣା କରିଛି ଯେ ଏହାର ନନ୍-ଫେରସ୍ ଧାତୁ ଇ-ଷ୍ଟୋର୍ ମୋଟ ବିକ୍ରୟ ମୂଲ୍ୟରେ ୪୦,୦୦୦ କୋଟି ଟଙ୍କା କିମ୍ବା ୪.୭ ବିଲିୟନ ଡଲାର ହାସଲ କରିଛି । ବେଦାନ୍ତ ମେଟାଲ୍ ବଜାର ନାମରେ ପରିଚାଳିତ, ଏହା ବିଶ୍ୱର ସର୍ବବୃହତ ଅଣ-ଫେରସ୍ ଧାତୁ ଇ-ଷ୍ଟୋର୍ ଯାହା ଆଲୁମିନିୟମ୍, ଜିଙ୍କ୍, ସୀସା ଏବଂ ତମ୍ବା ଭଳି ଧାତୁରେ ୧୨୦୦ ରୁ ଅଧିକ ଷ୍ଟକ୍ କିପିଂ ୟୁନିଟ୍ ପ୍ରଦାନ କରେ । ଏହି ପ୍ଲାଟଫର୍ମ ଗ୍ରାହକମାନଙ୍କ ପାଇଁ ଏକ ସୁଗମ, ଡିଜିଟାଲ୍-ପ୍ରଥମ ସମାଧାନ ପ୍ରଦାନ କରି ବ୍ୟବସାୟକୁ ସହଜ କରିଥାଏ ଯାହା ବ୍ୟବସାୟଗୁଡ଼ିକୁ ଆଲୁମିନିୟମ୍, ଜିଙ୍କ୍, ସୀସା ଏବଂ ତମ୍ବା ଭଳି ଅଣ-ଫେରସ୍ ଧାତୁଗୁଡ଼ିକୁ ଦକ୍ଷତାର ସହିତ ଏବଂ କମ ଖର୍ଚ୍ଚରେ କ୍ରୟ କରିବାକୁ ସକ୍ଷମ କରିଥାଏ ।

ପାରମ୍ପରିକ ଭାବରେ, ଅଣ-ଫେରସ୍ ଧାତୁ କ୍ରୟ ଜଟିଳ ହୋଇପାରେ ଏବଂ ଗ୍ରାହକମାନଙ୍କୁ ସାମଗ୍ରୀ ମୂଲ୍ୟ ଗତିବିଧି ଉପରେ ନଜର ରଖିବାକୁ ସୁନିଶ୍ଚିତ କରିଥାଏ, ଯାହା କଷ୍ଟକର ଏବଂ ସମୟସାପେକ୍ଷ ହୋଇପାରେ । ଗ୍ରାହକମାନଙ୍କୁ ମୂଲ୍ୟ ନିର୍ଦ୍ଧାରଣ ସୁଯୋଗର କୌଣସି ଦୃଶ୍ୟମାନତା ବିନା ପୂର୍ବରୁ ଧାତୁ କ୍ରୟ ଯୋଜନା କରିବାକୁ ପଡିବ । ବେଦାନ୍ତ ମେଟାଲ୍ ବଜାର ଏହି ପ୍ରକ୍ରିୟାକୁ ସରଳ କରିଛି । ଏହା ଏକ ଇଓ-ଚାଳିତ ୱାଟ୍ସଆପ ଚାଟବଟ୍ ସହିତ ଏକ ସୁଗମ, ଡିଜିଟାଲ୍-ପ୍ରଥମ ସମାଧାନ ପ୍ରଦାନ କରେ ଯାହା ଗ୍ରାହକମାନଙ୍କୁ ଦକ୍ଷତାର ସହିତ ଏବଂ କମ ଖର୍ଚ୍ଚରେ ଧାତୁ କ୍ରୟ କରିବାକୁ ସକ୍ଷମ କରିଥାଏ । ପ୍ଲାଟଫର୍ମ ରିଅଲ୍-ଟାଇମ୍ ସିଫିଂ



ଟ୍ରାକିଂ, ଅନଲାଇନ୍ ହେଜିଂ, ଦୀର୍ଘକାଳୀନ ଚୁକ୍ତିନାମା, ଅନ-ଦି-ସ୍ପଟ ଅର୍ଡର, ଚ୍ୟାନେଲ ପାର୍ଟନର ଲଜିଷ୍ଟିକ୍ସ ଏବଂ ଆର୍ଥିକ ସହାୟତା ଭଳି ଅନ୍ୟାନ୍ୟ ଶିଳ୍ପ-ଅଗ୍ରଣୀ ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟ ପ୍ରଦାନ କରେ । ଏହା ବ୍ୟବସାୟ କରିବା ପାଇଁ ଅଭୂତପୂର୍ବ ସହଜତା ପ୍ରଦାନ କରେ ଏବଂ ସମସ୍ତ ଗ୍ରାହକଙ୍କ ପାଇଁ ପ୍ରିମିୟମ ଗୁଣବତା ଧାତୁର ପ୍ରବେଶକୁ ଗଣତାନ୍ତ୍ରିକ କରେ । ଏହି ପ୍ଲାଟଫର୍ମ ତୃତୀୟ-ପକ୍ଷ ମଧ୍ୟସ୍ଥିମାନଙ୍କୁ ଦୂର କରିବାରେ ସାହାଯ୍ୟ କରେ, ଯାହା କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ପାଇଁ ବିଶେଷ ସହାୟକ, ସେମାନଙ୍କୁ ସେମାନଙ୍କ ହାତ ମୁଠାରେ ବିଶ୍ୱର ସର୍ବବୃହତ ଧାତୁ ପୋର୍ଟଫୋଲିଓ ମଧ୍ୟରୁ ଗୋଟିଏକୁ ପ୍ରବେଶ ପ୍ରଦାନ କରେ । ଏହି ସୁଗମ, ଏକ-ଷ୍ଟପ୍ ସମାଧାନ ଛୋଟ ବ୍ୟବସାୟଗୁଡ଼ିକୁ କ୍ରୟ ଜଟିଳତା ଅପେକ୍ଷା ଅଭିବୃଦ୍ଧି ଉପରେ ଧ୍ୟାନ ଦେବାକୁ ସକ୍ଷମ କରୁଛି । ଏହା ଲଂଚ ହେବାର ମାତ୍ର ୬ ମାସ ମଧ୍ୟରେ ସକ୍ରିୟ ଉପଭୋକ୍ତାଙ୍କ ସଂଖ୍ୟାରେ ୨୪୦% ବୃଦ୍ଧି ଏବଂ ୟୁଗର ପଞ୍ଜୀକରଣରେ ୩୫% ବୃଦ୍ଧି ପାଇଛି, ଯାହା ଭାରତର ଧାତୁ କ୍ଷେତ୍ରରେ ଡିଜିଟାଲ୍ କ୍ରୟ ଦିଗରେ ଏକ ପ୍ରମୁଖ ପରିବର୍ତ୍ତନକୁ ପ୍ରତିଫଳିତ କରେ । ବେଦାନ୍ତ ମେଟାଲ୍ ବଜାରର ବର୍ତ୍ତମାନର ଗ୍ରାହକ ଆଧାରରେ ୬୦% ଏମଏସଏମଇ ଅନ୍ତର୍ଭୁକ୍ତ ଅଟେ ।

# ର'ର ନୂଆ ମୁଖ୍ୟ ପରାଗ ଜୈନ




**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାର ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ (ର)ର ନୂତନ ମୁଖ୍ୟଙ୍କୁ ନିଯୁକ୍ତ କରିଛନ୍ତି । ସରକାର ଏହି ପଦବୀ ପାଇଁ ଆଇପିଏସ ଅଧିକାରୀ ପରାଗ ଜୈନଙ୍କୁ ବାଛିଛନ୍ତିଛ ପରାଗ ଜୈନ ପଞ୍ଜାବ କ୍ୟାଡରର ୧୯୮୯ ବ୍ୟାଚ୍ ଆଇପିଏସ ଅଧିକାରୀ, ତାଙ୍କର କାର୍ଯ୍ୟକାଳ ଦୁଇ ବର୍ଷର ହେବ । ବର୍ତ୍ତମାନର ର'ମୁଖ୍ୟ ରବି ସିହ୍ନାଙ୍କ କାର୍ଯ୍ୟକାଳ ଜୁନ୍ ୩୦ରେ ଶେଷ ହେଉଛି । ଆଇପିଏସ ପରାଗ ଜୈନ ପୂର୍ବରୁ ଚଣ୍ଡିଗଡ଼ର ଏସଏସପି ଥିଲେ । ଏହା ବ୍ୟତୀତ ପରାଗ କାନାଡା ଏବଂ ଶ୍ରୀଲଙ୍କାରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି । ତାଙ୍କୁ ଜମ୍ମୁ ଏବଂ କଶ୍ମୀରରେ ମଧ ନିଯୁକ୍ତି ଦିଆଯାଇଛି, ଯେଉଁଠାରେ ସେ ସଂଘର୍ଷଗ୍ରସ୍ତ କେନ୍ଦ୍ରଶାସିତ ଅଞ୍ଚଳରେ କେନ୍ଦ୍ରର ଆତଙ୍କବାଦ ବିରୋଧୀ ରଣନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ପରାଗ ଜୈନଙ୍କ କ୍ୟାରିୟର ଜଣେ ଅଭିଜ୍ଞ ଗୁଇନ୍ଦା ଅଧିକାରୀଙ୍କ ଉଦାହରଣ । ସେ ପଞ୍ଜାବରେ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ ଯେତେବେଳେ ରାଜ୍ୟ ଆତଙ୍କବାଦର କବଳରେ ଥିଲା । ସେ ଭଟିଣ୍ଡା, ମାନସା ଏବଂ ହୋସିଆରପୁର ଭଳି ସମ୍ବେଦନଶୀଳ ଜିଲ୍ଲାରେ କାର୍ଯ୍ୟକ୍ଷମ ଭାବେ ଦାୟିତ୍ୱ ତୁଲାଇଥିଲେ । ପରେ ସେ ଚଣ୍ଡିଗଡ଼ର ଏସଏସପି ଏବଂ ଲୁଧିଆନାର ଡିଆଇଜି ମଧ ଥିଲେଛ ର'ରେ ତାଙ୍କର ଦୀର୍ଘ କାର୍ଯ୍ୟକାଳ ମଧରେ, ପରାଗ ଜୈନ ପାକିସ୍ତାନ ଡେସ୍କୁ ପରିଚାଳନା କରିଥିଲେଛ ବିଶେଷକରି ଧାରା ୩୭୦ର ଉଚ୍ଛେଦ ଏବଂ ବାଲାକୋଟ ଏୟାରଷ୍ଟ୍ରାଇକ ଭଳି ଗୁରୁତ୍ୱପୂର୍ଣ୍ଣ ଅପରେସନ ସମୟରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଅପରେସନ ସିନ୍ଦୁରରେ, ଭାରତୀୟ ସେନା ପାକ୍ ଅଧିକୃତ କଶ୍ମୀର ଏବଂ ବାହାବଲପୁରରେ ୯ଟି ଆତଙ୍କବାଦୀ ଆଡ୍ଡା ଉପରେ ବୋମା ମାଡ଼ କରି ଧ୍ୱଂସ କରିଥିଲା । ଭାରତର ଏହି କାର୍ଯ୍ୟାନୁଷ୍ଠାନରେ ପ୍ରାୟ ୧୦୦ଆତଙ୍କବାଦୀ ନିହତ ହୋଇଥିଲେ । ଏଥିରେ ଅନେକ ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ମଧ ଥିଲେ । ର' ହେଉଛି ଭାରତର ଗୁଇନ୍ଦା ସଂସ୍ଥାଛ ଯାହା ବିଦେଶରେ ଏବଂ ଦେଶ ଭିତରେ ଘଟୁଥିବା ଦେଶ ବିରୋଧୀ ଷଡ଼ଯନ୍ତ୍ର ବିଷୟରେ ସୂଚନା ସଂଗ୍ରହ କରେ ଏବଂ ସେଗୁଡ଼ିକୁ ବିଫଳ କରିବା ପାଇଁ ସୁରକ୍ଷା ସଂସ୍ଥାଗୁଡ଼ିକ ସହିତ ସୂଚନା ବାଣ୍ଟେ । ଏହା ୨୧ ସେପ୍ଟେମ୍ବର ୧୯୬୮ ରେ ପ୍ରତିଷ୍ଠିତ ହୋଇଥିଲା । ଏହାର ପ୍ରଥମ ମୁଖ୍ୟ ଥିଲେ ରାମଶ୍ୱେର ନାଥ କାଓଛ ର' ଦାୟିତ୍ୱ ପ୍ରଧାନମନ୍ତ୍ରୀଙ୍କ ପାଖରେ ଥାଏଛ ର' ମୁଖ୍ୟ ଏନଏସଏ ଅର୍ଥାତ୍ ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କୁ ରିପୋର୍ଟ କରନ୍ତି । ବର୍ତ୍ତମାନର ର' ମୁଖ୍ୟ ରବି ସିହ୍ନା ୧୯୮୮ ବ୍ୟାଚ୍ର ଜଣେ ବରିଷ୍ଠ ଆଇପିଏସ ଅଧିକାରୀ । ତାଙ୍କର କାର୍ଯ୍ୟକାଳ ସୋମବାର ୩୦ ଜୁନ୍ ୨୦୨୪ରେ ଶେଷ ହେବ । ରବି ସିହ୍ନା ଅନେକ ଥର ସେବା ବୃଦ୍ଧି ପାଇଛନ୍ତି, କିନ୍ତୁ ଏଥର ସରକାର ତାଙ୍କୁ ସେବା ବୃଦ୍ଧି ଦେଇ ନାହାନ୍ତି । ରବି ସିହ୍ନାଙ୍କ ସ୍ଥାନରେ ପରାଗ ଜୈନଙ୍କୁ ଏହି ଦାୟିତ୍ୱ ଦିଆଯାଇଛି ।

## ବିମାନ ଦୁର୍ଘଟଣା

### କାର୍ଯ୍ୟାଳୟରେ ଉତ୍ସବ ପାଳନ ମହଙ୍ଗା ପଡ଼ିଲା

**ଅହମଦାବାଦ:** ଅହମଦାବାଦରେ ଏୟାରଇଣ୍ଡିଆ ବିମାନ ଦୁର୍ଘଟଣାରେ ଯାତ୍ରୀଙ୍କ ସମେତ ଘଟଣାସ୍ଥଳରେ ଉପସ୍ଥିତ ଥିବା ଲୋକଙ୍କୁ ମିଶାଇ ମୋଟ ୨୭୫ଜଣ ଲୋକଙ୍କ ମୃତ୍ୟୁ ହୋଇଥିଲା । ଏହି ବିମାନ ଦୁର୍ଘଟଣା ପରେ ଏଆଇଏସଏଟିଏସ କାର୍ଯ୍ୟାଳୟରେ ଆୟୋଜିତ ପାର୍ଟିର ଏକ ଭିଡିଓ ସାମ୍ନାକୁ ଆସିବା ପରେ ଏକ ବଡ଼ ବିବାଦ ସୃଷ୍ଟି ହୋଇଛି । ଏହି ପାର୍ଟି ଏପରି ସମୟରେ ହୋଇଥିଲା ଯେତେବେଳେ ଏୟାର ଇଣ୍ଡିଆ ଏବଂ ଟାଟା ଗ୍ରୁପ୍ ଗୁଜରାଟ ଦୁର୍ଘଟଣା ପାଇଁ ଶୋକ ପ୍ରକାଶ କରୁଥିଲେ । ଏପରି ପରିସ୍ଥିତିରେ ଏଭଳି ଉତ୍ସବ ପାଳନ କରିବା ଘଟଣାକୁ ଅମାନବୀୟ ବୋଲି ଉଲ୍ଲେଖ କରାଯାଇଛି । ଏହି ଭିଡିଓ ଭାଇରାଲ ହେବା ମାତ୍ରେ ଟାଟା ଗ୍ରୁପ୍ ଏବଂ ଏଆଇଏସଏଟିଏସ କଡ଼ା ପ୍ରତିକ୍ରିୟା ପ୍ରକାଶ କରି ଚାରି ଜଣ ବରିଷ୍ଠ ଅଧିକାରୀଙ୍କୁ ନିଲମ୍ବିତ କରି ଦେଇଛନ୍ତି । ଏଥିରେ କମ୍ପାନୀର ସିଓଓ ଆବ୍ରାହମ ଜାକାରିଆ (ମୁଖ୍ୟ ପରିଚାଳନା ଅଧିକାରୀ)ଙ୍କ ସମେତ ଏସଭିପି ସମ୍ପ୍ରିତ, ଏସଭିପି ବଲଜିନ୍ଦର ସାମିଲ ଅଛନ୍ତି । ଏଥିସହିତ କମ୍ପାନୀର ଶୀର୍ଷ ନେତୃତ୍ୱ ଥିବା ଅନ୍ୟ କର୍ମଚାରୀମାନଙ୍କୁ କାର୍ଯ୍ୟସ୍ଥଳରେ ଏପରି ଦାୟିତ୍ୱହୀନ ଆଚରଣରେ ଲିପ୍ତ ନ ହେବାକୁ ଚେତାବନୀ ମଧ ଦିଆଯାଇଛି । ଏୟାର ଇଣ୍ଡିଆ ଏସଏଟିଏସ ଏୟାରପୋର୍ଟ ସର୍ଭିସ ପ୍ରାଇଭେଟ୍ ଲିମିଟେଡ୍ ଏକ ମିଳିତ ଶାଖା, ଯାହା ଟାଟା ଗ୍ରୁପ୍ ଏବଂ ଏସଏଟିଏସ ଲିମିଟେଡ୍ (ସିଙ୍ଗାପୁର ବିମାନବନ୍ଦର ଟର୍ମିନାଲ୍ ସେବା) ମଧରେ ଚୁକ୍ତିବଦ୍ଧ । ଏହା ଭାରତରେ ବିମାନ କମ୍ପାନିଗୁଡ଼ିକୁ ଭୂମି ପରିଚାଳନା, କ୍ୟାଟରିଂ ଏବଂ ଅନ୍ୟାନ୍ୟ ଯାତ୍ରୀ ସମ୍ବନ୍ଧୀୟ ସେବା ପ୍ରଦାନ କରେ । ଏଆଇ ୧୭୧ ବିମାନ ଦୁର୍ଘଟଣାର କିଛି ଦିନ ପରେ ଏଆଇଏସଏଟିଏସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ପାର୍ଟି କର୍ମଚାରୀଙ୍କ ସମ୍ବେଦନଶୀଳତା ଉପରେ ପ୍ରଶ୍ନ ଉଠାଇଛି । ଏଆଇଏସଏଟିଏସ ଦ୍ୱାରା ଜାରି ଅଧିକାରିକ ବିବୃତ୍ତିରେ କୁହାଯାଇଛି ଯେ ଆମେ ଏଆଇ ୧୭୧ର ଦୁଃଖଦ କ୍ଷତିରେ ପ୍ରଭାବିତ ପରିବାର ସହିତ ଛିଡ଼ା ହୋଇଛୁ । ନିକଟରେ ବିମାନ ଦୁର୍ଘଟଣା ପରେ ଏଆଇଏସଏଟିଏସ କାର୍ଯ୍ୟାଳୟରେ ଉତ୍ସବ ପାଳନ କରାଯିବା ଘଟଣାରେ ଦାୟୀ ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।

## ୧୯୧ ମୃତଦେହର 'ସାକ୍ଷ୍ୟ': ସ୍ୱାମୀ-ସ୍ତ୍ରୀ ଜେଲ୍ ଗଲେ

**ୱାଶିଂଟନ:** ଆମେରିକାର କଲୋରାଡୋରେ ଏକ ହୃଦୟବିଦାରକ ମାମଲା ସାମ୍ନାକୁ ଆସିଛି । ଅଭିଯୁକ୍ତଙ୍କୁ କଲୋରାଡୋ ଫେଡେରାଲ କୋର୍ଟ ଷଡ଼ଯନ୍ତ୍ର, କୋଭିଡ୍-୧୯ ପାଇଁ ମିଳିଥିବା ଆର୍ଥିକ ସହାୟତାରୁ ପ୍ରାୟ ୯ ଲକ୍ଷ ଡଲାର ଠକେଇ ଏବଂ ୧୯୧ ମୃତଦେହର ଅପବ୍ୟବହାର ପାଇଁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଷଡ଼ଯନ୍ତ୍ର ପାଇଁ ତାଙ୍କୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ କରାଯାଇଛି ।

ଦ୍ୱିତୀୟ ମାମଲାରେ ଅଗଷ୍ଟରେ ଦଣ୍ଡାଦେଶ କରାଯିବଛ ରିଟର୍ଣ୍ଣ ଟୁ ନେଚର ଫ୍ୟୁନେରାଲ ହୋମର ମାଲିକ ଜନ୍ ହାଲଫୋର୍ଡ ୧୯୧ ମୃତଦେହକୁ ଲୁଚାଇ ରଖିଥିବା ଅଭିଯୋଗ ହୋଇଥିଲା । ମୃତଦେହଗୁଡିକ ପଚିସି ଯାଇଥିଲା । ସେ ମୃତଦେହଗୁଡ଼ିକର ସଂସ୍କାର କରି ନଥିଲେ ଏବଂ ସମ୍ପର୍କୀୟମାନଙ୍କୁ ମିଛ କହିଥିଲେ । ସମ୍ପର୍କୀୟମାନଙ୍କୁ ନକଲି ଅସ୍ଥି ଦେଇଥିଲେ । ମାମଲା ସାମ୍ନାକୁ ଆସିବା ପରେ, ମୃତକଙ୍କ ସମ୍ପର୍କୀୟମାନେ କ୍ରୋଧିତ ଅଛନ୍ତି ଏବଂ କୋର୍ଟଙ୍କୁ ସେମାନଙ୍କ ପ୍ରିୟଜନଙ୍କ ମୃତଦେହ ଦେବାକୁ ଦାବି କରିଛନ୍ତ ।

ହିନ୍ଦୁସ୍ତାନ ଟାଇମ୍ସର ରିପୋର୍ଟ ଅନୁଯାୟୀ, ଶୁକ୍ରବାର ଦିନ କୋର୍ଟର ଶୁଣାଣି ହୋଇଥିଲା ଏବଂ ସରକାରୀ ଆଇନଜୀବୀମାନେ ହାଲଫୋର୍ଡଙ୍କ ପାଇଁ ୧୫ ବର୍ଷ ଦଣ୍ଡାଦେଶ ଦାବି କରିଥିଲେ । ହାଲଫୋର୍ଡଙ୍କ ଆଇନଜୀବୀ ୧୦ ବର୍ଷ ଦଣ୍ଡାଦେଶ ଦାବି କରିଥିଲେ । ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ, ବିଚାରପତି ନୀନା ୱାଙ୍ଗ କହିଥିଲେ ଯେ, ଠକେଇ ମାମଲା ପ୍ରମାଣିତ ହୋଇଛି, କିନ୍ତୁ ହାଲଫୋର୍ଡଙ୍କୁ ଅମାନବୀୟ ଆଚରଣ ପାଇଁ କଠୋର ଦଣ୍ଡ ଦିଆଯିବା ଉଚିତ । କିନ୍ତୁ ଠକେଇ ମାମଲା ମଧ ସରଳ ନୁହେଁ । ତାଙ୍କ ପତ୍ନୀ କ୍ୟାରି ମଧ ତାଙ୍କୁ ଏହି ଘୃଣ୍ୟ କାମ କରିବାରେ ସାହାଯ୍ୟ କରିଥିଲେ । ଉଭୟ ୨୦୧୯ରୁ ୨୦୨୩ପର୍ଯ୍ୟନ୍ତ ମୃତଦେହ ଲୁଚାଇ ରଖିଥିଲେ ।

ମାମଲାର ତଦନ୍ତ କରୁଥିବା ପୁଲିସ ଅଧିକାରୀମାନେ କୋର୍ଟଙ୍କୁ କହିଥିଲେ ଯେ,ଏହି ଘଟଣା ୨୦୨୩ମସିହାରେ ପ୍ରକାଶ ପାଇଥିଲା । ଦୁର୍ଗନ୍ଧ ଆସିବା ପରେ ଲୋକମାନେ ପୁଲିସରେ ଅଭିଯୋଗ କରିଥିଲେ, ଯେ, ଡେନଭରର ଦକ୍ଷିଣଠାରୁ ୨ ଘଣ୍ଟା ଦୂରରେ ଅବସ୍ଥିତ ଏକ ଛୋଟ ସହର ପେନରୋଜରେ ଏକ ଖାଲି କୋଠା ଅଛି । ସେଥିରୁ ଦୁର୍ଗନ୍ଧ ଆସୁଛି ଏବଂ ଏହା ଉପରେ ପକ୍ଷୀମାନେ ଘୁରି ବୁଲୁଛନ୍ତି । ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ କୋଠା ଭିତରେ ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ପଚାସ ମୃତଦେହଗୁଡ଼ିକ ପରସ୍ପର ଉପରେ ଗଦା କରି ରଖାଯାଇଥିଲା ।

କୋଲଟନ୍ ସ୍ୱେରି ନାମକ ଜଣେ ଯୁବକ କୋର୍ଟରେ ତାଙ୍କ ଅକ୍ଳାନ୍ତ ପରିସ୍ଥିତି ବର୍ଣ୍ଣନା କରିଥିଲେ । ତାଙ୍କ ଜେଜେମା'ଙ୍କ ଶରୀରକୁ ନିର୍ଯାତନା ଦିଆଯାଇଥିଲା । ସେ କହିଥିଲେ ଯେ ତାଙ୍କ ଜେଜେମା' ତାଙ୍କର ଦ୍ୱିତୀୟ ମା' ଥିଲେ ଏବଂ ସେ ୨୦୧୯ ମସିହାରେ ମୃତ୍ୟୁବରଣ କରିଥିଲେ, କିନ୍ତୁ ସେ ଜାଣି ନଥିଲେ ଯେ ଶେଷ ମୁହୂର୍ତ୍ତରେ ତାଙ୍କ ସହିତ ଏପରି ଘଟିବ । ହାଲଫୋର୍ଡଙ୍କ କାର୍ଯ୍ୟ ତାଙ୍କୁ ଭାବପ୍ରବଣ ଭାବରେ ଭାଙ୍ଗି ଦେଇଛି । ସେ ତାଙ୍କୁ କେବେ କ୍ଷମା କରିପାରିବେ ନାହିଁ ।

କୋର୍ଟରେ ଉପସ୍ଥାପିତ ପ୍ରମାଣ ଦେଖିବା ପରେ, ବିଚାରପତି କହିଛନ୍ତି ଯେ, ହୋଲଫୋର୍ଡ ଦମ୍ପତି ମହାମାରୀ ସମୟରେ ଆର୍ଥିକ ସହାୟତା ଭାବରେ ପାଇଥିବା ଟଙ୍କାକୁ ଆତ୍ମସାତ କରିଛନ୍ତି ଏବଂ ଜିଏମସି ୟୁକନ୍ ତଥା ଇନଫିନିଟି ପାଇଁ ୧୨୦,୦୦୦ ଡଲାରରୁ ଅଧିକ ଖର୍ଚ୍ଚ କରିଛନ୍ତି । ୩୧,୦୦୦ ଡଲାର ମୂଲ୍ୟର କ୍ରିପ୍ଟୋକରେନ୍ସି କିଣାଯାଇଛି । ଗୁସି ଏବଂ ଟିଫ୍ନି ଆଣ୍ଡ କୋ ଭଳି ଷ୍ଟୋରରୁ ବିଳାସପୂର୍ଣ୍ଣ ଜିନିଷ କିଣାଯାଇଥିଲା । ଲେଜର ବଡ଼ି ସ୍କଲ୍ପିଂ ମଧ କରାଯାଇଥିଲା ।

କୋଠାରେ ଖରାପ ଅବସ୍ଥାରେ ପଡ଼ିଥିବା ମୃତଦେହଗୁଡ଼ିକ ପଚୁଥିଲା । ଅମାନବୀୟ କିପରି ହୋଇପାରେ? ଏହି ଘୃଣ୍ୟ କାର୍ଯ୍ୟ ପାଇଁ ଉଭୟଙ୍କୁ କଠୋର ଦଣ୍ଡ ଦିଆଯିବା ଉଚିତ । ସେହି ସମୟରେ, ଜନ୍ ହୋଲଫୋର୍ଡଙ୍କ ଆଇନଜୀବୀ ସେମାନଙ୍କର ଭୁଲ୍ ସ୍ୱୀକାର କରିଛନ୍ତି ଏବଂ କୌଣସି ବାହାନା କରିନାହାନ୍ତି । ଉଭୟଙ୍କ ଦଣ୍ଡ ବିଚାର କରାଯିବା ଉଚିତ ବୋଲି ସେ କହିଛନ୍ତି ।

## ୩ ହଜାର ଫୁଟ ଉପରେ ୩୦୦ ଯାତ୍ରୀ ଆତଙ୍କିତ

### ରାତି ଅଧରେ ଜରୁରୀ ଅବତରଣ କଲା ବିମାନ



**ମୁମ୍ବାଇ:** ଇଥିଓପିଆ ରାଜଧାନୀ ଆଡିସ୍ ଆବାବାରୁ ମୁମ୍ବାଇ ଯାଉଥିବା ଇଥିଓପିଆନ୍ ଏୟାରଲାଇନ୍ସର ବିମାନ ଇଟି-୬୪୦କୁ ଶୁକ୍ରବାର-ଶନିବାର ବିଳମ୍ବିତ ରାତିରେ ଏକ ଗୁରୁତର ଯାନ୍ତ୍ରିକ ସମସ୍ୟା ଯୋଗୁ ଜରୁରୀକାଳୀନ ଅବତରଣ କରିବାକୁ ପଡିଥିଲା ।

ବୋଇଂ ୭୮୭ ଡ୍ରିମଲାଇନର ବିମାନରେ ମଝି ଆକାଶରେ ଚାପ ସୃଷ୍ଟି ହେବା ଯୋଗୁ ୭ ଜଣ ଯାତ୍ରୀ ଅସୁସ୍ଥ ହୋଇ ପଡ଼ିଥିଲେ । ବିମାନଟି ରାତି ୧:୫୫ ରେ ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ କରିଥିଲା ।

ଏହି ଘଟଣାରେ, ଜଣେ ଯାତ୍ରୀଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା ଏବଂ ତାଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରିବାକୁ ପଡିଥିଲା । ବିମାନରେ ୩୦୦ ଯାତ୍ରୀ ଥିଲେ । ମଝି ଆକାଶରେ ବାୟୁ ଡିପ୍ରେସରାଇଜେସନ୍ ହେଉଛି ଏକ ପରିସ୍ଥିତି ଯେତେବେଳେ ବିମାନର କ୍ୟାବିନରେ ବାୟୁ ଚାପ ହଠାତ୍ ହ୍ରାସ ପାଏ । ସାଧାରଣତଃ ଏହା ଯାନ୍ତ୍ରିକ ତ୍ରୁଟି ଯୋଗୁ ହୁଏ, ଯେପରିକି କ୍ୟାବିନ ଚାପ ପ୍ରଣାଳୀର ବିଫଳତା କିମ୍ବା ବିମାନର ସଂରଚନାରେ ଲିକେଜ୍ । ଏହି ପରିସ୍ଥିତିରେ, ଯାତ୍ରୀମାନଙ୍କର ନିଶ୍ୱାସ ନେବାରେ ଅସୁବିଧା, ମୁଣ୍ଡ ବୁଲାଇବା କିମ୍ବା ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ହେବାର ସମ୍ଭାବନା ଥାଏ ।

ରିପୋର୍ଟ ଅନୁଯାୟୀ, ବିମାନରେ ୩୦୦ ଜଣ ଯାତ୍ରୀ ଏବଂ ୧୧ଜଣ କ୍ରୁ ସଦସ୍ୟ ଥିଲେ । ଏହି ଘଟଣା ସେତେବେଳେ ଘଟିଥିଲା ଯେତେବେଳେ ବିମାନଟି ଆରବ ସାଗର ଉପରେ ଉଡୁଥିଲା । ଏହା ୩୩ହଜାର ଫୁଟ ଉଚ୍ଚତାରେ ଥିଲା ଯେତେବେଳେ କ୍ୟାବିନରେ ଚାପ ହ୍ରାସ ପାଇଥିଲା ଏବଂ ପାଇଲଟମାନେ ଦ୍ରୁତ ଗତିରେ ତଳକୁ ଓହ୍ଲାଇ କମ୍ ଉଚ୍ଚତାରେ ଉଡ଼ାଣ କରିଥିଲେ ।

ବିମାନରେ କ୍ୟାବିନ ଚାପ ହଠାତ ହ୍ରାସ ପାଇଥିଲା, ଯାହା ଯାତ୍ରୀ ଏବଂ କ୍ରୁ ମଧରେ ଅସ୍ୱସ୍ତି ଏବଂ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥିଲା । ସୂତ୍ର ଅନୁଯାୟୀ, ସାତ ଜଣ ଯାତ୍ରୀ ଶ୍ୱାସକ୍ରିୟାରେ ଅସୁବିଧା ଏବଂ ମୁଣ୍ଡ ବୁଲାଉଥିବା ଅଭିଯୋଗ କରିଥିଲେ । ପାଇଲଟ୍ ତୁରନ୍ତ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଥିଲେ ଏବଂ ବିମାନକୁ ସୁରକ୍ଷିତ ଭାବରେ ମୁମ୍ବାଇରେ ଅବତରଣ କରିଥିଲେ । ୭ ଜଣ ଅସୁସ୍ଥ ଯାତ୍ରୀଙ୍କୁ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇ ଦିଆଯାଇଥିଲା, ସେମାନଙ୍କ ମଧରୁ ଜଣେ ଯାତ୍ରୀଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ବାକି ୬ ଜଣ ଯାତ୍ରୀଙ୍କୁ ବିମାନବନ୍ଦରରେ ହିଁ ପ୍ରାଥମିକ ଚିକିତ୍ସା ଦିଆଯାଇଥିଲା ।

ଏହି ଘଟଣା ଏପରି ସମୟରେ ଘଟିଛି ଯେତେବେଳେ ବୋଇଂ ୭୮୭ଡ୍ରିମଲାଇନର ବିମାନର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିବାରେ ଲାଗିଛି । ନିକଟରେ, ଅହମଦାବାଦ ବିମାନବନ୍ଦରରୁ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆର ଏକ ବିମାନ ଉଡ଼ାଣ ଆରମ୍ଭ ହେବାର କିଛି ସମୟ ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏହି ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ଛଡା କ୍ରୁ ସଦସ୍ୟଙ୍କ ସମେତ ସମସ୍ତ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା ।

### ଆଇଏସଆଇଏସ ଇଣ୍ଡିଆ ହେଡ ସାକିବ ନାଚନର ମୃତ୍ୟୁ

**ନୂଆଦିଲ୍ଲୀ:** ଅନ୍ତର୍ଜାତୀୟ ଆତଙ୍କବାଦ ସଙ୍ଗଠନ ଆଇଏସଆଇଏସ୍ ଭାରତ ମୁଖ୍ୟ ସାକିବ ନାଚନର ମୃତ୍ୟୁ ହୋଇଛି । ସେ ଦିଲ୍ଲୀର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ତାର ମୃତ୍ୟୁ ହୋଇଥିବା ଜଣାପଡିଛି । ସାକିବକୁ ଏନଆଇଏ ଗିରଫ କରିଥିଲା ଓ ସେ ଦିଲ୍ଲୀର ତିହାର ଜେଲରେ ବନ୍ଦୀ ଥିଲା । ସାକିବ ଷ୍ଟୁଡେଣ୍ଟ ଇସ୍ଲାମିକ ମୁଭମେଣ୍ଟ ଅଫ ଇଣ୍ଡିଆ ( ସିମି)ର ପୂର୍ବତନ ପଦାଧିକାରୀ ମଧ ଥିଲା । ଜନୈକ ଅଧିକାରୀଙ୍କ ଅନୁସାରେ ସାକିବର ବ୍ରେନ ହାମରେଜ ହୋଇଥିଲା ଓ ତାକୁ ଚିକିତ୍ସା ପାଇଁ ଦିଲ୍ଲୀ ସଦରଜଙ୍ଗ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ୨୦୨୩ ମସିହାରେ ଏନଆଇଏ ସାରା ଦେଶରେ ଆଇଏସଆଇଏସ ବିରୋଧରେ ହାତକୁ ନେଇଥିବା କାର୍ଯ୍ୟାନୁଷ୍ଠାନରେ ମହାରାଷ୍ଟ୍ର ପଡଘାରେ ତଲାସୀ କାଳରେ ନାଚନ ସମେତ ଅନେକ ଲୋକଙ୍କୁ ଗିରଫ କରା ଯାଇଥିଲା । ନାଚନକୁ ଦିଲ୍ଲୀ ତିହାର ଜେଲରେ ରଖା ଯାଇଥିଲା । ତେବେ ୨୪ ଜୁନ ମଙ୍ଗଳବାର ଜେଲରେ ନାଚନର ସ୍ୱାସ୍ଥ୍ୟ ଅଚାନକ ବିଗିଡି ଯାଇଥିଲା । ତାକୁ ଚିକିତ୍ସା ନିମନ୍ତେ ହସ୍ପିଟାଲକୁ ନିଆଯାଇଥିବା ବେଳେ ସେଠାରେ ଚିକିତ୍ସାଧୀନ ଥିବା ବେଳେ ତାର ମୃତ୍ୟୁ ହୋଇଛି । ହସ୍ପିଟାଲରେ ଡାକ୍ତର ତାର ବ୍ରେନ ହାମରେଜ ହୋଇଥିବାର କହିଥିଲେ । ସେହି ଅନୁସାରେ ଚିକିତ୍ସା କରାଯାଉଥିଲା । ତେବେ ଶନିବାର ମଧାହ୍ନରେ ତାର ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଥିବା ବେଳେ ୧୨ଟା ୧୦ ମିନିଟରେ ତାର ମୃତ୍ୟୁ ହୋଇଛି ।

## କୋଲକାତା ଛାତ୍ରୀ ଗଣଦୁଷ୍କର୍ମ ଯାଞ୍ଚ ଲାଗି ଗଠିତ ହେଲା ସିଟ୍



**କୋଲକାତା:** କୋଲକାତା ପୋଲିସ ସହରର ଏକ ଆଇନ କଲେଜ ଛାତ୍ରୀଙ୍କ ପ୍ରତି ସିନିୟର ଛାତ୍ରଙ୍କ ଦ୍ୱାରା କଥିତ ସାମୂହିକ ଦୁଷ୍କର୍ମ ମାମଲାର ତଦନ୍ତ ନିମନ୍ତେ ଶନିବାର ୫ ସଦସୀୟ ବିଶେଷ ଯାଞ୍ଚ ଦଳ (ଏସଆଇଟି) ଗଠନ କରିଛି । ଜନୈକ ଅଧିକାରୀ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ୫ ସଦସୀୟ ଏସଆଇଟିର ନେତୃତ୍ୱ ଆସିଷ୍ଟାଣ୍ଟ କମିଶନର ସ୍ତରର କୌଣସି ଅଧିକାରୀଙ୍କୁ ଦିଆଯିବ ।

ସୂଚନା ଅନୁସାରେ ଏସଆଇଟି ମାମଲାର ତୁରନ୍ତ ତଦନ୍ତ ଆରମ୍ଭ କରିବ । ଦକ୍ଷିଣ କୋଲକାତା ଆଇନ ମହାବିଦ୍ୟାଳୟର ଜନୈକା ୨୪ ବର୍ଷ ବୟଷ୍କା ଛାତ୍ରୀଙ୍କ ପ୍ରତି ଗାର୍ଡ ରୁମରେ ମହାବିଦ୍ୟାଳୟର ଜନୈକ ପୂର୍ବତନ ଛାତ୍ରଙ୍କ ସମେତ ୩ ଜଣ ଜୁନ ୨୫ ତାରିଖ ଦିନ ଗଣ ଦୁଷ୍କର୍ମ କରିଥିଲେ । ଏ ନେଇ ଛାତ୍ରୀ ଅଭିଯୋଗ କରିବା ପରେ ପୋଲିସ ମାମଲାରେ ଅଭିଯୁକ୍ତ ମନୋଜିତ ମିଶ୍ର, ପ୍ରୋମିତ ମୁଖାର୍ଜୀ ଓ ଜୈଦ ଅହମଦକୁ ଗିରଫ କରିଛି ।

ମହାବିଦ୍ୟାଳୟ ପରିସରସ୍ଥିତ ଗାର୍ଡ ରୁମ ଗଣ ଦୁଷ୍କର୍ମ ମାମଲାରେ ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ଇତି ମଧରେ ୪କୁ ପହଞ୍ଚିଛି । ଅଧିକାରୀଙ୍କ ସୂଚନା ଅନୁସାରେ ମାମଲାରେ ପଚରା ଉଚରା ପାଇଁ ଅଟକ ଥିବା ସୁରକ୍ଷା ଗାର୍ଡକୁ ଶନିବାର ସକାଳେ ଗିରଫ କରାଯାଇଛି । ପଚରା ଉଚରାରେ ସୁରକ୍ଷା ଗାର୍ଡ ସ୍ପଷ୍ଟ ରୂପେ କିଛି କହି ନଥିବା ବେଳେ ସିସିଟିଭି ଫୁଟେଜରେ ଘଟଣା ବେଳେ ସେ ସେଠାରେ ଉପସ୍ଥିତ ଥିବା ଦେଖାଯାଇଛି ।

ଛାତ୍ରୀ ପରୀକ୍ଷା ପାଇଁ କଲେଜକୁ ଫର୍ମ ଫିଲଅପ କରିବାକୁ ଆସିଥିଲେ । ସେ ଫର୍ମ ଭରି ସାରିବା ପରେ ବି ତାଙ୍କୁ ୟୁନିୟନ ରୁମରେ ଜୋର ଜବରଦସ୍ତ ଅଟକାଇ ରଖାଯାଇଥିଲା । ଅଭିଯୋଗ ହୋଇଛି ଯେ ପୂର୍ବତନ ଛାତ୍ର ତଥା କ୍ରିମିନାଲ ଓକିଲ ତାଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ । ତେବେ ଛାତ୍ରୀ ଏହାକୁ ପ୍ରତ୍ୟାକ୍ଷାନ କରିବାରୁ ତାଙ୍କ ପ୍ରତି ଦୁଷ୍କର୍ମ କରାଯାଇଥିଲା । ପୀଡ଼ିତା ଅଭିଯୋଗ କରିଛନ୍ତି ଯେ କଲେଜର ଦୁଇ ଜଣ ଛାତ୍ର ସେମାନଙ୍କ ମୋବାଇଲ ଫୋନରେ ଏହି ଘଟଣାର ଭିଡିଓ କରୁଥିଲେ ।

ମାମଲାର ମୁଖ୍ୟ ଅଭିଯୁକ୍ତର ସୋସିଆଲ ମିଡିଆ ପ୍ରୋଫାଇଲ ଅନୁସାରେ ସେ କଲେଜ ତୃଣମୂଳ କଂଗ୍ରେସ ଛାତ୍ର ପରିଷଦର ପୂର୍ବତନ ଅଧକ୍ଷ ଓ ଟିଏମସି ଛାତ୍ର ସଙ୍ଗଠନର ଦକ୍ଷିଣ କୋଲକାତା ପ୍ରକୋଷ୍ଠର ସଙ୍ଗଠନ ସଚିବ । ଏଣୁ ମାମଲା ଏବେ ରାଜନୈତିକ ରୂପେ ଧାରଣ କରିଛି ।

## ପୁରୁଲିଆରୁ ହାଓଡ଼ା ମେମୋ ଟ୍ରେନର ଶୁଭାରମ୍ଭ



ନୂଆଦିଲ୍ଲୀ : ଆଞ୍ଚଳିକ ରେଳ ସଂଯୋଗୀକରଣ ଏବଂ ଷ୍ଟେସନ ଭିତ୍ତିଭୂମିକୁ ବୃଦ୍ଧି କରିବା ପାଇଁ ଭାରତୀୟ ରେଳପଥର ପ୍ରୟାସରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଚିହ୍ନିତ କରି, ମାନ୍ୟବର କେନ୍ଦ୍ର ରେଳପଥ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପୁରୁଲିଆରୁ ହାଓଡ଼ା ମେମୋ ଟ୍ରେନର ଶୁଭାରମ୍ଭ କରିଛନ୍ତି । ଅନ୍ୟମାନଙ୍କ ମଧରେ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡକ୍ଟର ସୁକାନ୍ତ ମଜୁମଦାର, ବିଷ୍ଣୁପୁରର ମାନ୍ୟବର ସାଂସଦ ସୌମିତ୍ର ଖାନ, ହାଓଡ଼ାର ସାଂସଦ ପ୍ରସୁନ ବାନାର୍ଜୀ, ରେଳ ଅଧିକାରୀ ଏବଂ ନାଗରିକମାନେ ସାନ୍ତ୍ରାଗାଛି ରେଳପଥ ଷ୍ଟେସନ ପରିଦର୍ଶନ କରିଥିଲେ ।

ଏହି ଗସ୍ତ ସମୟରେ ମାନ୍ୟବର ରେଳମନ୍ତ୍ରୀ ଅମୃତ ଭରତ ଷ୍ଟେସନ ଯୋଜନା ଅନ୍ତର୍ଗତ ସାନ୍ତ୍ରାଗାଛି ଷ୍ଟେସନର ପୁନଃ ନିର୍ମାଣର ପ୍ରଗତି ନିରୀକ୍ଷଣ କରି ସାନ୍ତ୍ରାଗାଛିକୁ ଏକ ଆଧୁନିକ, ବିଶ୍ୱ ସ୍ତରୀୟ ଗମନାଗମନ ହବରେ ପରିଣତ କରିବାକୁ ଲକ୍ଷ୍ୟ ରଖିଥିଲେ ।

ଏହି ନିରୀକ୍ଷଣ ପରେ ମାନ୍ୟବର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ଅଞ୍ଚଳର ଚାହିଦା ପୂରଣ କରି ପୁରୁଲିଆ ଏବଂ ହାଓଡ଼ା ମଧରେ ମେମୋ ସେବାର ଉଦଘାଟନୀ ଉତ୍ସବରେ ଯୋଗଦେଇ ଟ୍ରେନର ଶୁଭାରମ୍ଭ କରିଥିଲେ । ଏହି ସମାରୋହରେ ମାନ୍ୟଗଣ୍ୟ ବ୍ୟକ୍ତି ମାନଙ୍କ ମଧରେ ପୁରୁଲିଆର ମାନ୍ୟବର ସାଂସଦ ଜ୍ୟୋତିର୍ମୟ ସିଂ ମହାତୋ, ପୁରୁଲିଆର ସୁଦୀପ କୁମାର ମୁଖାର୍ଜୀ ପୁରୁଲିଆରୁ ଭିଡିଓ କନଫରେନସିଂ ମାଧମରେ ଯୋଗଦାନ କରିଥିଲାବେଳେ ବାଙ୍କୁରାରୁ ନୀଲାଦ୍ରୀ ସେଖର ଦାନା, ଛାତନା ମାନ୍ୟବର ବିଧାୟକ ସତ୍ୟନାରାୟଣ ମୁଖୋପାଧ୍ୟାୟ, ଓଣ୍ଡାର ମାନ୍ୟବର ବିଧାୟକ ଅମର ନାଥ ଶାଖା ସୋନୁମୁଖୀର, ବିଧାୟକ ଦିବାକର ଗରାମି ଇନ୍ଦୁସର ବିଧାୟକ ନିର୍ମଳ କୁମାର ଧରା ଯୋଗ ଦେଇଥିଲେ । ଏହି ଅବସରରେ ଅଶ୍ୱିନୀ ବୈଷ୍ଣବ ତାଙ୍କର ବକ୍ତବ୍ୟରେ କହିଛନ୍ତି ଯେ, ଏହି ମେମୋ ଟ୍ରେନ୍ କେବଳ ଏକ ଗୁରୁତ୍ୱପୂର୍ଣ୍ଣ ରେଳ ସଂଯୋଗକୁ ପୁନରୁଦ୍ଧାର କରେ ନାହିଁ ବରଂ ଐତିହାସିକ ବାଙ୍କୁରା ଦାମୋଦର ରେଳପଥର ଆତ୍ମାକୁ ମଧ ପୁନର୍ଜୀବିତ କରେ । ପୁରୁଲିଆ, ବାଙ୍କୁରା ଏବଂ ହାଓଡ଼ାର ଲୋକମାନେ ଏବେ ଏକ ସ୍ୱଚ୍ଛ, ଦ୍ରୁତ ଏବଂ ଅଧିକ ସୁଲଭ ରେଳ ଯାତ୍ରାର ସୁବିଧା ପାଇଛନ୍ତି । ଏହା ଆମ ସମସ୍ତଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ । ସେ ଆହୁରି କହିଛନ୍ତି, ଆମର ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣ ଏହି ନୂତନ ଭାରତୀୟ ରେଳପଥର ଭିତ୍ତିଭୂମି ସ୍ଥାପନ କରିଛି ଏବଂ ଏହାକୁ ବାସ୍ତବରେ ପରିଣତ କରିଛି, ଭାରତୀୟ ରେଳ ପରିବାରର ୧.୨ ନିୟୁତରୁ ଅଧିକ ସଦସ୍ୟ ସମର୍ପିତ ଭାବରେ କାର୍ଯ୍ୟ କରୁଛନ୍ତି । ସେ ଏହା ମଧ ମନ୍ତବ୍ୟ ଦେଇଥିଲେ ଯେ, ଯେଉଁ ଅଞ୍ଚଳଗୁଡ଼ିକରେ ପୂର୍ବରୁ ମାଇଲ୍ ଯିବାକୁ ଥିଲା, ଏବେ ସେଗୁଡ଼ିକ ଦ୍ରୁତ ପ୍ରଗତି ଦେଖିଛନ୍ତି । କେବଳ ପଶ୍ଚିମବଙ୍ଗରେ, ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ପ୍ରାୟ ୧୦୧ଟି ଷ୍ଟେସନରେ ଅସାଧାରଣ ଗତିରେ କାମ ଚାଲିଛି । ଏହା କେବଳ ବିକାଶ ନୁହେଁ, ଏହା ଭାରତୀୟ ରେଳବାଇର ଏକ ସମ୍ପୂର୍ଣ୍ଣ ନବୀକରଣର ଦୃଷ୍ଟିକୋଣ । ଏକ ନୂତନ ଯୁଗର ନିର୍ମାଣ କରାଯାଉଛି - ୫୦-୬୦ ବର୍ଷ ପୁରୁଣା ଷ୍ଟେସନଗୁଡ଼ିକୁ ବଦଳାଇ ଆଧୁନିକ ଷ୍ଟେସନଗୁଡ଼ିକ ବ୍ୟବହାର କରାଯିବ । ଲୋକମାନେ ଆଜି ଗୁଣବତ୍ତା ଏବଂ ଉତ୍ତମ ଅଭିଜ୍ଞତା ପାଇଁ ଆକାଂକ୍ଷା କରନ୍ତି ।

# ଭାରତ ପାଇଁ କୁଳଦୀପ ଶେଷ ଆଶା



ନୂଆଦିଲ୍ଲୀ, ୨୮।୬ (ଏଜେନ୍ସି) : ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭାରତୀୟ ଦ୍ରୁତ ବୋଲରଙ୍କ ପ୍ରଦର୍ଶନ ଦୁର୍ବଳ ରହିଥିଲା। ଯଶପ୍ରୀତ ବୁମ୍‌ରାଙ୍କୁ ଛାଡ଼ି ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା ଓ ସାର୍ଦ୍ଦୁଲ ଠାକୁରା ପ୍ରଭାବହୀନ ସହ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଏକମାତ୍ର ସ୍ପିନର ରବିନ୍ଦ୍ର ଜାଡେଜାଙ୍କୁ ଗୋଟିଏ ୱିକେଟ ସଫଳତା ମିଳିଥିଲା। ଜାଡେଜା ଶାଣିତ ବୋଲିଂ କରିଥିଲେ ହେଁ ଅନ୍ୟ ପାର୍ଶ୍ୱରୁ ତାଙ୍କୁ ଉତ୍ତମ ସହଯୋଗ ମିଳି ନଥିଲା। ଏହି କାରଣରୁ ଆଗାମୀ ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଭାରତୀୟ ଦଳରେ ପରିବର୍ତ୍ତନର ସମ୍ଭାବନା ରହିଛି। ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ମାଇକେଲ କ୍ଲାର୍କଙ୍କ ମତରେ ଭାରତୀୟ ଦଳ କୁଳଦୀପ ଯାଦବଙ୍କୁ ଅବଶିଷ୍ଟ ମ୍ୟାଚ୍‌ଗୁଡ଼ିକରେ ସାମିଲ କରିବା ଉଚିତ।

ଏକ ପୋଡ଼କାଷ୍ଟରେ କ୍ଲାର୍କ କହିଛନ୍ତି, କୌଣସି ଜଣେ ବୋଲରଙ୍କୁ ନେଇ ଟିପ୍ପଣୀ କରିବି ନାହିଁ। ମାତ୍ର ମୋତେ ଲାଗୁଛି କୁଳଦୀପଙ୍କୁ ମ୍ୟାଚ୍‌ରେ ସାମିଲ କରିବାକୁ ପଡ଼ିବ। ଏହାହିଁ ଭାରତ ପାଇଁ ସହଜ ହେବ। କାରଣ କୁଳଦୀପ ୱିକେଟ ହାସଲକାରୀ ବୋଲର। ପ୍ରଥମ ମ୍ୟାଚ୍‌ରେ ଯେଭଳି ଆକ୍ରମଣ ଦେଖିଥିଲୁ ତା'ଠାରୁ ଅଧିକ ପ୍ରଭାବଶାଳୀ ହୋଇପାରିବେ କୁଳଦୀପ। ଇଂଲଣ୍ଡ ଖେଳାଳି କୁଳଦୀପଙ୍କୁ ଖେଳିବା ସହଜ ହେବ ନାହିଁ। ଯଦି କୁଳଦୀପ ଭଲ ଫର୍ମରେ ଥିବେ ତେବେ ସେ ଏହି ଶୃଙ୍ଖଳାରେ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇପାରିବେ। ଇଂଲଣ୍ଡ ଆକ୍ରମଣାତ୍ମକ କ୍ରିକେଟ ଖେଳିବାକୁ ପସନ୍ଦ କରିଥାଏ। ତାଙ୍କ ଖେଳକୁ କୁଳଦୀପଙ୍କ ବୋଲିଂ ଭାରତର ରଣନୀତି ପାଇଁ ବେଶ୍ ସହାୟକ ହେବ।

ଭାରତ ଅତିରିକ୍ତ ବ୍ୟାଟର ବିଷୟରେ ଧ୍ୟାନ ଦେବା ଉଚିତ। ବୋଲିଂରେ ଗଭୀରତା ପାଇଁ ଦଳ ନିଜର ନମ୍ବର ୱାନ ସ୍ପିନରଙ୍କୁ ସାମିଲ କରୁନି। କିନ୍ତୁ ଇଂଲଣ୍ଡରେ ଜିତିବା ପାଇଁ ଆପଣଙ୍କୁ ୨୦ ୱିକେଟ ଦରକାର। ବୁମ୍‌ରା ତାରକା ବୋଲର ଏବଂ ସେ ଦଳର ବୋଲିଂ ନେତୃତ୍ୱ ନେଉଛନ୍ତି। କିନ୍ତୁ ଅନ୍ୟ ୩ ଦ୍ରୁତ ବୋଲରଙ୍କୁ ସଫଳ ହେବା ପାଇଁ ବିକଳ୍ପ ଖୋଜିବାକୁ ପଡ଼ିବ। କ୍ଲାର୍କଙ୍କ ପୂର୍ବରୁ ସୁନୀଲ ଗାଭାସ୍କର, ଦିଲୀପ ଭେଙ୍ଗସରକାର, ମଣ୍ଟି ପାନେସର, ସଞ୍ଜୟ ମଞ୍ଜରେକରଙ୍କ ପରି ବରିଷ୍ଠ ପୂର୍ବତନ ଖେଳାଳି କୁଳଦୀପ ଯାଦବଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରିବା ପାଇଁ ଯୁକ୍ତି ବାଢ଼ିଛନ୍ତି। ସଞ୍ଜୟ ମଞ୍ଜରେକର ଜିଓ ଷ୍ଟାର୍‌ରେ କହିଛନ୍ତି କୁଳଦୀପ ଯାଦବଙ୍କୁ ଚୂଡ଼ାନ୍ତ ଏକାଦଶକୁ ଫେରିବାକୁ ପଡ଼ିବ।

# ବୋଲିଂ ଅଭ୍ୟାସ କଲେ ବୁମ୍‌ରା

ନୂଆଦିଲ୍ଲୀ, ୨୮।୬ (ଏଜେନ୍ସି) : ଜୁଲାଇ ୨ରୁ ଏଜବାଷ୍ଟନରେ ଦ୍ୱିତୀୟ ଟେଷ୍ଟ ଆରମ୍ଭ ହେବାକୁ ଯାଉଛି। ଏନେଇ ଦିନକ ଆଗରୁ ଭାରତୀୟ ଦଳର ସମସ୍ତ ଖେଳାଳି ଏଜବାଷ୍ଟନ ପହଞ୍ଚି ଜୋରଦାର ଅଭ୍ୟାସ ଆରମ୍ଭ କରିଦେଇଛନ୍ତି। ପ୍ରଥମ ଦିନ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଅଭ୍ୟାସ ସେସନ୍‌ରେ ନଜର ଆସି ନଥିଲେ। ତେଣୁ ତାଙ୍କୁ ନେଇ ନାନାଦି କଳ୍ପନାଜଳ୍ପନା ହୋଇଥିଲା। ଏପରିକି ବୁମ୍‌ରା ଦ୍ୱିତୀୟ ଟେଷ୍ଟ ଖେଳିବେ ନାହିଁ ବୋଲି ଖବର ମଧ୍ୟ ପ୍ରସାରିତ ହୋଇଥିଲା। ଯଦି ବୁମ୍‌ରା ନଖେଳନ୍ତି, ତେବେ ତାଙ୍କ ସ୍ଥାନରେ ଅର୍ଶଦୀପ୍ ସିଂଙ୍କୁ ସାମିଲ କରାଯିବ ନେଇ ଚର୍ଚ୍ଚା ହେଉଛି। ଏସବୁରେ ବିରାମ ଲଗାଇଛନ୍ତି ନିଜେ ଯଶପ୍ରୀତ ବୁମ୍‌ରା। ଦ୍ୱିତୀୟ ଦିନ ଅଭ୍ୟାସ ସେସନ୍‌ରେ ଭାରତୀୟ ଦଳର ବୋଲିଂ ଉପରେ ଅଧିକ ଧ୍ୟାନ ଦିଆଯାଇଥିଲା। ଏହି ସେସନ୍‌ରେ ଯଶପ୍ରୀତ ବୁମ୍‌ରା ସାଥୀ ଖେଳାଳି ପ୍ରସିଦ୍ଧ କ୍ରିଷ୍ଣା ଓ ମହମ୍ମଦ ସିରାଜଙ୍କ



ବୋଲିଂ ଅଭ୍ୟାସ କରିଥିଲେ। ଏଥିରୁ ଲାଗୁଛି ବୁମ୍‌ରା ଏଜବାଷ୍ଟସନ ଟେଷ୍ଟ ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି। ବୁମ୍‌ରାଙ୍କ ଉପସ୍ଥିତି ଭାରତୀୟ ବୋଲିଂ ବର୍ଗକୁ ମଜଭୁତ କରିବା ସହ ସାଥୀ ଖେଳାଳିଙ୍କ ପାଇଁ ଆଶ୍ୱସ୍ତି ଆଣିଦେଇଛି।

୫ ମ୍ୟାଚ୍ ବିଶିଷ୍ଟ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ପ୍ରଥମ ମ୍ୟାଚ୍‌ରେ ଘରୋଇ ଇଂଲଣ୍ଡ ୫ ୱିକେଟରେ ବିଜୟ ଲାଭ କରି ୧-୦ରେ ଅଗ୍ରଣୀ ରହିଛି। ତେଣୁ ଏଜବାଷ୍ଟନ ଟେଷ୍ଟରେ ବୁମ୍‌ରାଙ୍କ ଖେଳିବା ଏବଂ କୁଳଦୀପ ଯାଦବଙ୍କୁ ସୁଯୋଗ ମିଳିପାରିଲେ ଭାରତ ୧-୧ ସ୍ଥିତିକୁ ଆସିପାରିବ। ହେଡିଙ୍ଗଲେ ଟେଷ୍ଟରେ ଡେବ୍ୟୁ କରିଥିବା ସାଇ ସୁଦର୍ଶନ ଅଭ୍ୟାସ କରିଥିବାବେଳେ ଅଧିନାୟକ ଶୁଭମନ ଗିଲ୍, ଉପଅଧିନାୟକ ରିଷଭ ପନ୍ତ, ଲୋକେଶ ରାହୁଲ ଓ ଯଶସ୍ୱୀ ଜୟସ୍ୱାଲ ଯୋଗ ଦେଇ ନଥିଲେ। ଏହି ୪ ଜଣ ବ୍ୟାଟର ଶୁକ୍ରବାର ଦୀର୍ଘସମୟ ଅଭ୍ୟାସ କରିଥିଲେ। ପ୍ରଥମ ମ୍ୟାଚ୍‌ରେ ବୁମ୍‌ରା ୪୪ ଓଭର ବୋଲିଂ କରିଥିଲେ। ତାଙ୍କୁ ୫ ୱିକେଟ ସଫଳତା ମିଳିଥିଲା।

ଏହି ୫ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରେ ବୁମ୍‌ରା କେବଳ ୩ ମ୍ୟାଚ୍ ଖେଳିବେ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଥିଲା। ୱାର୍କଲୋଡ଼ ମ୍ୟାନେଜମେଣ୍ଟ ଯୋଜନାରେ ବୁମ୍‌ରାଙ୍କୁ ବିଶ୍ରାମ ଦେବାପାଇଁ ଯୋଜନା ହୋଇଛି। ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଏବେ ଚାପରେ ଅଛନ୍ତି। ସେ ଏଜବାଷ୍ଟନ ଟେଷ୍ଟକୁ ଜିତିବା ପାଇଁ ସବୁ ପ୍ରକାର ଚେଷ୍ଟା କରିବେ। ତେଣୁ ବୁମ୍‌ରାଙ୍କୁ ଏହି ମ୍ୟାଚ୍ ନିଶ୍ଚିତ ଭାବେ ଖେଳିବାକୁ ହେବ। ନଚେତ୍ ଭାରତର ବୋଲିଂ ବର୍ଗ ବିଗିଡ଼ିଯିବ।

# ବୁଲାୱାଓ ଟେଷ୍ଟ : ଦ.ଆଫ୍ରିକା ୩୭୩/୮

ବୁଲାୱାଓ, ୨୮।୬ (ଏଜେନ୍ସି) : ଦ.ଆଫ୍ରିକା ଓ ଜିମ୍ବାୱେ ମଧ୍ୟରେ ଟେଷ୍ଟ ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ବୁଲାୱାଓରେ ଆରମ୍ଭ ହୋଇଛି। ଭ୍ରମଣକାରୀ ଦ.ଆଫ୍ରିକା ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଟୋନି ଡି.ଜୋରିଜଙ୍କ ସହ ମାଥ୍ୟୁ ବ୍ରିଟେକ୍ ଇନିଂସ ଓପନ କରିଥିଲେ। ଅବଶ୍ୟ ଦଳୀୟ ସ୍କୋର ୩ ରନ ବେଳେ ଦ.ଆଫ୍ରିକା ପ୍ରଥମ ୱିକେଟ ହରାଇଥିଲା। ପୁଣି ୨୧ ଓ ୨୩ ରନ ବେଳେ ଆଉ ଦୁଇ ୱିକେଟ ପତନ ଦ.ଆଫ୍ରିକାକୁ ବ୍ୟାକ୍‌ଫୁଟକୁ ଠେଲି ଦେଇଥିଲା। ଟୋନି ଡି.ଜୋରିଜ ୦(ଶୂନ), ମାଥ୍ୟୁ ବ୍ରିଟେକ୍ ୧୩ ଏବଂ ଡେଭିଡ ବେଡିଂହାମ୍ ବିନା ସ୍କୋରରେ ଆଉଟ ହୋଇଥିଲେ। ଦ.ଆଫ୍ରିକା ୨୨.୩ ଓଭରରେ ୫୫ ରନ କରିବା ସହ ୪ ପ୍ରମୁଖ ବ୍ୟାଟରଙ୍କୁ ହରାଇଥିଲା। ଏହାପରେ



ଦଳର ସ୍ଥିତି ସମ୍ଭାଳିଥିଲେ ଲୁହୁଆନ ଡ୍ରେ ପ୍ରିଟୋରିଅସ ଓ ଦେୱାଲଦ ବ୍ରେଭିସ। ବ୍ରେଭିସ ୪୧ ବଲରୁ ୫୧ ରନ କରିଥିବାବେଳେ ଲୁହୁଆନ ୧୬୦ ବଲରୁ ୧୧ଟି ଚୌକା ଓ ୪ଟି ଛକା ସହାୟତାରେ ୧୫୩ ରନର ଜମାଣିଆ ଇନିଂସ୍ ଖେଳିଥିଲେ। ତାଙ୍କ ପରେ କାଏଲ ଏଭର୍ଣ୍ଣ ୧୦, କେଶବ ମହାରାଜ ୨୧ ରନ କରି ଆଉଟ ହୋଇଥିଲେ। କୋରବିନ ବୋଷ୍ଟ ୧୦୬ ବଲରୁ ଅପରାଜିତ ୮୪ ରନ ଏବଂ କୋଡି ୟୁସୁଫ ୪୭ ବଲରୁ ୨୭ ରନର ଇନିଂସ ଖେଳି ଦଳୀୟ ସ୍ଥିତି ସମ୍ଭାଳିଛନ୍ତି। ଜିମ୍ବାୱେର ତନକ ଚିଭାଙ୍ଗା ୪ଟି, ବ୍ଲେସିଙ୍ଗ ମୁଜରବାନି ୨ଟି, ୱିଲିଙ୍ଗଟନ ମାସାକାଜା ଓ ଭିନ୍‌ସେଣ୍ଟ ମାସେକସା ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ।

## ରାଜ୍ୟସ୍ତରୀୟ ରାଇଫଲ ସୁଟିଂ ପ୍ରତିଯୋଗୀତା(ଫ)

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ଏସୋସିସନ ପରିସରରେ ରାଜ୍ୟସ୍ତରୀୟ ଦ୍ୱିତୀୟ ରାଇଫଲ ସୁଟିଂ ପ୍ରତିଯୋଗୀତା ଶନିବାର ଆରମ୍ଭ ହୋଇଛି।

ଦୁଇ ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗୀତାରେ ବିଭିନ୍ନ ବର୍ଗରେ ପ୍ରତିଯୋଗୀ ମାନେ ଅଂଶ ଗ୍ରହଣ କରିଛନ୍ତି। ସେହିପରି ବଲାଙ୍ଗିର ସୁଟିଂ ଏସୋସିଏସନ ପକ୍ଷରୁ ଜିଲ୍ଲାର ୨୦ ଜଣ ପ୍ରତିଯୋଗୀ ବିଭିନ୍ନ ବୟସ ବର୍ଗରେ ଭାଗ ନେଇଛନ୍ତି। ପ୍ରଥମ ଦିନରେ ୧୦ ମିଟର ଓ ପଏଣ୍ଟ ୨.୨ ରେ ୫୦ ମିଟରର ପ୍ରତିଯୋଗୀତା ହୋଇଥିଲା। ବଲାଙ୍ଗିର ଟିମକୁ ନେତୃତ୍ୱ ନେଇଛନ୍ତି ସୟଦ ଅଫତାବ୍ ହୁସେନ ଓ ନିହାର ରଞ୍ଜନ ସ୍ୱାଇଁ। ରବିବାର ବିଭିନ୍ନ ବର୍ଗରେ ଫାଇନାଲ ସହ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାପଡ଼ିଛି।

## ପାୱାର ଗ୍ରୀଡ ଆନ୍ତଃକ୍ଷେତ୍ରୀୟ ଚେସ୍

# ପୁରୁଷ ବର୍ଗରେ କହ୍ଳେଶ ଚାମ୍ପିଅନ

ଭୁବନେଶ୍ୱର, ୨୮।୬ (ସବ୍ୟୁ) : ସ୍ଥାନୀୟ ମେ ଫେୟାର କନ୍‌ଭେନସନ ହଲ ପରିସରରେ ପାୱାର ଗ୍ରିଡ ଓଡ଼ିଶା ପରି ଯୋଜନା ଆନୁକୂଲ୍ୟରେ ଅନୁଷ୍ଠିତ ଆନ୍ତଃ କ୍ଷତ୍ରୀୟ ଚେସ୍ ପ୍ରତିଯୋଗିତାର ପୁରୁଷ ବର୍ଗରେ କହ୍ଳେଶ ରବୀନ୍ଦ୍ର କୋଥୱାଲ ଚାମ୍ପିଅନ ହୋଇଛନ୍ତି। ୬.୫ ପଏଣ୍ଟ ସହ ସେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି।

ଗୌରବ କୁମାର ଦ୍ୱିତୀୟ, ହରି କ୍ରିଷ୍ଣ ମଲପୁଲା ତୃତୀୟ, ଲୁଟଫର ରହମାନ ଚତୁର୍ଥ, ପଭା କଲ୍ୟାଣକୁମାର ପଞ୍ଚମ, ଅବିନାଶ କୁମାର ଷଷ୍ଠ, ରାହୁଲ ଶର୍ମା ସପ୍ତମ, ବିଶ୍ୱଜ୍ୟୋତି ଦାସ ଅଷ୍ଟମ, ହ୍ରିଶିକେଶ ସିଂ ନବମ ଏବଂ ଗୌହର ଅହମ୍ମଦ ମିର ଦଶମ ସ୍ଥାନ ଅଧିକାର କରିଛନ୍ତି।




ଦିନକ ଆଗରୁ ମହିଳା ବର୍ଗରେ କମଲେଶ ଭୋରାନି ଚାମ୍ପିଅନ ହୋଇଥିଲେ। ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ମହିଳା ବର୍ଗର ସମସ୍ତ ୫ ରାଉଣ୍ଡ ଖେଳ ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାକୁ ଅନ୍ତର୍ଜାତୀୟ ଆର୍ବିଟର ସନ୍ତୋଷ କୁମାର ମହାପାତ୍ର, ସୁରେଶ ଚନ୍ଦ୍ର ସାହୁ ଏବଂ ତାପସ କୁମାର ମହାନ୍ତି ପରିଚାଳନା କରିଛନ୍ତି।

# ଚେନ୍ନାଇ ପକ୍ଷରୁ ଖେଳିପାରନ୍ତି ସାମସନ

ନୂଆଦିଲ୍ଲୀ, ୨୮।୬ (ଏଜେନ୍ସି) : ଆଇପିଏଲ୍‌ର ୧୯ତମ ସିଜନରେ ଏକ ବଡ଼ଧରଣର ଅଦଳବଦଳ ଦେଖିବାକୁ ମିଳିପାରେ। ଏକ ରିପୋର୍ଟ ଅନୁସାରେ ଚେନ୍ନାଇ ସୁପରକିଙ୍ଗ୍ସ ସଞ୍ଜୁ ସାମସନଙ୍କୁ ନେବା ପାଇଁ ଜୋରଦାର ଉଦ୍ୟମ ଆରମ୍ଭ କରିଛି। ରାଜସ୍ଥାନ ରୟାଲ୍ସ ସହିତ ଦଳ ଯୋଗାଯୋଗରେ ଅଛି। ରବିଚନ୍ଦ୍ରନ ଅଶ୍ୱିନ ଓ ଶିବମ୍ ଦୁବେଙ୍କ ବଦଳରେ ସାମସନ ଚେନ୍ନାଇରେ ସାମିଲ ହେବେ। ଉପରୋକ୍ତ ଦୁଇ ଖେଳାଳି ରାଜସ୍ଥାନ ପକ୍ଷରୁ ଖେଳିବେ। କିଛିଦିନ ତଳେ କେରଳର ଏହି ବ୍ୟାଟର ସୋସିଆଲ ମିଡିଆର ଏକ ପୋଷ୍ଟ ସେୟାର କରିଥିଲେ। ଆଗାମୀ ସିଜନରେ ମୁଁ ଚେନ୍ନାଇ ପକ୍ଷରୁ ଖେଳିପାରେ ବୋଲି ଉଲ୍ଲେଖ କରିଥିଲେ। ଅଶ୍ୱିନଙ୍କ ନିକଟତର ପ୍ରସନ୍ନା ଅଘୋରାମ ଦୃଢ଼ତାର ସହକାରେ କହିଛନ୍ତି। ଅବଶ୍ୟ ସେ କାହାର ନାଁ ନେଇ ନଥିଲେ। ଚେନ୍ନାଇର ଜଣେ



ଅଫ୍‌ସ୍ପିନର ଓ ବ୍ୟାଟର ରାଜସ୍ଥାନକୁ ଯିବେ। ତାଙ୍କ ବଦଳରେ ଜଣେ ୱିକେଟକିପର ବ୍ୟାଟର ଚେନ୍ନାଇକୁ ଆସିବେ। ୧୦ ବର୍ଷ ପରେ ଅଶ୍ୱିନ ଚେନ୍ନାଇ ଟିମ୍‌କୁ ଫେରିଥିଲେ। ମାତ୍ର ୨୦୨୫ ସିଜନରେ ସେ ପ୍ରଭାବୀ ପ୍ରଦର୍ଶନ କରିପାରି ନଥିଲେ। ଅଶ୍ୱିନ ୯ ମ୍ୟାଚ୍‌ରେ ୭ ୱିକେଟ ନେଇଥିଲେ। ରାଜସ୍ଥାନ ପକ୍ଷରୁ ଖେଳିବା ବେଳେ ଅଶ୍ୱିନଙ୍କ ପ୍ରଦର୍ଶନ ସର୍ବଦା ଭଲ ରହିଥାଏ। ମହେନ୍ଦ୍ର ସିଂ ଧୋନୀ ଓ ରୁତୁରାଜ ଗାଏକ୍‌ୱାଡ଼୍‌ଙ୍କ ଉପସ୍ଥିତିରେ ଚେନ୍ନାଇ ସେଭଳି ପ୍ରଦର୍ଶନ କରିପାରୁ ନାହିଁ। ରୁତୁରାଜ ମଧ୍ୟ ଧୋନୀଙ୍କ ନିୟନ୍ତ୍ରଣରେ ଖେଳିବା ପାଇଁ ପସନ୍ଦ କରୁନାହାନ୍ତି। ଯଦି ସଞ୍ଜୁ ଆସିବେ ତେବେ ସେ ଚେନ୍ନାଇର ନେତୃତ୍ୱ ମଧ୍ୟ ନେଇପାରିବେ। ଏ ସମ୍ପର୍କରେ ଫ୍ରାଞ୍ଚାଇଜ କିମ୍ବା ଖେଳାଳିମାନଙ୍କ ମଧ୍ୟରୁ କୌଣସି ବୟାନ ଦିଆଯାଇ ନାହିଁ।

# ଜୋଶେଫଙ୍କ ବିରୋଧରେ ୧୧ ଜଣ ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗ

ନୂଆଦିଲ୍ଲୀ, ୨୮।୬ (ଏଜେନ୍ସି) : ୱେଷ୍ଟଇଣ୍ଡିଜର ଦ୍ରୁତ ବୋଲର ସାମର ଜୋସେଫଙ୍କ ବିରୋଧରେ ସଂଗୀନ ଅଭିଯୋଗ ଆସିଛି। ତାଙ୍କ ବିରୋଧରେ ଦୁଷ୍କର୍ମ, ଯୌନ ନିର୍ଯାତନା, ଉତ୍ପୀଡନ ଏବଂ ପ୍ରଲୋଭନ ଆଦି ଅଭିଯୋଗ ଆଣିଛନ୍ତି ୧୧ ଜଣ ମହିଳା। ଗୁଇଆନାର କାଇଟିୟୁ ନ୍ୟୁଜ୍‌ର ଏକ ରିପୋର୍ଟରେ ଏଭଳି ଖବର ପ୍ରକାଶ ପାଇଛି। ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ଟେଷ୍ଟ ଶୃଙ୍ଖଳାରେ ଯୋଶେଫ ଜବରଦସ୍ତ ପ୍ରଦର୍ଶନ କରିଥିଲେ। ବାର୍ବାଡୋସ୍ ଟେଷ୍ଟରେ ସେ ୯ ୱିକେଟ ନେଇଥିଲେ। ଯୋଶେଫଙ୍କ ବିରୋଧରେ ଏପରି ଅଭିଯୋଗ ଆସିବା ପରେ ତାଙ୍କ କ୍ରିକେଟ କ୍ୟାରିୟର ପ୍ରଭାବିତ ହେବା ନେଇ ଆଶଙ୍କା କରାଯାଉଛି। ପୀଡ଼ିତାମାନଙ୍କ ମଧ୍ୟରେ ଜଣେ ୧୮ ବର୍ଷୀୟା ଯୁବତୀ ଅଛନ୍ତି।

୨୦୨୩ରେ ବାର୍ବାଇସର ନ୍ୟୁଆମ୍‌ଷ୍ଟର ଡାମ୍‌ରେ ତାଙ୍କ ବାସଭବନରେ ଆକ୍ରମଣ କରିଥିବା ଅଭିଯୋଗ କରିଛନ୍ତି। ସାମର ତାଙ୍କୁ ସାମାଜିକ ସେବା ବାହାନରେ ଉଠାଇ ନେଇଥିଲେ। ସେଠାରେ ବଳପୂର୍ବକ ବଳାତ୍କାର କରିଥିଲେ। ମାମଲାକୁ ଚପାଇବା ପାଇଁ ଚେଷ୍ଟା କରୁଥିବା ଅଭିଯୋଗ ମଧ୍ୟ କରିଛନ୍ତି। ଖବର ପ୍ରକାଶିତ



ହେବାପରେ ଯୋଶେଫ୍‌ଙ୍କ ବିରୋଧରେ ବହୁ ମହିଳା ଏଭଳି ଅଭିଯୋଗ କରିଛନ୍ତି। ଏପରିକି ସ୍କ୍ରିନ ସଟ୍, ଭଏସ ନୋଟ୍, ଡାକ୍ତରୀମାଇନା ରିପୋର୍ଟ ଏବଂ ଟେଷ୍ଟ ମେସେଜ ପ୍ରମାଣ ଦେଇଛନ୍ତି। ପୀଡ଼ିତାମାନଙ୍କ ମଧ୍ୟରୁ ଜଣେ ଏହା ମଧ୍ୟ କହିଛନ୍ତି ଯେ ସାମର ମାମଲା ସମାଧାନ ପାଇଁ ଟଙ୍କା ମଧ୍ୟ ପ୍ରଦାନ କରିଥିଲେ। ନୂଆ ଅଭିାଯୋଗ ଉପରେ ମାମଲା ରୁଜୁ ହୋଇନାହିଁ। କିନ୍ତୁ ରିପୋର୍ଟରେ ଦର୍ଶାଯାଇଛି ଯେ କମ୍ ବୟସ୍କା ଜଣେ ଯୁବତୀଙ୍କୁ ଯୌନ ନିର୍ଯାତନା ଅଭିଯୋଗରେ ସାମରଙ୍କୁ ଗିରଫ କରାଯାଇଥିଲା। ଏହାବ୍ୟତୀତ ଅଷ୍ଟ୍ରେଲିଆ ବିପକ୍ଷରେ ୱେଷ୍ଟଇଣ୍ଡିଜର ପ୍ରଥମ ଟେଷ୍ଟ ସମୟରେ ଏହି ଅଭିଯୋଗଗୁଡ଼ିକୁ ସାର୍ବଜନିନ କରାଯାଇଥିଲା। ଇଣ୍ଡିଜ କ୍ରିକେଟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଚାପ ପଡ଼ିଥିଲା।

# ସେହ୍ୱାଗଙ୍କୁ ପଛରେ ପକାଇଲେ ପନ୍ତ

ନୂଆଦିଲ୍ଲୀ,୨୮।୬(ଏଜେନ୍ସି): ଭାରତର ଷ୍ଟାର ୱିକେଟକିପର ରିଷଭ ପନ୍ତ ଇଂଲଣ୍ଡ ବିପକ୍ଷ ଚଳିତ ସିରିଜର ପ୍ରଥମ ଟେଷ୍ଟର ଉଭୟ ଇନିଂସରେ ଶତକ ହାସଲ କରି ବିସ୍ଫୋରକ ବ୍ୟାଟ୍ସମ୍ୟାନ ବୀରେନ୍ଦ୍ର ସେହ୍ୱାଗଙ୍କ ଛକା ରେକର୍ଡକୁ ପଛରେ ପକାଇ ଦେଇଛନ୍ତି। ଟେଷ୍ଟ କ୍ରିକେଟରେ ସ୍ପିନର୍ସଙ୍କ ବିପକ୍ଷରେ ସର୍ବାଧିକ ଛକା ମାରିବା ରେକର୍ଡ ସେହ୍ୱାଗଙ୍କ ନାମରେ ରହିଥିଲା।

ସେ ଓଭରାଲ ୯୧ ଛକାରୁ ସ୍ପିନର୍ସଙ୍କ ବିପକ୍ଷରେ ୬୦ ଛକା ମାରିଥିଲେ। ପନ୍ତ ଏବେ ଟେଷ୍ଟରେ ୮୨ ଛକା ମାରିଥିବା ବେଳେ ସ୍ପିନର୍ସଙ୍କ ବିପକ୍ଷରେ ୬୬ ଛକା ରହିଛି। ରବୀନ୍ଦ୍ର ଜାଡେଜା ଓ



ମହେନ୍ଦ୍ର ସିଂ ଧୋନୀ ଯଥାକ୍ରମେ ୫୭ ଓ ୫୬ ଛକା ସହ ତୃତୀୟ ଏବଂ ଚତୁର୍ଥ ସ୍ଥାନରେ ରହିଛନ୍ତି।

ଓଭରାଲ ସ୍ପିନର୍ସଙ୍କ ବିପକ୍ଷରେ ବେନ ଷ୍ଟୋକ୍ସ ସର୍ବାଧିକ ୮୬ ଛକା ମାରି ଶୀର୍ଷରେ ରହିଛନ୍ତି। ଆଞ୍ଜେଲା ମାଥ୍ୟୁସ ଓ ଆଡମ ଗିଲକ୍ରିଷ୍ଟ ୭୫ ଓ ୭୧ ଛକା ସହ ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିଛନ୍ତି। ପନ୍ତ ଏହି ତାଲିକାରେ ୭ମ ସ୍ଥାନରେ ରହିଛନ୍ତି। ବେନ ଷ୍ଟୋକ୍ସ(୧୩୩), ବ୍ରେଣ୍ଡନ ମ୍ୟାକକୁଲାମ(୧୦୭) ଓ ଆଡମ ଗିଲକ୍ରିଷ୍ଟ (୧୦୦) ଟେଷ୍ଟ କ୍ରିକେଟରେ ୧୦୦ରୁ ଊର୍ଦ୍ଧ୍ୱ ଛକା ମାରି ଯଥାକ୍ରମେ ପ୍ରଥମରୁ ତୃତୀୟ ସ୍ଥାନରେ ରହିଛନ୍ତି।

# ବାପା ହେଲେ ମୁକେଶ କୁମାର

ଛପରା, ୨୮।୬(ଏଜେନ୍ସି): ଭାରତୀୟ ଦ୍ରୁତ ବୋଲର ମୁକେଶ କୁମାର ବାପା ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ପତ୍ନୀ ଦିବ୍ୟା ସନ୍ତାନ ଜନ୍ମ କରିବା ପରେ ମୁକେଶ ଏହି ଖୁସି ଖବର ସୋସିଆଲ ମିଡିଆ ମାଧ୍ୟମରେ ପ୍ରଶଂସକଙ୍କ ସହ ଶେୟାର କରିଥିଲେ। ବିହାରର ଛପରା ବାସିନ୍ଦା ମୁକେଶ ୨୦୨୩ରେ ଦିବ୍ୟାଙ୍କୁ ବିବାହ କରିଥିଲେ। ସେ ବେଙ୍ଗଲ ପାଇଁ ୧୯ ବର୍ଷର କମ କ୍ରିକେଟ ଖେଳିଛନ୍ତି। ରଣଜୀ ଟ୍ରଫିରେ କ୍ରମାଗତ ଭଲ ପ୍ରଦର୍ଶନ କରିବା ଯୋଗୁ ତାଙ୍କୁ ୨୦୨୨ ନ୍ୟୁଜିଲାଣ୍ଡ ଗସ୍ତରେ ଭାରତ ଏ ଦଳରେ ସାମିଲ କରାଯାଇଥିଲା। ସେ ୩୬ ରନରେ ୫ଟି ୱିକେଟ ନେଇ ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ଏହା ପରେ ତାଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଥିଲା। ସେ ଟିମ ଇଣ୍ଡିଆ ପକ୍ଷରୁ ୩ଟି ଟେଷ୍ଟ, ୬ଟି ଦିନିକିଆ ଓ ୧୭ ଟି୨୦ ମ୍ୟାଚ ଖେଳିଛନ୍ତି। ୩ଟି ଯାକ ଫର୍ମାଟରେ ସେ ଯଥାକ୍ରମେ ୭, ୫ ଓ ୨୦ ୱିକେଟ ହାସଲ କରିଥିଲେ। ୫୨ ପ୍ରଥମ ଶ୍ରେଣୀ ମ୍ୟାଚରେ ମୁକେଶ ୨୧୦, ୩୬ ଲିଷ୍ଟ ଏ ରେ ୪୪ ଓ ୭୭ ଟି୨୦ରେ ୮୩ ୱିକେଟ ନେଇଛନ୍ତି।



ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ବନ୍ଧୁ ବର୍ଗ କ୍ୟୁଆର୍ କୋଡ୍ ସ୍କାନ କରି ସିଧାସଳଖ ପେମେଣ୍ଟ କରିପାରିବେ। ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ପେମେଣ୍ଟ କରି ପେମେଣ୍ଟ ରସିଦ୍‌କୁ ବିଜ୍ଞାପନ ସହ ୭୮୯୮୫୩୩୧୨୪ / ଇମେଲ: classifiedsamaya@gmail.com ରେ ପଠାଇ ପାରିବେ। ଅଧିକ ସୂଚନା ପାଇଁ ୭୮୯୮୫୩୩୧୨୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି